Q&A

# WORK BOOK CUM QUESTION BANK WITH ANSWERS

# M.I.L. (ODIA)

## CLASS - XII

## SCIENCE

SCHEDULED CASTES & SCHEDULED TRIBES
RESEARCH & TRAINING INSTITUTE (SCSTRTI)
ST & SC DEVELOPMENT DEPARTMENT
BHUBANESWAR

# Work Book
# cum
# Question Bank with Answers

# M.I.L. (ODIA)

## CLASS-XII

## (Science)

*Compiled by :*

**Dr. Pramod Kumar Parida, M.A, Ph.D.**

Retired Reader in Odia

B.J.B. (Autonomous) College, Bhubaneswar

**SCHEDULED CASTES & SCHEDULED TRIBES**
**RESEARCH & TRAINING INSTITUTE (SCSTRTI)**
**ST & SC DEVELOPMENT DEPARTMENT**
BHUBANESWAR

**2020**

# FOREWORD



An innovative education program has been initiated by ST & SC Development Department, Govt. of Odisha for the students appearing in +2 Science and Commerce examination pursuing studies in the ST & SC Development Department Schools (EMRS & HSS) to ensure quality education at +2 level.

In this regard it is to mention that an Academic Performance Monitoring Cell (APMC)has been set up in SCSTRTI to monitor the Training and Capacity Building of Teachers of SSD Higher Secondary Schools and Ekalabya Model Residential Schools (EMRS) to enhance quality education for better performance of the students appearing +2 Science and Commerce examination.This effort by APMC will certainly help the students to equip themselves for appropriate answering the question in the examination in an efficient manner.

In order to materialize the effort, thebest ofsubject experts of the state have been roped into formulate self-contained and self-explanatory "Work book cumQuestions Bankwith Answers" as per the syllabi of CHSE,Odisha.They have tried to make the material as far as activity based and solution based as possible.This novel effort is first of its kind at +2 level in Odisha.

I would like to extend my thanks to Prof.(Dr.) A.B. Ota, Advisor-Cum-Director and Special Secretary, SCSTRTI and the team of Subject experts for their sincere effort for bringingout the study materials in quick time.

Hope, these study materials will be extremely useful for the students appearing the +2 examination in Science and Commerce of our SSD Schools.

**Ranjana Chopra**
Principal Secretary
ST & SC Development Department
Govt. of Odisha

# PREFACE



The ST and SC Development Department, Government of Odisha, has initiated an innovative effort by setting up an Academic Performance Monitoring Cell (APMC) in Scheduled Castes and Scheduled Tribes Research and Training Institute (SCSTRTI) to monitor the Training and Capacity Building of teachers of SSD Higher Secondary Schools and Ekalavya Model Residential Schools (EMRS) and to ensure quality education of students studying at +2 level under the administrative control of the ST & SC Development Department. This innovative programme is intended to ensure quality education in the Higher Secondary Level of the schools of the ST & SC Development Department.

Since the introduction of +2 Science and +2 Commerce stream by the Council of Higher Secondary Education, Odisha, there was a great demand to cater to the needs of the students appearing the +2 Examination. But no organisation or institute has taken the initiative to fulfil the needs of the students appearing the +2 examination. Realizing the necessities and requirements of students to perform better and secure better marks in the examination and proper pattern of answering the question in a scientific way, the APMC under the banner of SCSTRTI has taken the initiative for the first time in Odisha to prepare Questions Banks in Physics, Chemistry, Botany, Zoology, Mathematics, IT, English & Odia of the Science Stream and all the disciplines of the Commerce stream in line with the Syllabus of the Council of Higher Secondary Education (CHSE).

These questions banks are first of this kind in Odisha, as per syllabi of CHSE and are self contained and self explanatory. The subject expert, who are the best in their respective subjects in the state have been roped in for the exercise. They have given their precious time to make the question banks as activity based and solution based as possible.

I take this opportunity to thank all the subject experts of different subjects for rendering help and assistance to prepare the question banks within a record time. I hope, this material will be extremely useful for the students preparing for the +2 examination in different subjects of Science & Commerce streams.

**Prof. (Dr.) A.B. Ota**
Advisor cum Director & Special Secretary
SCSTRTI, Govt. of Odisha

# M.I.L. (Odia) (2nd Year) Syllabus

## ପ୍ରଥମ ଏକକ - ଗଦ୍ୟ (୧୬ ପିରିଅଡ଼୍)

୧. ଇତିହାସ - ବିଶ୍ୱନାଥ କର

୨. ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା - ଗୋଲୋକ ବିହାରୀ ଧଳ

୩. ପୁଷ୍ପପୁରରେ ବର୍ଷାବରଣ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୪. ତିନି ତୁଣ୍ଡରେ - ଭୁବନେଶ୍ୱର ବେହେରା

## ଦ୍ୱିତୀୟ ଏକକ - ପଦ୍ୟ (୧୬ ପିରିଅଡ଼୍)

୧. ବଡ଼ପଣ - ରାଧାନାଥ ରାୟ

୨. ତପସ୍ୱିନୀର ପତ୍ର - ଗଙ୍ଗାଧର ମେହେର

୩. ବନ୍ଦୀର ବିରହ ବ୍ୟଥା - ଗୋପବନ୍ଧୁ ଦାସ

୪. ବାର୍ତ୍ତା - ସଚ୍ଚିଦାନନ୍ଦ ରାଉତରାୟ

୫. ପିଙ୍ଗଳାର ଅଭିସାର - ରାଧାମୋହନ ଗଡ଼ନାୟକ

## ତୃତୀୟ ଏକକ - ଗଦ୍ୟ (୧୬ ପିରିଅଡ଼୍)

୧. ସଭ୍ୟ ଜମିଦାର - ଫକୀର ମୋହନ ସେନାପତି

୨. ପତାକା ଉତ୍ତୋଳନ - ସୁରେନ୍ଦ୍ର ମହାନ୍ତି

୩. ରୂପନାରାୟଣ ସାହା - ଅଖିଳ ମୋହନ ପଟ୍ଟନାୟକ

୪. ଆକାଶ କଇଁଚ - ମନୋଜ ଦାସ

## ଚତୁର୍ଥ ଏକକ - ବୋଧଜ୍ଞାନ (୧୬ ପିରିଅଡ଼୍)

୧. ଅବବୋଧ ପରୀକ୍ଷଣ

(କ) ଗଦ୍ୟାଂଶ

(ଖ) ପଦ୍ୟାଂଶ

୨. ସର୍ଜନାତ୍ମକ ରଚନା

## ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ (୧୬ ପିରିଅଡ଼୍)

(କ) ଦରଖାସ୍ତ ଓ ପତ୍ର ଲିଖନ

(ବ୍ୟବସାୟିକ, ବ୍ୟକ୍ତିଗତ, ବୃତ୍ତି ନିମିତ୍ତ, ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ, ସାମୟିକ ଛୁଟି ଓ ସମ୍ପାଦକଙ୍କୁ ପତ୍ର)

(ଖ) ସଂକ୍ଷିପ୍ତକରଣ

(ଗ) ବ୍ୟାକରଣ

୧) ରୂଢ଼ିକୁ ବାକ୍ୟରେ ପ୍ରୟୋଗ

୨) ଏକପଦୀକରଣ

୩) ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ

୪) ବିପରୀତ ଅର୍ଥବୋଧକ ଶବ୍ଦ

୫) ଭ୍ରମ ସଂଶୋଧନ (ଶବ୍ଦ)

***

## QUESTION PATTERN OF CHSE

### ୧. ପ୍ରଥମ ଏକକ - ଗଦ୍ୟ     ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

### ୨. ଦ୍ୱିତୀୟ ଏକକ - ପଦ୍ୟ     ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୩x୧=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

### ୩. ତୃତୀୟ ଏକକ - ଗଳ୍ପ     ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୩x୧=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

### ୪. ଚତୁର୍ଥ ଏକକ - ବୋଧଜ୍ଞାନ     ୨୦ ନମ୍ବର

- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। (୧x୪=୪)
  ସେଥିରୁ ପ୍ରଥମ ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ।
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
  ପୁନଶ୍ଚ
  ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୩=୬)
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ପଦ୍ୟ ଅନୁଚ୍ଛେଦ ଦିଆଯିବ। (୧x୫=୫)
  ସେଥିରୁ ୫ଟି ପ୍ରଶ୍ନ ପଡ଼ିବ। ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ।
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ରୁଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ ସର୍ଜନାମୂଳକ ଲିଖନ ସମ୍ବନ୍ଧୀୟ ୩ଟି ପ୍ରଶ୍ନ ପଡ଼ିବ। (୧x୫=୫)
  ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ।

### ୫. ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ     ୨୦ ନମ୍ବର

- ଦରଖାସ୍ତ ଓ ପତ୍ରଲିଖନ ୨ ଟି ପ୍ରଶ୍ନ ପଡ଼ିବ। ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ। (୫x୧=୫)
- ସଂକ୍ଷିପ୍ତକରଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। (୫x୧=୫)
  ସେଥିରୁ ପରୀକ୍ଷାର୍ଥୀ ଏକ ତୃତୀୟାଂଶ ଶବ୍ଦରେ ଉତ୍ତର ଦେବାକୁ ହେବ।
- ରୁଢ଼ି ପ୍ରୟୋଗ (୧x୨=୨)
  ଏକପଦୀକରଣ (୧x୨=୨)
  ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ (୧x୨=୨)
  ବିପରୀତ ଅର୍ଥବୋଧକ ଶବ୍ଦ (୧x୨=୨)
  ଭ୍ରମ ସଂଶୋଧନ (ଶବ୍ଦ)ରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ିବ। (୧x୨=୨)
  ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ।

***

# CHSE QUESTION PAPERS WITH ANSWERS

## 2019 to 2018

## 2019 (A)

ପୂର୍ଣ୍ଣ ସଂଖ୍ୟା - ୧୦୦ | ସମୟ - ୩ ଘଣ୍ଟା

**ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚୀତ କରେ।**
**ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**

**୧. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x୫= ୫)**

(କ) ମାନବ ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

(i) ଇତିହାସର (ii) କଳ୍ପନାର
(iii) ବିଜ୍ଞାନର (iv) ଅନୁମାନର

**ଉ.** (i) ଇତିହାସର

(ଖ) କାହା ଠାରେ ବଦାନ୍ୟତାର ମହତ୍ୱ ବଢ଼ି ଉଠେ ?

(i) ଗ୍ରହୀତା ଠାରେ (ii) ଦାତା ଠାରେ
(iii) ଦରିଦ୍ର ଠାରେ (iv) ଧନୀ ଠାରେ

**ଉ.** (iii) ଦରିଦ୍ର ଠାରେ

(ଗ) 'ପ୍ରୋପାଗଣ୍ଡା'ର ପ୍ରଭାବ ଦର୍ଶାଇବା ପାଇଁ କେଉଁ ଗଳ୍ପର ଅବତାରଣା କରାଯାଇଛି ?

(i) ଲଙ୍କାରେ ହରିଶଚ୍ଚ
(ii) ବାପ ରାଣ ଢିଙ୍କି ଗିଳ
(iii) ତିନି ତୁଣ୍ଡରେ ଛେଳି କୁକୁର
(iv) ମାଙ୍କଡ଼ର ପିଠା ଖିଆ

**ଉ.** (iii) ତିନି ତୁଣ୍ଡରେ ଛେଳି କୁକୁର

(ଘ) ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?

(i) ଗବେଷକଙ୍କର (ii) ବୈଜ୍ଞାନିକଙ୍କର
(iii) ଦାର୍ଶନିକଙ୍କର (iv) ବିଶେଷଜ୍ଞଙ୍କର

**ଉ.** (iv) ବିଶେଷଜ୍ଞଙ୍କର

(ଙ) କିଏ ସ୍ୱର୍ଗଚ୍ୟୁତ ପାରିଜାତ ପରି ମ୍ଳାନ ଓ ଛିନ୍ନ ହୋଇ ବିଜନବେଳାରେ ପଡ଼ିରହିଛି ?

(i) ନୀଳାଚଳ (ii) ସାକ୍ଷୀଗୋପାଳ
(iii) କୋଣାର୍କ (iv) ବିଡ଼ାନାସୀ

**ଉ.** (iii) କୋଣାର୍କ

**୨. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ। (୧x ୩ = ୩)**

(କ) ଇତିହାସର ପ୍ରତିଲୋମରେ ଗଲେ କ'ଣ ଜାଣିପାରିବୁ ବୋଲି ବାରିବାହକୁ ପ୍ରାବନ୍ଧିକ କହିଛନ୍ତି ?

**ଉ.** ଇତିହାସର ପ୍ରତିଲୋମରେଗଲେ ଜଗନ୍ନାଥ ହିଁ ଉତ୍କଳର ଇତିହାସ ବୋଲି ଜାଣିପାରିବ ବାରିବାହ।

(ଖ) ଛେଳିଟିକୁ ବୋହିନେବାର କେଉଁ କାରଣ ବ୍ରାହ୍ମଣ ଗୋସାଇଁ ଦେଇଛନ୍ତି ?

**ଉ.** ସାଙ୍ଗରେ ଆଣିବାବେଳେ ଛେଳିଟା ଭିଡ଼ି ଓଟାରି ହେବାରୁ ବ୍ରାହ୍ମଣ ଗୋସାଇଁ ତାକୁ ବୋହି ନେଉଛନ୍ତି ବୋଲି କହିଛନ୍ତି।

(ଗ) କେଉଁ ବସ୍ତୁଟି ପ୍ରତି ମନୁଷ୍ୟର ସ୍ୱାଭାବିକ ଅନୁରାଗ ଅଧିକ ବୋଲି ବର୍ଣ୍ଣିତ ?

**ଉ.** ମନୁଷ୍ୟର ତାହାର ସ୍ୱଦେଶ ବା ସ୍ୱଜାତି ପ୍ରତି ସ୍ୱାଭାବିକ ଅନୁରାଗ ଅଧିକ ବୋଲି ବର୍ଣ୍ଣିତ।

(ଘ) ମଣିଷ ଯୋଜନା କଥା କିପରି ବୁଝିପାରିବ ବୋଲି କୁହାଯାଇଛି ?

**ଉ.** ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ।

**୩. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ। (୨x୨= ୪)**

(କ) ଯାହାର ସତ୍ୟ ସଙ୍ଗେ ବିରୋଧ, ତାହାର କ'ଣ ହୁଏ ?

**ଉ.** ପ୍ରବନ୍ଧ - ଇତିହାସ - ପ୍ରାବନ୍ଧିକ - ବିଶ୍ୱନାଥ କର
ମାନବର ପ୍ରକୃତ ଉନ୍ନତି ଯାହା ତାହା ସତ୍ୟ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ, ତେଣୁ ତାର ବିଲୋପ ନାହିଁ। ସତ୍ୟ ସଙ୍ଗେ ଯାହାର ବିରୋଧ ତାହାର ବିନାଶ ଅନିବାର୍ଯ୍ୟ।

(ଖ) କ'ଣ ନ କଲେ ଜଳଦର ଉତ୍କଳ ଭ୍ରମଣ ସାର୍ଥକ ହେବ ନାହିଁ ?

**ଉ.** ପ୍ରବନ୍ଧ–ପୁଷ୍ପପୁରରେ ବର୍ଷାବରଣ–ପ୍ରାବନ୍ଧିକ–କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କଟକରୁ ଦକ୍ଷିଣାଭିମୁଖରେ ଯାଇ ଥରେ କୋଣାର୍କର ଚାରୁ ଚୂଡ଼ା ଚୁମ୍ବନ ନକଲେ ଜଳଦର ଉତ୍କଳ ଭ୍ରମଣ ସାର୍ଥକ ହେବନାହିଁ।

(ଗ) କେଉଁମାନେ ରାଜନୈତିକ ପଟ୍ଟ ପରିବର୍ତ୍ତନ କରନ୍ତି ?

ଉ. ପ୍ରବନ୍ଧ – ତିନିତୁଣ୍ଡରେ – ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା ଯେଉଁ ପ୍ରତିନିଧି ମାନଙ୍କୁ ତରାଜୁ ଧରିବାର ସୁଯୋଗ ମିଳୁନାହିଁ। ସେହିମାନଙ୍କ ମଧ୍ୟରୁ କେତେକ ମାଙ୍କଡ଼ ଚିଡି ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରନ୍ତି।

**୪. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେ କୌଣସି ଗୋଟିକର ଉତ୍ତର ଦିଅ।**

(କ) ଉତ୍କଳର ଉତମାଙ୍ଗ ବୋଲି କାହାକୁ କୁହାଯାଇଛି ? ଏହାର ବୈଶିଷ୍ଟ୍ୟ କିପରି ବର୍ଣ୍ଣିତ ?

**ଉ.** ପ୍ରବନ୍ଧ–ପୁଷ୍ପପୁରରେ ବର୍ଷାବରଣ–ପ୍ରାବନ୍ଧିକ–କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କଟକକୁ ଉତ୍କଳର ଉତମାଙ୍ଗ ବୋଲି କୁହାଯାଇଛି। ସୌଧାବଳୀ ମଣ୍ଡିତ କଟକ ଦିନେ ଗର୍ବିତ ଗଜପତିର ରାଜଧାନୀ ଥିଲା। ଏହିଠାରୁ ଗଜପତିଙ୍କ ଅଜେୟ ବାହିନୀ ଦୁର୍ଗ ପରେ ଦୁର୍ଗ ଜୟ କରି ଚାଲିଥିଲା। ସ୍ମୃତିପୂତ ବିଡ଼ାନାସୀ ଦୁର୍ଗ ଆଜି ମୃତ୍ତିକାରେ ଅବଲୁପ୍ତ ଏବଂ ନବତଳ ପ୍ରାସାଦ ବାରବାଟି ଦୁର୍ଗ ସ୍ଖଳିତ, ତଥାପି ତା' ପ୍ରସ୍ତର ଖଣ୍ଡରେ ସ୍ମୃତି ଓ କୀର୍ତ୍ତି ଜଡ଼ିତ ରହିଛି। ମର୍କତ କେଶରୀଙ୍କ କୀର୍ତ୍ତି ଆଜି ବି ବିରାଜିତ। ପୁନଶ୍ଚ ବହୁ ଜ୍ଞାନୀ, ଗୁଣି, ପଣ୍ଡିତ ଓ କର୍ମୀଙ୍କ ସ୍ଥଳ କଟକ ଯେଉଁମାନେ ଉତ୍କଳର ଦୁର୍ଦ୍ଦିନରେ ଉଜାଗର ରହି ଜ୍ଞାନଦୀପ ଜାଳିଯାଇଛନ୍ତି।

(ଖ) ପ୍ରତ୍ୟେକ ଜାତିର ଇତିହାସ କେଉଁ ସାକ୍ଷ୍ୟ ପ୍ରଦାନ କରୁଅଛି ?

ଉ. ପ୍ରବନ୍ଧ –ଇତିହାସ – ପ୍ରାବନ୍ଧିକ – ବିଶ୍ୱନାଥ କର

ପ୍ରତ୍ୟେକ ଜାତିର ବା ବ୍ୟକ୍ତିର ଯୋଗ୍ୟତା ହେଉଛି ବଡ଼ କଥା। ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ। ଭୋଗବିଳାସ ଆମୋଦ ପ୍ରମୋଦରେ ଦିନ କଟାଇ କୌଣସି ବ୍ୟକ୍ତି ବା ସମାଜ ଉନ୍ନତି ରକ୍ଷା ପରିପାରିନାହାନ୍ତି। ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନପାରେ। ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରୁଅଛି।

**୫. ୧୫୦ ଶବ୍ଦରେ ଉତ୍ତର ଦିଅ।**

"ଉପଯୁକ୍ତ ଭାବେ ପାଠ କରିବାକୁ ଶିକ୍ଷାକରେ ଇତିହାସ ତୁଲ୍ୟ ଦ୍ୱିତୀୟ ଶିକ୍ଷକ ଆଉ କଦାପି ଦୃଷ୍ଟ ହେବ ନାହିଁ"। ପଠିତ ପ୍ରବନ୍ଧ ଆଧାରରେ ବୁଝାଇ ଦିଅ।

ଅଥବା

'ତିନି ତୁଣ୍ଡରେ' ପ୍ରବନ୍ଧର ଆଭିମୁଖ୍ୟ ପ୍ରଦର୍ଶନ କର।

**ଉ.** ପ୍ରବନ୍ଧ – ଇତିହାସ – ପ୍ରାବନ୍ଧିକ – ବିଶ୍ୱନାଥ କର।

ଇତିହାସ ଦୃଷ୍ଟାନ୍ତର ଆକାର – ଇତିହାସରେ ବ୍ୟକ୍ତି ଓ ଜାତିର ଅଧୋଃପତନ ବର୍ଣ୍ଣନା – ସମଭାବାପନ୍ନ ବ୍ୟକ୍ତି ବା ଜାତିର ସମଦଶା ପ୍ରାକୃତିକ ନିୟମର କାର୍ଯ୍ୟପ୍ରଣାଳୀ ସର୍ବତ୍ର ଏବଂ ସର୍ବକାଳରେ ଏକ। ଅହଙ୍କାରର ମସ୍ତକରପତନ– ଧର୍ମର ଜୟ – ଅଧର୍ମର କ୍ଷୟ – ଇତିହାସ ପାଠ ଦ୍ୱାରା ସକଳ ଅବିଶ୍ୱାସ ଦୂର ହୁଏ।

ଅଥବା

ପ୍ରବନ୍ଧ – ତିନି ତୁଣ୍ଡରେ – ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଶାସନ ପଦ୍ଧତିରେ ଗଣତନ୍ତ୍ର ଶାସନ – ସର୍ବୋତ୍କୃଷ୍ଟ। ପ୍ରତିନିଧି ନିରୂପଣ – ବ୍ୟକ୍ତିର କ୍ରିୟାକଳାପ ଓ ଚରିତ୍ର ଉପରେ ଗୁରୁତ୍ୱ – ଉପଯୁକ୍ତ ପ୍ରତିନିଧି ଯଥାର୍ଥରେ ଗଣତନ୍ତ୍ରର ରକ୍ଷାକାରୀ। ଶିକ୍ଷାର ଅଭାବ ଥିଲେ ପ୍ରୋପାଗଣ୍ଡା କାର୍ଯ୍ୟକରେ, ଫଳତଃ – ଅଯୋଗ୍ୟ ବ୍ୟକ୍ତି ନିର୍ବାଚିତ ହୁଅନ୍ତି। ତେଣୁ ଉପଯୁକ୍ତ ପ୍ରତିନିଧି ନିର୍ବାଚନ ଉପରେ ପ୍ରାବନ୍ଧିକଙ୍କ ଗୁରୁତ୍ୱ ପ୍ରଦାନ।

**୬. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ସେଥିରୁ ଯଥାର୍ଥ ଉତ୍ତରଟି ବାଛ। (୧x ୫=୫)**

(କ) ପିଙ୍ଗଳା ତାର କ'ଣ ଭୁଲିଯିବା ପାଇଁ ବିଦେହ ନଗରୀକୁ କହିଛି ?

(i) ପତିତା ଜୀବନ (ii) କଳୁଷରାଜି

(iii) ଯଉବନ ଧନ (iv) ଅଭିନୟ

**ଉ.** (ii) କଳୁଷରାଜି

(ଖ) କାହାକୁ ପ୍ରଜାଧନ ବୁହା ବୋଲି କୁହାଯାଇଛି ?

(i) ବିଦେଶୀ (ii) ପିତୃଗଣ

(iii) ରାଜଧର୍ମ (iv) ମନ୍ତ୍ରୀମଣ୍ଡଳ

**ଉ. (iii) ରାଜଧର୍ମ**

(ଗ) ବୈଦେହୀର ପ୍ରଣୟକୁ କ'ଣ ମଣିବ ବୋଲି କୁହାଯାଇଛି ?

(i) ସ୍ୱପନ (ii) କୁହେଳି

(iii) ମରୀଚିକା (iv) ସ୍ମୃତି

**ଉ. (i) ସ୍ୱପନ**

(ଘ) ଦିନ ଶେଷ ହେଲାଣି ଜାଣି କାହାର ଆୟୋଜନ ଚାଲିଛି ?

(i) ତପନଙ୍କର (ii) ଅସ୍ତାଚଳର

(iii) ସମୀରଣର (iv) ବିଦାୟର

ଉ. (iv) ବିଦାୟର

(ଙ) କାହାର ପ୍ରତିଶୋଧ ନେବାପାଇଁ ଆହ୍ୱାନ ଦିଆଯାଇଛି ?

(i) ପୀଡ଼ନର (ii) ନିଷ୍ପେଷଣର

(iii) ଦାସତ୍ୱର (iv) ଅତ୍ୟାଚାରର

ଉ. (iii) ଦାସତ୍ୱର

**୭. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।** (୧ x ୩ = ୩)

(କ) କେଉଁଠାରୁ ଦୂତ ଆସିଅଛି ବୋଲି ବର୍ଣ୍ଣିତ ?

ଉ. ଶତାବ୍ଦୀର ସିଂହଦ୍ୱାରରୁ

(ଖ) କାହାକୁ 'କେଡ଼େ ମଧୁର' ବୋଲି କୁହାଯାଇଛି ?

ଉ. ଭାସି ଆସୁଥିବା ବନ୍ଧୁ – ପରଶକୁ କେଡ଼େ ସୁମଧୁର ବୋଲି କୁହାଯାଇଛି ।

(ଗ) ସତୀଙ୍କ ଦ୍ୱାରା ଲିଖିତ ପତ୍ର କେଉଁଥିରେ ଧୌତ ହେଉଥାଏ ?

ଉ. ସତୀଙ୍କ ଦ୍ୱାରା ଲିଖିତ ପତ୍ର ନୟନ ଜଳରେ ଧୌତ ହେଉଥାଏ ।

(ଘ) ପ୍ରତିକ୍ଷଣ ଆୟୁ କିପରି ସରିଯାଉଅଛି ବୋଲି କବି ବର୍ଣ୍ଣନା କରିଛନ୍ତି ?

ଉ. ଭଗ୍ନ ଘଟ ବା ମାଠିଆରୁ ଜଳ ସରି ଆସିବା ପରି ପ୍ରତିକ୍ଷଣ ଆୟୁ ସରି ଯାଉଅଛି ।

**୮. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ ।** (୨ x ୨ = ୪)

(କ) ମନ୍ତ୍ର ଜାଣିଲେ ସୀତାଙ୍କର କି ଲାଭ ହେବ ବୋଲି କବିତାରେ ବର୍ଣ୍ଣିତ ?

ଉ. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର

କୋଟିଏ ଅଶ୍ୱମେଧ ଯଜ୍ଞରେ ଯେତେ ଧନ ଦାନ ହୁଏ, ମନ୍ତ୍ର ଜାଣିବା ବା ତାହାଠାରୁ ଅଧିକ ହେବ ବୋଲି ସୀତା ମନେ କରିଛନ୍ତି ।

(ଖ) ସୂର୍ଯ୍ୟ ନିଜର ସ୍ନେହ ଆଦର କିପରି ଦେଖାନ୍ତି ?

ଉ. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ

ପ୍ରାଚୀ ଦିଗ ଅଭିମୁଖେ ନିଜର ସ୍ନିଗ୍ଧ କନକ କିରଣକୁ ଲମ୍ବାଇ ଦେଇ କୋମଳ ଆଶ୍ୱାସରେ ନିଜର ସ୍ନେହ ଆଦର ଦେଖାନ୍ତି ।

(ଗ) କାହା ଆଗେ ଆଉ ପୀରତିର ଅଭିନୟ ଦେଖାଇବ ନାହିଁ ବୋଲି ପିଙ୍ଗଳା ଭାବିଛି ?

ଉ. କବିତା–ପିଙ୍ଗଳାର ଅଭିସାର–କବି–ରାଧାମୋହନ ଗଡ଼ନାୟକ

ରସିକ ନାଗର ମାନଙ୍କ ଆଗରେ ଆଉ ପୀରତିର ଅଭିନୟ ଦେଖାଇବ ନାହିଁ ବୋଲି ପିଙ୍ଗଳା ଭାବିଛି ।

**୯. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେ କୌଣସି ଗୋଟିଏର ଉତ୍ତର ଦିଅ ।**

(କ) ଆଜି କାହାର କୈଫିୟତ ମାଗିବାକୁ ବେଳ ହେଲା ବୋଲି କବି କହିଛନ୍ତି ?

ଉ. କବିତା – ବାର୍ତ୍ତା – କବି – ସଚ୍ଚିଦାନନ୍ଦ ରାଉତରାୟ

ବାମପନ୍ଥୀ କବି ସଚ୍ଚିଦାନନ୍ଦ ରାଉତରାୟ ସର୍ବହରା, ଦଳିତ, ପତିତ, ନିଷ୍ପେଷିତମାନଙ୍କର ପ୍ରତିନିଧି ସାଜି ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ ଲାଗି ସଂଗ୍ରାମ କରିବାକୁ ଆହ୍ୱାନ ପ୍ରଦାନ କରିଛନ୍ତି । ଯୁଗ ଯୁଗ ଧରି ଭୀମ ଅତ୍ୟାଚାର ଯାହା ମାନବ ଆତ୍ମାକୁ ଅକଥନୀୟ ପୀଡ଼ା ପ୍ରଦାନ କରିଛି ତାର କୈଫିୟତ ମାଗିବାକୁ ଠିକ୍ ବେଳ ଆସିଲା ବୋଲି କବି କହିଛନ୍ତି ।

(ଖ) ପ୍ରଣୟ–ପୀୟୂଷରେ ବିଷ କିପରି ମିଶିଛି ବୋଲି କବି ବର୍ଣ୍ଣନା କରିଛନ୍ତି ?

ଉ. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ

କବିଙ୍କ ମତରେ ବିଶ୍ୱବାସୀଙ୍କ ପ୍ରତି ବିଧାତାଙ୍କର ଏକ ବିଚିତ୍ର ଆଶୀର୍ବାଦ, ପ୍ରଣୟ – ଅମୃତରେ ବିରହ ବିଷର ସ୍ଥିତି ବିଷମ ଦୁଃଖ ସୃଷ୍ଟି କରେ । ସେହିପରି ସୁନ୍ଦର ପଦ୍ମ ନାଡ଼ରେ ସର୍ପର ଉପସ୍ଥିତି ବିଷମୟ ପରିସ୍ଥିତି ସୃଷ୍ଟି କରେ । ଏହିଭଳି ବିପରୀତ ସ୍ଥିତିକୁ କବି ଦୁର୍ବୋଧ ବୋଲି ପ୍ରକାଶ କରିବା ସହିତ ନିଜର ପ୍ରିୟଜନ ଛାଡ଼ି ବନ୍ଦୀ ଜୀବନ କଟାଉଥିବାର ଦୁଃଖ କବିଙ୍କ ପକ୍ଷେ ଅସହ୍ୟ ହୋଇ ଉଠିଛି ।

**୧୦. ୧୫୦ ଶବ୍ଦରେ ଉତ୍ତର ଦିଅ ।** **(୫)**

ପଠିତ କବିତା ମାଧ୍ୟମରେ କବି କେଉଁ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି ଦର୍ଶାଅ ।

ଅଥବା

ବିଦେହର ନଟୀ ପରିଚୟରୁ ବାହାରି ଆସି କ'ଣ ହେବା ପାଇଁ ପିଙ୍ଗଳା ଆଶାପୋଷଣ କରିଛି ଆଲୋଚନା କର ।

ଉ. କବିତା - ବାର୍ତ୍ତା - କବି - ସଚ୍ଚିଦାନନ୍ଦ ରାଉତରାୟ

ପଠିତ କବିତାରେ ମୁକ୍ତିର ବାର୍ତ୍ତା - ଦାସତ୍ୱ ବନ୍ଧନରେ ଯୁଗ ଯୁଗଧରି ନିଷ୍ପେଷିତ ମଣିଷ - ଏଥିରୁ ମୁକ୍ତିର ସ୍ୱପ୍ନ - ଅତ୍ୟାଚାରୀମାନଙ୍କୁ ପ୍ରଶ୍ନବାଣ ନିକ୍ଷେପ କରି -ଉତ୍ତର ମାଗିବାକୁ ପଡ଼ିବ - ଆବଶ୍ୟକ ହେଲେ ମୁକ୍ତି ଲାଗି ତାକୁ ଆତ୍ମୋତ୍ସର୍ଗ ବା ଆତ୍ମବଳି ଦେବାକୁ ପଡ଼ିବ। ମୁକ୍ତିବାସୀମାନବର ମୁକ୍ତି ଦରକାର - ନ୍ୟାଯ୍ୟ ଦାବି ହାସଲ ଲାଗି ସଂଘର୍ଷ ଦରକାର କାମ୍ୟବସ୍ତୁ ଲାଭ କରିବାକୁ ସଂଘର୍ଷ ଦରକାର।

ଅଥବା

**ଉ.** କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ

ବାର ବିଳାସିନୀ ଜୀବନ ଛାଡ଼ି ପ୍ରେମର ସନ୍ୟାସିନୀ ହେବା - କେଳି ଗୃହ - ପ୍ରୀତିର ଅଭିନୟ - ମଣିକାଞ୍ଚନ ମାଳା ପରିତ୍ୟାଗ କରି ଦିବ୍ୟ ପରମ ଧନ ଲାଭ - ମର୍ତ୍ତ୍ୟ ପଥର ଅମର ବନ୍ଧୁର ସନ୍ଧାନ - ମୁକ୍ତ ଚାରିଣୀ ତଟିନୀଭଳି - ଭ୍ରମଣ- ମୁକ୍ତ ଆକାଶ ତଳେ ଶୟନ ପରମ ବନ୍ଧୁ ପାଦରେ ପ୍ରେମ ନିବେଦନର ବର୍ଣ୍ଣନା ରହିବ।

**୧୧. ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ସଂଯୋଜିତ। ଠିକ୍ ଉତ୍ତରଟି ବାଛି ଲେଖ।** (୧x ୫ = ୫)

(କ) ବଳରାମଙ୍କୁ ଉତ୍କଳର ସମସ୍ତ ବେପାରୀଙ୍କର କ'ଣ ବୋଲି କୁହାଯାଇଛି ?

(i) ମଉଡ଼ମଣି (ii) ମୁଖ ପାତ୍ର

(iii) ଭାଗ୍ୟ ନିୟନ୍ତା (iv) ଦଣ୍ଡିଦାର

**ଉ.** (iv) ଦଣ୍ଡିଦାର

(ଖ) ବାବୁ କେଉଁ ହୁକ୍କାରେ ଗୁଡ଼ାଖୁ ପିଅନ୍ତି ?

(i) ରୂପା ବନ୍ଧା (ii) କଣା କଉଡ଼ି ବନ୍ଧା

(iii) କାୟସ୍ଥ ହୁକା (iv) ନବଶାଖ ହୁକା

**ଉ.** (i) ରୂପା ବନ୍ଧା ହୁକା

(ଗ) ରାୟବାହାଦୂର ପଢୁଥିବା ସନନ୍ଦଟି କେଉଁ ସାଲର ଥିଲା ?

(i) ୧୯୦୧ (ii) ୧୯୧୯

(iii) ୧୯୨୩ (iv) ୧୯୪୭

**ଉ.** (iii) ୧୯୨୩ ସାଲର

(ଘ) କାହାକୁ ଆଉଜି ରହି ଅଶୋକ ବାବୁ ପୁରାତନ ଅନୁଭୂତିକୁ ରୋମନ୍ଥନ କରୁଥିଲେ ?

(i) ପଥରକୁ (ii) ଗଛ ଗଣ୍ଡିକୁ

(iii) ବାରଣ୍ଡା କାନ୍ଥକୁ (iv) ଲାଇଟ୍ ପୋଷ୍ଟ୍‌କୁ

**ଉ.** (iv) ଲାଇଟ୍ ପୋଷ୍ଟ୍‌କୁ

(ଙ) କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ ବୋଲି କୁହାଯାଇଛି ?

(i) ଦଶ ବର୍ଷ (ii) ଶହେ ବର୍ଷ

(iii) ସହସ୍ର ବର୍ଷ (iv) ପଚାଶ ବର୍ଷ

**ଉ.** (iii) ସହସ୍ର ବର୍ଷରେ ଥରେ

**୧୨. ଗୋଟିଏ ଲେଖାଏଁ ବାକ୍ୟରେ ଯେ କୌଣସି ତିନୋଟି (୩ଟି) ପ୍ରଶ୍ନର ଉତ୍ତର ଦିଅ।** (୧x ୩ = ୩)

(କ) ସାଆନ୍ତାଣୀ ସାଆନ୍ତଙ୍କୁ ରାଜୀବ ସଂପର୍କରେ କ'ଣ କହିଥିଲେ ?

**ଉ.** ରାଜୀବ ତାଙ୍କ ବୋଲ ମାନେ ନାହିଁ, ଦିନଯାକ ଗାଁ ଟୋକାଙ୍କ ସାଙ୍ଗେ ବୁଲେ, ତେଣୁ ତାକୁ କଲିକତା ନେଇଯିବା ପାଇଁ କହିଥିଲେ।

(ଖ) ରାୟ ବାହାଦୂର ତ୍ରିରଙ୍ଗା ପତାକାକୁ କାଢ଼ି ଫିଙ୍ଗି ଦେଇ କ'ଣ କହିଲେ ?

**ଉ.** ଯେଉଁ ୟୁନିଅନ୍ ଜ୍ୟାକ୍ ପାଇଁ ସେ ଅରୁକୁ ଖୁନ୍ କରିଛନ୍ତି, ସେ ପତାକାର ପତନ ଅସମ୍ଭବ ବୋଲି କହିଲେ।

(ଗ) ଡାଲ୍‌ମଣ୍ଡିରେ ରାତ୍ରି କିପରି ନିର୍ବାସିତା ବୋଲି ବର୍ଣ୍ଣିତ ?

**ଉ.** ଡାଲ୍‌ମଣ୍ଡିରେ ମଦନ ଅର୍ଚ୍ଚନାର କୋଳାହଳରେ ଛାତ୍ର ନିର୍ବାସିତା ବୋଲି ବର୍ଣ୍ଣିତ।

(ଘ) କ'ଣ କହି ରାଜା ପାଚକକୁ କଚ୍ଛପଟି ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ ?

**ଉ.** ଏହା ବହୁରୋଗ ଓ ଦୋଷ ଦୁର୍ବଳତାର ମହୌଷଧ, ଏହାକୁ ରନ୍ଧନ କରି ପୀଡ଼ିତ ମାନଙ୍କୁ ଦେବାର ବ୍ୟବସ୍ଥା କରିବା କହି ରାଜା ମୁଖ୍ୟ ପାଚକକୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ।

**୧୩. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ।** (୨x୨= ୪)

(କ) ହୋଟେଲକୁ ଆସିବା ବେଳେ କିଏ ଅଶୋକ ହାତକୁ ଖଣ୍ଡେ କାଗଜ ବଢ଼େଇ ଦେଇଥିଲେ ?

**ଉ.** ଗଳ୍ପ-ରୂପ ନାରାୟଣ ସାହା-ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ

ହୋଟେଲକୁ ଆସିବା ବେଳେ ଅଶୋକଙ୍କ ବାଲ୍ୟ ଗୁରୁ ରୂପ ନାରାୟଣ ସାହା ଅଶୋକ ହାତକୁ ଖଣ୍ଡେ କାଗଜ ବଢେଇ ଦେଇଥିଲେ। ସେହି କାଗଜଟିରେ ତାଙ୍କର ଠିକଣା ଥିଲା।

(ଖ) କଲିକତାରେ କନ୍ୟାଠିକ୍ ହେବା ଶୁଣି ସାଆନ୍ତାଣୀଙ୍କର କି ପ୍ରତିକ୍ରିୟା ହୋଇଥିଲା ?

**ଉ.** ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ - ଫକୀର ମୋହନ ସେନାପତି

କଲିକତାରେ କନ୍ୟା ଠିକ୍ ହେବା ଶୁଣି ସାଆନ୍ତାଣୀ ପାଟି କରି 'ରାଧେ କୃଷ୍ଣ, ରାଧେ କୃଷ୍ଣ' କହି ତୁନି ହୋଇଥିଲେ । ହାତ ଯୋଡ଼ି ଠାକୁରଙ୍କୁ ଅନାଇଲା ବେଳେ ଦୁଇ ଧାର ଲୁହ ଆଖିରୁ ଗଡ଼ି ଯାଉଥିଲା ।

(ଗ) କ'ଣ ଶୁଣି ରାତି ଅଧରେ ରାୟ ବାହାଦୂରଙ୍କ ନିଦ ଭାଙ୍ଗିଯାଏ ?

**ଉ.** ଗଳ୍ପ - ପତାକା ଉତ୍ତୋଳନ - ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି

ସଦ୍ୟ ବିଧବାର ବୁକୁଚିରା କ୍ରନ୍ଦନ ଧ୍ୱନି ଶୁଣି ରାୟ ବାହାଦୂରଙ୍କ ନିଦ ଭାଙ୍ଗିଯାଏ । ତାଙ୍କ ପୁତ୍ରବଧୂ ଅଜୀର୍ଣ୍ଣାର କାନ୍ଦ ଭଳି ସେ ଧ୍ୱନି ଥିଲା ।

**୧୪. ଗଳ୍ପ ଓ ଗାଳ୍ପିକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଗୋଟିଏ ପ୍ରଶ୍ନର ଉତ୍ତରଦିଅ ।**

(କ) ଆଖିରୁ ଲୁହ ପୋଛି କାଶିସାରି ମାଷ୍ଟରଜୀ କ'ଣ କହିଲେ ?

ଉ. ଗଳ୍ପ-ରୂପ ନାରାୟଣ ସାହା-ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ

କାଶି ସାରି କେତେବେଳେ କେ ଆଜିକାଲି ଆଉଦେହ ଭଲ ରହୁନାହିଁ ବୋଲି କହିଲେ ମାଷ୍ଟରଜୀ । ବେଶି ଦେହ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ । ଡାକ୍ତର ଦେଖିସାରି ଫ୍ଲୁରେସି ହୋଇଛି ବୋଲି କହିଲେ । ଚିକିତ୍ସା କରିବାକୁ ଅନେକ ପଇସା ଲାଗିବ । ପୁଣି କହିଲେ କେତେ ରୋଗ ବାହାରିଲାଣି, ଟିକିଏ କାଶ ଲାଗି ଏତେ ପଇସା କେଉଁଠୁ ଖର୍ଚ୍ଚ କରି ହେଉଛି ।

(ଖ) ରାଜା କ'ଣ କହି ରନ୍ଧା କଚ୍ଛପକୁ ତାଙ୍କ ନିକଟରେ ପରସିବା ପାଇଁ ନିର୍ଦ୍ଦେଶ ଦେଲେ ?

**ଉ.** ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ

ଜଣ ଜଣ କରି ସମସ୍ତ ସଭା ସଦ୍ ବୁଦ୍ଧୁ ବ୍ୟାଧିକୁ ମୁକ୍ତ ହୋଇସାରିବା ପରେ ରାଜା ହଠାତ୍ କାନ୍ଦିବାର ଅଭିନୟ କଲେ ଓ କହିଲେ ରାଜାବୁଦ୍ଧୁ ହେଲେ ଚଳିବ ନାହିଁ । ଆବଶ୍ୟକ ହେଲେ ରାଜ ପରିବାରର ପବିତ୍ର ପରମ୍ପରା ଭଙ୍ଗ କରି ଏଇ ଅସାଧାରଣ କଚ୍ଛପଟି ସମ୍ଭବ ହେଲେ ସମଗ୍ର କଚ୍ଛପଟିକୁ ଖାଇ ଦେଇ ସେ ବୁଦ୍ଧୁ ବ୍ୟାଧିରୁ ମୁକ୍ତହେବା ଜରୁରୀ ନୁହେଁ କି ? ଏହା କହି ସାରି ରାଜା ରନ୍ଧା କଚ୍ଛପକୁ ତାଙ୍କ ନିକଟରେ ପରଷିବା ପାଇଁ ନିର୍ଦ୍ଦେଶ ଦେଲେ ।

**୧୫. ୧୫୦ ଶବ୍ଦରେ ଯେ କୌଣସି ଗୋଟିଏ ପ୍ରଶ୍ନର ଉତର ଦିଅ । (୫)**

କେଉଁ ସବୁ ଆକର୍ଷଣର କାଳ୍ପନିକତା କମ୍ବୁଗ୍ରୀବକୁ ତା ପରିବେଶ ଠାରୁଦୂରକୁ ଯିବାକୁ ଅନୁପ୍ରେରିତ କରୁଥିଲା ଦର୍ଶାଅ ।

ଅଥବା

କନ୍ୟାର ଜାତି,କୁଳ, ଘର ସମ୍ପର୍କରେ ଅନୁସନ୍ଧାନରୁ କ'ଣ ଜଣାପଡ଼ିଲା ବୋଲି ଗାଳ୍ପିକ ଉଲ୍ଲେଖ କରିଛନ୍ତି ?

**ଉ.** ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ

ଦୂର ପର୍ବତ ଶ୍ରେଣୀ ସେ ପାରିସ୍ଥି ସ୍ୱଚ୍ଛ ସରୋବର - ଉପତ୍ୟକା - ବିମୁଗ୍ଧ କଳ୍ପଲୋକରେ ଭଳିକି ଭଳି ଅଜବ ଦୃଶ୍ୟ ଗୀତ ବୋଲି ପାରୁଥିବା ଗଛଲତା-ମେଘମାଳା ଭିତରୁ ଝରି ଆସୁଥିବା ସପ୍ତରଙ୍ଗୀ ଇନ୍ଦ୍ରଧନୁ-ପ୍ରଶସ୍ତ ସଦନରେ ନର ବାନରଙ୍କ ଲାଙ୍ଗୁଳର ଉପଯୋଗିତା ସଂପର୍କର ତର୍କସଭା ଇତ୍ୟାଦି ।

ଅଥବା

ଗଳ୍ପ-ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ବାପା ନାମ - ମକ୍ରା ମଳିକ - ଜାତି ଗୋତ୍ରହୀନ - କୁଲି କାମ- ପରେ ଖାନସମା - ଚ଼ ବଗିଚ଼ରେ ୩୦/୪୦ ବର୍ଷ ହେବକାମ କରୁଛି - କୁଲିଆଣିକୁ ବାହା ହେବା - ଦରବୁଢ଼ା ବୟସରେ ଝିଅଟିଏ - ବାପା ମା ଝିଅର ନାମକରଣ କରି - ନୟନ ତାରା - ଦୁଃଖ ପାସୋରା ।

**୧୬.** (କ) (i) କେଉଁମାନେ ଯୌବନର ପ୍ରଭାବ ଓ ପ୍ରତିଷ୍ଠା ବୁଝନ୍ତି ନାହିଁ ?

**ଉ.** ଯୌବନରେ ବିଶ୍ୱ ବିକାଶ ଚିନ୍ତା ଜାତ ହୁଏ । ଯେଉଁମାନେ ନିଜକୁ ପଣ୍ଡିତ ଜ୍ଞାନ କରି ଯୌବନର ଏଇ ବିଶ୍ୱ ବିକାଶକୁ ବୁଝନ୍ତି ନାହିଁ । ସେମାନେ ଯୌବନର ପ୍ରଭାବ ଓ ପ୍ରତିଷ୍ଠା ବୁଝନ୍ତି ନାହିଁ ।

(ii) ସଂସାରରେ କିଏ କିଛି ଦେଖିନାହିଁ ?

ଉ. ଯେ ଯୁବକ ପ୍ରାଣରେ ଐଶୀଭାବ ଅନନ୍ତର ବିକାଶ, ବୁଝିନାହିଁ; ବିଧାତାଙ୍କ ବାଣୀର ସଂଗୀତ ଶୁଣି ନାହିଁ କିମ୍ବା ପ୍ରଣୟର ମହନୀୟ ବିଭବ ଆଲୋଚନା କରିନାହିଁ, ସେ ସଂସାରରେ କିଛି ଦେଖିନାହିଁ ।

(iii) ଯୁବକଙ୍କୁ ଇଶ୍ୱରଙ୍କ ଦୂତ କାହିଁକି କୁହାଯାଇଛି ?

ଉ. ଅତି କ୍ଷୁଦ୍ର କର୍ମରେ ମଧ୍ୟ ଯୁବକର ସଂକଳ୍ପ, ସୀମିତତା ପାଇଁ ବିରକ୍ତି, କର୍ମରେ ଉତ୍ସର୍ଗ ପାଇଁ ଆଗ୍ରହ, ଏବଂ ପ୍ରତ୍ୟେକ ପ୍ରତିକୂଳ ପରିବେଶ ପାଇଁ ପ୍ରବଳ ବିରକ୍ତି ଦେଖି ଯୁବକଙ୍କୁ ଇଶ୍ୱରଙ୍କ ଦୂତ କୁହାଯାଇଛି ।

**(ଖ)** (i) ସ୍ୱାର୍ଥ ସମ୍ବଳିତ ହିସାବ କିତାବରେ ପୁରୁଷାକାରର ବିବେଚନାର ପ୍ରାଣର ସ୍ୱତୋବିକାଶ ସଂକୁଚିତ ହୁଏ ।

(ii) ଶାରୀରିକ ସୁଖ ସମ୍ଭୋଗ ଲାଳସାରେ ପ୍ରମତ୍ତ ଯୁବକର ପ୍ରାଣରେ ଅନନ୍ତ ଇଂଗିତ ଲକ୍ଷ୍ୟ କରିବାକୁ ହେବ ।

(iii) ଅପୌରୁଷେୟ ନୀତିକୁ ପ୍ରାଣରେ ଖୋଜିବାକୁ ହେବ ।

(iv) ତରଳ ଯୁବ ପ୍ରାଣରେ ବିଶ୍ୱ ଶକ୍ତିର ଅବତାର ହୁଏ ।

**୧୭.** (i) କାମୁକ ପୁରୁଷର ଚାଟୁ ବାକ୍ୟରେ ସତୀ ମନ ନିଶ୍ଚଳ ରହିବା ସହିତ ତୁଳନା କରାଯାଇଛି ।

(ii) ନଦୀସ୍ରୋତ ସେତୁ ବନ୍ଧନକୁ ଅତିକ୍ରମ କରିଯାଉଛି ।

(iii) ଡାହୁକ ବଂଶ କୁଞ୍ଜରେ ରାବ କରେ ।

(iv) ସାଧକ ହୃଦୟରେ ବିବେକ ଉଦୟ ହେବା ସହିତ ।

(v) ଅର୍କ-ପାଦପ ପତ୍ର ବିହୀନ ହେଲା ।

**୧୮. ତୁଳସୀ ଦୁଇ ପତ୍ରରୁ ବାସେ :**

ଓଡ଼ିଆ ଲୋକ ଜୀବନରେଏହା ଏକ ବହୁ କଥିତ ଉକ୍ତି । କୌଣସି ଗୁରୁତ୍ୱ ପୂର୍ଣ୍ଣ ବ୍ୟକ୍ତିଙ୍କର ଗୋଷ୍ଠୀ କିମ୍ବା ସମାଜ ପ୍ରତି ଯାହାଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କର ବ୍ୟକ୍ତିତ୍ୱ ଆଲୋଚନା କାଳରେ ପିଲାଦିନକୁ ସ୍ମରଣ କଲାବେଳେ ଏହି ଉକ୍ତିଟି କଥିତ ହୋଇଥାଏ ।

ନବ ଉତ୍କଳର ସ୍ୱପ୍ନ ଦେଖୁଥିବା ବିଜୁ ପଟ୍ଟନାୟକ ଥରେ ବନ୍ୟାଗ୍ରସ୍ତ ଅଞ୍ଚଳକୁ ଉତ୍କଳମଣି ଗୋପବନ୍ଧୁଙ୍କ ସହ ଡଙ୍ଗାରେ ଯାଉଥିଲେ । ସେତେବେଳକୁ ସେ ଜଣେ କିଶୋର । ଚାରିଆଡ଼େ ପାଣି ଆଉ ପାଣି । ଉପରୁ ଝିପି ଝିପି ବର୍ଷା । ନାଉରିଆ ଡଙ୍ଗା ସମ୍ଭାଳି ଥାଏ । ତା' ସହକାରୀ ଡ଼ଙ୍ଗାରୁ ବର୍ଷା ପାଣି ସବୁ କାଢୁଥାଏ । ଉପରେ କିଛି ଚୂଡ଼ା, ଚାଉଳ, ମୁଢ଼ି, ସହିତ ଉତ୍କଳ ମଣି ଅତି ଚିନ୍ତିତ ହୋଇ ବସିଥାନ୍ତି । ଛତା ଧରିଥା'ନ୍ତି । ଉତ୍କଳର ଏ ଦୁର୍ଦ୍ଦଶା କଥା ଭାବୁ ଭାବୁ ଅନ୍ୟ ମନସ୍କ ଉତ୍କଳ ମଣିଙ୍କ ହାତରୁ ଛତାଟି ଉଡ଼ିଯାଇ ପ୍ରଖର ବନ୍ୟାସ୍ରୋତରେ ଭାସିଯିବାକୁ ଲାଗିଲା । ଉତ୍କଳମଣିଙ୍କ ଛତା ! ହଠାତ୍ କିଶୋରଟି ବନ୍ୟାସ୍ରୋତକୁ ଲମ୍ଫ ପ୍ରଦାନ କରି ଛତା ଉଦ୍ଧାର କରି ସ୍ରୋତର ପ୍ରତିକୂଳରେ ପହଁରି ପହଁରି ଡ଼ଙ୍ଗା ପାଖକୁ ଆସିଲା । ଡ଼ଙ୍ଗାରେ ଥିବା ସମସ୍ତେ ଚକିତ । ପିଲାଟିର ଏହିଭଳି ଦୁଃସାହସ, ବିପଦକୁ ସାହସର ସହିତ ସମ୍ମୁଖିନ ହେବାର ପ୍ରବୃତ୍ତିରୁ ଜଣା ପଡ଼ିଥିଲା ସେ । ବଡ଼ ହେଲେ ଅତ୍ୟନ୍ତ ଦୁଃସାହସୀ,ଏବଂ ନିର୍ଭୀକ ହେବ ।

ବିଜୁପଟ୍ଟନାୟକ ହିଁ ଥିଲେ ସେହି କିଶୋର । କିଶୋର ବୟସରୁ ତାଙ୍କର ଏ ଗୁଣ ଯୋଗୁଁ କୁହାଯାଏ 'ତୁଳସୀ ଦୁଇ ପତ୍ରରୁ ବାସେ' ବୋଲି ।

ହେଲେ ଓଡ଼ିଆରେ ଏହି ପାଦ ସହିତ ଆଉ ଏକ ପାଦ ମଧ୍ୟ ଯୋଗ ହୋଇଥାଏ । ତାହା ହେଲା – ବିଛୁଆତି ଦୁଇପତ୍ରରୁ କୁଣ୍ଡେଇ ହୁଏ ।

**ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ**

ଏହା ଏକ ଆକଟମୂଳକ ସଦ୍‌ଭାଷଣ । ଜଣକୁ ପରିବର୍ତ୍ତନ କରିବାପାଇଁ ଯେତେ ପ୍ରକାରର ଚେଷ୍ଟା କରାଗଲେ ବି ସେ ଯଦି ସେଇ ପୁରୁଣା ଅବିଗୁଣ ଗୁଡ଼ିକର ପରିବର୍ତ୍ତନ କରିପାରିଲା ନାହିଁ, ସେ କ୍ଷେତ୍ରରେ ଏହି କଥାଟି କୁହାଯାଇଥାଏ ।

ବିବାହର ବହୁଦିନ ପରେ ଜନ୍ମ ହୋଇଥିବାରୁ ପିଲାର ବାପା ମା ତାକୁ ନାଁ ଦେଇଥିଲେ କୁଳମଣ୍ଡନ । ଡାକୁଥିଲେ କୁଳ-କୁଳବୋଲି । ଗାଁ ଲୋକ ଡାକୁଥିଲେ କୁଳିଆ । କୁଳିଆ ଅତ୍ୟଧିକ ସ୍ନେହ, ଶ୍ରଦ୍ଧା, ଆଉ ମୁହଁ ପାଇବାରେ ଅତ୍ୟନ୍ତ ଲଗାମଛଡ଼ା ହୋଇ ଉଠିଲେ । ପିଲାଦିନରୁ ହାତ ଉଠା ଗୁଣଟା ବି ପ୍ରକଟ ହେଲା । ଆକଟ ବଦଳରେ ଶାସନ ବଦଳରେ ସାବାସୀ ପାଇଲା । କିଶୋର ହେଲା – ଆ-ବାଡ଼ିରୁ ତା ବାଡ଼ିରୁ ନଡ଼ିଆ, କଦଳୀ, କଖାରୁ ଚୋରିକଲା । ଗାଁ ପଂଚାୟତ ବସିଲା । କେତେ ଲୋକ ବହୁ ଉପଦେଶ ଦେଲେ । କାନ ଧରି ବସ ଉଠ ହେଲା । ଆଉ କରିବ ନାହିଁ ବୋଲି ରାଣ ଖାଇଲା ।

ସ୍କୁଲ ଗଲା । ସିଲଟ୍ ଭାଙ୍ଗେ, ଖଡ଼ି ଚୋରି କରି ବହିଚିରି ସବୁଦିନେ ଅଭିଯୋଗ । ପ୍ରତି ଅଭିଯୋଗରେ ଶାସ୍ତି ବେଳେ

ଗୋଟିଏ କଥା ପିଲାଟା – ଆଉ କରିବନି । ଏଥରକ ଛାଡ଼ି ଦିଅ । ଏମିତି ବଡ଼ ହେଲା କୁଳିଆ । ଆଜିକାଲି ବିଡି, ସିଗାରେଟ୍, ପାନ ସବୁ ଅମଳି । ବାଟରେ ଅଚିହ୍ନା ଲୋକକୁ ଅଟକେଇ ପଇସା ଆଦାୟ କରିବା; ଯା ତା ଘରେ ପଶି ଚୋରି କରିବା ଠାରୁ ଆରମ୍ଭ କରି ବଡ଼ ଚୋରି ସହିତ ବି ସଂପୃକ୍ତ ହେଲା ।

ସେ ଦିନ ଗାଁ ଚୌକିଦାର ଆସି କୁଳମଣ୍ଡନଙ୍କ ଗାଁରେ ଖବର ଦେଲେ – ଚୋରୀ କରୁ କରୁ କୁଳମଣ୍ଡନ ଲୋକଙ୍କ ହାତରେ ଧରାପଡ଼ି ଥୋଡ଼େ ଛେଚା ଖାଇ ଏବେ ପୋଲିସ୍ ହାଜତରେ । କାଲି କୋର୍ଟ୍‌କୁ ଯିବେ ।

ଏ କଥା ଶୁଣି ଲୋକେ କହୁଥିଲେ-

ମୋତେ ଯେତେ ମାଠିବୁ ମାଠ୍
ମୁଁ ସେଇ ଦରପୋଡ଼ା କାଠ୍ ।

**ଧୀର ପାଣି ପଥର କାଟେ**

ନିତିଦିନିଆ ଜୀବନରେ ଓଡ଼ିଆଙ୍କର ଏହା ଏକ ବହୁ କଥିତ ଉକ୍ତି । ସବୁ କାର୍ଯ୍ୟକୁ ଧୀରେ ଧୈର୍ଯ୍ୟର ସହିତ କଲେ ହିଁ ସଫଳତା ମିଳିଥାଏ । ଏଇ ଉପଦେଶାତ୍ମକ ବାଣୀକୁ ଏଠାରେ ପ୍ରକାଶ କରାଯାଇଛି ।

ଧୀର ଜଳଧାରା ବହୁ ଦୂରରୁ ଆସେ ସମୁଦ୍ରକୁ । ବହୁ ବାଧାବିଘ୍ନ, ଶିଳା, ଶିଳାଖଣ୍ଡ, ପାହାଡ଼, ପର୍ବତ ଇତ୍ୟାଦିକୁ ଅତିକ୍ରମ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚେ । ଲକ୍ଷ୍ୟରେ ପହଁଚିବା ପାଇଁ ତା'ର ଗତି ଅବାରିତ । ଏହି ଧୀର ଗତିରେ କଳାଖଣ୍ଡକୁ କେତେବେଳେ ବୋହି ଆଣି ଉପଳ ରେଣୁରେ ପରିଣତ କରେ ତ କେତେବେଳେ କଠିନ ପ୍ରସ୍ତର ସ୍ତରକୁ ଭେଦ କରି, ଅତିକ୍ରମ କରି ନିଜର ଅବିଚଳିତ ଗତି ଦ୍ୱାରା ରାସ୍ତାଟିଏ କାଟି ଲକ୍ଷ୍ୟସ୍ଥଳକୁ ଗତି କରିଥାଏ ।

ପ୍ରକୃତିର ଘଟଣା ଏକ ଚିରନ୍ତନ ଶିକ୍ଷା ଦିଏ । ଜଣେ ଧୈର୍ଯ୍ୟ ଧରି, ଧୀର ଭାବରେ ସକଳ ପ୍ରତିବନ୍ଧକକୁ ଅତିକ୍ରମ କରି ଲକ୍ଷ୍ୟ ସ୍ଥାନକୁ ଅଗ୍ରସର ହେଲେ ସଫଳତା ଅବଶ୍ୟ ଆସିବ । ସଂସାରରେ ଜୀବନ ଯାତ୍ରା ତ ବିଚିତ୍ର ବିରୋଧାଭାସର ସମନ୍ୱୟ । ଏଇଠି ଦୁଃଖ ଅଛି, ପ୍ରତିରୋଧ ଅଛି, ପ୍ରତିକୂଳ ପରିବେଶ ଅଛି, ବାଧା ଅଛି, ବନ୍ଧନ ଅଛି – ଏ ସବୁକୁ ଅତିକ୍ରମ କରିବା ପାଇଁ ଏଇଭଳି ଉପଦେଶାତ୍ମକ ଉକ୍ତିର ବ୍ୟବହାର କରାଯାଇଛି ।

**୧୯.** ସମ୍ମାନନୀୟ ମୁଖ୍ୟ ଚିକିତ୍ସାଧିକାରୀ
ମାଲକାନଗିରି
ମହୋଦୟ ..................ସମୀପେଷୁ
(ଅଧ୍ୟକ୍ଷଙ୍କ ଜରିଆରେ)

ମହାଶୟ,

ମୁଁ ସରକାରୀ କଲେଜର ଛାତ୍ର ସଂସଦର ସଭାପତି, କଲେଜ ଛାତ୍ର ସଂସଦ ତରଫରୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ଯେ,

ଏଇ ଅଗଷ୍ଟ ମାସ – ୨ୟ ରବିବାର ଦିନ ଆମ ମହାବିଦ୍ୟାଳୟରେ ଏକ ରକ୍ତ ସଂଗ୍ରହ ଶିବିରର ଆମେ ଆୟୋଜନ କରିବାକୁ ଯାଉଛୁ । ଏଥିପାଇଁ ଆପଣ ଆବଶ୍ୟକ ରକ୍ତ ସଂଗ୍ରହ ଉପକରଣ ସହ ଜଣେ ଡାକ୍ତର ଓ କେତେଜଣ ସହକାରୀଙ୍କୁ କଲେଜକୁ ପଠେଇଲେ ଆମେ ଉପକୃତ ହେବୁ ।

ପ୍ରକାଶ ଥାଉକି, ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ଏଇ ରକ୍ତ ସଂଗ୍ରହ ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କରିବାର ନାମ ପ୍ରଦାନ କରିଛନ୍ତି ।

ଏଣୁ ଅନୁରୋଧ କରେକି, ଆପଣ ଉକ୍ତ ଦିନ କଲେଜ ପରିସରରେ ଆୟୋଜିତ ହେଉଥିବା ଏହି ରକ୍ତଦାନ ଶିବିରର ପରିଚାଳନା ଓ ତଦାରଖର ସକଳ ଆନୁଷଙ୍ଗିକ ବନ୍ଦୋବସ୍ତ କଲେ ଆମେ ଉପକୃତ ହେବୁ ଏବଂ ପିଲାଙ୍କ ଭିତର 'ରକ୍ତଦାନ ମହତ୍ ଦାନ'ର ବାଣୀ ପ୍ରଚାର କରିପାରିବୁ ।

ଆପଣଙ୍କ ସ୍ୱୀକୃତି ପତ୍ର ଅପେକ୍ଷାରେ ।

ମାଲକାନଗିରି — ଆପଣଙ୍କର ବିଶ୍ୱସ୍ତ
ତା. ୨୩।୭।୧୮ — ଲୋକନାଥ ହାଇବ୍ରୁରୁ
ସଭାପତି
ସରକାରୀ କଲେଜ, ମାଲକାନଗିରି

ଅଥବା

ପୂଜନୀୟ ବାପା, — ରିଷିଡ଼ା
ମୋର ପ୍ରଣାମ ଗ୍ରହଣ କରିବେ — ତା ୧୭.୦୪.୧୯

ଆପଣଙ୍କ ପ୍ରେରିତ ପତ୍ର ତିନି ଦିନ ତଳେ ପାଇଥିଲି । ଆଗକୁ ପ୍ରଥମ ୟୁନିଟ୍ ପରୀକ୍ଷା ଥିବାରୁ ପାଠ ବୋଝରୁ ଠିକ୍ ସମୟରେ ଉତ୍ତର ଦେଇପାରିନଥିଲି ।

ଆପଣ ଜାଣିବାକୁ ଚାହିଁଥିଲେ ପାଠପଢ଼ା କିମିତି ଚାଲିଛି ?

କଲେଜରେ ଆମ ପାଠପଢ଼ା ଠିକ୍ ଚାଲିଛି । ସାର୍ ଓ ମାଡ଼ାମ୍‌ମାନେ ସେମାନଙ୍କ ଦାୟିତ୍ୱ ସହିତ ଆମମାନଙ୍କର ବହୁତ ଯତ୍ନ

ନେଉଛନ୍ତି । ଆମ ମାନଙ୍କର ବୁଝା ପଡୁନଥିବା ପାଠକୁ ଠିକ୍ ସମୟରେ ଆବଶ୍ୟକତା ଅନୁସାରେ ବୁଝାଇ ଦେଉଛନ୍ତି ।

ହେଲେ ଗୋଟିଏ ଦି'ଟା ବିଷୟରେ ଲେଖିବା ଟିକେ କଷ୍ଟକର ହେଉଛି । ସେଥିପାଇଁ ସାର୍‌ଙ୍କୁ କହିଛି – ସେ ସାହାଯ୍ୟ କରିବେ ବୋଲି କହିଛନ୍ତି ।

ଘରେ ଆମେମାନେ ସମସ୍ତେ ଭଲଅଛୁ । ଆଉ ସବୁ ପ୍ରାୟ ଠିକ୍ ଚାଲିଛି । ଆପଣ କେବେ ଆସିବେ ?

ରହିଲି ।

ଆପଣଙ୍କର ଶ୍ରଦ୍ଧେୟ

ବିନୋଦ

| | |
|---|---|
| ପ୍ରେରକ : | ପ୍ରାପ୍ତେଷୁ |
| ବିନୋଦ ଭୂୟାଁ | ଶ୍ରୀଯୁକ୍ତ ଗଦାଧର ଭୂୟାଁ |
| ରିଷିଡ଼ା | 84/ Esplanade, N. Delhi |

**୨୦.** ଆମେରିକାର ଭାରତ ଭଳି ସରକାର କି ସ୍କୁଲ କଲେଜ ନଥିବାରୁ ଏଠି ଭାରତର ସ୍ୱାଧୀନତା ଦିବସ ପାଳନ ଅଲଗା ପ୍ରକାରର ହୁଏ । ଗୁରୁବାର ଦିନ ଏହା ପଡୁଥିବା ହେତୁ ପୂର୍ବ ରବିବାର କିମ୍ବା ପର ରବିବାର ଦିନ ଏହା ପାଳିତ ହୋଇଛି । ଡଲାସରେ ୧୧ ତାରିଖ ଓ ନ୍ୟୁୟର୍କରେ ୧୮ ତାରିଖରେ ଏବଂ ସାନ୍‌ଫ୍ରାନ୍ସିସ୍କୋ, ଚିକାଗୋ ଇତ୍ୟାଦି ଠାରେ ରବିବାର ଦିନ ଏହା ପାଳିତ ହୋଇଛି ।

ଡଲାସରେ ୨୦ ହଜାର ଉର୍ଦ୍ଧ୍ୱ ଭାରତୀୟ ଯୋଗ ଦେଇଥିଲେ । ପ୍ରତିଯୋଗିତାର କୃତିମ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ ସହିତ ସାରା ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେତୁ ବହୁଳ ଜାତୀୟ ପତାକା ପ୍ରଦର୍ଶନ ଭାରତର ଏକ ଭ୍ରମ ସୃଷ୍ଟି କରିଥିଲା ।

ନ୍ୟୁୟର୍କରେ ପାଳିତ ଏ ଉତ୍ସବରେ ପ୍ରାୟ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସହିତ ଆନ୍ନାହଜାରେ ଓ ତଦନ୍ତ ବ୍ୟୁରୋର ପୂର୍ବତନ ମୁଖ୍ୟ ଜି. କେ. ସିଂ ଯୋଗ ଦେଇଥିଲେ । ବଲିଉଡ଼ି କଳାକାର, ଅନ୍ୟାନ୍ୟ ବ୍ୟକ୍ତିଙ୍କର ଉପସ୍ଥିତି, ଢୋଲ ଡ୍ରମର ତାଳରେ ଶୋଭାଯାତ୍ରା ଏହାକୁ ଅଧିକ ମନୋରମ କରିଥିଲା ।

ବ୍ୟବହୃତ ଶବ୍ଦ – ୧୦୧

**୨୧. (କ)** (i) ଗୋଠ ଖଣ୍ଡିଆ – ସବୁ କଥାରେ ଏମିତି ଗୋଠ ଖଣ୍ଡିଆ ହେଲେ ଚଳିବ କି ?

(ii) କୁହୁଡ଼ି ପହଁରିବା – ଯିଏ ପାଇବାର କଥା ନିର୍ଣ୍ଣିତ ହୋଇ ସାରିଲାଣି, ତମେ ଏମିତି କୁହୁଡ଼ି ପହଁରୁଛ କାହିଁକି ?

(iii) ଅଠା ବୋଳିବା – କାମ କଲୁ ତୁ – ହେଲେ ସଂପଦ ମୁଣ୍ଡରେ କାହିଁକି ଅଠା ବୋଳିଲୁ ?

(iv) ବାଆକୁ ବତା –ଏ ଅନ୍ଧାରକୁ ଲଣ୍ଠନ ଆଲୁଅ – ବାଆକୁ ବତା ଭଳି

**(ଖ)** (i) ଯିଏ ଆଲୋଚନା କରନ୍ତି – ଆଲୋଚକ

(ii) ଜହ୍ନୁଙ୍କର କନ୍ୟା – ଜାହ୍ନବୀ

(iii) ବାଟ ଚଲା ଲୋକ – ବାଟୋଇ

(iv) ପୃଥିବୀ ସମ୍ବନ୍ଧୀୟ – ପାର୍ଥିବ

**(ଗ)** (i) ବେଳା – ସମୟ;

ବେଳା – ସମୁଦ୍ର ତୀର

(ii) ଗୁଣି – ତନ୍ତ୍ରବିଦ୍ୟା;

ଗୁଣୀ – ଗୁଣବାନ ବ୍ୟକ୍ତି

(iii) ତରଣି – ସୂର୍ଯ୍ୟ;

ତରଣୀ – ନୌକା

(iv) ପ୍ରସ୍ତ – ସ୍ତର;

ପ୍ରସ୍ଥ – ଓସାର

**(ଘ)** (i) ମୂକ – ବାଚାଳ

(ii) ବିଯୋଗ – ସଂଯୋଗ

(iii) ଆସ୍ତିକ – ନାସ୍ତିକ

**(ଙ)** (i) ପୂଜାସ୍ପଦ

(ii) ପୁରସ୍କାର

(iii) ଅନଟନ

(iv) କୃତ୍ରିମ

***

# 2018 (A)

**ପୂର୍ଣ୍ଣ ସଂଖ୍ୟା - ୧୦୦** **ସମୟ - ୩ ଘଣ୍ଟା**

**ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚୀତ କରେ।**
**ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**

**୧. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x୫=୫)**

(କ) ଆଦର୍ଶ ତୁଳନାରେ ମଣିଷର ଲବ୍ଧ ଉନ୍ନତି ଅତି ______ ।

(i) ବ୍ୟାପକ (ii) ଅକିଂଚିତ୍କର
(iii) ଉଚ୍ଚସ୍ତରର (iv) ନୈରାଶ୍ୟଜନକ

**ଉ.** (ii) ଅକିଂଚିତ୍କର

(ଖ) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହେନାହିଁ ?

(i) ବର୍ତ୍ତମାନ (ii) ଅନନ୍ତ ଅତୀତ
(iii) ଆଧ୍ୟାତ୍ମିକ (iv) ବୈଷୟିକ

**ଉ.** (ii) ଅନନ୍ତ ଅତୀତ

(ଗ) ବନବାସୀ ମାନେ କାହାଛଡ଼ା ଅନ୍ୟର ଅନୁଗ୍ରହ ଲୋଡ଼ନ୍ତି ନାହିଁ ?

(i) ପର୍ବତ (ii) ବନଲତା
(iii) ଜଳଦ (iv) ନିର୍ଝରିଣୀ

**ଉ.** (iii) ଜଳଦ

(ଘ) ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି ?

(i) ଲଙ୍କାରେ ହରିଶଦ୍ଦ ପରି
(ii) ଢୋଲ ଭିତରେ ମୂଷା ପରି
(iii) ବାପରାଣ ଢିଙ୍କି ଗିଲ୍ ପରି
(iv) ଉଷୁନା ଧାନ ଗଜା ହେଲା ପରି

**ଉ.** (i) ଲଙ୍କାରେ ହରିଶଦ୍ଦ ପରି

(ଙ) ଭାରତ ବର୍ଷରେ ସବୁ କଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

(i) ବିଶେଷଜ୍ଞଙ୍କ ଦ୍ୱାରା (ii) ଗବେଷକଙ୍କ ଦ୍ୱାରା
(iii) ଶାସକଙ୍କ ଦ୍ୱାରା (iv) ଧନିକଙ୍କ ଦ୍ୱାରା

**ଉ.** (iii) ଶାସକଙ୍କ ଦ୍ୱାରା

**୨. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ। (୧x ୩ = ୩)**

(କ) ଚଳିତ ଶିକ୍ଷା ପଦ୍ଧତିରେ ଛାତ୍ରମାନଙ୍କର କ'ଣ ନିର୍ଦ୍ଧାରଣ କରିବା ଭାରି କଷ୍ଟ।

**ଉ.** ଚଳିତ ଶିକ୍ଷା ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରି କଷ୍ଟ।

(ଖ) ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ ସମ୍ପର୍କରେ ଅଜ୍ଞ ସେଠାରେ କ'ଣ ବିଶେଷ ଭାବେ କାମ କରେ ?

**ଉ.** ସେଠାରେ ପ୍ରୋପାଗଣ୍ଡା ବିଶେଷ ଭାବରେ କାମ କରେ।

(ଗ) ଅଳକାପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲା ?

**ଉ.** ବିରହୀ ଯକ୍ଷ

(ଘ) କେଉଁ ରାଷ୍ଟ୍ର ବିପ୍ଳବ କଥା ଚିନ୍ତା କଲେ ଆମର ହୃତକମ୍ପ ଜାତ ହୁଏ ?

ଉ. ଫରାସୀ ରାଷ୍ଟ୍ର ବିପ୍ଳବ କଥା

**୩. ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ। ପ୍ରତ୍ୟେକ ଉତ୍ତର ଦୁଇଟି ବାକ୍ୟରେ ଲେଖ।**

(କ) ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାର ସୁବିଧା ମିଳୁନି ସେମାନେ କ'ଣ କରୁଛନ୍ତି ?

**ଉ.** ପ୍ରବନ୍ଧ– 'ତିନି ତୁଣ୍ଡରେ'– ପ୍ରାବନ୍ଧିକ – ଭୁବନେଶ୍ୱର ବେହେରା

ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାର ସୁବିଧା ମିଳୁନି ସେମାନେ ମାଙ୍କଡ଼ ଚିତି ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରୁଛନ୍ତି।

(ଖ) ଲେଖକ କ'ଣ ହୋଇ ଜଳଦ ସଙ୍ଗେ ମିଶିବାକୁ ଇଚ୍ଛା କରିଛନ୍ତି ?

**ଉ.** ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,

ପ୍ରାବନ୍ଧିକ – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଲେଖକ ଧୂମ, ଜ୍ୟୋତି ବା ସଲିଳ ହୋଇ ଜଳଦ ସଙ୍ଗେ ମିଶିବାକୁ ଇଚ୍ଛା କରିଛନ୍ତି।

(ଗ) କେଉଁଠି ଦେଶ ଓ କାଳର ଦୂରତ୍ୱ ବି ନଷ୍ଟ ହୋଇଯାଏ ?

**ଉ.** ପ୍ରବନ୍ଧ – ଇତିହାସ –ପ୍ରାବନ୍ଧିକ – ବିଶ୍ୱନାଥ କର

ସମଗ୍ର ବ୍ରହ୍ମାଣ୍ଡର ଅନ୍ତରତମ ପ୍ରଦେଶରେ ଏପରି ଏକ ସାଧାରଣ ଭୂମି ଅଛି, ଯେଉଁ ଭୂମି ଉପରେ ଦଣ୍ଡାୟମାନ ହୋଇପାରିଲେ ମନୁଷ୍ୟ ଆପଣା ଭିତରେ ସମସ୍ତ ବ୍ରହ୍ମାଣ୍ଡକୁ ପ୍ରତ୍ୟକ୍ଷ କରିବାକୁ ସମର୍ଥ ହୁଏ ଏବଂ ସର୍ବତ୍ର ମଙ୍ଗଳମୟ ବିଧାତାଙ୍କ ପ୍ରତ୍ୟକ୍ଷ ହସ୍ତ ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହୁଏ। ସୁତରାଂ ସେଠାରେ ଦେଶ ଓ କାଳର ଦୂରତ୍ୱ ବି ନଷ୍ଟ ହୋଇଥାଏ।

**୪. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ଟି ଶବ୍ଦରେ ଉତ୍ତର ଦିଅ। (୩)**

ବ୍ୟକ୍ତି ଓ ସମାଜ ଜୀବନ କିପରି ଉନ୍ନତତର ଅବସ୍ଥାକୁ ନୀତ ହୁଏ।

ଅଥବା

ଗଣଙ୍କ ଦ୍ୱାରା ଶାସନର ଅର୍ଥ କ'ଣ ବୋଲି ଲେଖକ କହିଛନ୍ତି ?

ଉ. ପ୍ରବନ୍ଧ –ଇତିହାସ – ପ୍ରାବନ୍ଧିକ – ବିଶ୍ୱନାଥ କର।

ଚିନ୍ତାଶୀଳ ମନୁଷ୍ୟ ସମସ୍ତ ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ। ସେ ବ୍ୟକ୍ତି ହେଉ ବା ଜାତି ହେଉ ସମସ୍ତଙ୍କ ଗତି ଏକ ଆଡ଼କୁ ଏକ ଅଖଣ୍ଡ ନିୟମାବଳୀରେ ସମସ୍ତ ଘଟଣା ନିୟନ୍ତ୍ରିତ ହେଉଛି। ବ୍ୟକ୍ତିଗତ ଜୀବନରେ ଯେପରି ନାନା ପରିବର୍ତ୍ତନ ଭିତରେ ସାରଭୂତ ଜୀବନଟି ଉନ୍ନତ ଆଡ଼କୁ ଅଗ୍ରସର ହୁଏ, ସମାଜ ମଧ୍ୟ ସେହିପରି ନାନା ଘଟଣା ଓ ନାନା ପରିବର୍ତ୍ତନ ଦ୍ୱାରା ଉନ୍ନତତର ଅବସ୍ଥାକୁ ନୀତ ହୁଏ।

ଅଥବା

**ଉ.** ପ୍ରବନ୍ଧ – ତିନି ତୁଣ୍ଡରେ – ପ୍ରାବନ୍ଧିକ– ଭୁବନେଶ୍ୱର ବେହେରା ଗଣଙ୍କ ଦ୍ୱାରା ଶାସନର ଅର୍ଥ ଜନତା ଦ୍ୱାରା ନିର୍ବାଚିତ ପ୍ରତିନିଧି ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି। ଯେଉଁମାନଙ୍କୁ ଜନତା ନିଜେ ବାଛନ୍ତି ଓ ଯାହାଙ୍କ ହାତରେ ଶାସନ କ୍ଷମତା ଓ ଶାସନ ଭାର ଜାଣି ଶୁଣି ନିଜେ ସମର୍ପି ଦିଅନ୍ତି। ତେଣୁ ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ।

**୫. ପ୍ରାୟ ୧୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ । (୫)**

ଶିକ୍ଷାକୁ ଶେଷ ସ୍ଥାନ ନ ଦେଇ ଶୀର୍ଷ ସ୍ଥାନ ଦେବା ଯୁକ୍ତିର ଯଥାର୍ଥତା ବିଚାର କର।

ଅଥବା

ପଠିତ ପ୍ରବନ୍ଧରେ ପ୍ରାବନ୍ଧିକ ଉତ୍କଳର କିପରି ସ୍ତୁତି ରୋମନ୍ଥନ କରିଛନ୍ତି ଆଲୋଚନା କର।

ଉ. ପ୍ରବନ୍ଧ – ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା, ଲେଖକ– ଗୋଲୋକ ବିହାରୀ ଧଳ

ଦେଶର ପ୍ରଗତି ଲାଗି ଯୋଜନା – ଯୋଜନାକୁ ବୁଝିବାକୁ ଶିକ୍ଷା ଦରକାର – ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ରକ୍ଷା ଜରୁରୀ – ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିବାର କାରଣ ଲୋକ ଅଶିକ୍ଷିତ – ଜାତିସଂଘ ରିପୋର୍ଟ ମୁଣ୍ଡ ଯଦି ଫାଙ୍କା ହୁଏ ତେବେ ଚେଷ୍ଟା କଲେ ବି ଫଳ ମିଳିବ ନାହିଁ। ପାଠ ବଳରେ ଅନ୍ୟମାନଙ୍କ ସହିତ ସମାନ ହେବାକୁ ପଡ଼ିବ – ତେଣୁ ଶିକ୍ଷାକୁ ଶେଷ ସ୍ଥାନ ନଦେଇ – ଶୀର୍ଷ ସ୍ଥାନ ଦେବାକୁ ପଡ଼ିବ।

ଅଥବା

**ଉ.** ପ୍ରବନ୍ଧ–ପୁଷ୍ପପୁରରେ ବର୍ଷାବରଣ–ପ୍ରାବନ୍ଧିକ–କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଭାରତର ସାରଭୂତା ଉତ୍କଳ ଭୂମି – ଏକ ଦିଗରେ ମହୋଦଧି ବେଳା – ଅନ୍ୟ ଦିଗରେ ତୁଙ୍ଗ ଶିକାରୀ ସମାକୁଳ ନିବିଡ଼ ବନରାଜି – ବୀର ପ୍ରସବିନୀ – ଯେ ବି କୀର୍ତ୍ତି କିରୀଟିନୀ – ପ୍ରଚ୍ଛନ୍ନ ରତ୍ନ ଧାରିଣୀ – ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଜନନୀର ବର୍ଣ୍ଣନା କରାଯିବ।

**୬. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତର ଦିଆଯାଇଛି। ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x୫=୫)**

(କ) ଅମୃତ ପିଇ ଆସିଥିଲି ଏଥି ହାୟରେ କରିଲି କିସ ? କିଏ ଏପରି ଅନୁତାପ କରିଛନ୍ତି ?

(i) ଅମ୍ବାପାଲି (ii) ଲକ୍ଷ୍ୟହୀରା
(iii) ପିଙ୍ଗଳା (iv) ମଧୁମତ୍ତା

**ଉ.** (iii) ପିଙ୍ଗଳା

(ଖ) ଜାଣିଛନ୍ତି ଜନନୀର ହୃଦୟ କନ୍ଦାଇ କିଏ ?

(i) ରାମଚନ୍ଦ୍ର (ii) ଭରତ
(iii) ଲକ୍ଷ୍ମଣ (iv) ଲବକୁଶ

**ଉ.** (iv) ଲବକୁଶ

(ଗ) ଆଚମ୍ବିତେ ଆସି କିଏ ହାବୋଡ଼ି ଯିବ ?

(i) ଶୃଗାଳ (ii) କାଳ
(iii) ଶ୍ୱାନ (iv) ଶକୁନ

**ଉ.** (ii) କାଳ

(ଘ) ବନ୍ଦୀ କ'ଣ ଦେଖିବାକୁ ଇଚ୍ଛା କରି ଦ୍ୱାର ବନ୍ଦ ନ କରିବାକୁ ସିପାହୀଙ୍କୁ ଅନୁରୋଧ କରିଛନ୍ତି ?

(i) ପ୍ରଣୟ ପ୍ରଭାବ (ii) ପ୍ରଣୟ ବିଷ

(iii) ବିରହ ବିଷ (iv) ଅନୁରାଗର ରଙ୍ଗ

**ଉ.** (i) ପ୍ରଣୟ ପ୍ରଭାବ

(ଙ) କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ଦେବାକୁ କହିଛନ୍ତି ?

(i) ଶ୍ୱେନପରି (ii) ସିଂହପରି

(iii) ବ୍ୟାଘ୍ର ପରି (iv) ଶ୍ୱାନ ପରି

**ଉ.** (i) ଶ୍ୱେନପରି

**୭. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।** (୧x୩=୩)

(କ) 'ବଡ଼ପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଛି ?

**ଉ.** ରାଧାନାଥଙ୍କ 'ଦରବାର' କାବ୍ୟରୁ ଆସିଛି ।

(ଖ) ସୂର୍ଯ୍ୟଙ୍କର ହସରେ କ'ଣ ପ୍ରକଟିତ ହେଉଥିଲା ?

**ଉ.** ସୂର୍ଯ୍ୟଙ୍କ ହସରେ ଗୁରୁ ବିଷାଦ ରେଖା ପ୍ରକଟିତ ହେଉଥିଲା ।

(ଗ) 'ପିଙ୍ଗଳାର ଅଭିସାର' କବିତାର କବି କିଏ ?

**ଉ.** କବି ରାଧାମୋହନ ଗଡ଼ନାୟକ

(ଘ) ଦୀନ ଭିଖାରିଣୀ ବୋଲି କିଏ ନିଜକୁ କହିଛନ୍ତି ?

**ଉ.** ଦେବୀ ସୀତା ନିଜକୁ ଦିନଭିଖାରିଣୀ ବୋଲି କହିଛନ୍ତି ।

**୮. ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକର ଉତ୍ତର ଦୁଇଟି ବାକ୍ୟରେ ଲେଖ । (୨x୨=୪)**

(କ) ପ୍ରଣୟର କି ବିଚିତ୍ର ବିଧାନ ଗୋପବଂଧୁ ଉପଲବ୍ଧି କରିଛନ୍ତି ?

**ଉ.** କବିତା – ବନ୍ଦୀର ବିରହ ବ୍ୟଥା – କବି ଗୋପବନ୍ଧୁ ଦାସ

ପ୍ରଣୟ – ପୀୟୂଷରେ ବିରହ ବିଷ ମିଶିଥିବାର କବି ପ୍ରକାଶ କରିଛନ୍ତି ଓ ବିଧାତାଙ୍କର ବିଶ୍ୱବାସୀଙ୍କ ପ୍ରତି ବିଚିତ୍ର ଆଶିଷ ବୋଲି ପ୍ରକାଶ କରିଛନ୍ତି ।

(ଖ) ପିଙ୍ଗଳାର ଚେତନା ଜାଗ୍ରତ ହେଲା ପରେ ସେ କ'ଣ ଲୋଡ଼ା ନାହିଁ ବୋଲି କହିଛି ?

**ଉ.** କବିତା–ପିଙ୍ଗଳାର ଅଭିସାର – କବି–ରାଧାମୋହନ ଗଡ଼ନାୟକ

ପିଙ୍ଗଳାର ଧନସମ୍ପଦ, ମଣିକାଞ୍ଚନ ମାଳା, ବିଳାସ କୁଞ୍ଜ ଓ ସୁନ୍ଦର ଚିତ୍ରଶାଳା ଲୋଡ଼ା ନାହିଁ ବୋଲି କହିଛି ।

(ଗ) ସଂସାର ସମୁଦ୍ରକୁ ପାରହେବାପାଇଁ କେଉଁ ପୋତର ଆଶ୍ରୟ ଶ୍ରେୟସ୍କର ?

**ଉ.** କବିତା – ବଡ଼ପଣ – କବି – ରାଧାନାଥ ରାୟ

ସଂସାର ସମୁଦ୍ରକୁ ପାର ହେବାପାଇଁ ଧର୍ମପୋତର ଆଶ୍ରୟ ଶ୍ରେୟସ୍କର ।

**୯. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ ।**

ଧନ ଅର୍ଜନ ଓ ତାର ସୁବ୍ୟୟ କିପରି ହୋଇପାରିବ ବୋଲି କବି କହିଛନ୍ତି ?

ଅଥବା

କବି କାହିଁକି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବାପାଇଁ କହିଛନ୍ତି ?

**ଉ.** କବିତା – ବଡ଼ପଣ– କବି – ରାଧାନାଥ ରାୟ

ଲୋଭ ମୋହ ତ୍ୟାଗ କରି ସତ୍ୱ ଗୁଣକୁ ଭଜନ କରି ଲକ୍ଷ ଦୋଷୀ ବୋଲାଇବା ସହିତ ଧନର ସଫଳତା ଲାଭ ଲାଗି ଦୁଃଖୀରଙ୍କୀଙ୍କୁ ସହାୟ ହେବା, ଧନ ସୁବ୍ୟୟ କରି ପୁଣ୍ୟ ଅର୍ଜନ କରିବାକୁ କବି ଆହ୍ୱାନ କରିଛନ୍ତି ।

ଅଥବା

ଉ. କବିତା – ବାର୍ତ୍ତା – କବି – ସଚ୍ଚିଦାନନ୍ଦ ରାଉତରାୟ

ଅତ୍ୟାଚାରୀ ପୁଞ୍ଜିପତିମାନଙ୍କ ଠାରୁ, ଶାସକମାନଙ୍କ ଠାରୁ ମୁକ୍ତି ପାଇବାକୁ ହେଲେ ବ୍ୟକ୍ତିକୁ ଆତ୍ମୋତ୍ସର୍ଗ କରିବାକୁ ପଡ଼ିବ । ଦାସତ୍ୱ ବନ୍ଧନର ମୁକ୍ତିଲାଗି, ଯୁଗଯୁଗର ଶୋଷଣ ଓ କଷଣରୁ ମୁକ୍ତି ଲାଗି ଦଗ୍ଧ ନହେଲେ, ଭସ୍ମ ନ ହେଲେ ମୁକ୍ତି ମିଳିବ ନାହିଁ ବୋଲି କବି କହିଛନ୍ତି ।

**୧୦. ପ୍ରାୟ ୧୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ । (୫)**

'ବନ୍ଦୀର ବିରହ ବ୍ୟଥା' ଅନୁସରଣରେ ଗୋପବନ୍ଧୁଙ୍କ ପ୍ରକୃତ ପ୍ରୀତିର ପରିଚୟ ଦିଅ ?

'ତପସ୍ୱିନୀର ପତ୍ର' କବିତାରୁ ସୀତାଙ୍କ ଚାରିତ୍ରିକ ମହତ୍ୱର ସୂଚନା ଦିଅ ।

**ଉ.** 'ବନ୍ଦୀର ବିରହ ବ୍ୟଥା' – କବି – ଗୋପବନ୍ଧୁ ସାସ – ସଂଧ୍ୟା ସମୟର ଦୃଶ୍ୟ ବର୍ଣ୍ଣନା – ସୂର୍ଯ୍ୟଙ୍କ ବିଦାୟ ବେଳା ଓ ପ୍ରକୃତିର ଶୋଭା ବର୍ଣ୍ଣନା – ପୂର୍ବ ଦିଗର ଶୋଭା ବର୍ଣ୍ଣନା – ବୃକ୍ଷ ଓ ପକ୍ଷୀମାନଙ୍କର ଭୂମିକା ବର୍ଣ୍ଣନା – ଆକାଶର ବିଚିତ୍ର ବେଶ ଓ ରଙ୍ଗ ଧାରଣର ବର୍ଣ୍ଣନା ରହିବ ।

ଅଥବା

'ତପସ୍ୱିନୀର ପତ୍ର' କବିତା - କବି - ଗଙ୍ଗାଧର ମେହେର ଦେବୀ ସୀତା ଅଯୋଧ୍ୟାର ରାଜବଧୂ ହେଲେ ବି ତପସ୍ୱିନୀ - ମହାଭାରତୀୟ ନାରୀର ତ୍ୟାଗ ଆଦର୍ଶ - ପ୍ରତିପ୍ରେମର ବର୍ଣ୍ଣନା - ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରଶଂସା ଗାନ - ନିଜକୁ ନ୍ୟୁନ ମନେ କରି ପ୍ରଭୁ ରାମଚନ୍ଦ୍ରଙ୍କ ଗୁଣକୀର୍ତ୍ତନ ପାତିବ୍ରତ୍ୟ ଧର୍ମ ପାଳନରେ ପରାକାଷ୍ଠା ପ୍ରଦର୍ଶନରେ ବର୍ଣ୍ଣନା ରହିବ।

**୧୧. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭବ୍ୟ ଉତ୍ତର ଦିଆଯାଇଛି। ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x ୫ = ୫)**

(କ) କଛପଟି ଆଖି ବୁଜି କେଉଁଠାରେ ଭଳି ଭଳି ଅଜବ ଦୃଶ୍ୟ ଦେଖେ ?

(i) ବିମୁଗ୍ଧ କଳ୍ପ ଲୋକରେ

(ii) ବର୍ଷଣ ମୁଖର ସଂଧ୍ୟାକାଶରେ

(iii) ସ୍ୱଚ୍ଛ ସରୋବରରେ

(iv) ସପ୍ତରଙ୍ଗୀ ଇନ୍ଦ୍ରଧନୁରେ

ଉ. (i) ବିମୁଗ୍ଧ କଳ୍ପ ଲୋକରେ

(ଖ) ଗଙ୍ଗା ଲାଭ କହିଲେ କ'ଣ ?

(i) ପୁଣ୍ୟ ଲାଭ (ii) ଜନ୍ମ ଲାଭ

(iii) ମୃତ୍ୟୁ ଲାଭ (iv) ସ୍ନାନ

ଉ. (iii) ମୃତ୍ୟୁ ଲାଭ

(ଗ) କେଉଁ ବିପ୍ଳବ ପରେ ଭାରତୀୟ ଜାତୀୟ ଆନ୍ଦୋଳନରେ ଏକ ନୂଆ ସ୍ଖଳନ ଦେଖା ଦେଇଥିଲା ?

(i) ଜାଲିଆନାୱାଲାବାଗ୍ (ii) ଚଉରି ଚଉରା

(iii) ୱାର୍ଦ୍ଧା (iv) ସାବରମତୀ

ଉ. (ii) ଚଉରି ଚଉରା

(ଘ) ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଦ୍‌ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?

(i) ବିବେକ (ii) ବିଚାର

(iii) ଜ୍ଞାନ (iv) ସତ୍ୟ

ଉ. (iv) ସତ୍ୟ

(ଙ) କଲିକତାକୁ ଠିକ୍ କେଉଁ ଖଣି ବୋଲି କୁହାଯାଇଛି ?

(i) ହରି ଲୁଟ୍ ଖଣି (ii) ଘେରା ଖଣି

(iii) ତଣ୍ଟି କଟା ଖଣି (iv) ଗଣ୍ଠିକଟା ଖଣି

ଉ. (iv) ଗଣ୍ଠିକଟା ଖଣି

**୧୨. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ। (୧x ୩ = ୩)**

(କ) କେଉଁ ଘଟଣାରେ ମାଷ୍ଟରଜୀଙ୍କର ଗୋଟାଏ ବଡ଼ ସମାଧାନ ହୋଇଗଲା ?

ଉ. ମାଷ୍ଟରଜୀ ଜେଲରୁ ଫେରିବା ବେଳକୁ ତାଙ୍କର ପତ୍ନୀଙ୍କ ଦେହାନ୍ତ ହେବା ଗୋଟାଏ ବଡ଼ ସମାଧାନ ହୋଇଗଲା ବୋଲି ମାଷ୍ଟରଜୀ କହିଛନ୍ତି।

(ଖ) କଛପଟି କାହିଁକି ନିଜ ଭାଗ୍ୟକୁ ଧିକାର ଦେଇଥାଏ ?

ଉ. ବିହଙ୍ଗଟିଏ ନ ହୋଇ କଛପଟିଏ ହୋଇଥିବାରୁ ସେ ନିଜ ଭାଗ୍ୟକୁ ଧିକ୍କାର ଦେଇଥାଏ।

(ଗ) 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପଦଟି କ'ଣ ?

ଉ. ବନ୍ଦେ ମାତରମ୍ ପରବର୍ତ୍ତୀ ପଦଟି -
ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍

(ଘ) କଲିକତାରେ କେତେବେଳେ ତୋପ ପଡ଼େ ବୋଲି କୁହାଯାଇଛି ?

ଉ. କୁକୁଡ଼ା ଡ଼ାକ ଆଗରୁ କଲିକତାରେ ତୋପ ପଡ଼େ।

**୧୩. ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ। ପ୍ରତ୍ୟେକର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଲେଖ। (୨x୨=୪)**

(କ) ଗୋପାଳ ବାବୁ ଶ୍ୟାମପୁର ଗାଁ ଲୋକ ଓ ଗ୍ରାମ ପିଲାଙ୍କର କି ଉପକାର କରିଥିଲେ ?

ଉ. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ - ଫକୀର ମୋହନ ସେନାପତି ଗୋପାଳ ବାବୁ ଶାମପୁର ଗାଁର ବହୁ ଲୋକଙ୍କୁ କଲିକତାରେ ନାନା କାମରେ ଲଗାଇ ଦେଇ ରୋଜଗାର କ୍ଷମ କରାଇଥିଲେ। ତାଙ୍କ ସାହାଯ୍ୟରେ ବହୁତ ପିଲା କଟକରୁ ଶିକ୍ଷିତ ହୋଇଥିଲେ।

(ଖ) 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ମହାପାତ୍ରଙ୍କୁ କିପରି ବିଚଳିତ କରିଥିଲା ?

ଉ. ଗଳ୍ପ - ପତାକା ଉତ୍ତୋଳନ - ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି ଜୟ ସ୍ୱାଧୀନ ଭାରତ କି ଜୟ ଧ୍ୱନି ଏକ ସୁତୀକ୍ଷ୍ଣ ଶଳାକା ରୂପେ ମହାପାତ୍ରଙ୍କୁ ବିଦ୍ଧ କରୁଥିଲା ଓ ତତ୍ ସହ ତାହା ଯେପରି ତାଙ୍କର ଚରମ ପରାଜୟର ଦୁଃସହ ଘୋଷଣା କରୁଥିଲା।

(ଗ) କିନ୍ତୁ ମୁଁ କ'ଣ ଜାଣିଥିଲି ଏକ କାହାଣୀ - ଅଶୋକ କେଉଁ କାହାଣୀ ବିଷୟ କହିଛନ୍ତି ?

ଉ. ଗଳ୍ପ-ରୂପ ନାରାୟଣ ସାହା-ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ ଦକ୍ଷ ଦରିଦ୍ର ମାଷ୍ଟରଜୀଙ୍କ ଆତ୍ମକାହାଣୀ। ଯାହା ପରୀରାଜ୍ୟର କଳ୍ପନାକୁ ପରାସ୍ତ କରେ-ଅଥଚ ଇତିହାସ ଠାରୁ ଆହୁରି ସତ୍ୟ।

**୧୪. ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ୩୦ଟି ଶବ୍ଦରେ ଉତ୍ତର ଦିଅ। (୩)**

ମହାକାଶରେ କଚ୍ଛପ ଉଡ଼ି ଚାଲିଥିବାରଦେଖି ପକ୍ଷୀମାନେ କି କି ପ୍ରତିକ୍ରିୟା ପ୍ରକାଶ କରିଥିଲେ ?

ଅଥବା

କେଉଁ କଥା କଲିକତାରେ ସବୁ ଗଦିର ଦସ୍ତୁର ବୋଲି କୁହାଯାଇଛି ?

ଉ. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ– ମନୋଜ ଦାସ

ମହାକାଶରେ କଚ୍ଛପ ଉଡ଼ି ଚାଲିଥିବାର ଦେଖି ଘରଚଟିଆ ଓ ବତାସ ଭଳି ସାଧାରଣ ପକ୍ଷୀ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟି ଗଲାବେଳେ ପାରା ଓ ଚିଲ ଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ନିରାଶାବାଦୀ କାଉ ଆକାଶର ଭବିଷ୍ୟତ ଅନ୍ଧକାର ଓ ଏହା ତାର ଆରମ୍ଭ ବୋଲି କହିବା ବେଳେ ବଗଟିଏ ହଂସମାନେ ଯୁଗେଯୁଗେ ବିଶ୍ୱାସଘାତକ ବୋଲି କହିଛି।

ଅଥବା

ଗଳ୍ପ–ସଭ୍ୟ ଜମିଦାର – ଗାଳ୍ପିକ – ଫକୀର ମୋହନ ସେନାପତି

ପ୍ରତ୍ୟେକ ଗଦିର ବାବୁ ମହାଜନ ମାନେ ସ୍ନାନ ପରେ ନିତ୍ୟକର୍ମ ସାରି ଗୁଡ଼ାଖୁ ପିଅନ୍ତି। ଆଗରେ ଦୁଇକଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥହୁକା, ନବଶାଖ ହୁକା କଂସା ବଇଠକରେ ସଜାହୋଇ ଥୁଆ ହୋଇଥାଏ। ଏହା କଲିକତାର ସବୁ ଗଦିର ଦସ୍ତୁର।

**୧୫. ପ୍ରାୟ ୧୫୦ ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ। (୫)**

ପତାକା ଉତ୍ତୋଳନ ଗଳ୍ପରୁ ରାୟ ବାହାଦୂରଙ୍କ ଚରିତ୍ର ଚିତ୍ରଣ କର।

ଅଥବା

ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଜୀବନର କ୍ଷୁଦ୍ର ଇତିହାସ ସମ୍ପର୍କରେ ସୂଚନା ଦିଅ।

ଉ. ପତାକା ଉତ୍ତୋଳନ – ଗାଳ୍ପିକ– ସୁରେନ୍ଦ୍ରମହାନ୍ତି

ସ୍ୱାଧୀନତା ପୂର୍ବରୁ ଏ ଦେଶରେ କିଛି ଚାକିରିଆଙ୍କ ଇଂରେଜ ସରକାର ପ୍ରୀତି – ଦେଶପ୍ରେମ ଠାରୁ ଦୂରରେ ରହି ବିଦେଶୀ ସରକାରଙ୍କୁ ସାହାଯ୍ୟ – ପଦ ମଦବୀ ଲୋଭରେ ନିଜ ସନ୍ତାନଙ୍କୁ ବଳିଦେବା – ନିନ୍ଦିତ ହେଲେ ବି ନିଜକୁ ନିକା ହାରାମୀ ବୋଲି ପରିଚୟ ଦେବାକୁ ଯୁକ୍ତି ବାଢ଼ିବା – ଯାହା ରାୟ ବାହାଦୂରଙ୍କ ଚରିତ୍ରରେ ଘଟିଛି।

ଅଥବା

ରୂପ ନାରାୟଣ ସାହା – ଗାଳ୍ପିକ – ଅଖିଳ ମୋହନ ପଟ୍ଟନାୟକ

ମାଷ୍ଟରଜୀ – ଦରିଦ୍ର– ସ୍ୱଳ୍ପ ବେତନଭୋଗୀ – ପରିବାରର ବୋଝ – ନିର୍ଭୀକ – ସତ୍ୟର ପୂଜାରୀ – ଜୀବନ ସଂଘର୍ଷ– ଚାକିରୀରୁ ବିଦାୟ – ପତ୍ନୀ ବିୟୋଗ – ରିକ୍‌ସା ଟାଣି ପେଟପୋଷା – ରୋଗାକ୍ରାନ୍ତ ତଥାପି ସେ ଭାଙ୍ଗି ପଡ଼ି ନାହାନ୍ତି – ଜୀବନ ଯୁଦ୍ଧର ସେ ଜଣେ ସଫଳ ସୈନିକ।

**୧୬. (କ)** (i) ପରିବର୍ତ୍ତନ ସ୍ୱଭାବିକ ଧାରାରେ ଘଟିଲେ ସେଥିରେ ଔଚିତ୍ୟ ଦେଖିବାକୁ ମିଳନ୍ତା। ମାତ୍ର ଗ୍ରାମ ଜୀବନଧାରାରେ ସହରୀ ଜୀବନଧାରା ସମ୍ମିଶ୍ରିତ ହେଉଥିବାରୁ ସେଥିରେ ଔଚିତ୍ୟକୁ ସଂଶ୍ଲିଷ୍ଟ କରିହେଲା ନାହିଁ।

(ii) ନେତା ପୂର୍ବଭଳି ଦେଶପ୍ରାଣ ଓ ନିଃସ୍ୱାର୍ଥପର ହୋଇ ରହିନାହିଁ। ଛାତ୍ର ବିନୀତ ଜିଜ୍ଞାସୁ ହୋଇ ରହିନାହିଁ, ଶିକ୍ଷା ଜ୍ଞାନର ଉପାସନା ହୋଇ ରହିନାହିଁ। ଧର୍ମ ମୁକ୍ତି ମାର୍ଗର ପ୍ରଦର୍ଶକ ହୋଇ ରହିନାହିଁ।

(iii) ଗ୍ରାମ ଜୀବନର ଚନ୍ଦ୍ରମା ଏବେ ସୁଦ୍ଧା ସହରୀ ରାହୁର ପୂର୍ଣ୍ଣ ଗ୍ରାସରେ ପଡ଼ିନାହିଁ। କିଛି ଅଂଶ ଯାହା ବାହାରେ ରହି ଆଲୋକ ବିତରଣ କରୁଛି ତାଜା ଆତ୍ମୀୟତାର, ସମର୍ପଣର, ଐକାନ୍ତିକତାର।

(ଖ) (i) ପରିବର୍ତ୍ତନ ଜୀବନର ଧର୍ମ।

(ii) ଶିକ୍ଷା ଜ୍ଞାନର ଉପାସନା ହୋଇଥିଲା।

(iii) ଗ୍ରାମ ଜୀବନର ଚନ୍ଦ୍ର ଏବେ ସୁଦ୍ଧା ସହରୀ ଗ୍ରାସରେ ପଡ଼ିନାହିଁ।

(iv) ପରିବର୍ତ୍ତନର ପର୍ଯ୍ୟାବରଣରେ ଗ୍ରାମଜୀବନ ପ୍ରଭାବିତ ହେବା ଏକ ସ୍ୱାଭାବିକ ପଡ଼ିଲାଣି।

**୧୭.** (କ) ମଣ୍ଡୁକଟି କ୍ରୂର ଅହି କବଳରେ ପଡ଼ିଥିବା ହେତୁ ବିକଳରେ ରାବୁଛି।

(ଖ) କାଳ କବଳରେ ପଡ଼ିବା ସତ୍ତ୍ୱେ ମନୁଷ୍ୟ ଭବ ଭୋଗ ଲାଳସା ଛାଡ଼ି ପାରେ ନାହିଁ।

(ଗ) ଜଳଗହଳ ପଙ୍କଜ ମୃତ୍ୟୁର କାରଣ ହେଲା।

(ଘ) ନିବିଡ଼ ତମ ଧରାକୁ ଆଚ୍ଛାଦନ କରିବା ଭଳି ସବୁରଙ୍ଗ ସୁଜ୍ଞାନ ନାଶ କରେ।

(ଙ) ମତି କଳୁଷିତ ହେଲେ ପରର ଗୁଣ ଗ୍ରହଣ ପାଇଁ ଲୋକେ ଅକ୍ଷମ ହୁଅନ୍ତି।

## ୧୮. ଅନେକ ସଙ୍ଗ ଯହିଁ ମିଳି - ଅବଶ୍ୟ ଉପୁଜଇ କଳି

ଭାଗବତର ଏହି ଅମର ବାଣୀ ଚବିଶ ଗୁରୁ ପ୍ରସଙ୍ଗରେ ସଂଯୋଜିତ। ଶୁକ ମୁନିଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅବଧୂତ ଏହି ଗୁରୁ ପ୍ରସଙ୍ଗର ଅବତାରଣା କରିଛନ୍ତି। ଜଗତର ଅତି ନଗଣ୍ୟ ଜୀବ, ଅନାକର୍ଷଣୀୟ ଘଟଣା, ଗୁରୁତ୍ୱହୀନ ଅବସ୍ଥା ଭିତରେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣୀୟ କଥା ରହିଥାଏ। ଫଳରେ ସେହି କ୍ରମରେ ସେଗୁଡ଼ିକ ଗୁରୁ ପଦବାଚ୍ୟ ହୋଇଥାନ୍ତି। ଏହି ସତ୍ୟ ବର୍ଣ୍ଣନା କରୁକରୁ ବ୍ରାହ୍ମଣ କୁମାରୀଙ୍କ ଠାରୁ ନିଜ ଉପଲବ୍ଧିର କଥା ଏଠାରେ ବର୍ଣ୍ଣିତ।

ବୈବାହିକ ସମ୍ବନ୍ଧ ସ୍ଥାପନ ପାଇଁ ବ୍ରାହ୍ମଣଙ୍କ ଘରକୁ ଅତିଥି ଆସିଥିଲେ। ସେମାନଙ୍କର ସତ୍କାର ପାଇଁ ବ୍ରାହ୍ମଣ କନ୍ୟାଙ୍କୁ ତଣ୍ଡୁଳ ପ୍ରସ୍ତୁତ କରିବାକୁ ହେଲା। କଙ୍କଣ ହାତରେ ଥାଇ ଉଦୁଖୁଳରେ ଧାନ୍ୟରେ ତଣ୍ଡୁଳ ପ୍ରସ୍ତୁତ କରିବାକୁ ହେଲା। କଙ୍କଣ ସମୂହର ଶବ୍ଦକାଳେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିବ ତେଣୁ ଗୋଟିଏ ଗୋଟିଏ କରି ଖୋଲିବାକୁ ଲାଗିଲା। ଏହିପରି ଶେଷରେ ଦେଖାଗଲା ଯେ ପ୍ରତ୍ୟେକ ହାତରେ ଗୋଟିଏ ଲେଖାଏଁ କଙ୍କଣ ଅଛନ୍ତି, ତଣ୍ଡୁଳ ପ୍ରସ୍ତୁତ କାଳରେ ଆଦୌ ଶବ୍ଦ ହେଉନାହିଁ।

ଏହି ପ୍ରସଙ୍ଗ ଉଲ୍ଲେଖ କରି ଅବଧୂତ କରିଛନ୍ତି; ବହୁଲୋକ ଏକତ୍ର ବାସ କଲେ ଅବଶ୍ୟ କଳି ଉପୁଜି ପାରେ। ତେଣୁ ଯଥାସମ୍ଭବ ନିଃସଙ୍ଗ ଜୀବନ ଯାପନ କଲେ ସୁଖ, ଶାନ୍ତି ଇତ୍ୟାଦି ଲାଭ କରାଯାଇପାରେ।

ଭାଗବତର ଏ ବାଣୀ ଉତ୍କଳୀୟ ଗଣଚେତନାରେ ଏକ ଅମୂଲ୍ୟ ଅନୁଭୂତିର ପ୍ରଚାର କରିଥାଏ।

### ବାହାଘର ବେଳେ ବାଇଗଣ ରୁଆ

ଏହି ଉକ୍ତିଟି ଘଟଣାର ଅନ୍ତିମ ମୁହୂର୍ତ୍ତରେ ପ୍ରସ୍ତୁତି ଆରମ୍ଭକୁ ବୁଝାଇଥାଏ। ଏକ ବହୁ ବ୍ୟବହୃତ ଲୋକୋକ୍ତି ଭାବରେ ଏହା ଅତ୍ୟନ୍ତ ଲୋକପ୍ରିୟ।

ଦି' ଦିନ ଛାଡ଼ି ଗୁରୁପ୍ରସାଦର ଏମ୍.ଆଇ.ଏଲ୍. ପରୀକ୍ଷା ପାଠ୍ୟକ୍ରମ ଭିତରେ କ'ଣ ଅଛି ଜଣାନାହିଁ। କ୍ଲାସରେଯୋଗ ଦେବାର ବି ଅତ୍ୟନ୍ତ ଅନିୟମିତତା ହେଇଯିବ। ପରୀକ୍ଷା ପୂର୍ବରୁ ମାନେ ବହି, ଟେଷ୍ଟ ପେପର୍ ଦେଖିଦେଲେ ହୋଇଯିବ। ତା ଛଡ଼ା – ଓଡ଼ିଆ ଗୋଟିଏ ପାଠ! ମାତୃ ଭାଷା ତ! ଯାହା ଲେଖିଲେ ତ ପାଶ୍। ଏହା ଭାବି ଭାବି କେବେବି ଛୁଇଁନଥିଲା ପାଠ। ଆଜି ଅକସ୍ମାତ ଯେତେବେଳେ ପାଠ୍ୟ ଖସଡ଼ା ପାଠ୍ୟପୁସ୍ତକ ଇତ୍ୟାଦି ଦେଖିଦେଲା ତାର ଭାଳେଣି ପଡ଼ିଗଲା। ସାହାଯ୍ୟ ପାଇଁ ଭାଇଙ୍କ ସାଙ୍ଗ ଓଡ଼ିଆ ସାର୍‌ଙ୍କ ପାଖେ ପହଞ୍ଚି ତା'ର ସମସ୍ୟା କଥା କହିବାକୁ ସେ କହିଲେ – 'ଗୁରୁ ପ୍ରସାଦ, ବାହାଘର ବେଳେ ବାଇଗଣ ରୋଇଲେ କ'ଣ ହେବ!'

ଏହାର ତାତ୍ପର୍ଯ୍ୟ ହେଲା କୌଣସି ଘଟଣା, କାର୍ଯ୍ୟର ଆରମ୍ଭ ଯଦି ଠିକ୍ ସମୟରେ ଏବଂ ଘଟିବାର ବହୁତ ପୂର୍ବରୁ ଥିଅନ୍ତା ତେବେ ସେ କ୍ଷେତ୍ରରେ ସଫଳତା ପାଇବାର ସୁଯୋଗ ଯଥେଷ୍ଟ ଥାଏ। କିନ୍ତୁ ଶେଷ ମୁହୂର୍ତ୍ତରେ କାର୍ଯ୍ୟର ଆରମ୍ଭ ହେଲେ ଉପହସିତ ହେବାକୁ ହୁଏ। ଏଇଥିପାଇଁ କୁହାଯାଏ – ବାହାଘର ବେଳେ ବାଇଗଣ ରୁଆ।

### ଅତି ଲେମ୍ବୁ ଚିପୁଡ଼ିଲେ ପିତା

ଲେମ୍ବୁର ସ୍ୱାଦ ଖଟା। ଏହାକୁ ଆବଶ୍ୟକତା ଅନୁସାରେ ଚିପୁଡ଼ି ପାଣିରେ ମିଶାଇ ଚିନି କିମ୍ବା ଲୁଣ ସହିତ ଖାଇଲେ ଏହାର ସ୍ୱାଭାବିକ ସ୍ୱାଦ ଠିକ୍ ଥାଏ ଏବଂ ଖାଦ୍ୟ ଗୁଣ ମଧ୍ୟ ଅକ୍ଷୁଣ୍ଣ ରହେ। କିନ୍ତୁ ଅତ୍ୟଧିକ ଚିପୁଡ଼ିଲେ ଏହା ପିତା ଲାଗେ। ସ୍ୱାଦ ନଷ୍ଟ ହୁଏ। ଖାଦ୍ୟ ଗୁଣ ମଧ୍ୟ ନଷ୍ଟ ହୋଇଥାଏ।

ପ୍ରକୃତରେ ମଣିଷ ଜୀବନରେ ପ୍ରତି କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ସଂପନ୍ନ ହେବା ବିଧେୟ। ସୀମାତି ରିକ୍ତ ହେଲେ ଜୀବନରେ ନାନା ବିଘ୍ନ ଆସିବାର ଆଶଂକା ଥାଏ। ଯିମିତି ଭାବେ ଅତି ଗର୍ବ କରିବାରୁ ଲଙ୍କା ନଗରୀ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ଅତ୍ୟଧିକ ମାନୀ ହୋଇଥିବାରୁ ଦୁର୍ଯ୍ୟୋଧନଙ୍କୁ ମହାଭରତ ଯୁଦ୍ଧରେ ପରାଜିତ ହେବାକୁ ହୋଇଥିଲା। ଅତି ପରିଚୟରେ ବି ବାରମ୍ବାର ଯିବା ଆସିବା କଲେ ବ୍ୟକ୍ତିର ଗୌରବ ନଷ୍ଟ ହୁଏ। ଅତି ଶାସନ ଭିତରେ ରଖିଲେ ବ୍ୟକ୍ତିର ପ୍ରତିଭା ବିକଶିତ ହୋଇପାରେ ନାହିଁ। ତେଣୁ ସବୁ କଥାରେ 'ଅତି' ସର୍ବଥା ଗର୍ହିତ ବୋଲି କୁହାଯାଇଛି।

ଏଇ ପରିବେଶକୁ ଆଖିରେରଖି କୁହାଯାଇଥାଏ "ଅତି ଲେମ୍ବୁ ଚିପୁଡ଼ିଲେ ପିତା"।

୧୯. ମାନନୀୟ
ମୁଖ୍ୟମନ୍ତ୍ରୀ
ଓଡ଼ିଶା ସରକାର
ମହୋଦୟ ..........................ସମୀପେଷୁ।

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି, ଦୀର୍ଘ ଦିନରୁ ମୁଁ ଏକ ଦୁରାରୋଗ୍ୟ ବ୍ୟାଧି କବଳରେ ପୀଡ଼ିତ। ଏହାର ଚିକିତ୍ସା କେବଳ ଏକ ସ୍ୱତନ୍ତ୍ର ଡାକ୍ତରୀ ସୁବିଧା ଥିବା ସ୍ଥାନରେ ନିରନ୍ତର ହେବା ଆବଶ୍ୟକ।

ଚିକିତ୍ସା କରୁଥିବା ଡ଼ାକ୍ତର ମହାଶୟଙ୍କ ମତରେ ଅସ୍ତ୍ର ଚିକିତ୍ସା ଓ ବାଲ୍ୟ ଚିକିତ୍ସା ପାଇଁ ବହୁତ ଅର୍ଥ ଆବଶ୍ୟକ ହେବ। ମୁଁ ଜଣେ ସାଧାରଣ ନାଗରିକ। କୃଷି ଉପରେ ନିର୍ଭରଶୀଳ। ଘରେ ବୃଦ୍ଧ ବାପା, ରୋଗିଣା ମା। ଏମାନଙ୍କୁ ଦେଖା ଚାହାଁ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ମୋ ପାଖରେ ନାହିଁ। ନିଜର ଚିକିତ୍ସା ପାଇଁ ଅର୍ଥ ପାଇବି କେଉଁଠୁ ? ରୋଗରେ ପୀଡ଼ିତ ହେବା ପରଠୁ ନିଜେ ମଧ୍ୟ ଅକର୍ମଣ୍ୟ ହୋଇ ଭାଗ୍ୟ ଓ ଭଗବାନଙ୍କ ଉପରେ ଆଶା କରି ବଞ୍ଚି ରହିଛି।

ଏଣୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରି ମୁଁ ବିନମ୍ର ଅନୁରୋଧ କରେକି, ଏଥି ସହିତ ସଂଯୁକ୍ତ ଡାକ୍ତରୀ ପ୍ରମାଣ ପତ୍ର, ଖର୍ଚ୍ଚର ଆକଳନ ଇତ୍ୟାଦିକୁ ବିଚାର କରି ଆର୍ଥିକ ସହାୟତା ପ୍ରଦାନ କଲେ, ମୁଁ ବ୍ୟକ୍ତିଗତ ଭାବେ ଓ ପରିବାର ଦୃଷ୍ଟିରୁ ଆପଣ ଓ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞ ରହିବି।

ମୋର ଦରଖାସ୍ତର ସୁବିଚାର କରି ଯଥାଶୀଘ୍ର ସାହାଯ୍ୟର ବନ୍ଦୋବସ୍ତ କଲେ ମୁଁ ଧନ୍ୟ ହେବି।

ଆପଣଙ୍କର ବିଶ୍ୱସ୍ତ

ଜଗତସିଂହପୁର — ସୁଶିଲ କୁମାର ଅଡ଼ା
ତା – ୨୫।୪।୧୯ — ଗ୍ରାମ – ଅତଙ୍ଗା
ପୋ – ଅତଙ୍ଗା
ପୋଲିସ୍ ଷ୍ଟେସନ୍-ବାଲିକୁଦା
ଜିଲ୍ଲା-ଜଗତସିଂହପୁର

ଏଥି ସହିତ :
ଡାକ୍ତରୀ ପ୍ରମାଣ ପତ୍ର।
ଖର୍ଚ୍ଚ ଅଟକଳ ପତ୍ର।
ଆଧାର କାର୍ଡର ନମୁନା ସଂଯୁକ୍ତ ହେଲା।

| | |
|---|---|
| ସୁଶିଲ କୁମାର ଧଡ଼ା | ମାନ୍ୟବର ମୁଖ୍ୟମନ୍ତ୍ରୀ |
| ଅତଙ୍ଗା | ଓଡ଼ିଶା ସରକାର, |
| ବାଲିକୁଦା | ଭୁବନେଶ୍ୱର |
| ଜଗତସିଂହପୁର | |

ମାନନୀୟ ସଂପାଦକ
ଦୈନିକ ସମ୍ବାଦ
ମହୋଦୟ ..........................ସମୀପେଷୁ

ମହାଶୟ;

ଜଣେ ସାଧାରଣ ଓ ସଚେତନ ନାଗରିକ ହିସାବରେ ନିମ୍ନ ବିଷୟ ପ୍ରତି ମୁଁ ଆପଣଙ୍କର ବିଚାରଶୀଳ ଦୃଷ୍ଟି ଆକର୍ଷଣ କରୁଛି।

ଆମେ ଏକ ବିକାଶଶୀଳ ରାଷ୍ଟ୍ରରେ ରହୁଛୁ। ଏହାକୁ ଜନମଙ୍ଗଳ ରାଷ୍ଟ୍ର ଭାବରେ ଗ୍ରହଣ କରାଯାଏ। ଏଠି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଭାଗ୍ୟ ବିଧାତା। ସରକାରୀ ଚାକିରିଆ ହୁଅନ୍ତୁ, କି କୌଣସି କମ୍ପାନିର କର୍ମଚାରୀ ହୁଅନ୍ତୁ; କିମ୍ବା ଦୈନିକ ମଜୁରୀରେ କାମ କରୁଥିବା ଶ୍ରମିକ ହୁଅନ୍ତୁ ସମସ୍ତଙ୍କର ବଞ୍ଚିବାର, ରୋଜଗାର କରିବାର ଏବଂ ଉପଭୋଗ କରିବାର ଅଧିକାର ଅଛି। ଏଇ ଅଧିକାର ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

ଏ ଦୃଷ୍ଟି ସହିତ ଆପଣ ନିଶ୍ଚୟ ସହମତ ହେବେ।

ମାତ୍ର ଆଜିକାଲି ପ୍ରତିବାଦ ନାମରେ, କୌଣସି ନିଷ୍ପତ୍ତି ବିରୁଦ୍ଧରେ – ସେ ସରକାରୀ ହେଉ କି ଆଉ କ'ଣ ହେଉ – ଅସନ୍ତୋଷ ପ୍ରକାଶ କରିବା ପାଇଁ ଯେପରି 'ବନ୍ଦ' 'ଅବରୋଧ' ଇତ୍ୟାଦିକୁ ଆୟୁଧ ଭାବରେ ବ୍ୟବହାର କରାଯାଉଛି ଏବଂ ସେଥିପାଇଁ ଯେଉଁ ଅସୁବିଧା ସାଧାରଣ ନାଗରିକ ଭୋଗ କରୁଛନ୍ତି ସେ ସମ୍ପର୍କରେ ଆପଣଙ୍କର ସ୍ପଷ୍ଟ ମତାମତର ଅପେକ୍ଷା କରୁଛି।

ଏଠି ଗଛରୁ ପଡ଼ିଲେ ରାସ୍ତା ଅବରୋଧ, ପାଣି ନ ଆସିଲେ ଅବରୋଧ, ପେଟ୍ରୋଲ ଦର ବଢ଼ିଲେ ଅବରୋଧ, ମାଛରେ କ'ଣ ରାସାୟନିକ ଦ୍ରବ୍ୟ ବାହାରିଲା ଅବରୋଧ, ପ୍ରଶ୍ନ ପତ୍ର ଆଶାନୁରୂପକ ପଡ଼ିଲା ନାହିଁ ରାସ୍ତା ଅବରୋଧ; ସମୂହ କପି ପାଇଁ ପରୀକ୍ଷା ବାତିଲ ହେଲା ଅବରୋଧ, କୌଣସି ଜନସମ୍ପର୍କୀତ ସମସ୍ୟା ନ ଥାଇ ରାସ୍ତା ଅବରୋଧ; ଏମିତି ଅବରୋଧ ଦେଖି ଦେଖି କାମ ବନ୍ଦ, ଅଫିସ ବନ୍ଦ, ଉତ୍ପାଦନ ବନ୍ଦ, ବେପାର ବନ୍ଦ, କ୍ଷୁଦ୍ର ଚାଷୀଙ୍କର ଜୀବିକା ବ୍ୟାହତ – ସବୁ ଅସୁବିଧା – ଅର୍ଥନୈତିକ, ସାମାଜିକ, ଧାର୍ମିକ, ବ୍ୟକ୍ତିଗତ – ସବୁ ଅସୁବିଧାର ମୂଳ ଏଇ ଅବରୋଧ।

ତେଣୁ ଆପଣଙ୍କୁ ଅନୁରୋଧ କୌଣସି ଆବଶ୍ୟକତା ନ ଥାଇ ଏସବୁ କାରଣରୁ ରାସ୍ତା ଅବରୋଧ ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ଆପଣଙ୍କ ବହୁଳ ପ୍ରଚାରିତ ସମ୍ବାଦପତ୍ରରେ ଏକ ସମୟୋପଯୋଗୀ ମନ୍ତବ୍ୟ ରଖନ୍ତୁ। ଲୋକେ ସଚେତନ ହେବାର ଏହା ପ୍ରଥମ ପଦକ୍ଷେପ ହେଉ।

ଗ୍ରାମ - ଆପଣଙ୍କର ବିଶ୍ୱସ୍ତ

ତାରିଖ - ଅନୁପମ ଧଳ

ଗ୍ରାମ -

ପୋ -

ଜି-

ଅନୁପମ ଧଳ ମାନନୀୟ

ଗ୍ରାମ- ସଂପାଦକ

ପୋ - ସମ୍ବାଦ

ଜି - ଭୁବନେଶ୍ୱର

**୨୦.** ଭକ୍ତ, ଭକ୍ତିମାର୍ଗ ସାହାଯ୍ୟରେ ଏବଂ ଜ୍ଞାନୀ ଜ୍ଞାନମାର୍ଗ ସାହାଯ୍ୟରେ ପରାତ୍ମାଙ୍କ ପାଖରେ ପହଞ୍ଚନ୍ତି। ଭକ୍ତ ପାଇଁ ପ୍ରାଥମିକ ସ୍ତରରେ ବିଲୋପ ହେବା ସୁଯୋଗ ନୁହେଁ ଅପରିହାର୍ଯ୍ୟତା। ଏହା ଜ୍ଞାନୀ ପାଇଁ ପ୍ରଯୁଜ୍ୟ ନୁହେଁ। ଭକ୍ତ ଅହଂକାର ଅଧୀନ ହେବନାହିଁ। ଜ୍ଞାନୀ ପାଖରେ ଏହା ରହିପାରେ। କିନ୍ତୁ ଜ୍ଞାନୀ ହେବା ପରେ ଏହା ନ ଥାଏ। ଭକ୍ତ ପାଖରେ ଯାହା ଆରମ୍ଭରେ ଛାଡ଼ିବାକୁ ହୁଏ ଜ୍ଞାନୀ ପାଖରେ ତାହା ଶେଷରେ। ଉଭୟଙ୍କର ଉଦ୍ଧାର ବି ହୁଏ।

ଭକ୍ତର ଏକ ନିଜସ୍ୱ ଦୃଷ୍ଟିକୋଣ ବିଦ୍ୟମାନ। ସେ ସମସ୍ତ କର୍ମ ପରମାତ୍ମାଙ୍କୁ ସମର୍ପଣ କରେ। ତା'ର ଚିନ୍ତା, ବର୍ତ୍ତମାନ, ଭାବନା, କାର୍ଯ୍ୟ, ଜ୍ଞାତବ୍ୟ ସବୁ ତାଙ୍କୁ ହିଁ ଅର୍ପଣ କରେ। ଯାହା ତା'ର ଇଚ୍ଛା - ତାହାହିଁ ତା'ର ପ୍ରାପ୍ୟ, କାର୍ଯ୍ୟ ଜ୍ଞାତବ୍ୟ ସବୁ ତାଙ୍କୁ ହିଁ ଅର୍ପଣ କରେ। ଯାହା ତା'ର ଇଚ୍ଛା - ତାହାହିଁ ତା'ର ପ୍ରାପ୍ୟ, କାର୍ଯ୍ୟ କର୍ତବ୍ୟ ବୋଲି ଭାବିନାହିଁ। କେବଳ ସେଇ ପରମାତ୍ମା ହିଁ ବିଦ୍ୟମାନ। ଘର ଭିତରେ ସବୁ।

ଭକ୍ତି ହେଉଛି ଭକ୍ତର କ୍ରନ୍ଦନ। ଛୋଟ ପିଲାର କ୍ରନ୍ଦନ ଭଳି। ସେଠି ଛଳନା ନଥାଏ। ଉଚ୍ଚ କଣ୍ଠ। ତା'ର କ୍ରନ୍ଦନ ଶୁଣି ମା' ଯେଉଁଠି ଯେପରି ଅବସ୍ଥାରେ ଥିଲେ ବି ତା ପାଖକୁ ଦୌଡ଼ି ଆସେ। ତା'ର କାନ୍ଦ ହୃଦୟର ଗଭୀରତାକୁ। ସମଗ୍ର ଦେହ, ମନ, ଅସ୍ତିତ୍ୱ ସେତେବେଳେ କେବଳ କ୍ରନ୍ଦନରତ ଥାଏ। ଏହିଗୁଣ ଭକ୍ତର ଭକ୍ତିରେ ଦେଖିବାକୁ ମିଳେ। ସଂପୂର୍ଣ୍ଣ ତଲ୍ଲୀନ ଓ ସମର୍ପଣ ଭାବ।

ବ୍ୟବହୃତ ଶବ୍ଦ - ୧୨୦

**୨୧.** (କ) (i) ଆୟତ - ବିସ୍ତୃତ

ଆୟତ - ଅଧୀନ

(ii) ଚିର - ସବୁଦିନ

ଚୀର - ଛିନ୍ନବସ୍ତ୍ର

(iii) ଶମ - ଶାନ୍ତି

ସମ - ସମାନ

(iv) ଗିରିଶ - ମହାଦେବ

ଗିରୀଶ - ପର୍ବତ ଶ୍ରେଷ୍ଠ

(ଖ) (i) **ତିଳକୁ ତାଳ କରିବା -** ଗୌରୀ ବୋଉର ଅଭ୍ୟାସ ସେ ତିଳକୁ ତାଳ କରିବ।

(ii) **ନାକ ଟେକିବା -** ମାଛ କଟା ଦେଖି ସପନାର ନାକଟେକି ହୋଇଗଲା।

(iii) **ମୁହଁ ଦେବା -** ଗୋବିନ୍ଦା ମା - ଗୋବିନ୍ଦାକୁ ଏତେ ମୁହଁ ଦେଇଛି ଯେ !

(iv) **ଉତ୍ତମ ମଧ୍ୟମ -** ଘରେ ପଶି ଚୋରି କରୁଥିଲା ବେଳେ ଧରାପଡ଼ି ହର୍ଷ ମାଳୀ ଗୁଡ଼ିଏ ଉତ୍ତମ ମଧ୍ୟମ ପାଇଛି।

(ଗ) (i) ଯାତାୟତ (ii) ଈପ୍‌ସା

(iii) ଅନସୂୟା (iv) ପ୍ରାୟଶ୍ଚିତ

(ଘ) ଲୋଭୀ - ନିର୍ଲୋଭ

ଐହିକ - ପାରତ୍ରିକ

ଅନାବାଦୀ - ଆବାଦୀ

ପାଣିଆ - କାଠୁଆ

(ଙ) (i) ଅନିବାର୍ଯ୍ୟ

(ii) ଦୁର୍ଗମ

(iii) ଅନୁଜ

(iv) ସହିଷ୍ଣୁ

***

# +୨ ଦ୍ୱିତୀୟ ବର୍ଷ (ବିଜ୍ଞାନ)

## ପ୍ରଥମ ଏକକ

## ପ୍ରବନ୍ଧ ବିଭାଗ

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?
(i) ଆତ୍ମଜ୍ଞାନ ଲାଭ (ii) ତତ୍ତ୍ୱ ନିରୂପଣ
(iii) ଅନ୍ତର୍ଦୃଷ୍ଟି (iv) ଈଶ୍ୱର ଚିନ୍ତା

୨) କେଉଁ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?
(i) ଏକ ଶ୍ରେଣୀ (ii) ଦୁଇ ଶ୍ରେଣୀ
(iii) ପଞ୍ଚମ ଶ୍ରେଣୀ (iv) ଅଷ୍ଟମ ଶ୍ରେଣୀ

୩) ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇଥାଏ ?
(i) ମନୁଷ୍ୟ (ii) ଈଶ୍ୱର
(iii) ପଶୁ (iv) ପକ୍ଷୀ

୪) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର ମୂଲ୍ୟ କିଛି ରହେ ନାହିଁ ?
(i) ବର୍ତ୍ତମାନ (ii) ଅନନ୍ତ ଅତୀତ
(iii) ଆଧ୍ୟାତ୍ମିକ (iv) ବୈଷୟିକ

୫) ପାଦ ମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିପାରିବା ?
(i) ନରକଙ୍କାଳ (ii) ଦୁଃଖ
(iii) ମନ (iv) ପୃଥିବୀ

୬) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍‌କମ୍ପ ହୁଏ ?
(i) ଅସହଯୋଗ ଆନ୍ଦୋଳନ
(ii) ସିପାହୀ ବିଦ୍ରୋହ
(iii) ଫରାସୀ ରାଷ୍ଟ୍ର ବିପ୍ଳବ
(iv) ଭୂଦାନ ଆନ୍ଦୋଳନ

୭) ବର୍ତ୍ତମାନ ମାନବ ସମାଜ ଦେହରେ କେଉଁ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ ?
(i) ସାମ୍ପ୍ରତିକ (ii) ଅତୀତ
(iii) ଭାବାନ୍ତର (iv) କାଳାନ୍ତର

୮) ମାନବର ଉନ୍ନତ ପ୍ରକୃତି କାହା ସାଙ୍ଗରେ ଘନିଷ୍ଠ ଭାବେ ସମ୍ବନ୍ଧ ?
(i) ସତ୍ୟ (ii) ମିଥ୍ୟା
(iii) ପାପ (iv) ପୂଣ୍ୟ

୯) ମଣିଷ ଜୀବନର ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁ ଆଡ଼କୁ ?
(i) ଏକ (ii) ଦୁଇ
(iii) ଭିନ୍ନ (iv) ବିଭିନ୍ନ

୧୦) ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା ____ ଶୂନ୍ୟ ନୁହେଁ ?
(i) ଭାବ (ii) ଅର୍ଥ
(iii) କାମ (iv) ମୋକ୍ଷ

୧୧) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?
(i) ଇତିହାସ (ii) ପୁରାଣ
(iii) ବିଜ୍ଞାନ (iv) ଦର୍ଶନ

୧୨) ବ୍ୟକ୍ତିଗତ ଜୀବନର ଇତିହାସକୁ ଆମେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?
(i) ଆତ୍ମଜୀବନ (ii) ଜୀବନ ଚରିତ
(iii) ଆତ୍ମଲିପି (iv) ଜୀବନାୟନ

୧୩) ଆମ୍ଭମାନଙ୍କ ଦେଶରେ ଇତିହାସର ବର୍ଣ୍ଣନା ବେଳେ କାହାର ମାତ୍ରା ଅତ୍ୟନ୍ତ ଅଧିକ ?
(i) ଭାବନା (ii) କଳ୍ପନା
(iii) ସ୍ୱପ୍ନ (iv) ବାସ୍ତବତା

୧୪) ପ୍ରାଚୀନ କେଉଁ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?
(i) ଧର୍ମ (ii) ଚିକିତ୍ସା
(iii) କାବ୍ୟ (iv) ନାଟକ

୧୫) ଇତିହାସକୁ କେତେଗୁଡ଼ିଏ ଘଟଣାର ____ ବୋଲି କୁହାଯାଏ ?
(i) କଳ୍ପନା (ii) ସମଷ୍ଟି
(iii) ପୁରାଣ (iv) ବର୍ଣ୍ଣନା

୧୬) ମନୁଷ୍ୟ ମାନଙ୍କ ମଧ୍ୟରେ ପ୍ରକୃତିଗତ କ'ଣ ବିଦ୍ୟମାନ ?
(i) ସୌ ସାଦୃଶ୍ୟ (ii) ତୁଳନା
(iii) ବିଚାର (iv) ବାସ୍ତବତା

୧୭) କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ?
(i) ଉପଦେଶାତ୍ମକ ଶିକ୍ଷା (ii) କାଳ୍ପନିକ ଶିକ୍ଷା
(iii) ଦୃଷ୍ଟାନ୍ତ ଶିକ୍ଷା (iv) ବର୍ଣ୍ଣନାତ୍ମକ ଶିକ୍ଷା

୧୮) ପତନ କଥାଟି କେଉଁ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଅଛି ?
(i) ଅହଂକାରୀ (ii) ମିଥ୍ୟାବାଦୀ
(iii) ସତ୍ୟବାଦୀ (iv) କାଳ୍ପନିକ

୧୯) କେଉଁ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ ?
(i) ଧାର୍ମିକ (ii) ବିଶ୍ୱାସୀ
(iii) ଅପରିଣାମଦର୍ଶୀ (iv) ପାରଦର୍ଶୀ

୨୦) କାହାକୁ ଦ୍ୱିତୀୟ ଶିକ୍ଷକ ବୋଲି କୁହାଯାଇଛି ?
(i) ବେଦ (ii) ଇତିହାସ
(iii) ବାଇବେଲ (iv) ପୁରାଣ

୨୧) ପ୍ରୟୋଜନୀୟ ବସ୍ତୁ ଲାଭ ପାଇଁ କାହାକୁ କଷ୍ଟ ଓ ଯାତନା ଭୋଗିବାକୁ ପଡ଼ିଛି ?
(i) ଈଶ୍ୱର (ii) ମହାପୁରୁଷ
(iii) ପରମପିତା (iv) ଅସୁର

୨୨) ଅତୀତର ସନ୍ତାନ ଭବିଷ୍ୟତର କେଉଁ ରୂପରେ ଦଣ୍ଡାୟମାନ ?
(i) ପିତା (ii) ମାତା
(iii) ଭ୍ରାତା (iv) ଦାତା

୨୩) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ?
(i) ବିଧାତା (ii) ଜନତା
(iii) ଲୋକତନ୍ତ୍ର (iv) ଗଣତନ୍ତ୍ର

୨୪) ବିଧାତା କାହାକୁ ଉଚ୍ଚ ଅଧିକାର ଦିଅନ୍ତି ?
(i) ଯୋଗ୍ୟ ଲୋକ (ii) ନିରକ୍ଷର
(iii) ସାକ୍ଷର (iv) ଅଯୋଗ୍ୟ ଲୋକ

୨୫) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ?
(i) ସରଳ (ii) ବିକୃତ
(iii) ଅବସନ୍ନ (iv) ନିଜସ୍ୱ

୨୬) କାହାର ସ୍ନିଗ୍ଧ ଉଜ୍ଜ୍ୱଳକାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି ?
(i) ବାରିବାହ (ii) ପ୍ରକୃତି
(iii) ଦୂରବନ୍ଧୁ (iv) ଅଳକାପୁରୀ

୨୭) କାହାକୁ ଦୂର ବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?
(i) ପୁଷ୍ପପୁର (ii) ବାରିବାହ
(iii) ବାତାୟନ (iv) ଶ୍ୟାମଳ ପୃଥିବୀ

୨୮) ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?
(i) ଗୋଷ୍ଠୀ (ii) ମଣିଷ
(iii) ପଶୁ (iv) ପକ୍ଷୀ

୨୯) ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି ?
(i) ପୁଷ୍ପପୁର (ii) ପାଟଳିପୁତ୍ର
(iii) କୁସୁମଧ୍ୱଜ (iv) ଉତ୍କଳ

୩୦) କେଉଁ ପୁରରେ ସ୍ୱ-କର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?
(i) ଶ୍ରୀ ନଗର (ii) ପୁଷ୍ପପୁର
(iii) ମହୋଦଧି (iv) ତୁଙ୍ଗଶିଖରୀ

୩୧) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ି ଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?
(i) ଧନୀ (ii) ଦରିଦ୍ର
(iii) ବିତଶାଳୀ (iv) ଭୋଗୀ

୩୨) ବନବାସୀ ନାରୀମାନଙ୍କ ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?
(i) କୁଜୀ ହଂସୀ (ii) ହରିଣୀ
(iii) ମାତଙ୍ଗିନୀ (iv) ନିର୍ଝରିଣୀ

୩୩) ବନବାସୀ କାହାର ଅନୁଗ୍ରହ ଲୋଡ଼ନ୍ତି ?
(i) ପର୍ବତ (ii) ବାରିବାହ
(iii) ପ୍ରକୃତି (iv) ବନଲତା

୩୪) ଜଳଦର କୃପାରୁ କେଉଁଠାରେ ନବନିଳିମା ଖେଳି ବୁଲିବ ବୋଲି କୁହାଯାଇଛି ?
(i) ଶାଳିକ୍ଷେତ୍ର (ii) ବନଭୂମି
(iii) ମେଘାସନ (iv) ଗନ୍ଧମାର୍ଦ୍ଦନ

୩୫) ନିର୍ଝରିଣୀ କେଉଁଠାରେ କ୍ରିଡ଼ାରତ ବସ୍ତରୀ ପରି ନାଚି ଉଠେ ?
(i) ମହୋଦଧି (ii) ଗିରିଦରୀ
(iii) ସରିତ (iv) ସାଗର

୩୬) କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହେବ ବୋଲି ଲେଖକ କହିଛନ୍ତି ?
(i) ଭଞ୍ଜନୃପ (ii) ନବ ଯୁବକ
(iii) ନବତରୁଣୀ (iv) ମଦାଳସା

୩୭) ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲ ପରି ହାସ୍ୟମୟୀ ବୋଲି କୁହାଯାଇଛି ?
(i) ଗୋଲାପ (ii) ଶେଫାଳୀ
(iii) ପଦ୍ମ (iv) ମନ୍ଦାର

୩୮) ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ?
(i) ସମ୍ବଲପୁର (ii) କଟକ
(iii) ଭୁବନେଶ୍ୱର (iv) ଗଞ୍ଜାମ

୩୯) କାହାର କୋଳାହଳ ପାଇଁ ନୀଳାଚଳ ନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େନାହିଁ ?
(i) ପ୍ରଭଞ୍ଜନ (ii) ସିନ୍ଧୁ
(iii) ଝାଉଁବଣ (iv) ଜନତା

୪୦) ସିନ୍ଧୁପାରି ସାଧବର ସ୍ମୃତିପୂତ ଭୂମି ବୋଲି କାହାକୁ କୁହାଯାଇଛି ?
(i) ସମ୍ବଲପୁର (ii) କଟକ
(iii) ଜୟପୁର (iv) ଭୁବନେଶ୍ୱର

୪୧) ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ହିଁ ସର୍ବୋତ୍କୃଷ୍ଟ ?
(i) ଏକଚ୍ଛତ୍ରବାଦ (ii) ଗଣତନ୍ତ୍ର
(iii) ରାଜତନ୍ତ୍ର (iv) ସାମ୍ୟବାଦ

୪୨) କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?
(i) ରାଜତନ୍ତ୍ର (ii) ଗଣତନ୍ତ୍ର
(iii) ସାମ୍ୟବାଦ (iv) ଏକଚ୍ଛତ୍ରବାଦ

୪୩) ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ କ'ଣ ?
(i) ଜଣଙ୍କ ଦ୍ୱାରା ଶାସନ
(ii) ଗଣଙ୍କ ଦ୍ୱାରା ଶାସନ
(iii) ରାଜାଙ୍କ ଦ୍ୱାରା ଶାସନ
(iv) ମନ୍ତ୍ରୀଙ୍କ ଦ୍ୱାରା ଶାସନ

୪୪) ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ ?
(i) ଶାସକ ଓ ଶାସିତ
(ii) ରାଜା ଓ ପ୍ରଜା
(iii) ମନ୍ତ୍ରୀ ଓ ପ୍ରଜା
(iv) ରାଜା ଓ ରାଜକର୍ମଚାରୀ

୪୫) କେଉଁ ଶାସନରେ ପ୍ରଭୁ କିମ୍ବା ଦାସର, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇନପାରେ ?
(i) ବ୍ୟକ୍ତିଗତ (ii) ସମଷ୍ଟିଗତ
(iii) ରାଜତନ୍ତ୍ର (iv) ଗଣତନ୍ତ୍ର

୪୬) ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି ?
(i) ଢୋଲ ଭିତରେ ମୂଷାପରି
(ii) ଲଙ୍କାରେ ହରିଶବ୍ଦ ପରି
(iii) ବାପରାଣ ଢେଙ୍କିଗିଳି ପରି
(iv) ଉଷୁନା ଧାନ ଗଜା ହେବାପରି

୪୭) କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର କାହାଭଳି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ?
(i) ଆକାଶ କଇଁଆ ଭଳି (ii) ଚିଲିକା ମାଛ ଭଳି
(iii) ଆକାଶର ତାରା ଭଳି (iv) ମରୀଚିକା ଭଳି

୪୮) ଲୋକ ପ୍ରତିନିଧି ମନୋନୟନ କେଉଁ ଶାସନର ମେରୁଦଣ୍ଡ ?
(i) ରାଜତନ୍ତ୍ର (ii) ସାମ୍ରାଜ୍ୟବାଦ
(iii) ଗଣତନ୍ତ୍ର (iv) ଏକ ଛତ୍ରବାଦ

୪୯) ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁ ଶିକ୍ଷିତ ଭୋଟ୍ ଦାତା ମାନେ କ'ଣ ହେବାପାଇଁ ଉପଯୁକ୍ତ ?
(i) ଲୋକ ପ୍ରତିନିଧି (ii) ପ୍ରଶାସକ
(iii) ଅଧ୍ୟକ୍ଷ (iv) ମନ୍ତ୍ରୀ

୫୦) କେଉଁମାନେ ଶାସନ କ୍ଷମତା ପାଇବା ଲୋଭରେ ଜନତାର ପ୍ରତିନିଧି ହେବାକୁ ବାହାରିପଡ଼ନ୍ତି ?
(i) ବିରାଡ଼ି ବୈଷ୍ଣବ ମାନେ
(ii) କୁହାମୁଣ୍ଡା କପିଳା ମାନେ
(iii) ତୁଳା ମୁହାଁ ବଗମାନେ
(iv) ସ୍ୱର୍ଣ୍ଣ କଙ୍କଣ ଧାରୀ ବ୍ୟାଘ୍ର ମାନେ

୫୧) କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ?
(i) ରାଧୁ (ii) ପାଣ୍ଡୁ
(iii) ଅଗାଧୁ (iv) ସାଧୁ

୫୨) ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ ?
(i) ଘୋଷଣା (ii) ପ୍ରୋପାଗଣ୍ଡା
(iii) ସାଧୁତା (iv) ସାମନ୍ତବାଦୀ ଢଙ୍ଗ

୫୩) ୬୦ ବର୍ଷ ନ ପୁରିଲେ ତମର ବୁଦ୍ଧି ହୁଏ ନାହିଁ ବୋଲି ଗୋସେଇଁ ମହାରାଜ କାହାକୁ କହିଛନ୍ତି ?
(i) ସାଧୁ (ii) ରାଧୁ
(iii) ଅଗାଧୁ (iv) ପାଣ୍ଡୁ

୫୪) ରାଧୁକୁ ଦେଖି ପୁରୋହିତଙ୍କ ଛାତିରେ କ'ଣ ଅଟକିଗଲା ?
(i) କଥା (ii) ପବନ
(iii) ନିଶ୍ୱାସ (iv) ଛେପ

୫୫) କେଉଁ ଭୋଟଦାତା ମାନେ ଆଜି ଭୋଟ୍ ଦେବାକୁ ଉଦାସୀନ ହୋଇଥା'ନ୍ତି ?
(i) ନିରକ୍ଷର (ii) ଶିକ୍ଷିତ
(iii) ଅଶିକ୍ଷିତ (iv) ମୂର୍ଖ

୫୬) ଆଜିର ଜନତାଜନାର୍ଦ୍ଦନ କାହାପରି ଓଠରଙ୍ଗି ତରାଜୁ ଧରିଥିବା ପ୍ରତିନିଧି ମାନଙ୍କୁ ଅନାଇ ରହିଛନ୍ତି ?
(i) ଦୁଇ ମାଙ୍କଡ଼ (ii) ଦୁଇ ବିରାଡ଼ି
(iii) ଦୁଇ ଶୃଗାଳ (iv) ଦୁଇ ଭାଲୁ

୫୭) କେଉଁ ଶାସନ ଶ୍ରେଷ୍ଠ ଶାସନ ଏଥିରେ ସନ୍ଦେହ ନାହିଁ ?
(i) ଗଣତନ୍ତ୍ର (ii) ରାଜତନ୍ତ୍ର
(iii) ସାମ୍ରାଜ୍ୟବାଦୀ (iv) ସାମନ୍ତବାଦ

୫୮) ଗଣତନ୍ତ୍ର ଶାସନରେ ଆଜି ଆମର ଏ ଅବସ୍ଥା ପାଇଁ ଦାୟି କିଏ ?
(i) ଦେଶ (ii) ଜନତା
(iii) ଆମେ (iv) ଆପଣମାନେ

୫୯) ଆଞ୍ଚଳିକ ସଭାର କେଉଁ ବିଷୟକୁ ସବା ଉପରେ ବିଚାର ପାଇଁ ରଖାଯାଇଥିଲା ?
(i) ଶିକ୍ଷା (ii) କୃଷି
(iii) ବାଣିଜ୍ୟ (iv) ଶିଳ୍ପ

୬୦) ଜିଲ୍ଲା ପରିଷଦ ସଭାରେ ଶିକ୍ଷାକୁ କେଉଁ ସ୍ଥାନରେ ବିଚାର ବିଷୟ ଭାବେ ରଖାଯାଇଥିଲା ?
(i) ସବା ଉପରେ (ii) ସବା ତଳେ
(iii) ମଧ୍ୟ ଭାଗରେ (iv) ଆରମ୍ଭରେ

୬୧) ମଣିଷର ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ତାପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ ?
(i) ଧର୍ମ ଜ୍ଞାନ (ii) ଗବେଷଣାରେ
(iii) ଯୋଜନାରେ (iv) ଶିକ୍ଷାରେ

୬୨) ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?
(i) ବିଜ୍ଞାନଯୁଗ (ii) ଉନ୍ନୟନ ଯୁଗ
(iii) ବିଶେଷଜ୍ଞ ଯୁଗ (iv) ଯୋଜନା ଯୁଗ

୬୩) ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ କେଉଁ ରିପୋର୍ଟରେ କହିଛନ୍ତି ?
(i) ବାର୍ଷିକ ରିପୋର୍ଟ (ii) ଶିକ୍ଷା ରିପୋର୍ଟ
(iii) ଯୋଜନା ରିପୋର୍ଟ (iv) ବିକାଶ ରିପୋର୍ଟ

୬୪) କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?
(i) ଇଉରୋପ (ii) ଏସିଆ
(iii) ଆମେରିକା (iv) ଆଫ୍ରିକା

୬୫) ଯୋଜନା ଅର୍ଥବିଭାଗ ବିଚାରକୁ ଆସିଲେପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?
(i) ଶିକ୍ଷା (ii) ସ୍ୱାସ୍ଥ୍ୟ
(iii) ଶିଳ୍ପ (iv) ଗ୍ରାମ୍ୟ ଉନ୍ନୟନ

୬୬) ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ
(i) ଇଂଲଣ୍ଡ (ii) ଆମେରିକା
(iii) ଭାରତ (iv) ଜାପାନ

୬୭) ଭାରତ ବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?
(i) କମିଶନର (ii) ବିଶେଷଜ୍ଞ
(iii) ଶାସକ (iv) ଗବେଷକ

୬୮) ସଣ୍ଡେଷ୍ଟାଣ୍ଡାର୍ଡ଼ କାଗଜରେ ଭାରତରେ ବିଶେଷଜ୍ଞମାନଙ୍କୁ କ'ଣ ମିଳୁନାହିଁ ବୋଲି ପ୍ରକାଶ ପାଇଥିଲା ?

(i) ବିଶେଷ ଅର୍ଥ (ii) ବିଶେଷ ସମ୍ମାନ

(iii) ବିଶେଷ କ୍ଷମତା (iv) ବିଶେଷ ସୁବିଧା

୬୯) ଶିକ୍ଷାର କେଉଁ କଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?

(i) ବିପରୀତ ଗତି (ii) ଅଧୋଗତି

(iii) ଦୁର୍ଗତି (iv) ଉର୍ଦ୍ଧ୍ୱଗତି

୭୦) ପରୀକ୍ଷା ପଦ୍ଧତି ପ୍ରତି କିଏ ବେଶି ଦୃଷ୍ଟିଦେବ ବୋଲି ଲେଖକ ଆଶା ପ୍ରକାଶ କରିଛନ୍ତି ?

(i) ସରକାର (ii) ଶିକ୍ଷାବିଭାଗ

(iii) ଶିକ୍ଷା କମିଶନ (iv) ଯୋଜନା କମିଶନ

୭୧) 'ସତ୍ୟ ହୋଇଥିଲେ ସାଘାଂତିକ' ନାମରେ ଉପାଗ୍ର ଲେଖା କେଉଁ କାଗଜରେ ପ୍ରକାଶିତ ହୋଇଥିଲା ?

(i) ସମାଜ (ii) ପ୍ରଜାତନ୍ତ୍ର

(iii) କଳିଙ୍ଗ (iv) ଧରିତ୍ରୀ

୭୨) କେଉଁ ପ୍ରଦେଶର ଛାତ୍ରଟିଏ ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇ ଥିଲା ବୋଲି କୁହାଯାଇଛି ?

(i) ବିହାର (ii) ପଶ୍ଚିମବଙ୍ଗ

(iii) ଆନ୍ଧ୍ରପ୍ରଦେଶ (iv) ଉତ୍ତର ପ୍ରଦେଶ

୭୩) କେଉଁଠାରୁ ପାଣି ଝରିଲା ପରି ସାରା ବର୍ଷକଯାକ ପରୀକ୍ଷା ଫଳ ଆସ୍ତେଆସ୍ତେ ବାହାରୁଛି ବୋଲି ଲେଖକ କହିଛନ୍ତି ?

(i) ଆକାଶରୁ (ii) ଝରଣାରୁ

(iii) ହୀରାକୁଦ ବନ୍ଧରୁ (iv) ନଦୀ ବନ୍ଧରୁ

୭୪) ଆଗେ ମାଟ୍ରିକୁଲେସନ ପାଶ୍ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?

(i) ତହସିଲଦାର (ii) ମାଜିଷ୍ଟ୍ରେଟ

(iii) ଇନିସ୍‌ପେକ୍ଟର (iv) ବ୍ଲକ ଅଫିସର

୭୫) ବ୍ରିଟିଶ ମାନେ କେଉଁ ଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ତଡ଼ିଥିଲେ ?

(i) ନଡ଼ିଆ ଗଛ (ii) ତାଳ ଗଛ

(iii) ଗୁଆ ଗଛ (iv) ଶାଳ ଗଛ

**(୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧) ସଂସାରରେ ସାଧାରଣତଃ କେତେ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ?

୨) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

୩) ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?

୪) ଅନନ୍ତ ଦେବଙ୍କ ପ୍ରତିକୃତି କିଏ ?

୫) ଫରାସୀ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର କ'ଣ ହୁଏ ?

୬) କେଉଁମାନଙ୍କ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ ?

୭) ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା କ'ଣ ନୁହେଁ ?

୮) ଆମ୍ଭମାନଙ୍କ ଦେଶରେ କାହାର ମାତ୍ରା ଅଧିକ ?

୯) ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଏବଂ କାହାର ନିକଟବର୍ତ୍ତୀ ?

୧୦) ମନୁଷ୍ୟମାନଙ୍କ ମଧ୍ୟରେ କେଉଁ ସୌସାଦୃଶ୍ୟ ବିଦ୍ୟମାନ ?

୧୧) ଉପଦେଶ ଅପେକ୍ଷା କ'ଣ ଶିକ୍ଷା କ୍ଷେତ୍ରରେ ଅଧିକ ଉପଯୋଗୀ ?

୧୨) କ'ଣ ଲାଭ କରିବା ପାଇଁ କେତେ ମହାପୁରୁଷଙ୍କୁ ଭୀଷଣ କଷ୍ଟ ଓ ଯାତନା ଭୋଗ କରିବାକୁ ହୋଇଛି ?

୧୩) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କାହା ହସ୍ତରୁ ଉଦ୍ଧାର କରନ୍ତୁ ବୋଲି ଲେଖକ କହିଛନ୍ତି ?

୧୪) ବାରିବାହର ସ୍ନିଗ୍ଧ କଜ୍ଜ୍ୱଳକାନ୍ତି କେଉଁଠାରେ ନେତ୍ରୋତ୍ସବ ସୃଷ୍ଟି କରିଛି ?

୧୫) ପ୍ରାସାଦ ବାତାୟନ ପଥରେ କାହାର ଆଗମନୀ ଶୁଭ ଶଙ୍ଖ ବାଜି ଉଠିଛି ?

୧୬) ବାରିବାହର ସ୍ପର୍ଶରେ ପୁଷ୍ପପୁର କିପରି ହୋଇଉଠିବ ବୋଲି କୁହାଯାଇଛି ?

୧୭) ଅଳକାପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲା ?

୧୮) ଉଦାସୀନା ଧରଣୀ କାହାର ଲାଭକ୍ଷତିରେ ବିଚଳିତ ହୁଏନାହିଁ ?

୧୯) ପୁଷ୍ପପୁରରେ ସ୍ୱକର୍ମ ସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?

୨୦) ଲେଖକ ଦରିଦ୍ର ବନବାସୀ ମାନଙ୍କୁ ନିରାଶ ନ କରି କ'ଣ ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ?

୨୧) ଶାଳି କ୍ଷେତ୍ର ଦେଖି କେଉଁମାନଙ୍କର ମନ ଆତଙ୍କରେ ଥରି ଉଠୁଥିବ ?

୨୨) ଦୁଃଖିନୀ ଜନନୀ ଅଯୋଗ୍ୟ ସନ୍ତାନ ଭୟରେ ଅସରନ୍ତି ଭଣ୍ଡାର କେଉଁଠି ଲୁଚାଇ ରଖିଛି ?

୨୩) ଉତ୍କଳବାସୀ କେଉଁ ନଦୀ ତୀରରେ ବସି ପିପାସୀ ହୋଇଛନ୍ତି ?

୨୪) ସୂକ୍ଷ୍ମଶାଳିର ଗନ୍ତାଘର ବୋଲି ଲେଖକ କାହାକୁ କହିଛନ୍ତି ?

୨୫) କିଏ ଦୃପ୍ତ ଗର୍ବିତ ଜାତିର ପରାକ୍ରମ ?

୨୬) କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?

୨୭) କାହାର ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ ଲଙ୍କାରେ ହରିଶଚ୍ଚ ପରି ?

୨୮) ଲୋକପ୍ରତିନିଧି ମନୋନୟନକୁ ଗଣତନ୍ତ୍ରର କ'ଣ ବୋଲି କୁହାଯାଏ ?

୨୯) ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନାହିଁ ସେଠାରେ ମୂଖ୍ୟତଃ କାହାର ଜୟ ହୁଏ ?

୩୦) କେଉଁମାନଙ୍କ ଉଦାସୀନତା ଯୋଗୁଁ ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ କ୍ଷମତା ପାଇ ଯାଉଛନ୍ତି ?

୩୧) କିଏ ଦୁଇ ବିରାଡ଼ି ପରି ଖାଲି ଓଠ ଚାଟି ଏହି ପ୍ରତିନିଧିମାନଙ୍କୁ ମିଟିମିଟି କରି ଅନାଇ ରହୁଛନ୍ତି ?

୩୨) ନେତାମାନଙ୍କ ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ କେଉଁ ଖେଳ ଆରମ୍ଭ ହୁଏ ?

୩୩) ମେଣ୍ଢା ଶାଳ ଭିତରେ କିଏ ମେଣ୍ଢା ପୋଷାକରେ ରହେ ?

୩୪) ଗଣତନ୍ତ୍ର ଶାସନକୁ ଲେଖକ କେଉଁ ଶାସନ ବୋଲି କହିଛନ୍ତି ?

୩୫) କାହାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ?

୩୬) କାହାର ଅଭାବ ଯୋଗୁ ଜନତା ସରକାରଙ୍କ ଯୋଜନାକୁ ବୁଝିପାରୁନାହାନ୍ତି ?

୩୭) କାହାକୁ ପାଗ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ ?

୩୮) କାହାକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ପରେ ଯୋଜନା କଥା କହିବା ଉଚିତ୍ ?

୩୯) କେଉଁମାନେ ପାଠପଢ଼ି ସାରିବା ପରେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି ?

୪୦) ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?

୪୧) କେଉଁ କାଗଜରେ ଶାସକ ଓ ବିଶେଷଜ୍ଞ ଶୀର୍ଷକରେ ଅଗ୍ରଲେଖ ପ୍ରକାଶିତ ହୋଇଥିଲା ?

୪୨) 'ସଣ୍ଡେ ଷ୍ଟାଣ୍ଡାର୍ଡ' କାଗଜ କେଉଁଠାରୁ ବାହାରୁଥିଲା ?

୪୩) ଶିକ୍ଷା ରାଜ୍ୟରେ ବର୍ତ୍ତମାନ କେଉଁ ଅବସ୍ଥା ଆସି ପହଞ୍ଚିଛି ?

୪୪) କେଉଁ ବହି ପଢ଼ି ଆମେ ବିଲାତ ଆମେରିକା ଓ ଋଷ୍ ସଙ୍ଗେ ସମକକ୍ଷ ହୋଇପାରିବୁ ନାହିଁ ବୋଲି ଲେଖକ ପ୍ରଶ୍ନ ଉଠାଇଛନ୍ତି ?

୪୫) ନୋଟ୍ ବହି ପଢ଼ିବା ଲୋକ କେଉଁ ପୁସ୍ତକ ଲେଖି ପାରିବ ନାହିଁ ?

**(୩) ସଂକ୍ଷିପ୍ତ ପ୍ରଶ୍ନୋତ୍ତର - ପ୍ରଶ୍ନର ମୂଲ୍ୟ - ୨ ନମ୍ବର ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । (ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ରହିବ) ।**

୧) ଲେଖକ ମନୁଷ୍ୟତ୍ୱର କି ବିଶେଷ ଲକ୍ଷଣ ନିରୂପଣ କରିଛନ୍ତି ?

୨) ମନୁଷ୍ୟର କାହା ସହିତ ସମ୍ବନ୍ଧ ଘନିଷ୍ଠ ଓ ଏଥିରୁ ବିଚ୍ୟୁତ ହେଲେ କ'ଣ ହୁଏ ?

୩) ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶ ବାର୍ତ୍ତା ଶ୍ରବଣ କଲେ କ'ଣ ହୁଏ ?

୪) କେଉଁ ଦୁଇଟି ସତ୍ୟର ଉପସ୍ଥାପନା ଲେଖକ କରିଛନ୍ତି ?

୫) କାହାର ବିଲୋପ ଅସମ୍ଭବ ବୋଲି ଲେଖକ କହିଛନ୍ତି ?

୬) ଅନିସନ୍ଧିତ୍ସୁ ବ୍ୟକ୍ତି ନିକଟରେ କ'ଣ ସବୁ ଐତିହାସିକ ସତ୍ୟମୟ ?

୭) କେତେବେଳେ ପାଠକ ନିକଟରେ ଇତିହାସ ଅଧ୍ୟୟନ ବିଡ଼ମ୍ବନାରେ ପରିଣତ ହୋଇଥାଏ ?

୮) କେଉଁ କଥାରେ ମତଭେଦ ହୋଇନପାରେ ବୋଲି ଲେଖକ କହିଛନ୍ତି ?

୯) ଚିନ୍ତାଶୀଳ ପାଠକ କେଉଁଥିରୁ ସମୁଚିତ ଶିକ୍ଷା ଲାଭ କରନ୍ତି ?

୧୦) ଲେଖକ ବାରିଦ ସହିତ ମିଶି କିପରି ଓ କ'ଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ?

୧୧) ଉତ୍କଳର କୋଟି ନେତ୍ର କାହା ଭଳି କ'ଣ ପାନ କରିବ ବୋଲି ଲେଖକ କହିଛନ୍ତି ?

୧୨) ବନବାସୀମାନଙ୍କର ମନ କ'ଣ ଦେଖି କିପରି ଆତଙ୍କରେ ଥରି ଉଠୁଥିବ ?

୧୩) ବନବାସୀ ଲଳନା ମାନଙ୍କର ବିଶେଷତ୍ୱ କ'ଣ ?

୧୪) ଜଗତରୁ ତସ୍କରତା ଲୋପ ପାଇଲେ କିଏ କାହା ପାଖକୁ କ'ଣ ଶିଖିବା ପାଇଁ ଆସିବ ?

୧୫) ଦୁଃଖ ଦୈନ୍ୟରେ ସୁଦ୍ଧା କେଉଁଠି, କାହାକୁ କ'ଣ ଛୁଏଁ ନାହିଁ ?

୧୬) ଗର୍ବିତ ଗଜପତିର ଅଜେୟବାହିନୀ କ'ଣ କରି ଚାଲିଥିଲା ?

୧୭) ଲେଖକ ଅମ୍ବୁପତିକୁ କ'ଣ କହି ଆକ୍ଷେପ କରିଛନ୍ତି ଓ କାହିଁକି ?

୧୮) ଗଣତନ୍ତ୍ର ଶାସନର ବିଶେଷତ୍ୱ କ'ଣ ?

୧୯) ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?

୨୦) ଗଣତନ୍ତ୍ରର ମେରୁଦଣ୍ଡ କିଏ ଓ କାହିଁକି ?

୨୧) କିଏ ଲୋକ ପ୍ରତିନିଧି ହେବାପାଇଁ ଉପଯୁକ୍ତ ?

୨୨) କେଉଁମାନଙ୍କ ଉଦାସୀନତା ଯୋଗୁ ଅଯୋଗ୍ୟ ପ୍ରାର୍ଥୀମାନଙ୍କର ଜୟ ହେଉଛି ?

୨୩) ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କ'ଣ ଆଶା କରିବା ବିଡ଼ମ୍ବନା ?

୨୪) ଶିକ୍ଷା ଓ ଯୋଜନା ଭିତରେ କେତେବେଳେ ସମନ୍ୱୟ ରହିପାରିବ ?

୨୫) ଆମର ଶାସନ ପଦ୍ଧତିରେ କେଉଁମାନଙ୍କର ବିଶେଷ ମୂଲ୍ୟ ନ ଥାଏ ?

୨୬) କେତେବେଳେ ପ୍ରଥମ ଆଘାତ ଶିକ୍ଷା ଉପରେ ପଡ଼େ ?

୨୭) ଭାରତ ସରକାର ଜଣେ ଛାତ୍ରକୁ କ'ଣ ଲେଖିଥିଲେ ?

୨୮) ନୋଟ୍ ବହି ପଢ଼ିବାର କୁଫଳ କ'ଣ ?

୨୯) ଜଣେ ସ୍କୁଲ ଶିକ୍ଷକ ଗୋଟିଏ ପ୍ରବନ୍ଧରେ ଖୋଲାଖୋଲି କ'ଣ ଲେଖିଥିଲେ ?

୩୦) କ'ଣ କଲେ ଅବସ୍ଥାର ପରିବର୍ତ୍ତନ ଆଶା କରାଯାଇପାରେ ବୋଲି ଲେଖକ ମତ ଦେଇଛନ୍ତି ?

୩୧) ଆମ ଦେଶରେ ଗବେଷଣା ଡ଼ିଗ୍ରୀ କଲାବେଳେ ଛାତ୍ର ମାନଙ୍କୁ କେଉଁ ପରୀକ୍ଷା ଦେବାକୁ ପଡ଼େ ନାହିଁ ?

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

୧) ପରିବର୍ତ୍ତନଶୀଳ ଜଗତ୍ ମଧ୍ୟରେ କିଏ ଅପରିବର୍ତ୍ତନୀୟ, ସେ ସଂପର୍କରେ ଆଲୋଚନା କର।

୨) ପ୍ରକୃତ ରୂପେ ମାନ ଜୀବନ କିପରି ଗଠିତ ହୁଏ ?

୩) ମାନବ ସମାଜର ସମସ୍ତ ବ୍ୟାପାର କିଭଳି ଇତିହାସର ଅନ୍ତର୍ଭୁକ୍ତ ଦର୍ଶାଅ ?

୪) ପ୍ରାଚୀନ କାଳରେ ଇତିହାସ ସମ୍ପର୍କରେ ପ୍ରାବନ୍ଧିକଙ୍କ ମତ କ'ଣ ?

୫) ଲେଖକ ଉତ୍କଳ ଭୂମିର ଦୁଇ ଦିଗର ବର୍ଣ୍ଣନା କିଭଳି କରିଛନ୍ତି ?

୬) ଲେଖକଙ୍କ ଜନ୍ମଭୂମିର ବର୍ଣ୍ଣନାରେ କ'ଣ ଫୁଟି ଉଠିଛି, ଆଲୋଚନା କର ?

୭) ଯୁବା ବନବାସିନୀମାନଙ୍କ ସଂପର୍କରେ ପ୍ରାବନ୍ଧିକଙ୍କ ବର୍ଣ୍ଣନା ଉପସ୍ଥାପନା କର ?

୮) ବନବାସୀ ମାନଙ୍କର ଧର୍ମ ଓ ମାନବିକତ ସଂପର୍କରେ ଆଲୋଚନା କର ?

୯) ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?

୧୦) ଉପଯୁକ୍ତ ଲୋକ ପ୍ରତିନିଧି ପାଇଁ କ'ଣ ଆବଶ୍ୟକ ?

୧୧) ବିରାଡ଼ି ବୈଷ୍ଣବ ମାନଙ୍କର କାର୍ଯ୍ୟକଳାପ ସଂପର୍କରେ ଆଲୋଚନା କର ?

୧୨) ନେତାଏ ବାଉଁଶ ରାଣୀ ଖେଳ କେତେବେଳେ ଦେଖାନ୍ତି ?

୧୩) ଶିକ୍ଷା ଓ ଯୋଜନା ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇପାରିବ ଆଲୋଚନା କର ?

୧୪) ଭାରତ ବର୍ଷରେ ବିଶେଷଜ୍ଞ ମାନେ ନିଃସ୍ପୃହ କାହିଁକି ?

୧୫) ପରୀକ୍ଷା ପଦ୍ଧତି ସଂପର୍କରେ ପ୍ରାବନ୍ଧିକଙ୍କ ମନ୍ତବ୍ୟ କ'ଣ ?

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

୧) 'ଇତିହାସ' ପ୍ରବନ୍ଧ ସୃଷ୍ଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ?

୨) ଇତିହାସ ପଠନର ଆବଶ୍ୟକତା ଓ ଉପଯୋଗିତା ସଂପର୍କରେ ଲେଖକଙ୍କ ବକ୍ତବ୍ୟର ଅନୁଶୀଳନ କର ?

୩) 'ଇତିହାସ' ପ୍ରବନ୍ଧରେ ନୀତିହୀନ ଅନୁଦାର ଜାତି ଲାଗି ଚରମ ଚେତାବନୀ ପ୍ରଦତ୍ତ ଆଲୋଚନା କର ?

୪) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କ ଉତ୍କଳୀୟ ପ୍ରୀତିର ପରିଚୟ ପ୍ରଦାନ କର?

୫) ପଠିତ ପ୍ରବନ୍ଧ ଅବଲମ୍ବନରେ ଲେଖକଙ୍କ ଭୌଗୋଳିକ ଜ୍ଞାନର ପରିଚୟ ପ୍ରଦାନ କର ?

୬) ଅତୀତ ଉତ୍କଳର ସ୍ମୃତି ରୋମନ୍ଥନ ଲେଖକଙ୍କ କେଉଁ ପ୍ରୀତିର ପରିଚୟ ପ୍ରଦାନ କରିଛି ଓ ଏହା କିପରି, ଆଲୋଚନା କର ?

୭) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କ ଆଭିମୁଖ୍ୟର ବିଚାର କର ?

୮) 'ତିନି ତୁଣ୍ଡରେ' ପ୍ରବନ୍ଧର ନାମକରଣର ସାର୍ଥକତା ପ୍ରତିପାଦନ କର ?

୯) ଗଣତନ୍ତ୍ର ଶାସନ ସଂପର୍କରେ ଲେଖକଙ୍କ ମତାମତର ବିଚାର କର ?

୧୦) ସଫଳ ଗଣତନ୍ତ୍ର ନିମିତ୍ତ ଗଣଶିକ୍ଷା ଓ ଗଣଚେତନାର ଆବଶ୍ୟକତା ସଂପର୍କରେ ଆଲୋଚନା କର ?

୧୧) ଯେଉଁଠି ଶିକ୍ଷିତ ଭୋଟଦାତା ଉଦାସୀନ ସେଠି କାହାର ଜୟହୁଏ ଓ କାହିଁକି ?

୧୨) ପ୍ରବନ୍ଧର ଏପରି ନାମକରଣରେ ଲେଖକଙ୍କ କି ଉଦ୍ଦେଶ୍ୟ ରହିଛି ଆଲୋଚନା କର ?

୧୩) ସ୍ୱାଧୀନ ଦେଶରେ ଶିକ୍ଷା ବ୍ୟବସ୍ଥାରେ ଅଧୋଗତିର କାରଣ ନିର୍ଦ୍ଦେଶ କର ?

୧୪) ଜଣେ ଶିକ୍ଷାବିତ୍ ହିସାବରେ ସ୍ୱାଧୀନ ଦେଶର ଶିକ୍ଷା ବ୍ୟବସ୍ଥା ସଂପର୍କରେ ପ୍ରାବନ୍ଧିକଙ୍କ ବିଶ୍ଳେଷଣର ଯଥାର୍ଥତା ବିଚାର କର ?

୧୫) ପରୀକ୍ଷା ପଦ୍ଧତି ସଂପର୍କରେ ପ୍ରାବନ୍ଧିକଙ୍କ ମତାମତର ଗୁରୁତ୍ୱ ବିଚାର କର ?

***

## ପ୍ରଥମ ଏକକ

# ପ୍ରବନ୍ଧ ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) (ii) ତତ୍ତ୍ୱ ନିରୂପଣ ପ୍ରୟାସ
୨) (i) ଏକ ଶ୍ରେଣୀ
୩) (i) ମନୁଷ୍ୟ
୪) (ii) ଅନନ୍ତ ଅତୀତ
୫) (i) ନରକଙ୍କାଳ
୬) (iii) ଫରାସୀ ରାଷ୍ଟ୍ର ବିପ୍ଳବ
୭) (ii) ଅତୀତ
୮) (i) ସତ୍ୟ ସାଙ୍ଗରେ
୯) (i) ଏକ ଆଡ଼କୁ
୧୦) (ii) ଅର୍ଥ
୧୧) (i) ଇତିହାସ
୧୨) (ii) ଜୀବନ ଚରିତ
୧୩) (ii) କଳ୍ପନା
୧୪) (i) ଧର୍ମ ଶାସ୍ତ୍ର
୧୫) (ii) ସମଷ୍ଟି
୧୬) (i) ସୌ ସାଦୃଶ୍ୟ
୧୭) (iii) ଦୃଷ୍ଟାନ୍ତ ଶିକ୍ଷା
୧୮) (i) ଅହଂକାରୀ
୧୯) (iii) ଅପରିଣାମଦର୍ଶୀ
୨୦) (ii) ଇତିହାସ
୨୧) (ii) ମହାପୁରୁଷ
୨୨) (i) ପିତା ରୂପରେ
୨୩) (i) ବିଧାତା
୨୪) (i) ଯୋଗ୍ୟ ଲୋକ
୨୫) (ii) ବିକୃତ
୨୬) (i) ବାରିବାହ
୨୭) (ii) ବାରିବାହ
୨୮) (i) ଗୋଷ୍ଠୀ
୨୯) (iv) ଉତ୍କଳ
୩୦) (ii) ପୁଷ୍ପପୁର
୩୧) (ii) ଦରିଦ୍ର ଠାରେ
୩୨) (i) କୁଜୀ ହଂସୀ
୩୩) (ii) ବାରିବାହ
୩୪) (i) ଶାଳିକ୍ଷେତ୍ର
୩୫) (ii) ଗିରିଦରୀ
୩୬) (i) ଭଞ୍ଜନୃପ
୩୭) (ii) ଶେଫାଳୀ
୩୮) (ii) କଟକ
୩୯) (ii) ସିନ୍ଧୁ
୪୦) (iii) ଜୟପୁର
୪୧) (ii) ଗଣତନ୍ତ୍ର
୪୨) (ii) ଗଣତନ୍ତ୍ର
୪୩) (ii) ଗଣଙ୍କ ଦ୍ୱାରା ଶାସନ
୪୪) (i) ଶାସକ ଓ ଶାସିତ
୪୫) (iv) ଗଣତନ୍ତ୍ର
୪୬) (ii) ଲଙ୍କାରେ ହରିଶଦ୍ଦ ପରି
୪୭) (ii) ଚିଲିକା ମାଛ ଭଳି
୪୮) (iii) ଗଣତନ୍ତ୍ର
୪୯) (i) ଲୋକ ପ୍ରତିନିଧି
୫୦) (i) ବିରାଡ଼ି ବୈଷ୍ଣବ ମାନେ
୫୧) (ii) ପାଣ୍ଡୁ
୫୨) (ii) ପ୍ରୋପାଗଣ୍ଡା
୫୩) (iv) ପାଣ୍ଡୁ
୫୪) (ii) ପବନ
୫୫) (ii) ଶିକ୍ଷିତ
୫୬) (ii) ଦୁଇ ବିରାଡ଼ି
୫୭) (i) ଗଣତନ୍ତ୍ର
୫୮) (iii) ଆମେ
୫୯) (ii) କୃଷି
୬୦) (ii) ସବା ତଳେ
୬୧) (iv) ଶିକ୍ଷାରେ
୬୨) (iv) ଯୋଜନା ଯୁଗ
୬୩) (i) ବାର୍ଷିକ ରିପୋର୍ଟ
୬୪) (ii) ଏସିଆ
୬୫) (i) ଶିକ୍ଷା
୬୬) (iii) ଭାରତ
୬୭) (iii) ଶାସକ
୬୮) (ii) ବିଶେଷ ସମ୍ମାନ
୬୯) (ii) ଅଧୋଗତି
୭୦) (iii) ଶିକ୍ଷା କମିଶନ
୭୧) (iii) କଳିଙ୍ଗ
୭୨) (iii) ଆନ୍ଧ୍ରପ୍ରଦେଶ
୭୩) (iii) ହୀରାକୁଦ ବନ୍ଧରୁ
୭୪) (ii) ମାଜିଷ୍ଟ୍ରେଟ
୭୫) (ii) ତାଳ ଗଛ

**(୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧. ଦୁଇ ଶ୍ରେଣୀର
୨. ତତ୍ତ୍ୱ ନିରୂପଣ ପ୍ରୟାସ
୩. ନିତ୍ୟ କ୍ରିୟାଶୀଳ
୪. ମନୁଷ୍ୟ
୫. ହୃତ୍‌କମ୍ପ ସୃଷ୍ଟିହୁଏ
୬. ସ୍ଥୁଳ ଦୃଷ୍ଟି ମାନବ
୭. ଅର୍ଥ ଶୂନ୍ୟ
୮. କଞ୍ଚନାର
୯. ଆଦର୍ଶର
୧୦. ପ୍ରକୃତି ଗତ
୧୧. ଦୃଷ୍ଟାନ୍ତ
୧୨. ପ୍ରୟୋଜନୀୟ ବସ୍ତୁ
୧୩. ବିକୃତ ଅନୁରାଗ
୧୪. ପୁଷ୍ପପୁରରେ
୧୫. ବାରି ବାହର
୧୬. ସଜୀବ ଓ ଶ୍ୟାମଳ
୧୭. ବିରହୀ ଯକ୍ଷ
୧୮. ବ୍ୟକ୍ତିବିଶେଷର
୧୯. ଉତ୍କଳ ପଥରେ
୨୦. ବଦାନ୍ୟତା
୨୧. ବନବାସୀମାନଙ୍କର
୨୨. ମହାବନରେ
୨୩. ଭାଗିରଥୀ
୨୪. ସମ୍ବଲପୁର
୨୫. କୋଣାର୍କ
୨୬. ଗଣତନ୍ତ
୨୭. ଛୁଆଁ ଅଛୁଆଁର
୨୮. ମେରୁଦଣ୍ଡ
୨୯. ପ୍ରୋପାଗଣ୍ଡାର
୩୦. ଶିକ୍ଷିତମାନଙ୍କ
୩୧. ଜନତା ଜନାର୍ଦ୍ଦନ
୩୨. ବାଉଁଶ ରାଣୀ
୩୩. ଗଧିଆ
୩୪. ଶ୍ରେଷ୍ଠ ଶାସନ
୩୫. ଗଣଶିକ୍ଷା ଓ ଗଣଚେତନା
୩୬. ଶିକ୍ଷା
୩୭. ମାଟିକୁ
୩୮. ମଣିଷର ମନକୁ
୩୯. ଭାରତର ଲୋକେ
୪୦. ବିଶେଷଜ୍ଞମାନଙ୍କର
୪୧. ସଣ୍ଡେ ଷ୍ଟାଣ୍ଡାର୍ଡ
୪୨. ବମ୍ବେରୁ
୪୩. ନିରୂପାୟ
୪୪. ନୋଟ୍ ବହି
୪୫. ମୌଳିକ ପୁସ୍ତକ

**(୩) ସଂକ୍ଷିପ୍ତ ପ୍ରଶ୍ନୋତ୍ତର - ପ୍ରଶ୍ନର ମୂଲ୍ୟ - ୨ ନମ୍ବର ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। (ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ରହିବ)।**

୧. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ମାନବର ଚିନ୍ତାଶୀଳତା, ସୂକ୍ଷ୍ମ ଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସକୁ

୨. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ମନୁଷ୍ୟ ବର୍ତ୍ତମାନର ଜୀବ - ଅତୀତ ଓ ଅନନ୍ତ ଭବିଷ୍ୟତ ସହିତ ସମ୍ବନ୍ଧ ବିଚ୍ୟୁତ ହେଲେ ଜୀବନ ମୂଲ୍ୟହୀନ।

୩. ପ୍ରବନ୍ଧ - ଇତିହାସ, ଲେଖକ- ବିଶ୍ୱନାଥ କର
ଦୁଃଖରେ ଶୋକରେ ପ୍ରାଣ ଅବସନ୍ନ ହୋଇପଡ଼େ।

୪. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
(କ) ପିତାମାତାଙ୍କ ଶୁକ୍ରଶୋଣିତରୁ ସନ୍ତାନର ଉତ୍ପତ୍ତି
(ଖ) ସମଗ୍ର ଅତୀତ ମାନବ ଜାତିର ରକ୍ତ ମାଂସରୁ ବର୍ତ୍ତମାନ ମାନବୋନ୍ନତି

୫. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ସତ୍ୟର ବିଲୋପ ଅସମ୍ଭବ

୬. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ଅନିସନ୍ଧିତ୍ସୁ ବ୍ୟକ୍ତି ନିକଟରେ ଐତିହାସିକ ସତ୍ୟମୟ ? (ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ଧର୍ମ ନୀତି, ବିଜ୍ଞାନ, ଦର୍ଶନ)

୭. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ଯେତେବେଳେ ପାଠକ ନିଜ ଜୀବନ ସଙ୍ଗେ ଅତୀତର ସମ୍ପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରିବାକ ପ୍ରବୃତ୍ତ ହୁଏ।

୮. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ବୈଷମ୍ୟର ମାତ୍ରା ଯେତେ ଅଧିକ ହେଲେ ବି ମନୁଷ୍ୟ ମନୁଷ୍ୟ ମଧ୍ୟରେ ପ୍ରକୃତି ଗତ ସୌସାଦୃଶ୍ୟ ବିଦ୍ୟମାନ, ଏହି କଥାରେ-

୯. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ର ନିଜ ଜୀବନରେ ଏବଂ ସମସାମୟିକ ସମାଜ ମଧ୍ୟରେ ପ୍ରତିବିମ୍ବିତ ଦେଖି ସେଗୁଡ଼ିକରୁ ସମୁଚିତ ଶିକ୍ଷା ଲାଭ।

୧୦. ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବାରିଦ ସହିତ ମିଶି ଧୂମ, ଜ୍ୟୋତି ବା ସଳିଳ ହୋଇ ନିଜ ଜନ୍ମଭୂମିକୁ ଚିହ୍ନାଇ ଦେବାକୁ ଇଚ୍ଛା।

୧୧. ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଗୋପାଙ୍ଗନାମାନଙ୍କ ଅପାଙ୍ଗ ଘନଶ୍ୟାମର ରୂପ ସୁଧା ପାନ କଲାପରି ଉତ୍କଳର କୋଟି ନେତ୍ର ନବବାରିବାହର ରୂପ ସୁଧା ପାନ କରିବ।

୧୨. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଝାଉଁଳା ଶାଳିକ୍ଷେତ୍ର ଦେଖି, ରୋଗଶଯ୍ୟା ଶାୟିତ ପୁତ୍ର କନ୍ୟାକୁ ଦେଖି ପିତା ମାତାଙ୍କ ମନ ଆତଙ୍କରେ ଥରି ଉଠିବା ପରି।

୧୩. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବାରିବାହର ଗୁରୁ ଗମ୍ଭୀର ଗର୍ଜନରେ ଭୀତା ହୋଇ ଆଲିଙ୍ଗନ ପାଇଁ ପୁରୁଷ ପାଶକୁ ନ ପଳାଇ ବନସ୍ପତି ପରି ଅବିରତ ବୃଷ୍ଟିପାତ ମଧ୍ୟରେ ଶସ୍ୟ କ୍ଷେତ୍ରରେ କର୍ମରତ ରହିବା।

୧୪. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସଭ୍ୟ ସମାଜ ଦିନେ ବନବାସୀମାନଙ୍କ ପାଖକୁ ମାନବିକତା ଶିଖିବାକୁ ଆସିବ।

୧୫. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସମ୍ବଲପୁର ଅଞ୍ଚଳର ନରନାରୀଙ୍କୁ ବିଷାଦ କାଳିମା ଛୁଏଁ ନାହିଁ।

୧୬. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରିଚାଲିଥିଲା।

୧୭. ପ୍ରବନ୍ଧ – ପୁଷ୍ପପୁରରେ ବର୍ଷାବରଣ,
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅମ୍ବୁପତିକୁ କୃପଣ କୋଟିପତି ସହିତ ତୁଳନା କରି ସୃଷ୍ଟି ଜଳିଗଲେ ସୁଦ୍ଧା ବିନା କରପୀଡ଼ନରେ ବିନ୍ଦୁ ମାତ୍ର ଦାନ କରେ ନାହିଁ।

୧୮. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଗଣଙ୍କ ଦ୍ୱାରା ଶାସନ ହିଁ ପ୍ରକୃତ ବିଶେଷତ୍ୱ

୧୯. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେସଙ୍ଗେ ସମଷ୍ଟିଗତ ପ୍ରଗତି।

୨୦. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଲୋକ ପ୍ରତିନିଧି ମନୋନୟନ, ସିଧାସଳଖ ପ୍ରତିନିଧି ବାଛିବା ଓ ସେମାନଙ୍କ ହାତରେ ଶାସନ ଭାର ସମର୍ପଣ କରିବା।

୨୧. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଯେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ସେ ଦେଶର ଭୋଟଦାତା।

୨୨. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଶିକ୍ଷିତ ଭୋଟଦାତାମାନଙ୍କ ଉଦାସୀନତା

୨୩. ପ୍ରବନ୍ଧ – ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା।

୨୪. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ-ଗୋଲକ ବିହାରୀ ଧଳ
ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ।

୨୫. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ବିଶେଷଜ୍ଞମାନଙ୍କର

୨୬. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ସମସ୍ତ ଯୋଜନା ପ୍ରସ୍ତୁତ ହୋଇସାରି ଅର୍ଥ ବିଭାଗର ବିଚାରକୁ ଆସିବା ବେଳେ।

୨୭. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ଭାରତ ସରକାର ଆମେରିକା ଭଳି ଧନୀ ନୁହଁନ୍ତି, ଅନ୍ତତଃ ନିଜ ଦେଶର ସେବାଲାଗି ନିଜ ଦେଶକୁ ଫେରି ଆସନ୍ତୁ।

୨୮. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ନୋଟ୍ ବହି ପଢ଼ି ପରୀକ୍ଷା ଦେଲେ ଜ୍ଞାନ ଅର୍ଜନ ଆଦୌ ସମ୍ଭବ ହୋଇନଥାଏ।

୨୯. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ଯଦି ଆଜିକାଲି କୌଣସି ଅନୁଷ୍ଠାନରୁ ବହୁତ ଭଲ ଛାତ୍ର ଖୁବ୍ ଭଲ ଫଳ ଦେଖାନ୍ତି ତେବେ ସେ ପ୍ରକାର ଫଳକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ହେବ।

୩୦. ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ଶିକ୍ଷାକୁ ବିଚାରର ଶେଷ ସ୍ଥାନ ନ ଦେଇ ଶୀର୍ଷ ସ୍ଥାନ ଦେଲେ।

୩୧ ପ୍ରବନ୍ଧ – ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ – ଗୋଲକ ବିହାରୀ ଧଳ
ପ୍ରବୀଣତାର ପରୀକ୍ଷା।

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

୧. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ସତ୍ୟ ଅପରିବର୍ତ୍ତନୀୟ - ସକଳ ବସ୍ତୁର ରୂପାନ୍ତର - ଭାବାନ୍ତର ଅଛି। ସତ୍ୟର ବିଲୋପ କି ପରିବର୍ତ୍ତନ ନାହିଁ - କ୍ଷୁଦ୍ର ଅଗ୍ନି କଣା ଓ ସତ୍ୟ ପରିବ୍ୟାପ୍ତ ହେଲେ ଭୟଙ୍କର ଅବସ୍ଥା ସୃଷ୍ଟି - ଅସତ୍ୟ ଓ ଅନ୍ୟାୟର ବିନାଶ।

୨. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା - ମାନବ ଜୀବନର ଗଠନ - ଜୀବନରେ ଆଲୋକ ଓ ଆନନ୍ଦ - ସ୍ଥାୟୀ ନୁହେଁ। ଜୀବନ ଗତିଶୀଳ।

୩. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ରାଜା ଠାରୁ କୃଷକ - ସମାଜର ସମସ୍ତେ ଅଙ୍ଗ - ମାନବର ବ୍ୟକ୍ତିଗତ ଜୀବନ ସହ ସମାଜ ଜୀବନର ତୁଳନା। ସମସ୍ତ ବିଷୟ ସଭ୍ୟତାର ଗଣ୍ଡିରେ ଆବଦ୍ଧ।

୪. ପ୍ରବନ୍ଧ - ଇତିହାସ, ଲେଖକ - ବିଶ୍ୱନାଥ କର
ପ୍ରାଚୀନ କାଳର ଇତିହାସ - କଳ୍ପନା ମିଶ୍ରିତ ବିବରଣ - କାବ୍ୟ, ନାଟକ, ପୁରାଣାଦିରେ ପ୍ରକାଶିତ - ପ୍ରାଚୀନ ଧର୍ମଶାସ୍ତ୍ରରେ ବି ସତ୍ୟତା ବିଦ୍ୟମାନ।

୫. ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଏକ ଦିଗ - ଉପକୂଳ ଅଞ୍ଚଳ - ତାଳ ତମାଳ ଶୋଭିତ ମହୋଦଧିର ବେଳାଭୂମି ଅନ୍ୟ ଦିଗ - ପାର୍ବତ୍ୟାଞ୍ଚଳ - ତୁଙ୍ଗ ଶିଖରୀ ମଣ୍ଡିତ ବନରାଜିର ଶ୍ୟାମଳ ଶୋଭା।

୬. ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବର୍ଣ୍ଣନାରେ ଉତ୍କଳୀୟ ପ୍ରୀତି - ମାଟି ପ୍ରୀତି - ଦେଶ ପ୍ରୀତି - ଅତୀତର ଗୌରବ ଗାଥା ବର୍ଣ୍ଣନା - ସମୃଦ୍ଧ ଭୂମିର ପରବର୍ତ୍ତୀ ଦୁଃଖ ବର୍ଣ୍ଣନା।

୭ ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମନୋଜ୍ଞ ବର୍ଣ୍ଣନା - ବନବାସୀ ଲଳନା ମାନଙ୍କର ଗତି - ହାସ୍ୟ ଓ ସଙ୍ଗୀତ ମୁଖର ପରିବେଶ ସୃଷ୍ଟି - ନିଷ୍କପଟ ହୃଦୟର ଭାଷା - ବନସ୍ପତି ଭଳି ଅବିଶ୍ରାନ୍ତ ବାରିପାତରେ ବି କର୍ମରତ।

୮. ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ, ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବନବାସୀ ସ୍ୱାଧୀନଚେତା - ବାରିବାହ ବ୍ୟତୀତ ଅନ୍ୟର ଅନୁଗ୍ରହ ନ ଲୋଡ଼ିବା - ସ୍ୱେଦାର୍ଜିତ ଧନ, ନିର୍ମଳ ମନ - ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ - ଜଗତରୁ ତସ୍କରତା ଲୋପ ପାଇଲେ ସଭ୍ୟ ସମାଜ ସେମାନଙ୍କଠାରୁ ମାନବିକତା ଶିକ୍ଷା କରିବ।

୯. ପ୍ରବନ୍ଧ - ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଗଣଙ୍କ ଦ୍ୱାରା ଶାସନ - ନିଜେ ନିଜକୁ ଶାସନ - ପ୍ରଭୁ କିମ୍ବା ଦାସ ଶୋଷକ କିମ୍ବା ଶୋଷିତ ନାହିଁ।

୧୦. ପ୍ରବନ୍ଧ - ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଶାସନ ସମ୍ବନ୍ଧୀୟ ଜ୍ଞାନ - ସୁଶିକ୍ଷିତ - ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ପ୍ରତି ସଚେତନ - ମାନସିକ ଦୃଷ୍ଟିକୋଣ - ସାଧୁତା ସଙ୍କୋଚ ପଣିଆ ସମ୍ପର୍କରେ ଜ୍ଞାନ।

୧୧. ପ୍ରବନ୍ଧ - ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ନିଜ ପେଁକାଳୀ ଓ ନିଜ ଢୋଲ ବଜାଇବା - ଧୂଆଁ ବାଣ ଛାଡ଼ିବା - ଧନ କାର୍ପଣ୍ୟ ଓ ସେବାର ସାମୟିକ ସାହାଯ୍ୟ ନେବା - କ୍ଷମତା ଦଖଲ କରିବା।

୧୨. ପ୍ରବନ୍ଧ - ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ତରାଜୁ ଧରିବାର ସୁଯୋଗ ନମିଳିଲେ - ମାଙ୍କଡ଼ ଚିତି ମାରି ପଟ୍ଟ ପରିବର୍ତ୍ତନ - ବାଉଁଶ ରାଣୀ ଖେଳ ଦେଖାଇ ଭଉଁର କାଟି ଦିଗ ପରିବର୍ତ୍ତନ।

୧୩. ପ୍ରବନ୍ଧ - ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ - ଗୋଲକ ବିହାରୀ ଧଳ
ପ୍ରଥମେ ମନୁଷ୍ୟର ମନକୁ ଶିକ୍ଷାରେ ସଜାଡ଼ିବା - ଯୋଜନା ବିଷୟରେ ବୁଝାଇବା - ଯୋଜନାକୁ ଯେତିକି ଆଗ୍ରହ, ଶିକ୍ଷାକୁ ତା ଠାରୁ ଅଧିକ ଆଗ୍ରହ ଦେଖାଇବା।

୧୪. ପ୍ରବନ୍ଧ - ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ - ଗୋଲକ ବିହାରୀ ଧଳ
ଭାରତ ବର୍ଷରେ ବିଶେଷଜ୍ଞ ମାନଙ୍କୁ ସମ୍ମାନ ନ ମିଳିବା - ସବୁ କଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବା - ନିଷ୍ପତ୍ତି ନେବାର କ୍ଷମତା ନଥିବା।

୧୫. ପ୍ରବନ୍ଧ - ସ୍ୱାଧିନ ଦେଶରେ ଶିକ୍ଷା ଚିନ୍ତା,
ଲେଖକ - ଗୋଲକ ବିହାରୀ ଧଳ
ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ - ଏଥିଲାଗି ବାଟଖୋଜା - ପ୍ରଶ୍ନପତ୍ର ପ୍ରଘଟ ଓ ବିକ୍ରି - ଅଧ୍ୟୟନ ଅପେକ୍ଷା ଅସଦ୍ ଉପାୟ ଲାଗି ସମୟ ଦେବା - ବର୍ଷ ସାରା ପରୀକ୍ଷା ଫଳ ବାହାରିବା।

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧. ପ୍ରବନ୍ଧ - ଇତିହାସ , ଲେଖକ - ବିଶ୍ୱନାଥ କର
ଇତିହାସର ସଂଜ୍ଞା ନିରୂପଣ - ଜାତି ଓ ବ୍ୟକ୍ତିର ଇତିହାସ ପାଠର ଆବଶ୍ୟକତା - ପ୍ରକୃତ ସଂଜ୍ଞା ନିରୂପଣ - ଜାତି ଓ ବ୍ୟକ୍ତିର ଇତିହାସ ପାଠର ଆବଶ୍ୟକତା - ପ୍ରକୃତ ଇତିହାସ କାହାକୁ କୁହାଯାଏ - ଅଯୋଗ୍ୟ ଜାତିର ପତନ - ସତ୍‌ପଥରେ ଗତି କରି ଦେଶ ଓ ଜାତିର ଉନ୍ନତି ସାଧନ।

୨. ପ୍ରବନ୍ଧ - ଇତିହାସ , ଲେଖକ - ବିଶ୍ୱନାଥ କର
ପ୍ରତ୍ୟେକ ଜାତି ତା'ର ଇତିହାସ ପାଠ କରିବା - ଇତିହାସରୁ ପ୍ରେରଣା ଓ ଉନ୍ମାଦନା ଲାଭ - ଅତୀତର ତ୍ରୁଟି ସୁଧାରି ଭବିଷ୍ୟତ ଗଠନ ଲାଗି ଶିକ୍ଷାଲାଭ - ଯେ କୌଣସି ଜାତି ଗଠନରେ ଇତିହାସର ଭୂମିକା ସମ୍ପର୍କରେ ଆଲୋଚନା ରହିବ।

୩. ପ୍ରବନ୍ଧ - ଇତିହାସ , ଲେଖକ - ବିଶ୍ୱନାଥ କର
ଉପକ୍ରମ - ନୀତିହୀନ ଅନୁଦାର ଜାତିର ଅଧଃପତନ - ଅହଂକାର ଓ ଆତ୍ମସ୍ୱାର୍ଥ ପତନର କାରଣ - ବିଶ୍ୱ ଇତିହାସରେ ଥିବା ଉଦାହରଣ - ଇତିହାସ ଦ୍ୱିତୀୟ ଶିକ୍ଷକ - ଏକଥାକୁ ହୃଦୟଙ୍ଗମ କରି ଯେ କୌଣସି ଜାତି ନିଜକୁ ସୁଧାରିବାକୁ ପ୍ରଚେଷ୍ଟା କରିବା ଉଚିତ୍।

୪. ଲେଖକଙ୍କ ସଂପର୍କରେ - ଉପକ୍ରମ - ପ୍ରତ୍ୟେକ ମନୁଷ୍ୟ ପ୍ରାଣରେ ଜାତି ପ୍ରୀତି ଓ ମାଟି ପ୍ରୀତି - ଉତ୍କଳର ପ୍ରାକୃତିକ ଶୋଭା ବର୍ଣ୍ଣନା - ବାରିବାହକୁ ସ୍ୱ ଜନ୍ମଭୂମି ଉତ୍କଳକୁ ଆସିବାକୁ ଅନୁରୋଧ - ପାର୍ବତ୍ୟାଞ୍ଚଳ ଠାରୁ ସମତଳ ବେଳାଭୂମି ପର୍ଯ୍ୟନ୍ତ ଶସ୍ୟଶ୍ୟାମଳା କରିବାକୁ ବାରିଦକୁ ଆହ୍ୱାନ।

୫. ପ୍ରାବନ୍ଧିକ ଜଣେ ଐତିହାସିକ - ପ୍ରନ୍ ତତ୍ତ୍ୱବିତ୍ - ଭୌଗୋଳିକ ଜ୍ଞାନ ଅତ୍ୟନ୍ତ ଉଚ୍ଚକୋଟୀର - ଉତ୍କଳର ପ୍ରତ୍ୟେକ ଅଞ୍ଚଳ ସ୍ମୃତିପଟରେ ଉଦ୍‌ଭାସିତ, ବାରିଦକୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରାଇ ଶେଷରେ ଗଞ୍ଜାମ ପଥ ଦେଇ ବିଦାୟ ଦେବା।

୬. ଅତୀତ ଉତ୍କଳର ବୀରତ୍ୱ - ଗୌରବଗାଥା - ସମୃଦ୍ଧ ଉତ୍କଳରର ଅବିସ୍ମରଣୀୟ ଘଟଣାବଳୀ - ଉତ୍କଳର ବ୍ୟାପ୍ତିର ବର୍ଣ୍ଣନା ରହିବ। ଲେଖକଙ୍କ ଜାତିପ୍ରୀତି ଓ ଦେଶପ୍ରୀତିର ଚରମ ନିଦର୍ଶନ ବୋଲି ଲେଖାଯିବ।

୭. ଜନ୍ମଭୂମି ପ୍ରତି ମୋହ ଓ ଆକର୍ଷଣ - ମାଟିପ୍ରୀତି - ଜନ୍ମଭୂମିର ଗୌରବଗାନ - ସମୃଦ୍ଧ ଉତ୍କଳର ପରିକଳ୍ପନା - ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ଜାତୀୟତା ଭାବ ସୃଷ୍ଟି ପ୍ରବନ୍ଧର ଉଦ୍ଦେଶ୍ୟ।

୮. ବହୁ ପ୍ରଚଳିତ ଲୋକକଥା - ଗଣତନ୍ତ୍ରରେ ଏହାର ଭୂମିକା - ଏହାର ପ୍ରଭାବ - ନିର୍ବାଚନରେ ଏହାର ନିର୍ଣ୍ଣାୟକ ଭୂମିକା - ବିଷୟରେ ଆଲୋଚନା ରହିବ।

୯. ପ୍ରବନ୍ଧ - ତିନି ତୁଣ୍ଡରେ, ଲେଖକ-ଭୁବନେଶ୍ୱର ବେହେରା
ଗଣତନ୍ତ୍ରର ସଂଜ୍ଞା - ଗଣତନ୍ତ୍ରରେ ଶାସନ ବ୍ୟବସ୍ଥା - ନିର୍ବାଚନ ପଦ୍ଧତି - ପ୍ରତିନିଧି ନିର୍ବାଚନ - ଶାସନ ପରିଚାଳନା - ଗଣତନ୍ତ୍ରର ସଫଳତା କାହା ଉପରେ ନିର୍ଭରଶୀଳ।

୧୦. ଗଣତନ୍ତ୍ର ଶାସନ କ'ଣ - ନିର୍ବାଚନ - ପ୍ରତିନିଧି ଚୟନ - ଉପଯୁକ୍ତ ପ୍ରତିନିଧିର ଆବଶ୍ୟକତା - ଅଶିକ୍ଷା ଓ ଅଜ୍ଞାନତାର କୁଫଳ - ବିଫଳ ଗଣତନ୍ତ୍ର।

୧୧. ଗଣତନ୍ତ୍ରରେ ପ୍ରତିନିଧି ନିର୍ବାଚନ - ଉପଯୁକ୍ତ ପ୍ରାର୍ଥୀଚୟନ - ଶିକ୍ଷାର ଅଭାବ ହେଲେ ପ୍ରୋପାଗଣ୍ଡାର ପ୍ରଭାବ ପଡ଼େ - ଉପଯୁକ୍ତ ପ୍ରର୍ଥୀ ଚୟନ ହୋଇପାରେ ନାହିଁ - ମାଙ୍କଡ଼ର ପିଠା ବଣ୍ଟା ନ୍ୟାୟ ଚାଲେ - ଫଳତଃ ଗଣତନ୍ତ୍ର ଶାସନ ବିଫଳ ହୁଏ। ନେତାଙ୍କ ବାଉଁଶ ରାଣୀ ଖେଳ ବେଶ୍ କାମ କରେ।

୧୨. ନାମକରଣ ବେଶ୍ ବୌଦ୍ଧିକ - ଗଣତନ୍ତ୍ରରେ ତିନି ତୁଣ୍ଡ ବା ସଂଖ୍ୟାଧିକ ମତକୁ ସମ୍ମାନ ଦିଆଯାଏ। ଗଣର ମତାମତକୁ ଗ୍ରହଣ - ଗଣର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଷ୍ପତ୍ତି ଭୁଲ୍ ହେଲେ ଏହାର କୁପରିଣତି ଭୋଗିବାକୁ ହୋଇଥାଏ।

୧୩. ସ୍ୱାଧୀନ ଦେଶରେ ଶିକ୍ଷା ପ୍ରତି ଗୁରୁତ୍ୱ ନ ଦେବା - ଯୋଜନା ବେଳେ ଶିକ୍ଷାକୁ ଶେଷରେ ରଖିବା - ଶିକ୍ଷାର ମାନବୃଦ୍ଧି ଲାଗି ସରକାରୀ ସ୍ତରରେ ପ୍ରଯତ୍ନ ନହେବା - ଶିକ୍ଷାର ଭୂମିକାକୁ ଗୌଣ ମନେକରିବା - ଅର୍ଥ ବିଭାଗର ଶିକ୍ଷା ପ୍ରତି ବୈମାତୃକ ମନୋଭାବ ଇତ୍ୟାଦିର ଆଲୋଚନା କରାଯିବ।

୧୪. ଶିକ୍ଷା ସଂପର୍କରେ ସରକାରୀ ଗୁରୁତ୍ୱର ଅଭାବ - ଶିକ୍ଷାର ବିକାଶ କ୍ଷେତ୍ରରେ ଅନୁକୂଳ ମନୋଭାବର ଅଭାବ - ପ୍ରତ୍ୟେକ କ୍ଷେତ୍ରରେ ଶାସକ ମାନଙ୍କର ଆଧିପତ୍ୟ - ବିଶେଷଜ୍ଞମାନଙ୍କୁ ଅଣଦେଖା, ଶିକ୍ଷା ଓ ଯୋଜନା ମଧ୍ୟରେ ଥିବା ସମ୍ବନ୍ଧକୁ ନ ବୁଝିବା - ଦେଶରେ ପ୍ରସ୍ତୁତ ଯୋଜନାର ପ୍ରଗତି ନ ହେବାର କାରଣ ନ ଖୋଜିବା ଇତ୍ୟାଦିର ଆଲୋଚନା କରାଯିବ।

୧୫. **ଉପକ୍ରମ :** ଶିକ୍ଷା କ୍ଷେତ୍ରରେ ନିରୂପାୟ ଅବସ୍ଥା - ନୋଟ୍ ବହିର ପ୍ରଚଳନ - ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଲାଗି ଆଗ୍ରହ - ପ୍ରଶ୍ନପତ୍ର ବିକ୍ରି - ପରୀକ୍ଷାର ଗୁରୁତ୍ୱ ହ୍ରାସ - ପାଶ୍ ହାର ଓ ପ୍ରଥମ ଶ୍ରେଣୀ ହାର ଅଧିକ ହେଲେବି ଜ୍ଞାନର ଅଭାବ - ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଘୋର ଅବକ୍ଷୟ ସମ୍ପର୍କରେ ଆଲୋଚନା କରାଯିବ।

# ଦ୍ୱିତୀୟ ଏକକ

## କବିତା ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ପଠିତ କବିତାରେ ଉଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ କେଶରୀ – ଔରସରୁ ଜନ୍ମିତ କ'ଣ ବୋଲି ଆକ୍ଷେପ କରାଯାଇଛି ?
(i) ଶ୍ୱାନ (ii) ବାଘ
(iii) ହାତୀ (iv) ସିଂହ

୨. ବହ୍ନି ଶିଖା ପରି କିଏ ଉର୍ଦ୍ଧ୍ୱଗାମୀ ଥିଲେ ?
(i) ସାମନ୍ତ ଚନ୍ଦ୍ରଶେଖର (ii) ଉତ୍କଳର ଗଜପତି
(iii) ଉତ୍କଳର ସେନାପତି (iv) ବକ୍ସି ଜଗବନ୍ଧୁ

୩. କବିଙ୍କ ସମୟରେ ରାଜା ଓ ପ୍ରଜାଙ୍କ ସମ୍ପର୍କ କିପରି ଥିଲା ?
(i) ଶୁକଶାରୀ ପରି (ii) ବାଜ-ପାରା ପରି
(iii) ସିଂହଶଶକ ପରି (iv) ପିତା ପୁତ୍ର ପରି

୪ ଦୁଃଖୀରଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?
(i) ଘିଅ ଅଟା (ii) ଛାଗ ମୁଣ୍ଡା
(iii) କୁକ୍କୁଟାଣ୍ଡ (iv) ଖୁଦକୁଣ୍ଡା

୫. ଭଙ୍ଗା ମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?
(i) ବଳ (ii) ଆୟୁ
(iii) ଧନ (iv) ଯୌବନ

୬. 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ' – ଉକ୍ତିଟି କାହାର ?
(i) ଉତ୍କଳର ଗଜପତି
(ii) ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡର
(iii) ସାମନ୍ତ ଚନ୍ଦ୍ରଶେଖର
(iv) ସାଧାରଣ ପ୍ରଜାର

୭. 'ବଡ଼ପଣ' କବିତାଟି କେଉଁ କାବ୍ୟରୁ ସଂଗୃହୀତ ?
(i) କେଦାରଗୌରୀ (ii) ମହାଯାତ୍ରା
(iii) ଦରବାର (iv) ଚିଲିକା

୮. କବି ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?
(i) ସୁଶାସକ ଥିଲେ
(ii) ଯୋଦ୍ଧା ଥିଲେ
(iii) ରାଜ୍ୟକୁ ଏକ ପରିବାର ବୋଲି ମନେ କରୁଥିଲେ
(iv) ଦୋଷୀ ପ୍ରଜାକୁ ଦଣ୍ଡ ଦେଉ ନ ଥିଲେ

୯. ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?
(i) ବେତ ମାଡ଼ ନେଇ
(ii) କର ଆଦାୟ କରି
(iii) ବିଦେଶୀ ବନ୍ଧୁକ ଦେଖାଇ
(iv) ବନ୍ଦୀ କରି

୧୦. ଦରବାରରେ ଯୋଗଦେଇଥିବା ରାଜାମାନଙ୍କର ସର୍ବସ୍ୱ କ'ଣ ଥିଲା ?
(i) ଧନ ସମ୍ପତ୍ତି (ii) ସୁନା
(iii) ଗନ୍ତାଘର (iv) ସୈନ୍ୟ ସାମନ୍ତ

୧୧. କେଉଁମାନଙ୍କୁ ଖଳ, ଖଣ୍ଟ, କାନ କୁହା ବୋଲି କବି କହିଛନ୍ତି ?
(i) ମନ୍ତ୍ରୀମାନଙ୍କୁ (ii) ସେନାପତିମାନଙ୍କୁ
(iii) ପିଆଦାମାନଙ୍କୁ (iv) ସାମନ୍ତମାନଙ୍କୁ

୧୨. ରାଜାମାନେ କିପରି ନିଜର ମାଲଖାନା ପୂର୍ଣ୍ଣ କରୁଥିଲେ ?
(i) ପ୍ରଜାଙ୍କ ଧନ ଅପହରଣ କରି
(ii) ଜରିମାନା କରି
(iii) ଭୂ-ସମ୍ପତ୍ତି ବିକ୍ରି କରି
(iv) ବ୍ରିଟିଶ୍ ସରକାରଙ୍କଠାରୁ କରଜ ଆଣି

୧୩. ଧନ ଅର୍ଜନର ସଫଳତା କେଉଁଠି ଥାଏ ?
(i) ସୁବ୍ୟୟରେ
(ii) ଅନ୍ୟକୁ ଦାନ କରିବାରେ
(iii) ବିଳାସ ବ୍ୟସନରେ ବ୍ୟୟ କରିବାରେ
(iv) ସଞ୍ଚୟ କରିବାରେ

୧୪. ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର ସମୁଦ୍ର କୂଳରେ ପହଞ୍ଚି କାହିଁକି କାନ୍ଦି ପକାଇଥିଲେ ?
(i) ଯୁଦ୍ଧ କରି କ୍ଳାନ୍ତ ହୋଇଯାଇଥିବାରୁ
(ii) ଜୟ କରିବାକୁ ଆଉ ରାଜ୍ୟ ନ ଥିବାରୁ
(iii) ଗୁରୁଙ୍କ ସହିତ ହାରିଯିବାରୁ
(iv) ରୋଗଗ୍ରସ୍ତ ହୋଇଯାଇଥିବାରୁ

୧୫. ଆୟୁ ବଢ଼ିଗଲେ ଜୀବନରେ ମାୟାର ପ୍ରଭାବ କିପରି ହୁଏ ?
(i) ଛାୟା ପରି ବଢ଼ିଯାଏ
(ii) ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ
(iii) ମାୟାର ଆକର୍ଷଣ ରହେ ନାହିଁ
(iv) ମାୟା କମିଯାଏ

୧୬. ମୃତ୍ୟୁ ଦୂରରେ ଅଛି ବୋଲି ଯିଏ ହସୁଥାଏ ତା'ର କିପରି ଗତି ଘଟେ ?
(i) ମୃତ୍ୟୁ ହସି ହସି ତା' ପଛରେ ଆସି ଲୁଚି ବସିଯାଏ
(ii) ତା' ଜୀବନ ଦୀର୍ଘ ସ୍ଥାୟୀ ହୁଏ
(iii) ମୃତ୍ୟୁଭୟ ଲୋପ ପାଏ
(iv) ଆନନ୍ଦରେ କାଳ କଟାଏ

୧୭. ବିଧାତା ଧର୍ମରୂପକ ପୋତ ଗଢିଛନ୍ତି କାହିଁକି ?
(i) ସଂସାର ବାରିଧିକୁ ପାରି ହେବାପାଇଁ
(ii) ଧର୍ମହୀନ ବ୍ୟକ୍ତିକୁ ଧର୍ମ ସଚେତନ କରିବା ପାଇଁ
(iii) ଧର୍ମର ପ୍ରଚାର କରିବା ପାଇଁ
(iv) ରାଜ୍ୟ ଶାସନ କରିବା ପାଇଁ

୧୮. ଶରଣ-ବତ୍ସଳ-ଧ୍ୱଜ-ରିପୁ-ଗଜଙ୍କୁଶ - ଏଥିରେ ଧ୍ୱଜ ଶବ୍ଦର ଅର୍ଥ କ'ଣ ?
(i) ରକ୍ଷକ (ii) ପତାକା
(iii) ଶତ୍ରୁ (iv) ମିତ୍ର

୧୯. ନବ ବାମା ବୋଲି କବି କାହାକୁ କହିଛନ୍ତି ?
(i) ସୀତା
(ii) ସୁନାର ସୀତା
(iii) ନବବିବାହିତା ଦ୍ୱିତୀୟା ପତ୍ନୀ
(iv) ରୁକ୍ମିଣୀ

୨୦. ରାମଚନ୍ଦ୍ରଙ୍କ ସଦ୍‌ଗୁଣାବଳୀ ଶତ ଗୁଣିତ ହେଉଥିବ କାହିଁକି ?
(i) ସୀତାଙ୍କ ସ୍ମୃତିକୁ ମନେପକାଇ
(ii) ଲବକୁଶଙ୍କ ପରିଚୟ ପାଇ
(iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବାପାଇଁ
(iv) ଋଷିମାନଙ୍କୁ ଆନନ୍ଦ ପ୍ରଦାନ ପାଇଁ

୨୧. ସୀତା ରାମଚନ୍ଦ୍ରଙ୍କୁ ପତ୍ର ଲେଖି କ'ଣ ମାଗିଥିଲେ ?
(i) ପୁତ୍ରଦ୍ୱୟଙ୍କୁ ରାଜଭୋଗ ପ୍ରଦାନ ପାଇଁ
(ii) ତାଙ୍କୁ କ୍ଷମା କରିବା ପାଇଁ
(iii) ନବବଧୂ କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ଲାଭ କଲେ ଜଣାଇବା ପାଇଁ
(iv) ନବବଧୂଙ୍କୁ ପରିତ୍ୟାଗ କରିବାପାଇଁ

୨୨. ସୀତାଙ୍କ ପୁତ୍ରଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉ ଥିଲେ ?
(i) ପରସ୍ପର କଳହ କରି
(ii) ବୀଣା ତନ୍ତ୍ରୀରେ ରାମାୟଣ ଗାନ କରି
(iii) ରାମଚନ୍ଦ୍ରଙ୍କ କଥା ମନେପକାଇ
(iv) ପିତାଙ୍କ ପରିଚୟ ପଚାରି

୨୩. ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ?
(i) ସୀତାଙ୍କ କ୍ରନ୍ଦନ
(ii) ଲବ କୁଶଙ୍କ ରାମାୟଣ ଗାନ
(iii) ଋଷିମାନଙ୍କ ଓଁକାର ଧ୍ୱନି
(iv) ଋଷି କୁମାର ମାନଙ୍କ ବେଦଧ୍ୱନି

୨୪. ସୀତାଙ୍କ ଶିଶୁଦ୍ୱୟଙ୍କ ମନ କ'ଣ ପାଇଁ ସେମାନଙ୍କୁ ଆକର୍ଷିତ କରିନେଉଥିଲା ?
(i) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ ପାଇଁ
(ii) ରାମଚନ୍ଦ୍ରଙ୍କ ନିକଟରେ ରାମାୟଣ ଗାନ ପାଇଁ
(iii) ମାତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ ପାଇଁ
(iv) ଅଯୋଧ୍ୟା ଯାଇ ପିତାଙ୍କୁ ପରିଚୟ ପ୍ରଦାନ ଲାଗି

୨୫. କ'ଣ ଶୁଣି ସୀତାଙ୍କ ହୃଦୟ ହାଣି ହୋଇ ଯାଉଥିଲା ?
(i) ଶିଶୁଦ୍ୱୟଙ୍କ କ୍ରନ୍ଦନ
(ii) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ
(iii) ଜନକଙ୍କ ଅସୁସ୍ଥତା
(iv) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ

୨୬. ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ କାହିଁକି ସ୍ୱପ୍ନ ମନେ କରିବେ ବୋଲି ସୀତା ଚିଠିରେ ଲେଖିଛନ୍ତି ?
(i) ନବପ୍ରଣୟିନୀର ମୁଖଦର୍ଶନ କରି
(ii) ରାଜ କାର୍ଯ୍ୟରେ ବ୍ୟସ୍ତ ରହି
(iii) ପୁତ୍ରଦ୍ୱୟଙ୍କ ପରିଚୟ ପାଇ
(iv) ରାମାୟଣ କଥା ଶ୍ରବଣ କରି

୨୭. ସତୀ ସୀତା ହୃଦୟ ବିକଳରେ ପତ୍ର ଲେଖିଲା ବେଳେ ନୟନ ଜଳରେ କ'ଣ ଧୌତ ହେଉଥାଏ ?
(i) ଗଣ୍ଡଦେଶ (ii) ମୁଖମଣ୍ଡଳ
(iii) ପତ୍ର (iv) ବସ୍ତ୍ର

୨୮. 'ନାନା ରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର' ଏଠାରେ ଅମ୍ବରର ଅର୍ଥ ______ ।
(i) ଲୁଗା (ii) ଚନ୍ଦୁଆ
(iii) ଆକାଶ (iv) ସୂର୍ଯ୍ୟ

୨୯. ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?
(i) ପତି ପତ୍ନୀର କଳହ
(ii) ପ୍ରେମ ଅସ୍ପଷ୍ଟଗିର
(iii) ନାୟକ ନାୟିକାର ମିଳନ
(iv) ପ୍ରେମିକର ଭର୍ତ୍ସନା

୩୦. ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?
(i) ପ୍ରେମିକାର ଲାସ୍ୟ
(ii) ପ୍ରେମିକାର ସ୍ୱୀକୃତି
(iii) ପ୍ରେମିକର ଆନନ୍ଦ ଭିତରେ ବିଷାଦ ରେଖା
(iv) ପ୍ରେମିକର ଅହଙ୍କାର

୩୧. ପ୍ରଣୟ ପୀୟୂଷରେ କ'ଣ ମିଶିଛି ?
(i) ମିଳନ ଅମୃତ (ii) ବିରହର ବିଷ
(iii) ପ୍ରତିକ୍ରିୟାର ହଳାହଳ (iv) ନିର୍ଯ୍ୟାତନାର କୁଟିଳତା

୩୨. ଗୋପବନ୍ଧୁଙ୍କ ଅବରୋଧର ସମୟ କ'ଣ ଥିଲା ?
(i) ସକାଳ (ii) ମଧ୍ୟାହ୍ନ
(iii) ଗୋଧୂଳିକାଳ (iv) ରାତି

୩୩. ଯମଦୂତ ବୋଲି କବି କାହାକୁ କହିଛନ୍ତି ?
(i) ଜେଲ୍ ସିପାହୀକୁ (ii) ସହବନ୍ଦୀଙ୍କୁ
(iii) ଇଂରେଜ ଶାସକଙ୍କୁ (iv) ଗଡ଼ଜାତ ରାଜାଙ୍କୁ

୩୪. କେଉଁ ଉଚ୍ଚ ଆସନରେ ବସି ରବି ହସନ୍ତି ?
(i) ଉଦୟାଚଳ (ii) ଅସ୍ତାଚଳ
(iii) ମଳୟାଚଳ (iv) ହିମାଚଳ

୩୫. ସୂର୍ଯ୍ୟାସ୍ତ ସମୟରେ ଗଛଗୁଡ଼ିକର ଛାଇ ଲମ୍ୱିଯାଇଥିବାରୁ କବି କ'ଣ କଳ୍ପନା କରୁଛନ୍ତି ?
(i) ଗଛମାନେ ଅନ୍ଧକାରକୁ ଧରି ରଖିଛନ୍ତି
(ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ ଜଣାଉଛନ୍ତି
(iii) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି
(iv) ପରାଧୀନତା ପରି ଅନ୍ଧକାର ବ୍ୟାପିଯାଉଛି

୩୬. ସନ୍ଧ୍ୟାକାଳୀନ ମୃଦୁ ସମୀରଣରେ ସୂର୍ଯ୍ୟ ପ୍ରେମିକା କାନରେ କ'ଣ କହୁଥିଲେ ?
(i) ଶୀଘ୍ର ଫେରି ଆସିବି
(ii) ଆଉ ଫେରିବିନି
(iii) ବିରହ ଅବିସମ୍ବାଦିତ
(iv) ଫେରିବାରେ ବିଳମ୍ବ ହେବା

୩୭. ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?
(i) ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚାର
(ii) ସନ୍ଧ୍ୟାର ବିରହ ଦୃଶ୍ୟ
(iii) ଅସ୍ତକାଳୀନ ସୂର୍ଯ୍ୟଙ୍କ ସ୍ନିଗ୍ଧକିରଣ
(iv) ନୀଡ଼ ବାହୁଡ଼ା ପକ୍ଷୀ ମାନଙ୍କ ଆଗମନ ଦୃଶ୍ୟ

୩୮. ସନ୍ଧ୍ୟା ଆଗମନରେ ପକ୍ଷୀ ଦଳ ଦଳ ହୋଇ କ'ଣ କରୁଥିଲେ ?
(i) ମଧୁର ସଙ୍ଗୀତ ଗାନ କରୁଥିଲେ
(ii) କରୁଣ ସଙ୍ଗୀତ ଗାନ କରୁଥିଲେ
(iii) ଲଳୀତ ସଙ୍ଗୀତ ଗାନ କରୁଥିଲେ
(iv) ବିରହ ସଙ୍ଗୀତ ଗାନ କରୁଥିଲେ

୩୯. କବିଙ୍କ ତାପିତ ଅନ୍ତରରେ କିପରି ସାନ୍ତ୍ୱନା ଆସିବ ବୋଲି ସେ ମନେ କରିଛନ୍ତି ?
(i) ଜେଲ୍ ଭିତରେ ରହିଲେ
(ii) ମୁକ୍ତି ପାଇଗଲେ
(iii) ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ
(iv) ସିପାହୀ ତାଙ୍କୁ ପ୍ରକୋଷ୍ଠ ମଧ୍ୟରେ ଆବଦ୍ଧ ନ କଲେ

୪୦. ଜଗତର ସର୍ବଜଡ଼ଚେତନା କାହା ପାଶରେ ବନ୍ଧା ବୋଲି କବି କହିଛନ୍ତି ?
(i) ସୁଖ ପାଶରେ (ii) ଦୁଃଖ ପାଶରେ
(iii) ପ୍ରୀତି ପାଶରେ (iv) ଅନୁରାଗ ପାଶରେ

୪୧. କ୍ଷଣକ ଲାଗି ବାହାରେ ରହି କାହାର ପ୍ରଭାବ ଦେଖିବେ ବୋଲି କବି କହିଛନ୍ତି ?
(i) ଦୁଃଖର (ii) ସୁଖର
(iii) ବିରହର (iv) ପ୍ରଣୟର

୪୨. ବିଶ୍ୱ ପ୍ରକୃତିରେ ସମହୃଦବେଦନା ଦେଖିଲେ କବିଙ୍କ ତାପିତ ଅନ୍ତରରେ କ'ଣ ଆସିବ ବୋଲି ସେ ମନେକରିଛନ୍ତି ?
(i) ସୁଖ ଆସିବ (ii) ଶୀତଳତା ଆସିବ
(iii) ସାନ୍ତ୍ୱନା ଆସିବ (iv) ଆନନ୍ଦ ଆସିବ

୪୩. ରବିଙ୍କ ଲାସ୍ୟ ହାସ୍ୟରେ ପ୍ରକଟିତ ଗୁରୁ ବିଷାଦ ରେଖା କାହା ନେତ୍ରରେ କେବଳ ଦେଖାଯାଏ ?
(i) ପ୍ରେମିକର ନେତ୍ରରେ
(ii) ଅନୁଭବୀ ନେତ୍ରରେ
(iii) ବିଷାଦବାଦୀ ନେତ୍ରରେ
(iv) ପ୍ରକୃତିପ୍ରେମୀ ନେତ୍ରରେ

୪୪. ନିଜର ମର୍ଯ୍ୟାଦା ଜଗି ଶେଷରେ କବି କ'ଣ କରିବେ ବୋଲି କହିଛନ୍ତି ?
(i) ବାହାରେ ବୁଲିବେ
(ii) ବିଲରେ ପଶିବେ
(iii) ପ୍ରକୃତିର ଶୋଭା ଦେଖିବେ
(iv) ନୀରବ ରହିବେ

୪୫. ପିଙ୍ଗଳା କିଏ ?
(i) ପଲ୍ଲୀବଧୂ (ii) କୂଳ ବଧୂ
(iii) ବାରବଧୂ (iv) ନବବଧୂ

୪୬. ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?
(i) ସଂଜଦୀପ (ii) ପୂଜାଦୀପ
(iii) ଜ୍ଞାନଦୀପ (iv) କେଳିଦୀପ

୪୭. ପିଙ୍ଗଳା ରସିକ ନାଗରମାନଙ୍କୁ କି ଅଭିନୟ ଦେଖାଉଥିଲା ?
(i) ପୀରତିର ଅଭିନୟ (ii) ଛଳନାର ଅଭିନୟ
(iii) ସ୍ତ୍ରୀର ଅଭିନୟ (iv) ବାନ୍ଧବୀର ଅଭିନୟ

୪୮. 'ମରତ ପଥର ଅମର ବନ୍ଧୁ ଅନ୍ତର ବିମୋହନ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?
(i) ପିଙ୍ଗଳାର ପ୍ରେମିକ (ii) ଧନୀ ପୁତ୍ର
(iii) ରସିକନାଗର (iv) ପରମପୁରୁଷ

୪୯. ମୁକ୍ତା କେଉଁଠି ଫଳେ ?
(i) ଶୁକ୍ତି ଗର୍ଭରେ (ii) ସାଗର ଗର୍ଭରେ
(iii) ଧରିତ୍ରୀ ଗର୍ଭରେ (iv) ପଦ୍ମ ଗର୍ଭରେ

୫୦. କେଉଁ ମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?
(i) ମଣି କାଞ୍ଚନ ମାଳା (ii) ମରକତ ମାଳା
(iii) ବନପୁଷ୍ପର ମାଳା (iv) ମଲ୍ଲୀମାଳା

୫୧. ପ୍ରେମର ସନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?
(i) ମଧୁମତା (ii) ପିଙ୍ଗଳା
(iii) ମଧୁବ୍ରତା (iv) ଆମ୍ରପଲ୍ଲୀ

୫୨. ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?
(i) ପ୍ରସ୍ଫୁଟିତ ପଦ୍ମ (ii) ବରଷାର ନୀପ
(iii) କୋରକିତ କେତକୀ (iv) ବିକଶିତ ମଲ୍ଲୀ

୫୩. ପିଙ୍ଗଳା କେଉଁ ନଗରର ନଟୀ ଥିଲା ?
(i) ଅବନ୍ତୀ (ii) ବିଦେହ
(iii) ଉଜ୍ଜୟିନୀ (iv) କୋଶଳ

୫୪. ଗଗନେ ଭୁବନେ ପବନେ ପବନେ ପିଙ୍ଗଳା କ'ଣ ଶୁଣିବ ବୋଲି ଆଶା ପୋଷଣ କରିଛି ?
(i) ପ୍ରେମର ଗୀତି (ii) ବିରହ ଗୀତି
(iii) ମୂରଲୀ ଗୀତି (iv) ପ୍ରକୃତିଗୀତ

୫୫. ପିଙ୍ଗଳା କେଉଁ କ୍ଷୁଧା ଭୁଲିବ ବୋଲି କହିଛି ?
(i) ଦେହର କ୍ଷୁଧା (ii) ମନର କ୍ଷୁଧା
(iii) ପ୍ରାଣର କ୍ଷୁଧା (iv) ଆତ୍ମାର କ୍ଷୁଧା

୫୬. ବିଦେହ ନଗରକୁ ପିଙ୍ଗଳା ତା'ର କ'ଣ ଭୁଲିଯିବା ଲାଗି ଅନୁରୋଧ କରିଛି ?
(i) ଘୃଣ୍ୟ କଳୁଷ ରାଜି (ii) ଘୃଣ୍ୟ କରମ ରାଜି
(iii) ଘୃଣ୍ୟ କାଳିମା ରାଜି (iv) ଘୃଣ୍ୟ ସୁଆଗ ରାଜି

୫୭. ଉତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?
(i) ଧରଣୀର ତୃଣ ତଳ୍ପରେ
(ii) ଫୁଲ ଶଯ୍ୟାରେ
(iii) ତୂଳୀ ତଳ୍ପ ଶଯ୍ୟାରେ
(iv) ପଥର ଚଟାଣରେ

୫୮. ଗୁଣ୍ୟ ମର୍ତ୍ତ୍ୟ ଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ?
(i) ନେତ୍ରୀ (ii) ପତିତା
(iii) ସାମ୍ରାଜ୍ଞୀ (iv) ଗୃହୀଣି

୫୯. ପିଙ୍ଗଳା ତା' ପାପର କଳୁଷ କାଳିମାକୁ କିପରି ଧୋଇବ ବୋଲି ଭାବୁଛି ?
(i) ପବିତ୍ର ଜଳରେ
(ii) ଗଙ୍ଗା ଜଳରେ
(iii) ତିକ୍ତ ଲୋତକ ଜଳରେ
(iv) ତୀର୍ଥ ଜଳରେ

୬୦. ସରଗର ଅମରୀ କନ୍ୟା ବୋଲି କିଏ ନିଜକୁ ଘୋଷଣା କରିଛି ?
(i) ପିଙ୍ଗଳା (ii) ମଧୁମତା
(iii) ଜଣେ ଦେବୀ (iv) ମଧୁବ୍ରତା

୬୧. ଶତ ବନଗିରି କାନ୍ତାର ବୁଲି ପିଙ୍ଗଳା କାହାକୁ ଭେଟିବ ବୋଲି କହିଛି ?
(i) ସ୍ନେହର ଧନ (ii) ପ୍ରୀତିର ଧନ
(iii) ପ୍ରେମର ଧନ (iv) ପ୍ରଣୟ ଧନ

୬୨. ପିଙ୍ଗଳା ନିଜକୁ କେଉଁ କନ୍ୟା ବୋଲି ଘୋଷଣା କରିଛି ?
(i) ସାଗର କନ୍ୟା (ii) ସରିତ କନ୍ୟା
(iii) ଅମର କନ୍ୟା (iv) ମାନବ କନ୍ୟା

୬୩. ପିଙ୍ଗଳା କ'ଣ ପିଇ ଆସିଥିଲା ବୋଲି ପ୍ରକାଶ କରିଛି ?
(i) ପାଣି (ii) ପଣା
(iii) ଅମୃତ (iv) ବିଷ

୬୪. ସର୍ପିଣୀ ସମ ସୃଷ୍ଟି ତଳେ ପିଙ୍ଗଳା କ'ଣ ସୃଜିଲା ବୋଲି କହିଛି ?
(i) କୁଟୀଳତା (ii) ଜଟିଳତା
(iii) ବିଷମ ବିଷ (iv) ଭୟଙ୍କରୀତା

୬୫. ଶତାବ୍ଦୀର ସିଂହ ଦ୍ୱାରରୁ ଦୂତ କାହାର ବର ଆଣିଛି ?
(i) ଜମିଦାରର (ii) ମହାଜନର
(iii) ଦେବତାର (iv) ଭବିଷ୍ୟତର

୬୬. କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନିଅ ବୋଲି କହିଛନ୍ତି ?
(i) ଶ୍ୟେନପରି (ii) ସିଂହପରି
(iii) ବ୍ୟାଘ୍ର ପରି (iv) ଶ୍ୱାନ ପରି

୬୭. ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?
(i) ଦୂତ (ii) ଡାକବାଲା
(iii) ମେଘ (iv) ପାରା

୬୮. କବି ମାନବ ଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?
(i) ପ୍ରତିଶୋଧ ପରାୟଣ ହୋଇ
(ii) ଲୌକିକ ଜ୍ଞାନକୁ ଧରି
(iii) ସମସ୍ତଙ୍କୁ ଆପଣାର କରି
(iv) ପ୍ରତିଶ୍ରୁତି ପାଳନ କରି

୬୯. ଦୀପ୍ତ କଣ୍ଠରେ କ'ଣ ପଚାରିବା ପାଇଁ ସମୟ ଆସିଛି ?
(i) ଏତେ ଦିନ ଧରି ଲୌହକାରାଗାରକାହିଁକି ଥିଲା
(ii) ମଣିଷ କାହିଁକି ଅନ୍ୟକୁ ବିଶ୍ୱାସ କରୁଥିଲା
(iii) ଜୀବନର କ'ଣ ସମ୍ଭାବନା ଥିଲା
(iv) ଭବିଷ୍ୟତରେ କି ଆଶା ଥିଲା

୭୦. କବି ମନୁଷ୍ୟ ପୁତ୍ରକୁ କ'ଣ ହୁଅ ବୋଲି କହିଛନ୍ତି ?
(i) ଦଗ୍ଧ ଓ ଭସ୍ମ ହେବାକୁ
(ii) ଦେବତାର ରୂପ ଦେବାକୁ
(iii) ଅତ୍ୟାଚାରୀ ହେବାକୁ
(iv) କୈଫିୟତ ଦେବାକୁ

୭୧. ଯୁଗଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?
(i) ମରୁଡ଼ିର ବିଭୀଷିକା
(ii) ବାତ୍ୟାର କରାଳ ତାଣ୍ଡବ
(iii) ଭୀମ ଅତ୍ୟାଚାର
(iv) ଶୋଷଣ ପେଷଣ

୭୨. କାହାକୁ କବି ମହାଧର୍ମ ବୋଲି ଆଖ୍ୟା ଦେଇଛନ୍ତି ?
(i) ମାନବ ଚେତନା (ii) ଧର୍ମ ଚେତନା
(iii) ଶ୍ରେଣୀ ଚେତନା (iv) ବିଶ୍ୱ ଚେତନା

୭୩. 'କୀଟ ସମହୁଅ ନିଷ୍ପେଷିତ', ଏଠାରେ କୀଟ କିଏ ?
(i) ଦେବତା ପୁତ୍ର (ii) ମନୁଷ୍ୟ ପୁତ୍ର
(iii) ଦାନବ ପୁତ୍ର (iv) ଧରିତ୍ରୀ ପୁତ୍ର

୭୪. କାହା ମଧ୍ୟରୁ ଦୀକ୍ଷା ଗ୍ରହଣ ଲାଗି କବି ଆହ୍ୱାନ ଦେଇଛନ୍ତି ?
(i) ପାଉଁଶ ମଧ୍ୟରୁ (ii) ଭସ୍ମ ମଧ୍ୟରୁ
(iii) ଅଗ୍ନି ମଧ୍ୟରୁ (iv) ଜ୍ଞାନ ରଶ୍ମୀ ମଧ୍ୟରୁ

୭୫. କାହାର ସାଧନା ଜୟଲାଭ କରୁ ବୋଲି କବି କହିଛନ୍ତି ?
(i) କ୍ଷୁଦ୍ରର (ii) ଉତ୍ପୀଡ଼ନର
(iii) ଶିକ୍ଷାର (iv) ବ୍ରହ୍ମଜ୍ଞାନର

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. 'ବଡ଼ପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଅଛି ?

୨. ବହ୍ନିଶିଖାର ଧର୍ମ କ'ଣ ?

୩. ଜଳଧାରାର ଧର୍ମ କ'ଣ ?

୪. ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣ କିପରି ଥିଲେ ?

୫. ଏବେ ରାଜା ଓ ପ୍ରଜାଙ୍କ ସଂପର୍କ କିପରି ବୋଲି କୁହାଯାଇଛି ?

୬. ଆଜିର ରାଜଧର୍ମ କିପରି ବୋଲି କୁହାଯାଇଛି ?

୭. ଧନର ସାଫଲ୍ୟ କେଉଁଥିରେ ଥାଏ ?

୮. କିଏ ଧନକୁ ଜଗିବସିଥାଏ ?

୯. କାହାକୁ କ୍ରୂର ଓ ଅବିଶ୍ୱାସୀ ବୋଲି କୁହାଯାଇଛି ?

୧୦. ସଂସାରରେ ମହତ ପଣିଆ କ'ଣ ?

୧୧. କିଏ ନିଜକୁ ଦୀନ ଭିଖାରିଣୀ ବୋଲି କହିଛନ୍ତି ?

୧୨. ତାପସଙ୍କ ଅଶାନ୍ତି ନାଶକ ବୋଲି କାହାକୁ କୁହାଯାଇଛି ?

୧୩. 'ଦାନବାରିଧି' କିଏ ?

୧୪. ଅତ୍ୟନ୍ତ ଅବୋଧ ବୋଲି ସୀତା କାହାକୁ କହିଛନ୍ତି ?

୧୫. ଶିଶୁ ପୁତ୍ର ଦ୍ୱୟ କାହା ସହିତ ଅଯୋଧ୍ୟା ଯାଉଥିଲେ ?

୧୬. ସୀତାଙ୍କ ପୁତ୍ରମାନଙ୍କର କେଉଁ ଭାଗ୍ୟ ନାହିଁ ବୋଲି କୁହାଯାଇଛି ?

୧୭. ସୀତାଙ୍କ ପୁତ୍ରମାନେ କେଉଁ ବାଦ୍ୟ ସହାୟତାରେ ରାମାୟଣ ଗାନ କରୁଥିଲେ ?

୧୮. ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ବୋଲି ସୀତା ଜଣାଇଛନ୍ତି ?

୧୯. ବିକଳରେ ପତ୍ର ଲେଖୁଥିବା ବେଳେ ପତ୍ରଟି କାହା ଦ୍ୱାରା ଧୋଇ ହୋଇଯାଉଥିଲା ?

୨୦. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ କେଉଁ ସଙ୍କଳନରୁ ଆସିଅଛି ?

୨୧. ବିଦାୟ ବେଳାରେ ପକ୍ଷୀମାନଙ୍କର ଗାନ କିପରି ଥିଲା ?

୨୨. ସଂନ୍ଧ୍ୟାକାଳୀନ ସୂର୍ଯ୍ୟ କେଉଁଠି ବସି ହସୁଥିଲେ ?

୨୩. ଅସ୍ତକାଳୀନ ସୂର୍ଯ୍ୟଙ୍କ ରଙ୍ଗ କିରଣକୁ କବି କାହା ସହିତ ତୁଳନା କରିଛନ୍ତି ?

୨୪. ସୂର୍ଯ୍ୟଙ୍କ ହସରେ କ'ଣ ପ୍ରକଟିତ ହେଉଥିଲା ?

୨୫. କାହା ବିରହ ମନରେ ଦାରୁଣ କଷଣ ଦିଏ ବୋଲି କୁହାଯାଇଛି ?

୨୬. ଜଗତ କାହା ପାଶରେ ବନ୍ଧା ବୋଲି କବି କହିଛନ୍ତି ?

୨୭. ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ ବ୍ୟଥା ଦେଉଥିଲା ?

୨୮. ସିପାହୀକୁ ଗୋପବନ୍ଧୁ କ'ଣ ଅନୁରୋଧ କରିଥିଲେ ?

୨୯. ବିରହ ବିଷ କେଉଁଥିରେ ମିଶିଛି ବୋଲି କବି କହିଛନ୍ତି ?

୩୦. ଅଳି କେଉଁଥିରେ ଜଡ଼ିତ ହୋଇଥାଏ ବୋଲି କୁହାଯାଇଛି ?

୩୧. 'ପିଙ୍ଗଳାର ଅଭିସାର' କବିତାର କବି କିଏ ?

୩୨. କେଉଁ ପୁରାଣ ଆଧାରରେ ପିଙ୍ଗଳାର ଅଭିସାର କବିତାଟି ରଚିତ ?

୩୩. ମରତ ପଥର ଅମର ବନ୍ଧୁ କିଏ ?

୩୪. ପିଙ୍ଗଳାର କେଉଁ ଜୀବନରେ ଶତଦଳ ଫୁଟିଛି ବୋଲି କୁହାଯାଇଛି ?

୩୫. ଦଶଦିଗ କେଉଁଥିରେ ଉଛୁଳି ପଡୁଥିଲା ?

୩୬. ପିଙ୍ଗଳା ତିକ୍ତ ଲୋତକ ଜଳରେ କାହାକୁ ଧୋଇବ ବୋଲି କହିଛି ?

୩୭. ପ୍ରାଣର କ୍ଷୁଧାକୁ ପିଙ୍ଗଳା କ'ଣ କରିବ ବୋଲି କହିଛି ?

୩୮. ପିଙ୍ଗଳା କ'ଣ ପିଇ ଆସିଥିଲା ବୋଲି କହିଛି ?

୩୯. ବିଷମ ବିଷ କିଏ ସୃଷ୍ଟି କରିଛି ବୋଲି କହିଛି ?

୪୦. କାହାର ବାର୍ତ୍ତା ଧରି ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଆସିଛି ?

୪୧. ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ କ'ଣ ଆସିଛି ?

୪୨. ଭୀମ ଅତ୍ୟାଚାର ଯୁଗଯୁଗ ଧରି ମାନବ ଆତ୍ମାକୁ କ'ଣ ଦେଇଛି ?

୪୩. କାହାର ସାଧନା ଜୟ ଲାଭ କରୁ ବୋଲି କବି କହିଛନ୍ତି ?

୪୪. ଶ୍ୟେନପରି ମଣିଷ ପୁତ୍ର କ'ଣ ନେଉ ବୋଲି କବି କହିଛନ୍ତି ?

୪୫. ଶତାବ୍ଦୀ ସିଂହଦ୍ୱାରରୁ ଭବିଷ୍ୟତର ବର କିଏ ଆଣିଛି ?

**(୩) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ପୂର୍ବ ସମୟର ରାଜା ଓ ପ୍ରଜାମାନଙ୍କ ମଧ୍ୟରେ କିପରି ସମ୍ପର୍କ ଥିଲା ?

୨. ଦରବାର ସମୟରେ ତତ୍କଳୀନ ରାଜଧର୍ମ କିପରି ଥିଲା ?

୩. ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର ଶେଷ ସମୟରେ କ'ଣ କହିଥିଲେ ?

୪. ସଂସାର ବାରିଧି ପାରି ହେବାପାଇଁ କିଏ କ'ଣ ଗଢ଼ିଛନ୍ତି ?

୫. କବି କାହାକୁ ନିଷ୍ଠୁର ଓ କାହିଁକି ଅବିଶ୍ୱାସୀ ବୋଲି କହିଛନ୍ତି ?

୬. କ'ଣ କରି କିଏ ଉଚ୍ଚତର ଗତି ଲାଭ କରିବାକୁ କହିଛନ୍ତି ?

୭. କିଏ ନିଜକୁ ଦୀନଭିଖାରୁଣି ବୋଲି କହିଛନ୍ତି ଓ କାହାକୁ ବନ୍ଦନା କରିଛନ୍ତି ?

୮. କିଏ କ'ଣ ପାଇଲେ କୋଟି ଅଶ୍ୱମେଧ ଯଜ୍ଞର ଦାନ ଠାରୁ ଅଧିକ ଲାଭ କରିବେ ବୋଲି କହିଛନ୍ତି ?

୯. କେଉଁମାନେ ଜନ୍ମକାଳରୁ ପିତୃ ଅନୁରାଗ ପାଇ ନାହାନ୍ତି କାହିଁକି ?

୧୦. ରାମାୟଣ ଗାନ କିଏ ଓ କିପରି କରୁଥିଲେ ?

୧୧. ପ୍ରଭୁରାମଚନ୍ଦ୍ରଙ୍କ ଚରିତ୍ରର ମହତ୍ତ୍ୱ ଶ୍ରବଣ କରି କିଏ କାହା ସହିତ ଅଯୋଧ୍ୟା ଯାଉଥିଲେ ?

୧୨. ସୀତାଦେବୀ ରାମଚନ୍ଦ୍ରଙ୍କୁ ପତ୍ର ଲେଖିବା ବେଳର ଅବସ୍ଥା କିପରି ଥିଲା ?

୧୩. 'ବନ୍ଦୀର ବିରହବ୍ୟଥା' କବିତାଟି କିଏ କେଉଁଠାରେ ରଚନା କରିଥିଲେ ?

୧୪. ସୂର୍ଯ୍ୟଙ୍କ ବିଦାୟ ବେଳାରେ ଆକାଶର ଅବସ୍ଥା କିପରି ଥିଲା ?

୧୫. ପ୍ରାଚୀ ପ୍ରତି ସୂର୍ଯ୍ୟଙ୍କର ମନୋଭାବ କିପରି ଥିଲା ?

୧୬. ଅନୁଭବି ବ୍ୟକ୍ତି ସନ୍ଧ୍ୟାକାଳୀନ ଦୃଶ୍ୟରୁ କ'ଣ ଦେଖିପାରେ ?

୧୭. ପ୍ରୀତିପାଶରେ କିଏ ବନ୍ଧା ବୋଲି କବି କହିଛନ୍ତି ?

୧୮. ବିଶ୍ୱ ପ୍ରକୃତିରେ କ'ଣ ଦେଖିଲେ କବିଙ୍କ ହୃଦୟରେ ସାନ୍ତ୍ୱନା ଆସିବ ?

୧୯. ପିଙ୍ଗଳା କ'ଣ ଲୋଡ଼ା ନାହିଁ ବୋଲି କହିଛି ?

୨୦. ନୂତନ ବନ୍ଧୁର ସ୍ପର୍ଶରେ ପିଙ୍ଗଳା କ'ଣ ଅନୁଭବ କରିଛି ?

୨୧. ବାଧାବନ୍ଧନ ତୁଟିଗଲାପରେ ଏଣିକି ପିଙ୍ଗଳା କ'ଣ କରିବ ବୋଲି କହିଛି ?

୨୨. ପିଙ୍ଗଳା କ'ଣ ଜାଳିକାହା ଲାଗି ଆରତି ଧୂପ କରିବ ?

୨୩. ପରିବର୍ତ୍ତିତ ପିଙ୍ଗଳା କ'ଣ ପିଇ କାହାକୁ ଭୁଲିଯିବ ବୋଲି କହିଛି ?

୨୪. ପିଙ୍ଗଳା ନିଜକୁ କାହା ସହିତ ତୁଳନା କରିଛି ?

୨୫. କାହାର କି ସ୍ପର୍ଶରେ ପିଙ୍ଗଳାର ଅଙ୍ଗସ୍ୱର୍ଣ୍ଣରେ ରୂପାନ୍ତରିତ ହେବ ବୋଲି ସେ କହିଛି ?

୨୬. ଭବିଷ୍ୟତର ବାର୍ତ୍ତା ଧରି କିଏ କେଉଁଠୁ ଆସିଛି ?

୨୭. କବି କାହାକୁ କ'ଣ ଧରି ଜାଗି ଉଠିବାକୁ ଆହ୍ୱାନ କରିଛନ୍ତି ?

୨୮. କବି କିଭଳି ହୋଇ କାହାର ପ୍ରତିଶୋଧ ନେବାକୁ କହିଛନ୍ତି ?

୨୯. କାହାର ଉଚ୍ଛେଦ କବି ଚାହିଁଛନ୍ତି ଓ କ'ଣ କରିବାକୁ କହିଛନ୍ତି ?

୩୦. କବି କାହାର ଜୟଗାନ କରିଛନ୍ତି ?

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ।**

୧. ରାଜଧର୍ମର ଅବକ୍ଷୟକୁ କବି କିଭଳି ଚିତ୍ରଣ କରିଛନ୍ତି ବର୍ଣ୍ଣନା କର ?

୨. ଧନ ଲାଳସାର ଅନ୍ତିମ ଶାଶ୍ୱତ ସତ୍ୟକୁ କବି କିପରି ପ୍ରକାଶ କରିଛନ୍ତି ଆଲୋଚନା କର ?

୩. କାଳ ସମ୍ପର୍କରେ କବିଙ୍କ ମତାମତ ଉପସ୍ଥାପନ କର ?

୪. ତପସ୍ୱିନୀର ପତ୍ର କବିତାରେ କିଏ କାହାକୁ କ'ଣ ଜାଣିବା ଲାଗି ପତ୍ର ଲେଖିଥିଲେ ?

୫. କେଉଁ କଥା ଜାଣିବାକୁ ପାଇଲେ କୋଟି ଅଶ୍ୱମେଧ ଯଜ୍ଞ ଠାରୁ ଅଧିକ ଫଳ ଲାଭ କରିବେ ବୋଲି ଦେବୀ ସୀତା ଆଶା ପ୍ରକାଶ କରିଛନ୍ତି ?

୬. ଦେବୀ ସୀତାଙ୍କ ଦ୍ୱିତୀୟ ଅନୁରୋଧଟି କ'ଣ ଥିଲା ?

୭. ସଂକ୍ଷେପରେ ସୂର୍ଯ୍ୟଙ୍କ ବିଦାୟକାଳୀନ ଦୃଶ୍ୟର ବର୍ଣ୍ଣନା କର ?

୮. ପଠିତ କବିତାରେ ପ୍ରକୃତିର ବିରହ ଦୃଶ୍ୟ ସହିତ ମାନବୀୟ ବିରହର ତୁଳନାତ୍ମକ ଉପସ୍ଥାପନାକୁ ନିଜ ଭାଷାରେ ଲେଖ ?

୯. ସିପାହି ପ୍ରତି କବି ଉକ୍ତିର ତାତ୍ପର୍ଯ୍ୟ ବିଚାର କର ?

୧୦. ପିଙ୍ଗଳାର ବୈରାଗ୍ୟ ଭାବ ଜାଗ୍ରତ ପରେ ସେ କାହା ପ୍ରତି ବିମୁଖତା ପ୍ରକାଶ କରିବ ବୋଲି କହିଛି ?

୧୧. ପିଙ୍ଗଳା ତା ମୁକ୍ତ ଜୀବନ ସମ୍ପର୍କରେ କିଭଳି ବୟାନ ଦେଇଛି ବର୍ଣ୍ଣନା କର ?

୧୨. ପିଙ୍ଗଳା ତା'ର ସ୍ୱୀକାରୋକ୍ତି ଭିତରେ ଯେଉଁ ନିଷ୍ଠୁର ସତ୍ୟର ପ୍ରକାଶ କରିଛି ତାହା ଉପସ୍ଥାପନ କର ?

୧୩. ଦୂତ କେଉଁଠୁ କ'ଣ ନେଇ ଆସିଛି ବର୍ଣ୍ଣନା କର ?

୧୪. କେଉଁ ବିଷୟରେ କୈଫିୟତ ମାଗିବାର ବେଳ ଆସିଛି ବୋଲି କବି କହିଛନ୍ତି ?

୧୫. ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କବି ଆହ୍ୱାନ ଜଣାଇଛନ୍ତି ?

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ରହିବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧. 'ବଡ଼ପଣ' କବିତାର ସାରମର୍ମ ନିଜ ଭାଷାରେ ଲେଖ ?

୨. ପଠିତ କବିତା 'ବଡ଼ପଣ' ଅବଲମ୍ବନରେ କବିଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ?

୩. କବି ତତ୍କାଳୀନ ରାଜା ଓ ଜମିଦାରମାନଙ୍କ ରାଜଧର୍ମ ପାଳନ ସମ୍ପର୍କରେ କି ପ୍ରକାର ପରାମର୍ଶ ପ୍ରଦାନ କରିଛନ୍ତି ତାହା ଉପସ୍ଥାପନା କର ?

୪. 'ତପସ୍ୱିନୀର ପତ୍ର' କବିତାର ସାରବତ୍ତା ନିରୂପଣ କର ?

୫. 'ତପସ୍ୱିନୀର ପତ୍ରରେ ନାରୀ ମନସ୍ତତ୍ୱ କିପରି ପ୍ରତିଫଳିତ ଆଲୋଚନା କର ?

୬. ପଠିତ କବିତାରୁ ତପସ୍ୱିନୀ ସୀତାଦେବୀଙ୍କ ଚରିତ୍ରିକ ମହତ୍ତ୍ୱର ପରାକାଷ୍ଠା ପ୍ରତିପାଦନ କର ?

୭. 'ବନ୍ଦୀର ବିରହ ବ୍ୟଥା' କବିତାରେ କବିଙ୍କ ମନସ୍ତତ୍ୱ କିପରି ପ୍ରତିଫଳିତ ଆଲୋଚନା କର ?

୮. ପ୍ରକୃତି ପ୍ରୀତି ଓ ସ୍ୱଦେଶ ପ୍ରୀତିର ମଧୁର ସମନ୍ୱୟ 'ବନ୍ଦୀର ବିରହ ବ୍ୟଥା' କବିତା ଆଲୋଚନା କର ?

୯. ବନ୍ଦୀର ବିରହ ବ୍ୟଥା' କବିତାରେ ବହିଃ ପ୍ରକୃତି ଓ ଅନ୍ତଃପ୍ରକୃତିର କିପରି ମଧୁର ସମନ୍ୱୟ ଘଟିଛି ଆଲୋଚନା କର ?

୧୦. 'ପିଙ୍ଗଳାର ଅଭିସାର' କବିତାର ମୁଖ୍ୟ ସ୍ୱର କ'ଣ - ଆଲୋଚନା କର ?

୧୧. 'ପିଙ୍ଗଳାର ଅଭିସାର' କବିତାର ସୃଷ୍ଟି ପଛରେ ଥିବା କବିଙ୍କ ଉଦ୍ଦେଶ୍ୟର ବର୍ଣ୍ଣନା କର ?

୧୨. ସାଂସାରିକ ସୁଖ ମଣିଷକୁ ପାପ ପଙ୍କରେ ନିମଜ୍ଜିତ କରେ। ଏଥିରୁ ମୁକ୍ତିର ବାଟ ଉକ୍ତ କବିତାରେ ନିର୍ଦ୍ଦେଶିତ। ଆଲୋଚନା କର ?

୧୩. 'ବାର୍ତ୍ତା' କବିତାରେ କେଉଁ ସ୍ୱର ଶାଣିତ ହୋଇଛି। ଆଲୋଚନା କର ?

୧୪. 'ବାର୍ତ୍ତା' କବିତାରୁ କବିଙ୍କ ଆଭିମୁଖ୍ୟର ବିଚାର କର ?

୧୫. 'ଜୟଲଭୁ କୁଶର ସାଧନା' ଉକ୍ତିର ସାରବତା ନିରୂପଣ କର ?

***

## ଦ୍ୱିତୀୟ ଏକକ

# କବିତା ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. (i) ଶ୍ୱାନ
୨. (ii) ଉତ୍କଳର ଗଜପତି
୩. (ii) ବାଜ-ପାରା ପରି
୪. (iii) ବୃକ୍କୁଟାଣ୍ଡ
୫. (ii) ଆୟୁ
୬. (ii) ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡର
୭. (iii) ଦରବାର
୮. (iii) ରାଜ୍ୟକୁ ଏକ ପରିବାର ବୋଲି ମନେ କରୁଥିଲେ
୯. (iii) ବିଦେଶୀ ବନ୍ଧୁକ ଦେଖାଇ
୧୦. (iii) ଗନ୍ତାଘର
୧୧. (i) ମନ୍ତ୍ରୀମାନଙ୍କୁ
୧୨. (ii) ଜରିମାନା କରି
୧୩. (i) ସୁବ୍ୟୟରେ
୧୪. (ii) ଜୟ କରିବାକୁ ଆଉ ରାଜ୍ୟ ନ ଥିବାରୁ
୧୫. (i) ଛାୟା ପରି ବଢ଼ିଯାଏ
୧୬. (i) ମୃତ୍ୟୁ ହସି ହସି ତା' ପଛରେ ଆସି ଲୁଚି ବସିଯାଏ
୧୭. (i) ସଂସାର ବାରିଧିକୁ ପାରି ହେବା ପାଇଁ
୧୮. (ii) ପତାକା
୧୯. (iii) ନବବିବାହିତା ଦ୍ୱିତୀୟା ପତ୍ନୀ
୨୦. (iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବା ପାଇଁ
୨୧. (iii) ନବବଧୂ କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ଲାଭ କଲେ ଜଣାଇବା ପାଇଁ
୨୨. (ii) ବୀଣା ତନ୍ତ୍ରୀରେ ରାମାୟଣ ଗାନ କରି
୨୩. (ii) ଲବ କୁଶଙ୍କ ରାମାୟଣ ଗାନ
୨୪. (i) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ ପାଇଁ
୨୫. (ii) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ
୨୬. (i) ନବପ୍ରଣୟିନୀର ମୁଖଦର୍ଶନ କରି
୨୭. (iii) ପତ୍ର
୨୮. (iii) ଆକାଶ
୨୯. (ii) ପ୍ରେମ ଅସ୍ପଷ୍ଟଗିର
୩୦. (iii) ପ୍ରେମିକର ଆନନ୍ଦ ଭିତରେ ବିଷାଦ ରେଖା
୩୧. (ii) ବିରହର ବିଷ
୩୨. (iii) ଗୋଧୂଳିକାଳ
୩୩. (i) ଜେଲ୍ ସିପାହୀକୁ
୩୪. (ii) ଅସ୍ତାଚଳ
୩୫. (ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ ଜଣାଉଛନ୍ତି
୩୬. (i) ଶୀଘ୍ର ଫେରି ଆସିବି
୩୭. (ii) ସନ୍ଧ୍ୟାର ବିରହ ଦୃଶ୍ୟ
୩୮. (ii) କରୁଣ ସଙ୍ଗୀତ ଗାନ କରୁଥିଲେ
୩୯. (iii) ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ
୪୦. (iii) ପ୍ରୀତି ପାଶରେ
୪୧. (iv) ପ୍ରଣୟର
୪୨. (iii) ସାନ୍ତ୍ୱନା ଆସିବ
୪୩. (ii) ଅନୁଭବୀ ନେତ୍ରରେ
୪୪. (ii) ବିଲରେ ପଶିବେ
୪୫. (iii) ବାରବଧୂ
୪୬. (iv) କେଳିଦୀପ
୪୭. (i) ପୀରତିର ଅଭିନୟ
୪୮. (iv) ପରମପୁରୁଷ
୪୯. (i) ଶୁକ୍ତି ଗର୍ଭରେ
୫୦. (i) ମଣି କାଞ୍ଚନ ମାଳା
୫୧. (ii) ପିଙ୍ଗଳା
୫୨. (ii) ବରଷାର ନୀପ
୫୩. (ii) ବିଦେହ
୫୪. (iii) ମୂରଲୀ ଗୀତି
୫୫. (iii) ପ୍ରାଣର କ୍ଷୁଧା
୫୬. (i) ଘୃଣ୍ୟ କଳୁଷ ରାଜି
୫୭. (i) ଧରଣୀର ତୃଣ ତଳ୍ପରେ

୫୮. (ii) ପତିତା
୫୯. (iii) ତିକ୍ତ ଲୋତକ ଜଳରେ
୬୦. (i) ପିଙ୍ଗଳା
୬୧. (iii) ପ୍ରେମର ଧନ
୬୨. (iii) ଅମର କନ୍ୟା
୬୩. (iii) ଅମୃତ
୬୪. (iii) ବିଷମ ବିଷ
୬୫. (iv) ଭବିଷ୍ୟତର
୬୬. (i) ଶ୍ୟେନପରି
୬୭. (i) ଦୂତ
୬୮. (ii) ଲୌକିକ ଜ୍ଞାନକୁ ଧରି
୬୯. (i) ଏତେ ଦିନ ଧରି ଲୌହକାରାଗାରକାହିଁକି ଥିଲା
୭୦. (i) ଦଗ୍ଧ ଓ ଭସ୍ମ ହେବାକୁ
୭୧. (iii) ଭୀମ ଅତ୍ୟାଚାର
୭୨. (iii) ଶ୍ରେଣୀ ଚେତନା
୭୩. (ii) ମନୁଷ୍ୟ ପୁତ୍ର
୭୪. (ii) ଭସ୍ମ ମଧ୍ୟରୁ
୭୫. (i) କ୍ରୁଶର ସାଧନା

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧. 'ଦରବାର' କାବ୍ୟରୁ
୨. ଉର୍ଦ୍ଧ୍ୱଗାମୀ
୩. ଅଧୋଗତି
୪. ପରମ ଉଦାର
୫. ବାଜ-ପାରା
୬. ପ୍ରଜାଧନ ବୁହା
୭. ସୁବ୍ୟୟରେ
୮. ଯକ୍ଷ
୯. କାଳକୁ
୧୦. ଧର୍ମ
୧୧. ସୀତାଦେବୀ
୧୨. ପ୍ରଭୁ ରାମଚନ୍ଦ୍ରଙ୍କୁ
୧୩. ପ୍ରଭୁ ରାମଚନ୍ଦ୍ର
୧୪. ନିଜର ଦୁଇ ପୁତ୍ର ଲବ ଓ କୁଶଙ୍କୁ
୧୫. ମହର୍ଷି ବାଲ୍ମୀକିଙ୍କ ସହିତ
୧୬. ପିତୃକୋଳ ଆରୋହଣ
୧୭. ବୀଣା
୧୮. ରାମାୟଣ ଗାନ
୧୯. ନୟନ ଜଳରେ
୨୦. କାରା କବିତା
୨୧. କରୁଣ
୨୨. ଅସ୍ତାଚଳ ଉଚ୍ଚ ଆସନରେ
୨୩. କନକ ବା ସୁବର୍ଣ୍ଣ ସହିତ
୨୪. ଗୁରୁ ବିଷାଦ ରେଖା
୨୫. ପ୍ରିୟ ଜନର
୨୬. ପ୍ରୀତି ପାଶରେ
୨୭. ସୂର୍ଯ୍ୟଙ୍କ ବିରହ ଦୃଶ୍ୟ
୨୮. ବନ୍ଦୀ ଶାଳାରେ ଛବି ନଦେବା ଲାଗି
୨୯. ପ୍ରଣୟ ପୀୟୂଷରେ
୩୦. ସୁନ୍ଦର ପଦ୍ମରେ
୩୧. କବି ରାଧାମୋହନ ଗଡ଼ନାୟକ
୩୨. ଭାଗବତ ପୁରାଣ
୩୩. ପରମ ପୁରୁଷ
୩୪. ପଙ୍କିଳ ଜୀବନରେ
୩୫. ଶୁଭ୍ର ଜୋଛନା ଶିରୀରେ
୩୬. ପାପ-କଳୁଷ କାଳିମାକୁ
୩୭. ଭୁଲିଯିବ
୩୮. ଅମୃତ
୩୯. ପିଙ୍ଗଳା ନିଜେ
୪୦. ଭବିଷ୍ୟତର
୪୧. ସମୟ
୪୨. ପୀଡ଼ା
୪୩. କ୍ରୁଶର ସାଧନା
୪୪. ପ୍ରତିଶୋଧ
୪୫. ଦୂତ

**(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ।**

୧. କବିତା – ବଡ଼ପଣ – କବି – ରାଧାନାଥ ରାୟ
ପାରିବାରିକ ସମ୍ପର୍କ ଭଳି ସମ୍ପର୍କ

୨. କବିତା – ବଡ଼ପଣ – କବି – ରାଧାନାଥ ରାୟ
ରାଜା ଓ ପ୍ରଜାଙ୍କ ମଧ୍ୟରେ ବାଜପକ୍ଷୀ ଓ ପାରାର ସଂପର୍କ ଭଳି

୩. କବିତା – ବଡ଼ପଣ – କବି – ରାଧାନାଥ ରାୟ
ଆସିଥିଲି ଫେରିଗଲି ଶୂନ୍ୟହସ୍ତେ

୪. କବିତା – ବଡ଼ପଣ – କବି – ରାଧାନାଥ ରାୟ
ବିଧାତା ଧର୍ମପୋତ ଗଢ଼ିଛନ୍ତି

୫. କବିତା – ବଡ଼ପଣ – କବି – ରାଧାନାଥ ରାୟ
କାଳକୁ ନିଷ୍ଠୁର ହଠାତ୍ ଆସିଯାଏ ବୋଲି ଅବିଶ୍ୱାସୀ

୬. କବିତା – ବଡ଼ପଣ – କବି – ରାଧାନାଥ ରାୟ
ରାଜଧର୍ମ ଓ ଆତ୍ମତତ୍ତ୍ୱରେ ମନୋନିବେଶ କରି ରାଜାମାନେ

୭. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଦେବୀ ସୀତା ନିଜକୁ – ପ୍ରଭୁ ରାମଚନ୍ଦ୍ରଙ୍କୁ

୮. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଦେବୀ ସୀତା ପ୍ରଭୁ ରାମଚନ୍ଦ୍ର ଗ୍ରହଣ କରିଥିବା ନବପତ୍ନୀଙ୍କ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ପାଇଲେ

୯. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଦେବୀ ସୀତାଙ୍କ ଦୁଇ ଶିଶୁ ପୁତ୍ର ଲବକୁଶ – ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିନଥିବାରୁ।

୧୦. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଲବକୁଶ ଦୁଇ ଭାଇ ବୀଣା ଯନ୍ତ୍ର ସହାୟତାରେ

୧୧. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଲବ ଓ କୁଶ ପୁତ୍ରଦ୍ୱୟ ମହର୍ଷି ବାଲ୍ମୀକିଙ୍କ ସହିତ

୧୨. କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ବିକଳ ହୃଦୟରେ ପତ୍ର ଲେଖିବା ଓ ଲୋତକ ଜଳରେ ପତ୍ରଟି ଧୌତ ହେବା

୧୩. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
କବି ଗୋପବନ୍ଧୁ – ହଜାରିବାଗ କାରାଗାରରେ

୧୪. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
ନାନା ରଙ୍ଗର ଚନ୍ଦ୍ରାତପରେ ଆଚ୍ଛାଦିତ

୧୫. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
ପ୍ରାଚୀ ଦିଗକୁ ସ୍ନିଗ୍ଧ କନକ କିରଣ ଲମ୍ବାଇ କୋମଳ ଆଶ୍ୱାସରେ ସ୍ନେହ ଆଦର ପ୍ରଦର୍ଶନ

୧୬. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
ଅସ୍ତାୟମାନ ସୂର୍ଯ୍ୟଙ୍କ ଲାସ୍ୟ ଭିତରେ ଗୁରୁ ବିଷାଦ ରେଖା

୧୭. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
ପ୍ରୀତି ପାଶରେ ଜଗତର ସମସ୍ତ ଚେତନ ତଥା ଜଡ଼ ବନ୍ଧା

୧୮. କବିତା – ବନ୍ଦୀର ବିରହ ବ୍ୟଥା – କବି – ଗୋପବନ୍ଧୁ ଦାସ
ବିଶ୍ୱ ପ୍ରକୃତିରେ ସମ-ହୃଦ ବେଦନା ଦେଖିଲେ

୧୯. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ଧନସମ୍ପଦ, ମଣିକାଞ୍ଚନ ମାଳା, ବିଳାସ କୁଞ୍ଜ, ସୁନ୍ଦର ଚିତ୍ରିତ କକ୍ଷ

୨୦. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ବର୍ଷାର କଦମ୍ବ ଭଳି ଅଭିନବ ପୁଲକ ଓ ରୋମାଞ୍ଚ

୨୧. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ମୁକ୍ତ ତଟିନୀ ଭଳି ଛୁଟିଯାଇ ପ୍ରେମର ଧନ ସହିତ ମିଶିବ ବନ୍ଧୁ ଚରଣରେ

୨୨. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ଯୌବନ ଧନ ପୂର୍ଣ୍ଣ ରୂପ ସମ୍ଭାରକୁ ଜାଳି ପରମ ପ୍ରିୟ ଲାଗି ଆରତୀ ଧୂପ

୨୩. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ଜ୍ୟୋତ୍ସ୍ନା ସ୍ନାତ ରାତ୍ରିର ଆନନ୍ଦକୁ ପରମ ବନ୍ଧୁର ହସ ଅମୃତ ସହିତ ପିଇ ପ୍ରାଣର ଆକୁଳ ପିପାସା ଓ କ୍ଷୁଧାକୁ ଭୁଲିଯିବ

୨୪. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ବିଷଧାରିଣୀ ସର୍ପିଣୀ ସହ

୨୫. କବିତା–ପିଙ୍ଗଳାର ଅଭିସାର, କବି–ରାଧାମୋହନ ଗଡ଼ନାୟକ
ବିଶ୍ୱର ସ୍ୱର୍ଣ୍ଣମଣି ପତତପାବନ ବନ୍ଧୁ ପରମ ପୁରୁଷଙ୍କ ପୁଣ୍ୟ ସ୍ପର୍ଶରେ

୨୬. କବିତା – ବାର୍ତ୍ତା – କବି – ସଚିଦାନନ୍ଦ ରାଉତରାୟ
ଦୂତ, ଶତାବ୍ଦୀର ସିଂହଦ୍ୱାରରୁ

୨୭. କବିତା – ବାର୍ତ୍ତା – କବି – ସଚିଦାନନ୍ଦ ରାଉତରାୟ
ମାନବ ଶିଶୁକୁ ଲୌକିକର ଜ୍ଞାନ ଧରି ଜାଗି ଉଠିବାକୁ

୨୮. କବିତା – ବାର୍ତ୍ତା, କବି – ସଚିଦାନନ୍ଦ ରାଉତରାୟ
ଦୃଢ଼ ଓ ନିଷ୍ଠୁର ହୋଇ ଯୁଗ ଯୁଗ ବ୍ୟାପୀ ହୀନ ଦାସତ୍ୱର ପ୍ରତିଶୋଧ ନେବାକୁ

୨୯. କବିତା – ବାର୍ତ୍ତା, କବି – ସଚିଦାନନ୍ଦ ରାଉତରାୟ
ହୀନ ଦାସତ୍ୱ ଓ ପୀଡ଼ ନ ଲାଗି ଯେଉଁମାନେ ଦାୟୀ ସେମାନଙ୍କୁ ଉଚ୍ଛେଦ ଓ ନିର୍ମୂଳ କରିବାକୁ

୩୦. କବିତା – ବାର୍ତ୍ତା, କବି – ସଚିଦାନନ୍ଦ ରାଉତରାୟ
ଶ୍ରେଣୀ ଚେତନାର, ପୀଡ଼ନର ଓ କ୍ଷୁଧର ଜୟଗାନ

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

୧. କବିତା - ବଡ଼ପଣ - କବି - ରାଧାନାଥ ରାୟ
ଉପକ୍ରମ - ପୂର୍ବ ପୁରୁଷ କିପରି ଥିଲେ - ରାଜଧର୍ମ ପ୍ରଜା ଧନ ବୁହା ମନ୍ତ୍ରୀ ଖଳ ଖଣ୍ଡ - ଦୁଃଖୀରଙ୍କୀଙ୍କୁ ଶୋଷଣ - ବିଦେଶୀଙ୍କୁ ସନ୍ତୁଷ୍ଟ କରିବା - ଇତ୍ୟାଦି ବର୍ଣ୍ଣନା ରହିବ ।

୨. କବିତା - ବଡ଼ପଣ - କବି - ରାଧାନାଥ ରାୟ
ଜୀବନ କ୍ଷଣସ୍ଥାୟୀ - ମୃତ୍ୟୁ ଅବଶ୍ୟମ୍ଭାବି - ମୃତ୍ୟୁବେଳେ ଧନସମ୍ପଦ ହାତୀ ଘୋଡା ସାଙ୍ଗରେ ଯାଏନାହିଁ - କୁବେର ଭଣ୍ଡାର ଭଳି ରତ୍ନଭଣ୍ଡାର ପଡ଼ି ରହିବ - ଏକା ଆସି ଏକା ଶୂନ୍ୟ ହସ୍ତରେ ଫେରିବାକୁ ହେବ - ଏହି ଶାଶ୍ୱତ ସତ୍ୟର ପ୍ରକାଶ କରାଯିବ ।

୩. କବିତା - ବଡ଼ପଣ - କବି - ରାଧାନାଥ ରାୟ
କାଳର ନିଷ୍ଠୁରତା - କାଳର ଆକସ୍ମିକ ଆବିର୍ଭାବ - କାଳର କାର୍ଯ୍ୟ ଓ ବିଦ୍ରୂପାତ୍ମକ ହସ - ପ୍ରଭୃତିର ବର୍ଣ୍ଣନା ରହିବ ।

୪. କବିତା - ତପସ୍ୱିନୀର ପତ୍ର - କବି - ଗଙ୍ଗାଧର ମେହେର
ଦେବୀ ସୀତା ପ୍ରଭୁ ରାମଚନ୍ଦ୍ରଙ୍କ ନିକଟକୁ ଲେଖିଥିବା କଥାର ବର୍ଣ୍ଣନା ରହିବ । ଦ୍ୱିତୀୟ ପତ୍ନୀଙ୍କ ସମ୍ପର୍କରେ ଜାଣିବା ଲାଗି - କେଉଁ ମନ୍ତ୍ର - କି ପ୍ରକାର ତପସ୍ୟା ଇତ୍ୟାଦିର ବର୍ଣ୍ଣନା ରହିବ ।

୫. କବିତା - ତପସ୍ୱିନୀର ପତ୍ର - କବି - ଗଙ୍ଗାଧର ମେହେର
ଅଶ୍ୱମେଧ ଯଜ୍ଞର ପୂର୍ଣ୍ଣତା ଲାଗି ରାମଚନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ଗ୍ରହଣ ବିଷୟରେ - ତାଙ୍କର - ତପସ୍ୟା - ମନ୍ତ୍ର ଜପ ଓ କ'ଣ ଆଚରଣ ସେ ସମ୍ପର୍କରେ ବର୍ଣ୍ଣନା ରହିବ ।

୬. କବିତା - ତପସ୍ୱିନୀର ପତ୍ର - କବି - ଗଙ୍ଗାଧର ମେହେର
ଲବକୁଶଙ୍କ ସମ୍ପର୍କରେ - ଅବୋଧ ବାଳକ - ପିତୃସ୍ନେହ ବଞ୍ଚିତ ପଦ ପଙ୍କଜ ଦର୍ଶନ ଲାଗି ସୁଯୋଗ ପ୍ରଦାନ-ଅନୁରୋଧ ।

୭. କବିତା - ବନ୍ଦୀର ବିରହ ବ୍ୟଥା - କବି - ଗୋପବନ୍ଧୁ ଦାସ
ଆକାଶର ରଙ୍ଗ - ପକ୍ଷୀମାନଙ୍କର କରୁଣ ସଂଗୀତ ଗାନ - ତରୁ ଗିରିର ଛାୟା ବିସ୍ତାର - ସୂର୍ଯ୍ୟଙ୍କର ଲାସ୍ୟ ହାସ୍ୟ - ହେମବର୍ଣ୍ଣର ପାଟ ପରିଧାନର ବର୍ଣ୍ଣନା ରହିବ ।

୮. କବିତା - ବନ୍ଦୀର ବିରହ ବ୍ୟଥା - କବି - ଗୋପବନ୍ଧୁ ଦାସ
ପ୍ରାଚୀ କପାଳରେ ଅନୁରାଗ ରଙ୍ଗ - ଏହା ମଧ୍ୟରେ ବିରହ ଦୁଃଖର କାଳିମା - ସୂର୍ଯ୍ୟଙ୍କ ଲାସ୍ୟ ହାସ୍ୟରେ ଗୁରୁ ବିଷାଦ ରେଖା ଅନୁଭବି ନେତ୍ରରେ ପ୍ରିୟଜନର ବିରହ ଦୁଃଖର ବର୍ଣ୍ଣନା ରହିବ ।

୯. କବିତା - ବନ୍ଦୀର ବିରହ ବ୍ୟଥା - କବି - ଗୋପବନ୍ଧୁ ଦାସ
ସିପାହିକୁ ଦ୍ୱାର ଉନ୍ମୁକ୍ତ ରଖିବାକୁ କହିବା - ଗୋଧୂଳି ସମୟର ଦୃଶ୍ୟକୁ ହୃଦୟ ଭରି ଦେଖିବା - ଯମଦୂତ ସହିତ ସିପାହିର ତୁଳନା-ସ୍ୱ ଆତ୍ମସମ୍ମାନ ଜଗି ପ୍ରକୋଷ୍ଠ ପ୍ରବେଶ ବର୍ଣ୍ଣନା ରହିବ ।

୧୦. କବିତା-ପିଙ୍ଗଳାର ଅଭିସାର, କବି-ରାଧାମୋହନ ଗଡ଼ନାୟକ
ଫୁଲ ଶଯ୍ୟା ନ ସଜାଇବା - କେଳୀଦୀପ ନଜାଳିବା - ପ୍ରୀତିର ଅଭିନୟ ନ ଦେଖାଇବାକୁ କହିଥିବାର ବର୍ଣ୍ଣନା ରହିବ ।

୧୧. କବିତା-ପିଙ୍ଗଳାର ଅଭିସାର, କବି-ରାଧାମୋହନ ଗଡ଼ନାୟକ
ପିଙ୍ଗଳାର ମୁକ୍ତତଟିନୀ ଭଳି ଭ୍ରମଣ - ମୁକ୍ତ ଭୁବନେ ପରିଭ୍ରମଣ - ମୁକ୍ତ ଆକାଶ ତଳେ ସମୟ ଅତିବାହିତ - କଳୁଷ କାଳିମାକୁ ଲୋତକ ଜଳରେ ଧୋଇ ଦେବାର ବର୍ଣ୍ଣନା ରହିବ ।

୧୨. କବିତା-ପିଙ୍ଗଳାର ଅଭିସାର, କବି-ରାଧାମୋହନ ଗଡ଼ନାୟକ
ସ୍ୱର୍ଗର ଅମର-କନ୍ୟା ପତିତା ସାଜିବା - ଅମୃତ ପିଇ ଆସିଥିବାବେଳେ ଏଠାରେ ସର୍ପିଣୀ ଭଳି ବିଷ ସୃଷ୍ଟି କରିବା - ନିଜେ ଜଳିବା ଓ ଅନ୍ୟକୁ ଜଳାଇବା - ପୁଣ୍ୟ ପୃଥିବୀରେ ପାପ ଭରିଦେବାର ବର୍ଣ୍ଣନା ରହିବ ।

୧୩. କବିତା - ବାର୍ତ୍ତା - କବି - ସଚିଦାନନ୍ଦ ରାଉତରାୟ
ଶତାବ୍ଦୀ ସିଂହଦ୍ୱାରରୁ - ପରିବର୍ତ୍ତନର ବାର୍ତ୍ତା - ଅତ୍ୟାଚାରରୁ ମୁକ୍ତି - ଅତ୍ୟାଚାରୀଙ୍କୁ ଦମନ କରିବାର ଶପଥ ନେବାକୁ ଆହ୍ୱାନର ବର୍ଣ୍ଣନା କରାଯିବ ।

୧୪. କବିତା - ବାର୍ତ୍ତା - କବି - ସଚିଦାନନ୍ଦ ରାଉତରାୟ
ଦୀପ୍ତ କଣ୍ଠରେ ପଚାରିବାର ସମୟ - ଶୃଙ୍ଖଳ ଏତେ ଦିନ କାହିଁକି ଥିଲା - ଲୌହ କାରାଗାର କାହିଁକି ଥିଲା - କାହିଁକି ଏତେଦିନ ଧରି ଭୟଙ୍କର ଅତ୍ୟାଚାର ଚାଲିଥିଲା - ଏହି ବର୍ଣ୍ଣନା ରହିବ ।

୧୫. କବିତା - ବାର୍ତ୍ତା, କବି - ସଚିଦାନନ୍ଦ ରାଉତରାୟ
ଶ୍ରେଣୀଚେତନ ସୃଷ୍ଟିକୁ ମହାଧର୍ମ ଭାବେ ଗ୍ରହଣ କରିବା - ପରିବର୍ତ୍ତନର ସଂଗ୍ରାମ - ତା ଭିତରୁ ଦୀକ୍ଷା ଗ୍ରହଣ - ଇତ୍ୟାଦିର ବର୍ଣ୍ଣନା ରହିବ ।

## (ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ରହିବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।

୧. କବିଙ୍କ କୃତି ଓ କୃତିତ୍ୱ ଉପରେ ଚାରିଧାଡ଼ି ବର୍ଣ୍ଣନା ରହିବ। ଉକ୍ତ କବିତା 'ଦରବାର'ରୁ ଆସିଛି ରହିବ - ବଡ଼ପଣ ଓ ଅହମିକାର ଅସାରତା - ଜୀବନର କ୍ଷଣ ଭଙ୍ଗୁରତା ରାଜା ଓ ପ୍ରଜାଙ୍କ ସମ୍ପର୍କ - ସତ୍‌ପଥରେ ଗତି ଲାଗି ନିର୍ଦ୍ଦେଶ ଓ ଉପଦେଶର ବର୍ଣ୍ଣନା ରହିବ।

୨. କବିଙ୍କ ସମ୍ପର୍କରେ ସ୍ୱଳ୍ପ ଲେଖା - ମାନବ ଜୀବର ଲକ୍ଷ୍ୟ - ସତ୍‌ପଥରେ ଗତିର ପରିଣତି - ଧର୍ମ ଅଧର୍ମର ବିଚାର - ଜୀବନର ଅସାରତା - ଶେଷରେ ଧର୍ମ ପଥରେ ଗତି କରିବାକୁ ଆହ୍ୱାନର ଆଲୋଚନା ରହିବ।

୩. ପୂର୍ବ ରାଜାମାନଙ୍କର ରାଜଧର୍ମ ସମ୍ପର୍କରେ ଆଲୋଚନା - ଶାସକମାନଙ୍କୁ ଧର୍ମ ପାଳନ ଓ ପ୍ରଜା ପାଳନ ଲାଗି ପରାମର୍ଶ - ସତ୍‌ପଥରେ ଗଲେ ସଦ୍‌ଗତି ପ୍ରାପ୍ତି ହେବର ବର୍ଣ୍ଣନା ରହିବ।

୪. କବି ଗଙ୍ଗାଧରଙ୍କ କୃତି ଓ କୃତିତ୍ୱର ବର୍ଣ୍ଣନା ରହିବ - କବିତାରେ ତପସ୍ୱିନୀ ସୀତାଦେବୀଙ୍କ ପାତିବ୍ରତ୍ୟର ବର୍ଣ୍ଣନା ରହିବ - ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତି ଥିବା ପ୍ରଗାଢ଼ପ୍ରେମ ଓ ଭକ୍ତିର ବର୍ଣ୍ଣନା ରହିବ।

୫. କବିଙ୍କ ସମ୍ପର୍କରେ ସ୍ୱଳ୍ପ ବର୍ଣ୍ଣନା - ନାରୀ ମନର ଦୁଃଖ ବେଦନା - ସ୍ୱାମୀଙ୍କ ଦ୍ୱିତୀୟ ପତ୍ନୀ ଗ୍ରହଣର ବର୍ଣ୍ଣନା - କେଉଁ ମନ୍ତ୍ର ଜପ କରିବା କେଉଁ ତପସ୍ୟା କରି ପ୍ରଭୁଙ୍କୁ ଲାଭ - ସେହି ମନ୍ତ୍ର ଜପ ଦେବୀ ସୀତା ଜାଣିବାକୁ ଆଗ୍ରହ ପ୍ରକାଶର ବର୍ଣ୍ଣନା ରହିବ।

୬. କବିଙ୍କ ସମ୍ପର୍କରେ ସ୍ୱଳ୍ପ ବର୍ଣ୍ଣନା ରହିବ। ସୀତାଦେବୀଙ୍କ ପତ୍ରଲେଖା ତାଙ୍କର ନିର୍ବାସନ ଦଣ୍ଡଭୋଗ ସତ୍ତ୍ୱେବି ପ୍ରଭୁ ରାମଚନ୍ଦ୍ରଙ୍କ ଗୁଣଗାନ - ପ୍ରଶଂସା - ମହାଭାରତୀୟ ନାରୀର ଆଦର୍ଶ - ଇତ୍ୟାଦିର ବର୍ଣ୍ଣନା ରହିବ।

୭. କବିଙ୍କ କୃତି ଓ କୃତିତ୍ୱ ଉପରେ ସ୍ୱଳ୍ପ ଆଲୋଚନା - ସଂଧ୍ୟା ସମୟରେ ପ୍ରକୃତିର ବର୍ଣ୍ଣନା - ବିରହ ବର୍ଣ୍ଣନା ସହିତ ସ୍ୱ ଜୀବନର ଜଡ଼ିତ ଗାଥାର ଉପସ୍ଥାପନା - ଆବଦ୍ଧ ଜୀବନର ଯନ୍ତ୍ରଣା - ପ୍ରକୃତିର ବିରହ ଓ ମାନବିକ ବିରହର ସାମଞ୍ଜସ୍ୟ ବର୍ଣ୍ଣନା ରହିବ।

୮. କବିଙ୍କ ସଂପର୍କରେ କିଛି ବର୍ଣ୍ଣନା - ପ୍ରକୃତିର ରୂପ ବର୍ଣ୍ଣନା - ତା ମଧ୍ୟରେ କବିଙ୍କ ହୃଦୟର ଭାବ ବିନିମୟ- ପ୍ରିୟଜନ ଛାଡ଼ି ବନ୍ଦୀ ଜୀବନ କଟାଉଥିବାର ଦୁଃଖର ବର୍ଣ୍ଣନା ରହିବ।

୯. ଗୋପବନ୍ଧୁଙ୍କ ପ୍ରକୃତି ପ୍ରାଣତାର ବର୍ଣ୍ଣନା - ଦୃଶ୍ୟମାନ ଜଗତର ଘଟିତ ବିଘଟିତ ଦୃଶ୍ୟ - ସଂଧ୍ୟା ସମୟରେ ସୂର୍ଯ୍ୟଙ୍କ ବିଦାୟକାଳୀନ ଦୃଶ୍ୟ ବର୍ଣ୍ଣନା ଭିତରେ ସ୍ୱ ବିରହ ଦୁଃଖ - ବୃକ୍ଷଲତା ଓ ପଶୁପକ୍ଷୀଙ୍କ କ୍ରିୟା ପ୍ରତିକ୍ରିୟା ଭିତରେ ମାନବୀୟ ଦୁଃଖ ସୁଖର ବର୍ଣ୍ଣନା ରହିବ।

୧୦. କବିଙ୍କ ସମ୍ପର୍କରେ ସ୍ୱଳ୍ପ ବର୍ଣ୍ଣନା - ପାର୍ଥୀବ ଜୀବନର ଅଳିକତା ଓ ଅସାରତା - ପାର୍ଥୀବ ସୁଖ ସମ୍ଭୋଗର କ୍ଷଣିକତା ଉପଲବ୍ଧି କରିବା - ଆଧ୍ୟାତ୍ମିକ ଚେତନାର ଜାଗରଣ - ପରମପୁରୁଷର ସନ୍ଧାନ ଶ୍ରେଷ୍ଠଲକ୍ଷ୍ୟ ଏହି ବର୍ଣ୍ଣନା ରହିବ।

୧୧. ଜୀବନର ନିଷ୍ଠୁର ସତ୍ୟର ଉପସ୍ଥାପନା - ସାଂସାରିକ କାମନା ବାସନା, ଭୋଗଲାଳସାର ଉର୍ଦ୍ଧ୍ୱରେ ଏକ ଆଧ୍ୟାତ୍ମିକ ଭାବସତ୍ତା ଯାହା ମଣିଷକୁ ପ୍ରକୃତ ସୁଖ ପ୍ରଦାନ କରେ ତାର ବର୍ଣ୍ଣନା - ପରମପୁରୁଷଙ୍କ ସାନ୍ନିଧ୍ୟ ଲାଭ ମୋହ ବନ୍ଧନରୁ ମୁକ୍ତିର ବାର୍ତ୍ତା ପ୍ରଚାର କବିଙ୍କ ଲକ୍ଷ୍ୟ।

୧୨. ଜୀବନର ଅସାରତା - ଆତ୍ମଦହନ ଓ ଆତ୍ମପୀଡ଼ନ - ଚେତନାର ଜାଗରଣ ଓ ପିଙ୍ଗଳାର ଆତ୍ମାନୁଭୂତିର ବର୍ଣ୍ଣନା ରହିବ।

୧୩. କବି ସଚ୍ଚିଦାନନ୍ଦଙ୍କ ସମ୍ପର୍କରେ ସ୍ୱଳ୍ପ ଆଲୋଚନା - ପରିବର୍ତ୍ତନ ସ୍ୱର ସମୟର ଆହ୍ୱାନ - ଶୋଷକ ଶାସକ ବିରୁଦ୍ଧରେ ବିଦ୍ରୋହ ଘୋଷଣା- ଏ ଶାସନର, ବିଲୁପ୍ତି - ଶ୍ରେଣୀହୀନ ମଣିଷ ସମାଜର ପ୍ରତିଷ୍ଠା ବର୍ଣ୍ଣନା ରହିବ।

୧୪. ଶୋଷିତ - ସର୍ବହରାର ପ୍ରତିନିଧି କବି - ପୁଞ୍ଜି ପତି ଶାସନର ବିଲୋପ- ସର୍ବହରାର ବିଜୟ - ସାମ୍ୟବାଦୀ ଶାସନର ପ୍ରତିଷ୍ଠା କବିଙ୍କ ଆଭିମୁଖ୍ୟର ସୂଚନା।

୧୫. ଯୁଗ ଯୁଗ ଧରି ନିପୀଡ଼ିତମାନଙ୍କୁ ଜାଗି ଉଠିବାକୁ ଆହ୍ୱାନ - ଅତୀତର ସର୍ବହରାମାନଙ୍କ ଆତ୍ମବଳୀ ଦାନରୁ ଶିକ୍ଷା - ବର୍ତ୍ତମାନକୁ ସାମ୍ନା କରିବା - ପ୍ରତିଶୋଧ ନେଇ ନିଜର ନ୍ୟାଯ୍ୟ ଦାବୀ ହାସଲ କରିବା - ନିଜର ପ୍ରତିଷ୍ଠା ଲାଗି ହେଉପଛେ ଧ୍ୱଂସର ବିଭୀଷିକା ତାକୁ ଗ୍ରହଣ କରିବାକୁ କବିଙ୍କ ଆହ୍ୱାନର ବର୍ଣ୍ଣନା ରହିବ।

***

# ତୃତୀୟ ଏକକ

## ଗଳ୍ପ ବିଭାଗ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ । ପ୍ରଶ୍ନରମୂଲ୍ୟ ୧ନମ୍ବର ।**

୧. 'ଧୂଆପତ୍ର' କେଉଁଠାରୁ ଆମଦାନୀ କରାଯାଉଥିଲା ?
(i) କଲିକତା (ii) ବିହାର
(iii) ବ୍ରହ୍ମଦେଶ (iv) ଆସାମ

୨. ଓଡ଼ିଶାର ଯାଜପୁର ଅଞ୍ଚଳରେ କେଉଁ ମହାଜନଙ୍କ ଘର ?
(i) ବିଦ୍ୟାଧର (ii) ବଳରାମ
(iii) କାଲୁରାମ (iv) ବୁଦ୍ଧିରାମ

୩. ମହାଜନ ବଳରାମ ଜଣେ ସୌଦାଗର ଠାରୁ କେଉଁ ମୋହର କିଣିଥିଲେ ?
(i) ବାବୁଲୀ (ii) ଆକବରୀ
(iii) ବର୍ଦ୍ଧମାନୀ (iv) ସାହାଜାହାନୀ

୪. ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ?
(i) ଗୋବିନ୍ଦା (ii) ମାଧିଆ
(iii) ବିଦିଆ (iv) ପଦିଆ

୫. କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?
(i) ରୂପାବନ୍ଧା (ii) ସୁନାବନ୍ଧା
(iii) ପିତଳବନ୍ଧା (iv) ତମ୍ବାବନ୍ଧା

୬. ଗଣ୍ଡି କଟା ଖଣି ବୋଲି କାହାକୁ କୁହାଯାଇଛି ?
(i) କଟକକୁ (ii) କଲିକତାକୁ
(iii) ବାଲେଶ୍ୱର (iv) ବିଶାଖା ପାଟଣା

୭. ବାବୁ ବଳରାମ କେଉଁ ବ୍ରାହ୍ମଣ ହାତରୁ ଖାଉଥାନ୍ତି ?
(i) ଓଡ଼ିଆ (ii) ବଙ୍ଗାଳି
(iii) ବିହାରୀ (iv) କାଶୀ

୮. ଗୋପାଳର ନାଁ 'ବାବୁ ଗୋପାଳ ଚନ୍ଦ୍ର ମହାପାତ୍ର' ବୋଲି କିଏ ଲେଖିଥାଏ ?
(i) ମୋହରିର (ii) ଗୁମାସ୍ତା
(iii) ମେନେଜର (iv) ମୁସ୍ତରୀ

୯. ମହାପାତ୍ରେ ବାବୁ ବଳରାମଙ୍କ ବ୍ୟବସାୟର କେତେ ପଣି ଅଂଶୀଦାର ଥିଲେ ?
(i) ଚାରିପଣି (ii) ଦୁଇପଣି
(iii) ଛଅପଣି (iv) ଆଠପଣି

୧୦. ଦେବୀ ଓଝା କିଏ ?
(i) ଦୋକାନୀ (ii) ଅବଧାନ
(iii) ଚପରାଶି (iv) ଗୁମାସ୍ତା

୧୧. 'କୁ ସଂସ୍କାର ବିମର୍ଦ୍ଦନୀ' ସଭାର ଅଧିବେସନ କେଉଁଦିନ ହୋଇଥାଏ ?
(i) ରବିବାର (ii) ସୋମବାର
(iii) ମଙ୍ଗଳବାର (iv) ବୁଧବାର

୧୨. 'ନାରୀ ସଂସ୍କାର ବିବର୍ଦ୍ଧନୀ' ସଭାର ଅଧିବେଶନ କେଉଁ ଦିନ ହୋଇଥାଏ ?
(i) ଗୁରୁବାର (ii) ଶୁକ୍ରବାର
(iii) ଶନିବାର (iv) ରବିବାର

୧୩. ଗୋପାଳଚନ୍ଦ୍ରଙ୍କର ଦେହାନ୍ତ କେଉଁ ବେମାରୀରେ ହୋଇଥିଲା ?
(i) ଝାଡ଼ାବାନ୍ତି (ii) ସନ୍ନିପାତ
(iii) ବସନ୍ତ (iv) ଯକ୍ଷ୍ମା

୧୪. ଗଙ୍ଗାଲାଭ କହିଲେ କ'ଣ ବୁଝ ?
(i) ଜନ୍ମ (ii) ମୃତ୍ୟୁ
(iii) ପୁଣ୍ୟ (iv) ମୃତ୍ୟୁ

୧୫. ନୂଆ ଜମିଦାରଙ୍କ ମନ କେଉଁ ନାମଟି ଶୁଣି ଭାରି ଖୁସି ହୋଇଥିଲା ?
(i) ନୂଆ ଜମିଦାରୀ (ii) ସ୍କୁଲ
(iii) ସଭା (iv) ସ୍ନାନ

୧୬. କେଉଁ ଗ୍ରାମଟି ତାଲୁକ ମଧ୍ୟରେ ସବୁଠାରୁ ବଡ଼ ଥିଲା ?
(i) ଶ୍ୟାମପୁର (ii) ମଦନପୁର
(iii) ରେଣୁପୁର (iv) ମାନପୁର

୧୭. ରଙ୍ଗାଧର ମହାନ୍ତି ତାଲୁକ କିଣା ପରଠାରୁ କେଉଁ କାମ ବୁଝୁଥିଲେ ?
(i) ଗୁମାସ୍ତା (ii) ଛାମୁକରଣ
(iii) କୋଠ ପାଞ୍ଜିଆ (iv) କୋଠକରଣ

୧୮. ନୂଆ ଜମିଦାର ବାବୁ ଶ୍ୟାମପୁର ଗ୍ରାମରେକେଉଁ ଲୋକଙ୍କୁ ଖୋଜି ବସିଲେ ?
(i) ଶିକ୍ଷିତ ବେକାର
(ii) ଶିକ୍ଷିତ ସଂସ୍କାରକ
(iii) ଶିକ୍ଷିତ ସମାଜସେବୀ
(iv) ଶିକ୍ଷିତ ଓ କୁସଂସ୍କାର ବର୍ଜିତ

୧୯. ସୁଶିକ୍ଷିତ ଜମିଦାରଙ୍କ ପ୍ରସ୍ତାବକୁ କିଏ ଦ୍ବିତୀୟ କରିଥିଲେ ?
(i) ବଲ୍ଲଭ ପଟ୍ଟନାୟକ
(ii) ହରିବୋଲ ପଟ୍ଟନାୟକ
(iii) ବୁଢ଼ା ପଟ୍ଟନାୟକ
(iv) ରଙ୍ଗାଧର ମହାନ୍ତି

୨୦. 'ନୂଆଜମିଦାର'ଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ହୋଇଥିଲା ?
(i) ଆସାମ (ii) କଟକ
(iii) କଲିକତା (iv) ବାଲେଶ୍ୱର

୨୧. କନ୍ୟା ପିତା ମକ୍ରାମଲିକ ଆସାମ ଚା ବଗିଚାରେ କି ଚାକିରୀ କରୁଥିଲା ?
(i) ଖାନ୍‌ସମା (ii) ବବୁର୍ଚ୍ଚି
(iii) କୁଲିସର୍ଦ୍ଦାର (iv) ମେନେଜର

୨୨. ସାଆନ୍ତାଣୀଙ୍କ ବିଶ୍ବାସୀ ପୋଇଲିର ନାମ କ'ଣ ଥିଲା ?
(i) ରାଧୀ (ii) ପଦୀ
(iii) କନି (iv) କଇଁ

୨୩. କୁମ୍ଭୀର କେଉଁ ପାଣି ଖୋଜିଥାଏ ବୋଲି କୁହାଯାଇଛି ?
(i) ଲୁଣିପାଣି (ii) ଗୋଳିଆପାଣି
(iii) ପଙ୍କୁଆ ପାଣି (iv) ସଫପାଣି

୨୪. କେତେ ବର୍ଷ ବାଦେ ଜମିଦାରବାବୁ ତାଙ୍କ ଶଶୁର କାମରେ ଆସାମରେ ଖାନ୍ ସମାଗିରି କାମ କରୁଥିବାର ଶୁଣାଗଲା ?
(i) ଦୁଇ ତିନି ବର୍ଷ (ii) ତିନି ଚାରିବର୍ଷ
(iii) ଚାରି ପାଞ୍ଚ ବର୍ଷ (iv) ପାଞ୍ଚ ଛଅ ବର୍ଷ

୨୫. 'ପତାକା ଉତ୍ତୋଳନ' ଗଳ୍ପଟି କେଉଁ ଦିବସର କଥାକୁ ନେଇ ଗଢ଼ିଉଠିଛି ?
(i) ୧୫ ଅଗଷ୍ଟ ୧୯୪୭
(ii) ୧୪ ଅଗଷ୍ଟ ୧୯୪୭
(iii) ୧୬ ଅଗଷ୍ଟ ୧୯୪୭
(iv) ୧୮ ଅଗଷ୍ଟ ୧୯୪୭

୨୬. ଇଂରେଜ ସରକାର ସୋମନାଥ ମହାପାତ୍ରଙ୍କୁ କେଉଁ ଉପାଧି ପ୍ରଦାନ କରିଥିଲେ ?
(i) ରାୟବାହାଦୂର (ii) ରାୟସାହେବ
(iii) ରାୟଚୌଧୂରୀ (iv) ରାୟମହାପାତ୍ର

୨୭. ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?
(i) ସ୍ଲୋଗାନ (ii) କୋଳାହଳ
(iii) ହୋହଲ୍ଲା (iv) ଗଣ୍ଡଗୋଳ

୨୮. 'ଜୟ ଭାରତକି ଜୟ' ଧ୍ୱନି ରାୟବାହାଦୂରଙ୍କୁ ସୁତୀକ୍ଷଣ ଶଳାକା ରୂପେ କ'ଣ କରୁଥିଲା ?
(i) ଆଘାତ କରୁଥିଲା (ii) ବିଦ୍ଧ କରୁଥିଲା
(iii) ଘାତ କରୁଥିଲା (iv) ଆହତ କରୁଥିଲା

୨୯. ପଟୁଆରର ଅଗ୍ରଣୀ କିଏ ଥିଲେ ?
(i) ଅରୁଣ (ii) ଅଜୟ
(iii) ବିଜୟ (iv) ସଞ୍ଜୟ

୩୦. ଡ୍ରୟର ଚେଷ୍ଟଟି ରାୟବାହାଦୂରଙ୍କର କ'ଣ ଥିଲା ?
(i) ଏକାନ୍ତ ପ୍ରିୟ (ii) ଏକାନ୍ତ ନିଜସ୍ୱ
(iii) ଏକାନ୍ତ ଧନ (iv) ଏକାନ୍ତ ସାଥୀ

୩୧. ଡ୍ରୟର ଭିତରୁ ରାୟବାହାଦୂର କ'ଣ କାଢ଼ିଲେ ?
(i) ପିସ୍ତଲ (ii) ରୁମାଲ
(iii) ସନନ୍ଦ (iv) 'ଫଟୋଗ୍ରାଫ୍'

୩୨. ରାୟବାହାଦୂର ଡ୍ରୟରରୁ ବାହାର କରିଥିବା 'ଫଟୋଗ୍ରାଫ୍'ଟି କାହାର ?
(i) ଅଜୟର (ii) ବିଜୟର
(iii) ଅରୁଣର (iv) ଅରୂପର

୩୩. କାହା ଉପରେ ହଳଦିଆ ଆସ୍ତରଣ ମାଡ଼ି ଯାଇଥିଲା ବୋଲି କୁହାଯାଇଛି ?
(i) ମେଡ଼ାଲ (ii) ସନନ୍ଦ ପତ୍ର
(iii) ଫଟୋଗ୍ରାଫ୍ (iv) ତାମ୍ରପତ୍ର

୩୪. ରାୟବାହାଦୂରଙ୍କୁ ସନନ୍ଦଟି କେଉଁ ସାଲରେ ପ୍ରଦାନ କରାଯାଇଥିଲା ?
(i) ୧୯୨୯ (ii) ୧୯୨୩
(iii) ୧୯୨୭ (iv) ୧୯୨୧

୩୫. ଭାରତୀୟ ଜାତୀୟ ଆନ୍ଦୋଳନରେ କେଉଁ ବିପ୍ଳବ ପରେ ଏକ ନୂତନ ସ୍ପନ୍ଦନ ଦେଖାଦେଇଥିଲା ?
(i) ଜାଲିଓ୍ବାନାବାଗ୍ (ii) ଚଉରୀଚଉରା
(iii) ଓ୍ବାର୍ଧା (iv) ସାବରମତୀ

୩୬. କାହାକୁ ମାନବର ଜନ୍ମଗତ ଅଧିକାର ବୋଲି କୁହାଯାଇଛି ?
(i) ମାନବିକତା (ii) ସ୍ୱାଧିନତା
(iii) ସ୍ୱେଚ୍ଛାଚାରିତା (iv) ମହନୀୟତା

୩୭. ରାୟ ବାହାଦୂର ଅରୁଣଙ୍କୁ କେଉଁଥିରେ ଆଘାତକରିଥିଲେ ?
(i) ବନ୍ଧୁକ (ii) ଲାଠି
(iii) ଚାବୁକ୍ (iv) ବୁଟ୍

୩୮. ରାୟବାହାଦୂରଙ୍କ ପୁତ୍ର ବଧୂଙ୍କ ନାମ କ'ଣ ଥିଲା ?
(i) ସୁପର୍ଣ୍ଣା (ii) ଅପର୍ଣ୍ଣା
(iii) ଋତୁପର୍ଣ୍ଣା (iv) ଆଶାପର୍ଣ୍ଣା

୩୯. ଘର ଭିତରୁ କେଉଁ ଧ୍ୱନି ଶୁଣି ରାୟବାହାଦୂର ହଠାତ୍ ଚମକି ଉଠିଲେ ?
(i) ଘଣ୍ଟଧ୍ୱନି (ii) ଶଙ୍ଖଧ୍ୱନି
(iii) ହୁଳହୁଳି ଧ୍ୱନି (iv) ଘଣ୍ଟାଧ୍ୱନି

୪୦. କାହାର କୁହାଟରେ ଶତସିଂହ ଯେପରି ଗର୍ଜ୍ଜନ କରିଉଠିଲା ?
(i) ପୋଲିସ୍‌ର (ii) ଜନତାର
(iii) ରାୟବାହାଦୂରଙ୍କର (iv) ଅରୁଣର

୪୧. ସୋମନାଥଙ୍କ ହାତରେ କ'ଣ ଫୁଟିଲା ?
(i) ବନ୍ଧୁକ (ii) ଗୁଳି
(iii) ପିସ୍ତଲ (iv) ବୋମା

୪୨. ଜନତା 'ଫ୍ଲାଗ୍‌ଷ୍ଟାଫ୍ ଭାଙ୍ଗି କ'ଣ ଚିରି ଦେଇଥିଲେ ?
(i) ପୋଷ୍ଟର (ii) ପତାକା
(iii) ୟୁନିଅନ୍ ଜ୍ୟାକ୍ (iv) ଷ୍ଟେଟସ୍‌ଜ୍ୟାକ୍

୪୩. ହେମମାଳୀକେତେବର୍ଷ ଧରିଏମିତି କାନ୍ଦିନଥିଲେ ବୋଲି କୁହାଯାଇଛି ?
(i) ପନ୍ଦର (ii) କୋଡ଼ିଏ
(iii) ପଚିଶ (iv) ତିରିଶ

୪୪. ରାତିସାରା କେଉଁଥିରେ ମାତି ବିଜୟଘରକୁ ଫେରିଥିଲା ?
(i) ସ୍ୱାଧୀନତା ଆନ୍ଦୋଳନ
(ii) ମୁକ୍ତି ସଂଗ୍ରାମ
(iii) ସ୍ୱାଧିନତା ସଂଗ୍ରାମ
(iv) ସ୍ୱାଧିନତା ଉତ୍ସବ

୪୫. ବିଜୟ ଜେଜେଙ୍କୁ ବ୍ରିଟିଶର କ'ଣ ବୋଲିକହିଛି ?
(i) କୁକୁର (ii) ଚାକର
(iii) ଗୋଲାମ (iv) ଚେଲା

୪୬. କାହାର ମୁଣ୍ଡ ଓ ନାକ ଫାଟି ରକ୍ତର ସୁଅ ତଳେ ଛୁଟିଲା ?
(i) ବିଜୟ (ii) ଅରୁଣ
(iii) ସୋମନାଥ (iv) ରାମନାଥ

୪୭. ସୋମନାଥ ଶେଷରେ କାହାକୁ ଆଶୀର୍ବାଦ କରିଥିଲେ ?
(i) ଅପର୍ଣ୍ଣାକୁ (ii) ଅରୁକୁ
(iii) ବିଜୁକୁ (iv) ହେମମାଳୀକୁ

୪୮. ଭାରତ ଭୂମିରେ ଅସଂଖ୍ୟ ପୂଣ୍ୟ କାଙ୍ଗାଳ ଜନତାର ଚିର ଇପ୍‌ସିତ ସ୍ଥାନ ବୋଲି କାହାକୁ କୁହାଯାଇଛି ?
(i) ମଥୁରା (ii) ବୃନ୍ଦାବନ
(iii) ତିରୁପତି (iv) ବନାରସ୍

୪୯. ବନାରସରେ କେଉଁ ମନ୍ଦିର ଅବସ୍ଥିତ ?
(i) ବଦ୍ରିନାଥ (ii) କାଶୀ ବିଶ୍ୱନାଥ
(iii) ସୋମନାଥ (iv) କେଦାରନାଥ

୫୦. ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହାକୁ କୁହାଯାଇଛି ?
(i) ରାମ୍‌ନଗର (ii) ସଦରବଜାର
(iii) ଡାଲ୍‌ମଣ୍ଡି (iv) ଗୋଧୂଳିଆ

୫୧. ଗୋଧୂଳି ଓ ଗଙ୍ଗାଜୀ – ଉଭୟଙ୍କୁ କ'ଣ ବୋଲି କୁହାଯାଇଛି ?
(i) ପ୍ରେମମୟୀ (ii) ଭାବମୟୀ
(iii) ସ୍ନେହମୟୀ (iv) ରହସ୍ୟ

୫୨. ଅସ୍ତ ସୂର୍ଯ୍ୟର ସୁନାକିରଣରେ ଗଙ୍ଗାର କେଉଁ ରଙ୍ଗର ପାଣି ଲାଲେ-ଲାଲ୍ ଲାଗୁଥିଲା ?
(i) ଗହମ (ii) ପେସ୍ତା
(iii) ବାଦାମ (iv) ବାଇଗଣି

୫୩. ନୌକାର ପାଲ କେତେ ଫଣାବାସୁକୀ ପରି ନଇଁଯାଇ ଉପରକୁ ଉଠୁଥିଲା ?
(i) ସପ୍ତଫେଣା (ii) ସହସ୍ରଫଣା
(iii) ଶତଫଣା (iv) ଶତସହସ୍ର ଫଣା

୫୪. ଅଶୋକଙ୍କ ବାପା ବନାରସ୍‌ରେ କେଉଁ ଚାକିରୀ କରିଥିଲେ ?
(i) ପୋଲିସ୍ ଅଫିସର (ii) ମିଲଟାରୀ ଅଫିସର
(iii) ମିଲଟାରୀ ଡାକ୍ତର (iv) ପ୍ରଫେସର

୫୫. କିଏ ଇଂରାଜୀ ଭାଷାରେ ବିରକ୍ତି ପ୍ରକାଶକରି 'ଇଡ଼ିଅଟ୍' କହିଥିଲେ ?
(i) ବାପା (ii) ମାଆ
(iii) ଦାଦା (iv) ବଡ଼ଭାଇ

୫୬. ରାମ ନଗର ଦେଖିସାରି ଗଙ୍ଗାପାର ହେଉଥିବାବେଳେ ଅଶୋକଙ୍କ ବୟସ କେତେ ଥିଲା ?
(i) ଆଠ (ii) ଦଶ
(iii) ଏଗାର (iv) ବାର

୫୭. କାହାର ଅଦୃଶ୍ୟ ଇଙ୍ଗିତରେ ନୌକା ଘାଟରେ ଲାଗିଲା ?
(i) ମାଝିର (ii) ପୋଲିସର
(iii) କର୍ପୋରେସନର (iv) ନିଶୁ ଆଲୋକର

୫୮. ଅଶୋକର ବାପାଙ୍କୁ କେତେ ଟଙ୍କାର ଟିକସ ଦେବାକୁ ପଡ଼ିଲା ?
(i) ଦଶଟଙ୍କା (ii) ଏଗାର ଟଙ୍କା
(iii) ବାରଟଙ୍କା (iv) ତେର ଟଙ୍କା

୫୯. ଅଶୋକଙ୍କ ପିଠି ଉପରେ ମାଷ୍ଟରଜୀଙ୍କ ବଡ଼ ପାପୁଲିଟି କିପରି କମ୍ପି ଉଠୁଥିଲା ?
(i) ବରପତ୍ର ପରି
(ii) ଦେବଦାରୁ ପତ୍ର ପରି
(iii) ଅଶ୍ୱତ୍ଥ ପତ୍ର ପରି
(iv) କଦଳୀ ପତ୍ର ପରି

୬୦. ମାଷ୍ଟରଜୀ କେତେ ଟଙ୍କା ଦରମାରେ ଅଶୋକର ଟ୍ୟୁସନ ମାଷ୍ଟର ଥିଲେ ?
(i) ପାଞ୍ଚ ଟଙ୍କା (ii) ଛଅ ଟଙ୍କା
(iii) ସାତ ଟଙ୍କା (iv) ଆଠ ଟଙ୍କା

୬୧. ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?
(i) ବିବେକ (ii) ବିଚାର
(iii) ସତ୍ୟ (iv) ଜ୍ଞାନ

୬୨ ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମ ଘରେ ମାଷ୍ଟରଜୀ କ'ଣ ଥିଲେ ?
(i) ସମର୍ଥକ (ii) ସଭ୍ୟ
(iii) ପୁରୋଧା (iv) ବିଦ୍ରୋହୀ

୬୩. ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?
(i) ଦଶ ଟଙ୍କା (ii) ବାର ଟଙ୍କା
(iii) ଏଗାର ଟଙ୍କା (iv) ତେର ଟଙ୍କା

୬୪. ମାଷ୍ଟରଜୀଙ୍କୁ କେଉଁ ରୋଗ ହୋଇଥିଲା ?
(i) ପ୍ଳୁରେସି (ii) ଡିସେଂଟ୍ରି
(iii) କ୍ୟାନସର (iv) ନିମୋନିଆ

୬୫. ମନୁଷ୍ୟ କଥା କହିବା ଅପେକ୍ଷା କେଉଁଥିରେ ତା' ଠାରୁ ଯଥେଷ୍ଟ ବେଶି ପ୍ରକାଶ କରିପାରେ ବୋଲି ଲେଖକ ଅନୁଭବ କରିଛନ୍ତି ?
(i) ପ୍ରତିକ୍ରିୟାରେ (ii) ନୀରବରେ
(iii) କ୍ରୋଧରେ (iv) ହସରେ

୬୬. କାହାର ଭୀରୁ ସଙ୍କୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ?
(i) ପ୍ରଶାସକର (ii) ବିଶ୍ୱାସଘାତକର
(iii) ହତ୍ୟାକାରୀର (iv) ଅବିବେକୀର

୬୭. ଏ ଜାତିକୁ କେଉଁ ଶିକ୍ଷା ନୂଆକରି ଦେବାକୁ ମାଷ୍ଟରଜୀ କହୁଥିବା ପରି ଅଶୋକର ମନେ ହୋଇଛି ?
(i) ପ୍ରାଥମିକ ଶିକ୍ଷା (ii) ମାଧ୍ୟମିକ ଶିକ୍ଷା
(iii) ଉପଯୁକ୍ତ ଶିକ୍ଷା (iv) ନୀତି ଶିକ୍ଷା

୬୮. କମ୍ବୁଗ୍ରୀବ କଚ୍ଛପଟି କେଉଁଠାରେ ରହୁଥିଲା ?
(i) ଉପତ୍ୟକା (ii) ସରୋବର
(iii) ନଦୀ (iv) ସମୁଦ୍ରରେ

୬୯. କମ୍ବୁଗ୍ରୀବ କ'ଣ ଥିବାରୁ ତା'ପରିବେଶ ତାକୁ ସନ୍ତୁଷ୍ଟ କରିପାରୁନଥିଲା ?
(i) କଳ୍ପନାଶ୍ରୟୀ (ii) ଭାବପ୍ରବଣ
(iii) ଉଚ୍ଚାଭିଳାଷୀ (iv) ସ୍ପଷ୍ଟବାଦୀ

୭୦. କେଉଁ ଋତୁରେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ ?
(i) ଶୀତଋତୁ (ii) ବର୍ଷା ଋତୁ
(iii) ବସନ୍ତ ଋତୁ (iv) ଶରତ ଋତୁ

୭୧. ଆକାଶର ଭବିଷ୍ୟତ ଅନ୍ଧାର ବୋଲି କିଏ ଭବିଷ୍ୟବାଣୀ କରିଥିଲା ?
(i) ଚିଲ (ii) ବଗ
(iii) କାଉ (iv) ଘରଚଟିଆ

୭୨. ହଂସମାନେ ବିଶ୍ୱାସ ଘାତକ ବୋଲି କିଏ କହିଛି ?
(i) ଘରଚଟିଆ (ii) ବତାସୀ
(iii) ଚିଲ (iv) ବକ

୭୩. ରାଜା ଉଡ଼ନ୍ତା କଚ୍ଛପଟିକୁ ଦେଖି କ'ଣ କହିଥିଲେ ?
(i) ଆଶ୍ଚର୍ଯ୍ୟ (ii) ଅଦ୍ଭୁତ
(iii) ବିଚିତ୍ର (iv) ଅସାଧାରଣ

୭୪. ବିଦେଶୀ ରାଜଦୂତ ତାଙ୍କ ରାଜ୍ୟରେ କିଏ ଉଡ଼ିଯିବାର ଦେଖାଯାଏ ବୋଲି କହିଥିଲେ ?
(i) ଠେକୁଆ (ii) ଘୁଷୁରି
(iii) ମଇଁଷି (iv) ଶିଆଳ

୭୫ କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ଦୃଷ୍ଟି ହୁଏ ବୋଲି କୁହାଯାଇଛି ?
(i) ଶହେ ବର୍ଷ (ii) ସହସ୍ର ବର୍ଷ
(iii) ଲକ୍ଷେ ବର୍ଷ (iv) ଅୟୁତ ବର୍ଷ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ନମ୍ବର।**

୧. କେଉଁ କାରବାର ଗୋଖର ସାପ ଖେଳାଇବା ସହ ସମାନ ବୋଲି ମହାଜନେ କହିଥାନ୍ତି ?

୨. କେଉଁ ମାଲ୍ ଆମଦାନୀ ରପ୍ତାନି ଜାହାଜରେ ହେଉଥିଲା ?

୩. କୁକୁଡ଼ା ଡ଼ାକ ଆଗରୁ କଲିକତାରେ କ'ଣ ପଡ଼େ ?

୪. କପାଳିଆ ଲୋକକୁ କ'ଣ ମିଳିଥାଏ ବୋଲି କୁହାଯାଇଛି ?

୫. କଲିକତାଟା କ'ଣ ବୋଲି ଲେଖକ ମହାଜନଙ୍କ ମୁହଁରେ କୁହାଇଛନ୍ତି ?

୬. ଗଦିରେ କାହାର ଡ଼ାକ ନାମ ସାନବାବୁ ଥିଲା ?

୭. ସଭାର ସମ୍ପାଦକ ସମସ୍ତ ଖର୍ଚ୍ଚ ବହନ କରିବା କେଉଁ ସ୍ଥାନର ନିୟମ ଥିଲା ?

୮. ପିତାଙ୍କ ମୃତ୍ୟୁରେ ଡ଼କା ପକାଇ କାନ୍ଦିବା କଥାଟାକୁ ରାଜୀବ ଲୋଚନ କ'ଣ ବୋଲି କହିଛନ୍ତି ?

୯. ମା' ସାଆନ୍ତାଣୀ କେଉଁ ବିଶ୍ୱାସୀ ପୋଇଲି ସହିତ ପୁରୀ ବାହାରିଗଲେ ?

୧୦. କିଏ କଲିକତା ହାଇକୋର୍ଟରୁ ଆସି ଚଳନ୍ତି ଅଚଳନ୍ତି ଯାନାସନ ସମସ୍ତ କ୍ରୋକ କରି ପକାଇଲା ?

୧୧. ସବୁ ଅଳଙ୍କାର ଗୁଡ଼ାକ କ'ଣ ଥିଲା ?

୧୨. ପାଞ୍ଚ ଛ' ବର୍ଷ ବାଦେ ଜମିଦାରବାବୁ ଆସାମରେ କେଉଁ କାମ କରୁଥିବାର ଶୁଣାଗଲା ?

୧୩. ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତିର ମିଳିତ ଐକ୍ୟତାନରେ ରାୟ ବାହାଦୂରଙ୍କର କ'ଣ ଭାଙ୍ଗିଗଲା ?

୧୪. କାହାକୁ ବନ୍ଦ କରି ସେ ସ୍ୱର୍ଦ୍ଧିତ ଜୟନାଦକୁ ରୁଦ୍ଧ କରି ହୁଏନା ବୋଲି କୁହାଯାଇଛି ?

୧୫. ଅରୁଣର ଫଟୋ ଖଣ୍ଡିକ କେଉଁଠି ସୁରକ୍ଷିତ ଥିଲା ?

୧୬. କାହାର ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପରିଚ୍ଛଦ ଥିଲା ?

୧୭. ରାୟବାହାଦୂରଙ୍କ କମ୍ପିତ ହାତରୁ କ'ଣ ଖସି ତଳେ ପଡ଼ିଗଲା ?

୧୮. ରାତିର ଲକ୍ଷ ଝିଙ୍କାରୀ କଣ୍ଠରେ ସେଇ ଏକଟଣା ଝିଁ ଝିଁ ସୁରରେ କିଏ ଅନୁରଣିତ ହୋଇ ଉଠିଥିଲା ?

୧୯. ପଟୁଆରରେ ଆସୁଥିବା ଜନତା କ'ଣ କହି କୁହାଟୁଥିଲା ?

୨୦. କିଏ ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ ?

୨୧. କାହା ପାଖରେ ଅତି ସତର୍କ ପ୍ରହରୀ ପରି ରାୟବାହାଦୂର ସାରାରାତି ଚେଇଁ ବସିଥିଲେ ?

୨୨. ବିଜୟ ରାତିସାରା କ'ଣ କରି ଘରକୁ ଫେରିଲା ?

୨୩. ଦୁନିଆ କ'ଣ ହୋଇପାରେକିନ୍ତୁ ସେ ନୁହଁନ୍ତି ବୋଲି ରାୟବାହାଦୂର ନିଜକୁ କହିଲେ ?

୨୪. ବିଜୟ ରାୟବାହାଦୂରଙ୍କ ଉପରେ ଝୁଙ୍କିପଡ଼ି କେଉଁ କଣ୍ଠରେ ଜେଜେ ବୋଲି ଡାକିଲା ?

୨୫. ଭାଦ୍ର ଆକାଶର ସୁନୀଳ ପଟ୍ଟଭୂମିରେ କିଏ ଉଡୁଥିଲା ଫରଫର ହୋଇ ?

୨୬. କେଉଁ ରାସ୍ତାରେ ସିଆର୍‌ସିଆର୍ ହୋଇ ଲୋକଙ୍କ ଧାଡ଼ି ଯେମିତି ବରଫ ପରି ଜମାଟ୍ ବାନ୍ଧିଯାଇଥିଲା ?

୨୭. ଲକ୍ଷ ରୂପ - ପିୟାସୀ ନାଗରିକଙ୍କ ପାଇଁ ଡାଲ୍ ମଣ୍ଡି କ'ଣ ଥିଲା ?

୨୮. ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ କିଏ ?

୨୯. ହିନ୍ଦୀ, ମୈଥିଳୀ, ଆଉ ଭୋଜପୁରୀ ମିଶାମିଶି ଅଦ୍‌ଭୁତ ଭାଷା କାହାର ଥିଲା ?

୩୦. ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ'ଣ ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍‌ଭୁତ ଶୁଣାଯାଉଥିଲା ?

୩୧. ମାଷ୍ଟରଜୀଙ୍କ ଦୁର୍ବଳ ବ୍ୟକ୍ତିତ୍ୱର ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରିଛି ?

୩୨. ସଦର ବଜାରର କେଉଁଠି ଦୁଇଟା ରାସ୍ତା ଦୁଇ ଆଡ଼କୁ ଯୂପକାଷ୍ଠପରି ବାଙ୍କି ଯାଇଥିଲା ?

୩୩. କିଏ କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ଆଖିଆଗରେ ଜୀବନ୍ତ କରି ତୋଳି ଧରି ପାରୁଥିଲେ ?

୩୪. କେଉଁ କାହାଣୀ ପରୀ ରାଜ୍ୟର କଳ୍ପନାକୁ ପରାସ୍ତ କରେ ଓ ଇତିହାସ ଠାରୁ ଆହୁରି ସତ୍ୟ ବୋଲି ଲେଖକ କହିଛନ୍ତି ?

୩୫. ଲେଖକ ଏଇ ବିରାଟ ବିଶ୍ୱର ବହି ଉପରେ ବହୁ ବିଚିତ୍ର ମନୁଷ୍ୟ ନାୟକ ନାୟିକାର କ'ଣ ଶୁଣିଛନ୍ତି ବୋଲି କହିଛନ୍ତି ?

୩୬. କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍‌କାର ଦେଇଥାଏ ?

୩୭. କିଏ କଚ୍ଛପର ଅନୁସନ୍ଧିତ୍ସା ସଂପର୍କରେ ଅବହିତ ଥିଲେ ?

୩୮. ଅର୍ଦ୍ଧକୋଷ ଅତିକ୍ରମ କଲାପରେ ହଂସ ଯୁଗଳ ଓ କଚ୍ଛପ କେଉଁଠି ଅବତରଣ କରିଥିଲେ ?

୩୯. ବିସ୍ମୟ ଓ ପୁଲକରେ କମ୍ବୁଗ୍ରୀବ କ'ଣ କରି ଲାଗିଥିଲା ?

୪୦. କେଉଁ ଦୃଶ୍ୟ ଦେଖି ଘରଚଟିଆ ଓ ବତାସୀ ବିମୂଢ଼ ପାଲଟି ଯାଇଥିଲେ ?

୪୧. ପାରା ଓ ଚିଲଙ୍କୁ କେଉଁ ପକ୍ଷୀ ବୋଲି କୁହାଯାଏ ?

୪୨. କାଉ କେଉଁ ପକ୍ଷୀ ଭାବେ ଜଣାଶୁଣା ବୋଲି ଲେଖକ କହିଛନ୍ତି ?

୪୩. ଗାଈଆଳ ଟୋକା ମାନେ ଯଥାଶକ୍ତି ହାତ ତାଳି ଦେଇ କ'ଣ କଲେ ?

୪୪. କ'ଣ କରିବାରୁ ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ?

୪୫. ରାଜାଙ୍କ ଧମକ କାହାଭଳି ସଭାସଦ୍‌ମାନଙ୍କ କାନ୍ଦଣାକୁ ମାଡ଼ି ମକ୍‌ଚି ନିସ୍ତବ୍‌ଧ କରିଦେଲା ?

**(୩) ଲେଖା ଓ ଲେଖକଙ୍କ ନାମୋଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିଛି ।**

୧. ଲୋକେ କଲିକତି ଧୂଆଁ ପତ୍ରକୁ ବାଲେଶ୍ୱରୀ ବୋଲି କହୁଥିଲେ କାହିଁକି ?

୨. ଗଦିଆନ୍ ହିନ୍ଦୁ ମହାଜନ ମାନଙ୍କୁ ଗଙ୍ଗାସ୍ନାନ ସାରି ଫେରିବା ବେଳକୁ ବେଳ ଦୁଇଘଡ଼ି ହୁଏ କାହିଁକି ?

୩. ମୋହର ପୋଟଳାକୁ ଦେଖି ଗୋପାଳ କ'ଣ କଲା ?

୪. ଆକବରୀ ମୋହର ଲାଭ ସମ୍ପର୍କରେ କି ଲୋକ ଧାରଣା ରହିଥିଲା ?

୫. କଲିକତା ଗଦିର ଦସ୍ତୁର କ'ଣ ?

୬. ମହାଜନଙ୍କ ଅନୁମତି ଘେନି ସାନବାବୁ କ'ଣ କଲେ ?

୭. ପାଞ୍ଚ ସାତ ବର୍ଷ ପରେ ମହାଜନ ଗ୍ରାମରେ ଗୋପାଳ ପାଇଁ କ'ଣ କଲେ ?

୮. ସଭ୍ୟ ଜମିଦାର 'ଓହୋ ! ଲେଡ଼ିକୁ ଇନ୍‌ସଲ୍‌ଟ' କହିବା ପରେ ସେଇ ମୁହୂର୍ତ୍ତରେ କ'ଣ ହେଲା ?

୯. ସ୍ୱାଧିନ ଭାରତର ଜୟନାଦରେ ରାୟବାହାଦୂର କ'ଣ ଅନୁଭବ କରୁଥିଲେ ?

୧୦. ଅରୁଣର ଚେହେରା ଓ ପରିଚ୍ଛଦ କିପରି ଥିଲା ?

୧୧. ୧୯୨୩ ସାଲ୍‌ର ବ୍ରିଟିଶ ସମ୍ରାଟଙ୍କ ପ୍ରଦତ୍ତ ସନନ୍ଦ ପତ୍ରଟି ପାଠ କଲାପରେ ରାୟ ବାହାଦୂରଙ୍କର କି ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ?

୧୨. ଚଉରୀ ଚଉରା ବିପ୍ଳବ ପରେ ଭାରତରେ କ'ଣ ଘଟିଥିଲା ?

୧୩. ଅନ୍ୟାୟ ଆଦେଶକୁ ସ୍ୱୀକାର ନ କରିବାକୁ ଅରୁଣ ରୋକ୍‌ଠୋକ୍ ଶୁଣାଇ ଦେବାପରେ କ'ଣ ହେଲା ?

୧୪. ରାୟ ବାହାଦୂର ଉତ୍କର୍ଣ୍ଣ ହୋଇ କ'ଣ ଶୁଣୁଥିଲେ ?

୧୫. ହେମମାଳା ଦୋତାଲା ବାରଣ୍ଡାରେ କ'ଣ କରୁଥିଲେ ?

୧୬. ବିଜୟ ସୋମନାଥଙ୍କୁ ଦୁଇ ହାତରେ ଠେଲି ଦେଲା ପରେ କ'ଣ ହେଲା ?

୧୭. ଯୌବନର ଅସ୍ତଲଗ୍ନକୁ ଅପେକ୍ଷା କରି ଅଶୋକ କ'ଣ ଦେଖୁଥିଲେ ?

୧୮. ପ୍ରତ୍ୟେକ ଶିକ୍ଷକ କେଉଁ ଦିନଟିକୁ ଅପେକ୍ଷା କରିଥାଏ ?

୧୯. ଦୁହେଁ ଦୁହିଁଙ୍କୁ ଉହିଁବା ଭିତରେ ଅଶୋକ କ'ଣ ଅନୁଭବ କରିଥିଲେ ?

୨୦. ମାଷ୍ଟରଜୀଙ୍କ ପୁରୁଣା ପିଣ୍ଡା ଉପରେ କ'ଣ ଭାବି ଅଶୋକ ମୂକ ହୋଇ ବସିଥିଲେ ?

୨୧. କେଉଁ କାହାଣୀ ଜାଣି ନଥିଲେ ବୋଲି ଲେଖକ କହିଛନ୍ତି ?

୨୨. ହଠାତ୍ ସେଦିନ ଲେଖକଙ୍କର କ'ଣ ମନେ ହୋଇଥିଲା ?

୨୩. ମାଷ୍ଟରଜୀଙ୍କ କେଉଁ ବଡ଼ ସମସ୍ୟାର ସମାଧାନ ହୋଇଯାଇ ଥିଲା ବୋଲି ସେ କହିଛନ୍ତି ?

୨୪. ହଂସଦ୍ୱୟ କମ୍ବୁଗ୍ରୀବକୁ କିପରି ଧରି ଶୂନ୍ୟକୁ ଉଠିଥିଲେ ?

୨୫. ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପ କ'ଣ କହିଲା ?

୨୬. ନିରାଶବାଦୀ କାଉର ବକ୍ତବ୍ୟ କ'ଣ ଥିଲା ?

୨୭. ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ କ'ଣ କରିଥିଲା ?

୨୮. ଦରବାରର ପ୍ରଧାନ ବିଶେଷଜ୍ଞ କ'ଣ କହିଥିଲେ ?

୨୯. ଦରବାରର କବିରାଜ ଜ୍ୟୋତିଷ କ'ଣ କହିଥିଲେ ?

୩୦. ସେନାପତିଙ୍କ ଘୋଷଣା ପରେ କାହିଁକି ଓ କେଉଁଥିପାଇଁ ସମସ୍ତେ ଅଧିକ ଆଗ୍ରହ ପ୍ରକାଶ କରିଥିଲେ ?

**(୪) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ - ୩ ନମ୍ବର। ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଉତ୍ତର ପାଇଁ ୨ ନମ୍ବର।**

୧. ଗୋପାଳ ମହାଜନ ବଳରାମଙ୍କର ଏତେ ବିଶ୍ୱାସୀ ହେବାର କାରଣ କ'ଣ ?

୨. ବାବୁ ରାଜୀବଙ୍କ ଇଂରାଜୀ ପଢ଼ା ସମ୍ପର୍କରେ ଯାହା ଜାଣ ଲେଖ ?

୩. ଦେଶୀ କନ୍ୟାଙ୍କ ସମ୍ପର୍କରେ ରାଜୀବଙ୍କ ମନ୍ତବ୍ୟ କ'ଣ ଥିଲା ?

୪. କରଣମାନେ ମେଳିବାନ୍ଧି ମେନେଜରଙ୍କୁ କ'ଣ ଜଣାଇଲେ ଓ ମେନେଜର ସେମାନଙ୍କୁ କ'ଣ କରିବାକୁ କହିଲେ ?

୫. ଡ୍ରାୟରଟି ରାୟବାହାଦୂରଙ୍କର କାହିଁକି ଏତେ ନିଜସ୍ୱ ଥିଲା ?

୬. ରାୟ ବାହାଦୁରଙ୍କୁ ଅରୁଣ ବ୍ରିଟିଶ ସରକାରଙ୍କ ଗୋଲାମ ବୋଲି କାହିଁକି କହିଛି ?

୭. ରାୟବାହାଦୂର ଅନେକ ରାତିରେ କ'ଣ ଶୁଣନ୍ତି ?

୮. ସୋମନାଥଙ୍କ ହାତରେ ପିସ୍ତଲ ଫୁଟିବା ପରେ କି ବ୍ୟତିକ୍ରମ ଘଟିଥିଲା ?

୯. ମାଷ୍ଟରଜୀଙ୍କ ଦୁର୍ବଳ ବ୍ୟକ୍ତିତ୍ୱ ଭିତରୁ କ'ଣ ଆତ୍ମପ୍ରକାଶ କରି ଲେଖକଙ୍କୁ ଅଭିଭୂତ କରିଥିଲା ?

୧୦. ମାଷ୍ଟରଜୀଙ୍କ ଶାରୀରିକ ଗଠନ କିପରି ଥିଲା ?

୧୧. ପ୍ରତ୍ୟେକ ଶିକ୍ଷକର ଚିର ଇପ୍‌ସିତ ଦିନଟି କ'ଣ ?

୧୨. ଦକ୍ଷ ଦରିଦ୍ରର ଆତ୍ମକାହାଣୀ ସମ୍ପର୍କରେ ଲେଖକଙ୍କ ମନ୍ତବ୍ୟ କ'ଣ ?

୧୩. ମହାକାଶରେ କଚ୍ଛପ ଉଡ଼ିବା ଦେଖି କେଉଁ ପକ୍ଷୀ କି ପ୍ରତିକ୍ରିୟା ପ୍ରକାଶ କରିଥିଲା ?

୧୪. ସେନାପତିଙ୍କ ସମ୍ପର୍କରେ ରାଜାଙ୍କ ମନ୍ତବ୍ୟ କ'ଣ ଥିଲା ?

୧୫. ବିଦେଶୀ ରାଜଦୂତଙ୍କୁ ରାଜା କି ଚରମବାଣୀ ଶୁଣାଇଥିଲେ ?

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧. 'ସଭ୍ୟ ଜମିଦାର' ଗଳ୍ପ ଏକ ସାର୍ଥକ ବ୍ୟଙ୍ଗାତ୍ମକ ସୃଷ୍ଟି। ଆଲୋଚନା କର ?

୨. ସଭ୍ୟ ଜମିଦାର ଗଳ୍ପରୁ ଗୋପାଳର ଚରିତ୍ର ଚିତ୍ରଣ କର ?

୩. ନୂଆ ଜମିଦାରଙ୍କ ନିଷ୍ଫଳ ଅହମିକାର ଚରମ ପରିଣତି କିପରି ଦୁଃଖାବହ ହୋଇଛି ଆଲୋଚନା କର ?

୪. ଅପସଂସ୍କୃତିର ଅନୁପ୍ରବେଶ ଓ ଇଂରାଜୀ ଶିକ୍ଷା ପ୍ରତି ଅନ୍ଧ ମୋହ ତତ୍‌କାଳୀନ ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରିଥିଲା। ପଠିତ ଗଳ୍ପ ଅବଲମ୍ବନର ଆଲୋଚନା କର ?

୫. 'ପତାକା ଉତ୍ତୋଳନ ଗଳ୍ପ' ଏକ ସାର୍ଥକ ସୃଷ୍ଟି ଆଲୋଚନା କର ?

୬. ପତାକା ଉତ୍ତୋଳନ ଗଳ୍ପରେ ରାୟ ବାହାଦୂର ଚରିତ୍ରର ଭୂମିକା ସମ୍ପର୍କରେ ଆଲୋଚନା କର ?

୭. ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ସମ୍ପର୍କରେ ଆଲୋଚନା କର ?

୮. ଅଖିଳ ମୋହନଙ୍କ ବର୍ଣ୍ଣନା ଶୈଳୀ ଅନନ୍ୟ, ଆଲୋଚନା କର ?

୯. ମାଷ୍ଟରଜୀଙ୍କ ଜୀବନ କାହାଣୀ ଯେତିକି ଅଶ୍ଳୀଳ ସେତିକି ହୃଦୟସ୍ପର୍ଶୀ ଆଲୋଚନା କର ?

୧୦. ରୂପ ନାରାୟଣ ସାହାଙ୍କ ଚରିତ୍ରର ବୈଶିଷ୍ଟ୍ୟ ବିଚାର କର ?

୧୧. "ଜଣେ ହତ୍ୟାକାରୀର ଭୀରୁ ସଂକୁଚିତ ବିବେକ ନେଇ ଚାଲିଛି ମୁଁ ଭିତରେ ଗାଳ୍ପିକଙ୍କ ଲୁକ୍‌କାୟିତ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ?

୧୨. 'ଆକାଶ କଇଁଛ' ଗଳ୍ପରୁ ଗାଳ୍ପିକଙ୍କ ଅଭିବ୍ୟକ୍ତିର ଉଦ୍ଦେଶ୍ୟ ଉପସ୍ଥାପନ କର ?

୧୩. 'ଆକାଶ କଇଁଛ' ଗଳ୍ପରୁ ଗାଳ୍ପିକଙ୍କ ଅଭିବ୍ୟକ୍ତିର ଉଦ୍ଦେଶ୍ୟ ଉପସ୍ଥାପନ କର ?

୧୪. ଆକାଶ ବିଜୟୀ କଇଁଛର ଆସ୍ଫାଳନ ଓ ତଥାକଥିତ ବିଜ୍ଞପଣ୍ଡିତଙ୍କ ଅଜ୍ଞତାର ଚରମ ପରିଣତି କିପରି ଦୁଃଖଦ, ଆଲୋଚନା କର ?

୧୫. 'ଆକାଶ କଇଁଛ' ଗଳ୍ପରୁ ଗାଳ୍ପିକଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ?

***

## ତୃତୀୟ ଏକକ

# ଗଳ୍ପ ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧. (i) କଲିକତା
୨. (ii) ବଳରାମ
୩. (ii) ଆକବରୀ
୪. (iii) ବିଦିଆ
୫. (i) ରୂପାବନ୍ଧା
୬. (ii) କଲିକତାକୁ
୭. (i) ଓଡ଼ିଆ
୮. (ii) ଗୁମାସ୍ତା
୯. (i) ଚାରିପଣି
୧୦. (ii) ଅବଧାନ
୧୧. (iii) ମଙ୍ଗଳବାର
୧୨. (iii) ଶନିବାର
୧୩. (ii) ସନ୍ନିପାତ
୧୪. (ii) ମୃତ୍ୟୁ
୧୫. (iii) ସଭା
୧୬. (i) ଶ୍ୟାମପୁର
୧୭. (iii) କୋଠ ପାଞ୍ଜିଆ
୧୮. (iv) ଶିକ୍ଷିତ ଓ କୁସଂସ୍କାର ବର୍ଜିତ
୧୯. (ii) ହରିବୋଲ ପଟ୍ଟନାୟକ
୨୦. (iii) କଲିକତା
୨୧. (i) ଖାନ୍‌ସମା
୨୨. (i) ରାଧୀ
୨୩. (ii) ଗୋଲିଆପାଣି
୨୪. (iv) ପାଞ୍ଚ ଛଅ ବର୍ଷ
୨୫. (ii) ୧୪ ଅଗଷ୍ଟ ୧୯୪୭
୨୬. (i) ରାୟବାହାଦୂର
୨୭. (ii) କୋଳାହଳ
୨୮. (ii) ବିଦ୍ଧ କରୁଥିଲା
୨୯. (iii) ବିଜୟ
୩୦. (ii) ଏକାନ୍ତ ନିଜସ୍ୱ
୩୧. (iv) 'ଫଟୋଗ୍ରାଫ୍'
୩୨. (iii) ଅରୁଣର
୩୩. (ii) ସନନ୍ଦ ପତ୍ର
୩୪. (ii) ୧୯୨୩ ସାଲରେ
୩୫. (ii) ଚଉରୀ ଚଉରା
୩୬. (ii) ସ୍ୱାଧିନତା
୩୭. (iii) ଚେକବୁକ୍
୩୮. (ii) ଅପର୍ଣ୍ଣା
୩୯. (i) ଘଣ୍ଟଧ୍ୱନି
୪୦. (ii) ଜନତାର
୪୧. (iii) ପିସ୍ତଲ
୪୨. (iii) ୟୁନିଅନ୍ ଜ୍ୟାକ୍
୪୩. (iii) ପଚିଶ
୪୪. (iv) ସ୍ୱାଧିନତା ଉତ୍ସବ
୪୫. (iii) ଗୋଲାମ
୪୬. (iii) ସୋମନାଥ
୪୭. (iii) ବିଜୁକୁ
୪୮. (iv) ବନାରସ୍
୪୯. (ii) କାଶୀ ବିଶ୍ୱନାଥ
୫୦. (iii) ଡାଲ୍‌ମଣ୍ଡି
୫୧. (iv) ରହସ୍ୟମୟୀ
୫୨. (i) ଗହମ
୫୩. (ii) ସହସ୍ର ଫଣା
୫୪. (iii) ମିଲଟାରୀ ଡାକ୍ତର
୫୫. (iv) ବଡ଼ଭାଇ
୫୬. (ii) ଦଶ
୫୭. (iii) କର୍ପୋରେସନର
୫୮. (i) ଦଶଟଙ୍କା
୫୯. (iii) ଅଶ୍ୱତ୍ଥ ପତ୍ର ପରି
୬୦. (i) ପାଞ୍ଚ ଟଙ୍କା
୬୧. (iii) ସତ୍ୟ
୬୨. (iii) ପୁରୋଧା
୬୩. (iv) ତେର ଟଙ୍କା
୬୪. (i) ଫ୍ଲୁରେସି
୬୫. (ii) ନୀରବରେ
୬୬. (iii) ହତ୍ୟାକାରୀର
୬୭. (i) ପ୍ରାଥମିକ ଶିକ୍ଷା
୬୮. (ii) ସରୋବରରେ
୬୯. (iii) ଉଚ୍ଚଭିଳାଷୀ
୭୦. (ii) ବର୍ଷା ଋତୁ
୭୧. (iii) କାଉ
୭୨. (iv) ବକ
୭୩. (iii) ବିଚିତ୍ର
୭୪. (ii) ଘୁଷୁରି
୭୫. (ii) ସହସ୍ର ବର୍ଷ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ନମ୍ବର।**

୧. ଦୋକ୍ତା
୨. କଲିକତା ମାଲ୍
୩. ତୋପ
୪. ଆକବରୀ ମୋହର
୫. ଠକ ଗଣ୍ଡିକଟା
୬. ଗୋପାଳର
୭. କଲିକତାର
୮. କୁସଂସ୍କାର
୯. ରାଧୀ
୧୦. ଡିକ୍ରୀ ଜାରିପିଆଦା
୧୧. ଗିଲ୍‌ଟି
୧୨. ଖାନ୍‌ସମା
୧୩. ଛାଇ ନିଦ
୧୪. ଝରକା କବାଟ
୧୫. ଭେଲ୍‌ଭେଟ୍ ବାକ୍‌ସରେ
୧୬. ଅରୁଣର
୧୭. ଅରୁଣର ଫଟୋ
୧୮. ରାତିର ନିରବ ମୁହୂର୍ତ୍ତଗୁଡ଼ିକ
୧୯. ବନ୍ଦେମାତରମ୍
୨୦. ହେମମାଳୀ
୨୧. ୟୁନିଅନ୍ ଜ୍ୟାକ୍ ପତାକା ପାଖରେ
୨୨. ସ୍ୱାଧିନତା ଉତ୍ସବରେ ମାତି
୨୩. ନିମକ ହାରାମ
୨୪. ଅପରାଧୀ କଣ୍ଠରେ
୨୫. ସ୍ୱାଧିନ ଭାରତର ତ୍ରିରଙ୍ଗା ପତାକା
୨୬. ବନାରସ୍ ରାସ୍ତାରେ
୨୭. ତୀର୍ଥ
୨୮. ଡାଲ୍‌ମଣ୍ଡି
୨୯. ମାଝିର
୩୦. କ୍ରୋଧର, ଉତ୍ତେଜନାର
୩୧. ସତ୍ୟ
୩୨. ପୋଷ୍ଟ ଅଫିସ୍ ପାଖରେ
୩୩. ମାଷ୍ଟରଜୀ
୩୪. ଦକ୍ଷ ଦରିଦ୍ରର ଆତ୍ମକାହାଣୀ
୩୫. ହୃତ୍‌ପଦ୍ମର ସ୍ପନ୍ଦନ
୩୬. ବିହଙ୍ଗଟିଏ ନ ହୋଇ କଚ୍ଛପ ହୋଇଥିବାରୁ
୩୭. ହଂସଯୁଗଳ
୩୮. ଏକ ଅନୁଚ୍ଚ ପାହାଡ଼ ଉପରେ
୩୯. ଚତୁର୍ଦ୍ଦିଗ ନିରୀକ୍ଷଣ କରି ଲାଗିଥିଲା
୪୦. ଆକାଶର ଅକଳ୍ପନୀୟ ଦୃଶ୍ୟ
୪୧. ସମ୍ଭ୍ରାନ୍ତ ପକ୍ଷୀ
୪୨. ନିରାଶାବାଦୀ ପକ୍ଷୀ
୪୩. ତାଳ ରଖି ଦୌଡ଼ିଲେ
୪୪. କଚ୍ଛପଆଡ଼କୁ ଦୃଷ୍ଟିପାତ କରିବାରୁ
୪୫. ବୁଲ୍‌ଡ୍ରୋଜର ଭଳି

**(୩) ଲେଖା ଓ ଲେଖକଙ୍କ ନାମୋଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିଛି।**

୧. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି କଲିକତାରୁ ଧୂଆଁପତ୍ର ଜାହାଜରେ ଆସି ବାଲେଶ୍ୱର ବନ୍ଦରରେ ଘାଟ ଭିଡ଼େ ଓ ସେଠାରୁ ଉତ୍କଳକୁ ଚଲାଣ ହୁଏ।

୨. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ଗଙ୍ଗା ସ୍ନାନ ସାରି ଢେର୍ ଦେବାଦେବୀଙ୍କୁ ଦର୍ଶନ କରିସାରି ଫେରିବାରୁ

୩. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ଗୋପାଳ ବାବୁଙ୍କୁ ନପାଇ ପଲଙ୍କ ତକିଆ ତଳେ ରଖିଦେଲା

୪. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି କପାଳିଆ ଲୋକକୁ ଆକବରୀ ମୋହର ମିଳେ ଓ ଲକ୍ଷ୍ମୀ ତାକୁ ଆଲିଙ୍ଗନ କରନ୍ତି।

୫. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ଦୁଇକଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥ ହୁକା, ନବ ଶାଖହୁକା କଂସା ବଇଠିରେ ସଜା ହୋଇ ଥୁଆ ହେବା।

୬. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ଋଷ ମୁଣ୍ଡରେ ଋଷିମାନଙ୍କ ଠାରୁ ସଉଦା କରିବା

୭. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ଦଶ ବାର ହଜାର ଟଙ୍କା ନେଇ ଗୋଟାଏ ଦୋମହଲା ଘର ବନାଇବା ସହିତ ଖଣ୍ଡେ ତାଲୁକ କିଣିଦେଲେ

୮. ଗଳ୍ପ-ସଭ୍ୟ ଜମିଦାର - ଗାଳ୍ପିକ-ଫକୀର ମୋହନ ସେନାପତି ମା’ ସାଆନ୍ତାଣୀ ବିଶ୍ୱାସୀ ପୋଇଲି ରାଧୀକୁ ଧରି ପୁରୀ ବାହାରିଗଲେ

୯. ଗଳ୍ପ - ପତାକା ଉତ୍ତୋଳନ - ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି ତାଙ୍କର ଚରମ ପରାଜୟର ଦୁଃସହ ଘୋଷଣା ବୋଲି

୧୦. ଗଳ୍ପ - ପତାକା ଉତ୍ତୋଳନ - ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି ଚେହେରା ଆଦର୍ଶୋଜ୍ଜ୍ୱଳ, ପ୍ରତିଭାଦୀପ୍ତ, ପରିଚ୍ଛଦ ଅସହଯୋଗ କାରୀ ସତ୍ୟାଗ୍ରହୀର

୧୧. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ହଠାତ୍ ଦୁଇ ଆଖିରେ କିଏ ଯେମିତି କୁହୁଡ଼ିର ପରଦା ଟାଣିଦେବା ଓ ସନନ୍ଦ ପତ୍ରଟି ହାତରୁ ଖସିପଡ଼ିବା

୧୨. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ଜାତୀୟ ଆନ୍ଦୋଳନରେ ନୂତନ ସ୍ପନ୍ଦନ ଓ ଜାତୀୟ ଆନ୍ଦୋଳନର ଏକ ନୂତନ ଆଭିମୁଖ୍ୟ ସୃଷ୍ଟି

୧୩. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ରାୟବାହାଦୁର ଅରୁଣଙ୍କୁ କ୍ଷିପ୍ତ ପରି ଛାତିବୁକ୍‌ରେ ପ୍ରହାର କଲେ।

୧୪. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ସଦ୍ୟ ବିଧବାର ବୁକୁଫଟା କ୍ରନ୍ଦନ ଯାହା ଦିନେ ଥିଲା ତାଙ୍କ ପୁତ୍ରବଧୂ ଅପର୍ଣ୍ଣାର

୧୫. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ତ୍ରିରଙ୍ଗା ପତାକା ଉଡ଼ାଇ ତା'ତଳେ ଦୀପଟିଏ ଜାଳି ଶଙ୍ଖଧ୍ୱନି କରୁଥିଲେ

୧୬. ଗଳ୍ପ – ପତାକା ଉତ୍ତୋଳନ – ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି
ସୋମନାଥ ସିଡ଼ିରେ ଗଡ଼ି ଗଡ଼ି ତଳ ମହଲାର ଚଟାଣରେ ପଡିଲେ ଓ ମୁଣ୍ଡ, ନାକ ଫାଟି ତଳେ ରକ୍ତର ସୁଅ ଛୁଟିଲା।

୧୭. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
କୈଶୋରର କୌତୂହଳୀ ଆଖି ଦେଇ ଗଙ୍ଗା ଗୋଧୂଳିର କରୁଣ ଏକାଙ୍କୀକାକୁ

୧୮. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
କେଉଁ ଦିନ ଏ ଜାତିର ଶ୍ରେଷ୍ଠ ସନ୍ତାନ ବାଲ୍ୟଗୁରୁର ପାଦତଳେ ମଥାନତ କରି କୃତଜ୍ଞତା ଜଣାଇବ

୧୯. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ମନୁଷ୍ୟ କଥା କହିବା ଅପେକ୍ଷା ନିରବରେ ତା'ଠାରୁ ଯଥେଷ୍ଟ ବେଶି ପ୍ରକାଶ କରିପାରେ

୨୦. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ମାଷ୍ଟରଜୀଙ୍କ ଅବସ୍ଥା ସମ୍ପର୍କରେ ପଚାରିବା ଉଚିତ୍ ହେବକି ନ ହେବ ଏହା ଭାବି ଭାବି

୨୧. ଗଳ୍ପ – ରୂପ ନାରାୟଣ ସାହା,
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ଦକ୍ଷ ଦରିଦ୍ରର ଗୋଟାଏ ଆତ୍ମକାହାଣୀ ଅଛି ଯାହା ପରୀ ରାଜ୍ୟର କଳ୍ପନାକୁ ମଧ୍ୟ ପରାସ୍ତ କରେ ଆଉ ଇତିହାସ ଠାରୁ ଅଧିକ ସତ୍ୟ।

୨୨. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ପାଠ ପଢ଼ା ଅସମାପ୍ତ, କୁତୂହଳୀ ଶିଶୁପରି ମାଷ୍ଟରଜୀଙ୍କ ପାଖରେ ବସି ବସି ବହି ପଢୁଛନ୍ତି।

୨୩. ଗଳ୍ପ–ରୂପ ନାରାୟଣ ସାହା–ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ଜେଲ୍‌ରୁ ଫେରିବା ବେଳକୁ ପତ୍ନୀଙ୍କ ବିୟୋଗକୁ ଏକ ବଡ଼ ସମସ୍ୟାର ସମାଧାନ ବୋଲି ମାଷ୍ଟରଜୀ କହିଛନ୍ତି

୨୪. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ହଂସଦ୍ୱୟ ଖଣ୍ଡିଏ କାଠିର ଦୁଇପ୍ରାନ୍ତକୁ କାମୁଡ଼ି ଧରିଲାବେଳେ କାଠିର ମଧ୍ୟଭାଗକୁ କମ୍ବୁଗ୍ରୀବ କାମୁଡ଼ି ଧରିଥିଲା।

୨୫. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଗଦ୍‌ଗଦ୍ କଣ୍ଠରେ ଇତିହାସର ପ୍ରଥମ କଚ୍ଛପ ମହାକାଶଚାରୀ ଭାବରେ ତା' ନାମ ଅମର ରହିବ

୨୬. ଗଳ୍ପ–ଆକାଶ କଇଁଛ – ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ଆକାଶର ଭବିଷ୍ୟତ ଅନ୍ଧାର, କଚ୍ଛପର ଆକାଶ ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର

୨୭. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ–ମନୋଜ ଦାସ
ହଂସଦ୍ୱୟଙ୍କ ଚଞ୍ଚଳ ପକ୍ଷ ଓ କଚ୍ଛପର ମସୃଣ ପୃଷ୍ଠ ଦେଶରେ ସୁନାର ଧୂଳିମଖାଇଦେଇଥିଲା

୨୮. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ତାହା ଏକ ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ, ଏହା ମାଂସ ରାଜକୀୟ ଖାଦ୍ୟ ତାଲିକା ବହିର୍ଭୂତ ନହୋଇଥିଲେ ଏହା ରାଜକୀୟ ମର୍ଯ୍ୟାଦା ପାଇବାକୁ ହକ୍‌ଦାର୍

୨୯. ଗଳ୍ପ – ଆକାଶ କଇଁଛ–ଗାଳ୍ପିକ–ମନୋଜ ଦାସ
ସହସ୍ର ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ଦୃଷ୍ଟି ହୁଏ, ଆଉ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି, ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ।

୩୦. ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ସମସ୍ତେ ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶ ମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

**(୪) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ - ୩ ନମ୍ବର । ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଉତ୍ତର ପାଇଁ ୨ ନମ୍ବର ।**

୧. ଗଳ୍ପ-ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଗୋପାଳ ଆକବରୀ ମୋହର ଥଳି ପାଇବା - ମହାଜନଙ୍କୁ ଫେରାଇବା - ଅଧା ଖର୍ଚ୍ଚରେ ରୋଷେଇ କରିବା - ମହାଜନର ବିଶ୍ୱାସୀ ହେବା

୨. ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଇଂରାଜୀରେ ପାଶ୍ ଲାଗି ବହୁ ଅର୍ଥ ବ୍ୟୟ - ପାଠ ସହିତ ସଂପର୍କ ନାହିଁ - ସଭାସମିତି - ସ୍ଥାନ ଅସ୍ଥାନ ଭ୍ରମଣ - ଥିଏଟର ଦେଖାଇ ସମୟ ନେବା

୩. ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଦେଶୀ କନ୍ୟା ଅଶିକ୍ଷିତା - କୁସଂସ୍କାର ଅସଭ୍ୟତାରେ ବୁଡ଼ିବା - ଲୁଗା ପିନ୍ଧି ନ ଜାଣିବା - ମୂଷା ପରି ଗାତରେ ଲୁଚନ୍ତି ।

୪. ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଖମାର ଖାଲି ପଡ଼ିବା - ଗୋରୁ ମଇଁଷି ପଲ ସରି ଆସିବା - ସଲାମୀ ଶେଷ ହୋଇ ଆସିବା - ମେନେଜର ମାରିପିଟି ବର୍ଷକର ଆଗତୁରା ଖଜଣା ଅସୁଲ ଲାଗି କହିବା ।

୫. ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ଡ୍ରୟର ଭିତରରେ ଭେଲ୍‌ଭେଟ୍ ବାକ୍‌ସ - ବାକ୍‌ସ ଭିତରେ ପୁତ୍ର ଅରୁଣର ଫଟୋ - ତା'ର ଚେହେରା ଓ ପୋଷାକ ସମ୍ପର୍କରେ ବର୍ଣ୍ଣନା ।

୬. ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ସତ୍ୟାଗ୍ରହୀ ପୁତ୍ର ଅରୁଣଙ୍କୁ ପିତା ରାୟ ବାହାଦୁର ବିରୋଧ କରିବା - ଅରୁଣ ସ୍ୱାଧିନତା ମାନବର ଜନ୍ମଗତ ଅଧିକାର କହିବା ଓ ଗୋଲାମି କଥା କହିବା

୭. ଗଳ୍ପ - ପତାକା ଉତ୍ତୋଳନ - ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି ସଦ୍ୟ ବିଧବାର କ୍ରନ୍ଦନର ସ୍ୱର - ବୁକୁଚିରା କ୍ରନ୍ଦନ- ପୁତ୍ରବଧୂ ଅପର୍ଣ୍ଣାର କ୍ରନ୍ଦନ ଭଳି ଶୁଭେ

୮. ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ଉତ୍ୟକ୍ତ ଜନତାର ଫଗ୍‌ଷ୍ଟାଫ୍ ଭାଙ୍ଗିବା - ୟୁନିଅନ୍ ଜ୍ୟାକ୍ ଚିରିବା - ସୋମନାଥ ଫାଙ୍କା ଆବାଜ୍ କରି ଜନତାଙ୍କୁ ଡରାଇବାକୁ ଚହିଁବା - ପିସ୍ତଲର ଗୁଳିରେ ପୁତ୍ର ଅରୁଣର ରକ୍ତାକ୍ତ ଶବ ତଳେ ପଡ଼ିବା

୯. ଗଳ୍ପ - ରୂପ ନାରାୟଣ ସାହା, ଗାଳ୍ପିକ - ଅଖିଳ ମୋହନ ପଟ୍ଟନାୟକ ସତ୍ୟର ପରିପ୍ରକାଶ - ଅଶୋକ ରାମ ନଗର ଯିବା କଥା ବାରଣ ସତ୍ୱେ ପ୍ରକାଶ କରିଦେବା-ଦଶଟଙ୍କା ଟିକସ ପଡ଼ିବା- ପରିବାର କ୍ଷୁବ୍‌ଧ ହେବା - ଅଶୋକକୁ ଭର୍ତ୍ସନା - ମାଷ୍ଟରଜୀଙ୍କ ପ୍ରତିକ୍ରିୟା

୧୦. ଗଳ୍ପ - ରୂପ ନାରାୟଣ ସାହା, ଗାଳ୍ପିକ - ଅଖିଳ ମୋହନ ପଟ୍ଟନାୟକ ବର୍ଣ୍ଣ- ମୁଖ- ନାସିକା - ବଡ଼ବଡ଼ କାନ ଉପରେ ବିପର୍ଯ୍ୟସ୍ତ ବାଳ -ବୁଦ୍ଧିଦୀପ୍ତ ସାମାନ୍ୟ କୋଟର ଗତ ଆଖି

୧୧. ଗଳ୍ପ - ରୂପ ନାରାୟଣ ସାହା, ଗାଳ୍ପିକ - ଅଖିଳ ମୋହନ ପଟ୍ଟନାୟକ ଛାତ୍ରର ସଫଳତା - ଜାତିର ଶ୍ରେଷ୍ଠ ସନ୍ତାନର ଶିକ୍ଷକଙ୍କ ପାଦସ୍ପର୍ଶ କରିବା

୧୨. ଗଳ୍ପ - ରୂପ ନାରାୟଣ ସାହା, ଗାଳ୍ପିକ - ଅଖିଳ ମୋହନ ପଟ୍ଟନାୟକ ମାଷ୍ଟରଜୀ - ଦାରିଦ୍ର୍ୟ ଓ ଅଭାବ ଅନଟନ ପୀଡ଼ିତ ମଣିଷର ଜୀବନ କାହାଣୀ କଳ୍ପନାକୁ ପରାସ୍ତ କରେ - ଏହା ଇତିହାସ ଠାରୁ ଆହୁରି ସତ୍ୟ

୧୩. ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ ଘରଚଟିଆ, ବତାସୀ ବିମୂଢ଼ ପାଲଟିଯିବା, ପାରା, ଚିଲ ଉଦ୍‌ବେଗ ପ୍ରକାଶ କରିବା, କାଉ ଭବିଷ୍ୟବାଣୀ କରିବା ଓ ବକଟି ହଂସମାନେ ବିଶ୍ୱାସ ଘାତକ ବୋଲି ମନ୍ତବ୍ୟ ଦେବା

୧୪. ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ ରାଜାଙ୍କ ବ୍ୟଙ୍ଗୋକ୍ତି - ବିଦେଶୀ ଦୂତଙ୍କ ଉପସ୍ଥିତିରେ ସେନାପତି ଗଣ୍ଠିବାତ ରହସ୍ୟ ପ୍ରକାଶ କରିବା - ତେଣୁ ସେ ବିଜ୍ଞ

୧୫. ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ ବିଦେଶୀ ଦୂତଙ୍କୁ ତାଙ୍କ ଦେଶରୁ ମଇଁଷି ଆକାରର ହଳେ ବିହଙ୍ଗ ଆଣିବାକୁ କହିବା - ଅନ୍ୟଥା ତାଙ୍କ ଦେଶ ରାଜାଙ୍କର ଏକ ତାଲୁକରେ ପରିଣତ ହେବ । ଯୁଦ୍ଧ ଅଭାବରୁ ସେନାପତ ଗଣ୍ଠିବାତ ରୋଗ ଭୋଗୁଛନ୍ତି ତାହା ମଧ୍ୟ ଦୂର ହେବ ।

## (୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।

୧. ଲେଖକଙ୍କ ସମୟର ଓଡ଼ିଶା – ଇଂରେଜୀ ଶିକ୍ଷା ପ୍ରତି ଅହେତୁକ ଆଗ୍ରହ – ଇଂରାଜୀ ଶିକ୍ଷା ଓ ସଭ୍ୟତାର କୁପ୍ରଭାବ – ପାରମ୍ପରିକ ସମାଜ ବ୍ୟବସ୍ଥାର ଅଧଃପତନ – ଏହାର କୁପରିଣତି।

୨. ଗୋପାଳର ବାଲ୍ୟକାଳ – କଲିକତା ଯିବା – ଗୋପାଳର ସାଧୁତା – କର୍ତ୍ତବ୍ୟ ନିଷ୍ଠା – ନିରଳସ ମନୋଭାବ କଠୋର ପରିଶ୍ରମୀ –ମୂର୍ଖ ହେଲେ ବି ପୁଅକୁ ଇଂରାଜୀ ପଢ଼ାଇ ବଡ଼ ମଣିଷ କରିବାର ସ୍ୱପ୍ନ – ଗର୍ବ ଅହଙ୍କାର ହୀନ କର୍ତ୍ତବ୍ୟ ପରାୟଣ।

୩. ଇଂରାଜୀ ଶିକ୍ଷା ଓ ସଭ୍ୟତା ନାମରେ ଅପସଂସ୍କୃତିର ଅନୁପ୍ରବେଶ – ପ୍ରାଚୀନ ସଂସ୍କୃତିର ବିରୁଦ୍ଧାଚରଣ –ଅପରିଣାମଦର୍ଶୀ ମନୋଭାବର କୁଫଳ – କୁସଂସ୍କାର ନାମରେ ଅପସଂସ୍କୃତିକୁ ପ୍ରଶ୍ରୟ ଏହାର କୁପରିଣତି।

୪. ଇଂରାଜୀ ଶିକ୍ଷା ନାମରେ ଅପସଂସ୍କୃତିର ଅନୁପ୍ରବେଶ – ସାମାଜିକ ଜୀବନରେ ଅବକ୍ଷୟର ଆରମ୍ଭ – ପ୍ରକୃତଶିକ୍ଷାର ଘୋର ଅଭାବ – ଇଂରାଜୀ ପ୍ରତି ଅନ୍ଧ ମୋହର କୁ ପରିଣାମ – ନିଜର ସଂସ୍କୃତି ଓ ସାମାଜିକ ବ୍ୟବସ୍ଥା ପ୍ରତି ଅନାସ୍ଥା ଭାବ – ଜନଜୀବନ ବିପର୍ଯ୍ୟସ୍ତ।

୫. ସ୍ୱାଧିନତା ଲାଭ ସମୟର ଘଟଣା – ସମଗ୍ର ଦେଶବାସୀଙ୍କ ମନୋଭାବ – ଇଂରେଜମାନଙ୍କର ଗୋଲାମୀ କରୁଥିବା ଲୋକଙ୍କର ପଦପଦବୀ ଲୋଭ – ଦେଶ ପ୍ରେମର ତ୍ରୀବତା – ଆତ୍ମବଳୀର ମହାନତା –ଦେଶପ୍ରେମୀର ବିଜୟ।

୬. ଇଂରେଜ ସରକାର ପ୍ରୀତି – ଦେଶପ୍ରେମ ଠାରୁ ଦୂରରେ – ଗୋଲାମ ସାଜି ବିଦେଶୀ ସରକାରଙ୍କ ପଦଲେହନ– ପଦ ପଦବୀ ଲୋଭରେ ନିଜ ସନ୍ତାନକୁ ବଳିଦେବା–ନିନ୍ଦିତ ହେଲେ ବି ନିଜକୁ ସଚ୍ଚ କର୍ମଚାରୀ କହି ଗୌରବ ଅନୁଭବ କରିବା।

୭. ପୋଲିସ୍ ଅଫିସରର ପୁଅ – ସ୍ୱାଧିନତା ସଂଗ୍ରାମୀ – ଦେଶପ୍ରେମ ଆଗରେ ସବୁ ତୁଚ୍ଛ – ଆନ୍ଦୋଳନର ନେତୃତ୍ୱ ନେବା – ପିତାଙ୍କ ଠାରୁ ଚାବୁକ୍ ମାଡ଼ଖାଇ ବି ପଛକୁ ନ ହଟିବା– ଗୃହ ତ୍ୟାଗ କରିବା –ସ୍ୱାଧିନତା ଲାଗି ପିତାଙ୍କ ଗୁଳିରେ ଆତ୍ମ ବଳିଦେବା – ଏକ ପ୍ରତିନିଧି ଶ୍ରେଣୀୟ ଚରିତ୍ର।

୮. ସ୍ୱତନ୍ତ୍ରଶୈଳୀ –ବର୍ଣ୍ଣନାର ଯାଦୁକରୀ ଶକ୍ତି – ବନାରସର ବର୍ଣ୍ଣନା – ଡାଲ୍‌ମଣ୍ଡିର ବର୍ଣ୍ଣନା – ଗଙ୍ଗାରେ ସନ୍ଧ୍ୟା ବର୍ଣ୍ଣନା – ଗଙ୍ଗାରେ ରାତ୍ରିକାଳୀନ ଦୃଶ୍ୟର ବର୍ଣ୍ଣନା – ମାଷ୍ଟରଜୀଙ୍କ ରୂପ ବର୍ଣ୍ଣନା।

୯. ଦରିଦ୍ର – ସ୍ୱଳ୍ପବେତନ ଭୋଗୀ – ପରିବାରର ବୋଝ – ତଥାପି ସଂଘର୍ଷ – ଚାକିରୀରୁ ବିଦାୟ – ରିକ୍‌ସା ଟାଣି ପେଟପୋଷା – ପତ୍ନୀ ବିୟୋଗ – ରୋଗାକ୍ରାନ୍ତ – ତଥାପି ସଂଘର୍ଷ।

୧୦. ଦରିଦ୍ର – ଅଭାବଗ୍ରସ୍ତ – ସତ୍ୟର ପୂଜାରୀ – ଅନ୍ୟାୟର ପ୍ରତିବାଦରେ ଅଗ୍ରଣୀ ଭୂମିକା – ଚାକିରୀ ଗଲେବି ବଞ୍ଚିବାକୁ ସଂଘର୍ଷ– ପତ୍ନୀର ଅସମୟ ବିୟୋଗ – ଧୈର୍ଯ୍ୟଶୀଳ – ବାର୍ଦ୍ଧକ୍ୟରେ ବି ଭାଙ୍ଗି ନ ପଡ଼ିବା– ରିକ୍‌ସା ଟାଣି ଜୀବିକା ନିର୍ବାହ – ସଂଘର୍ଷମୟ ଜୀବନର ସାର୍ଥକ ସୈନିକ।

୧୧. ଏଦେଶର ପ୍ରାଥମିକ ଶିକ୍ଷା ଓ ଶିକ୍ଷକମାନଙ୍କ ପ୍ରତି ଚରମ ଅବହେଳା ସମଗ୍ର ଅଳି ଜାତିର ଅପରିଣାମଦର୍ଶୀ ମନୋଭାବ – କ୍ଷମତାର ମଦ ପିଉଥିବା ଜାତି ପ୍ରତି ତାତ୍ସଲ୍ୟ – ସଚେତନ ହେବାକୁ ବାର୍ତ୍ତା।

୧୨. ପ୍ରତ୍ୟେକଙ୍କର ଅଦୂରଦର୍ଶୀ ଉଚ୍ଚାଭିଳାଷ – ଏହାର ପରିପୂରଣ ଲାଗି ପ୍ରଚେଷ୍ଟା – ଏହାର କୁଫଳ –ଆତ୍ମଗର୍ବରେ ଅନ୍ଧ ହେବା ଓ ଏହାର ବିଷମୟ ଫଳ ଭୋଗ।

୧୩. ଅଭିଳାଷ ପୂରଣର ଚେଷ୍ଟା ଏକ ନିର୍ଦ୍ଦିଷ୍ଟ ସୀମାରେ ରହିବା – ଅହଂକାର ମଣିଷକୁ ଭୂପତିତ କରାଏ। – ଆତ୍ମବଡ଼ିମା ରସାତଳଗାମୀ କରାଏ।

୧୪. କଚ୍ଛପର ଆଶା – ଆସ୍ଫାଳନ – ପ୍ରଚେଷ୍ଟା – ଅହଂକାର – ଆତ୍ମଗର୍ବ ଭୂପତନ – ପଣ୍ଡିତମାନଙ୍କର ବିଜ୍ଞତା ପ୍ରଦର୍ଶନ ଭିତରେ ସେମାନଙ୍କର ମୂର୍ଖତାର ପରିପ୍ରକାଶ।

୧୫. ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପ ବୌଦ୍ଧିକ ଗଳ୍ପ – ଲଘୁହାସ୍ୟ ଓ ବ୍ୟଙ୍ଗ ଭିତରେ ଶିକ୍ଷଣୀୟ ବିଷୟବସ୍ତୁ– ମାନବ ସମାଜ ପ୍ରତି ଚେତାବନୀ – ବୃଥା ଅହମିକା ଓ ଆତ୍ମଗର୍ବର ବିଷମ ପରିଣତି – ଏଥିପ୍ରତି ପ୍ରତ୍ୟେକ ସଚେତନ ହେବାକୁ ପ୍ରଚ୍ଛନ୍ନ ବାଣୀ।

***

# ଚତୁର୍ଥ ଏକକ

## ଅନୁଚ୍ଛେଦଟି ପାଠ କରି ତାର ଆଧାରରେ ସଂଲଗ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଦେବାକୁ ହେବ।

ଆମ ଦେଶର ଗିରିଜନମାନେ ବି ଏଇପରି କାହାଣୀ କହନ୍ତି ସେମାନଙ୍କ ଭାଷା ସମ୍ପର୍କରେ ଏସବୁ ଏକ ଅନ୍ଧବିଶ୍ୱାସ। କୌଣସି ଭାଷା ଦେବଭାଷା ନୁହେଁ। ସବୁ ଭାଷା ମଣିଷ ସମାଜର ସୃଷ୍ଟି। ନିଜକୁ ବଡ଼ ବୋଲି ଚିହ୍ନାଇବା ଲାଗି କେତେକ ଲୋକ ସତମିଛ ଯୋଡ଼ି ନିଜର ବଡ଼ିମା ପ୍ରଚାର କରନ୍ତି। ଭାଷା କ୍ଷେତ୍ରରେ ବି ସେୟା।

ଅଭାବ ଓ ଅଭାବବୋଧ ଅନେକ ଆବିଷ୍କାର ଓ ଉଦ୍ଭାବନର କାରଣ। ଭାଷା କ୍ଷେତ୍ରରେ ବି ଠିକ୍ ସେଇ ସୂତ୍ର। ସାରା ଜୀବ ଜଗତରେ କେବଳ ମଣିଷର ହିଁ ଏକ ପୂର୍ଣ୍ଣାଙ୍ଗ ଭାଷା ଅଛି। ଅନ୍ୟ ଜୀବଜନ୍ତୁ କିଛି ଧ୍ୱନି କରିପାରନ୍ତି। ସେଗୁଡ଼ିକ ଗୋଟିଏ ଗୋଟିଏ ସଙ୍କେତ। ଜଙ୍ଗଲରେ ବାଘଟେ ଘୂରୁଚି। ଦେଖିନେଲା ମୟୂର। କୁହାଟଟେ ମାରିଦେବ। ସେଇ କଥା ଚିତ୍କାର କରି କହିଦେବ ହନୁ। ଶମ୍ବର ବି ଜଣାଇଦେବ।

ବୁଲ୍‌ବୁଲ୍ ପକ୍ଷୀ ଗୀତ ଗାଏ। ଡାକେ ତା'ର ସାଙ୍ଗକୁ। ଗାଈ ଡାକେ ବାଛୁରୀ କି। ତା' ଛୁଆକୁ ଡାକେ ଛେଳି। କୁଆଯାକ ଏକାଠି ହେଇ ପ୍ରତିବାଦ ଜଣାନ୍ତି କିଛି ଗୋଟେ ଅପ୍ରୀତିକର ଘଟଣା ଘଟିଲେ, ମହୁମାଛି ନାଚ ଦେଖାଏ। ତା' ନାଚରୁ ଅନ୍ୟମାନେ ଜାଣନ୍ତି ସାଙ୍ଗଟି ମହୁ ଦେଖିଚି।

ଏସବୁ ଅଳ୍ପ କେତେକ ସଙ୍କେତ। ଟିକିଏ ପାଟି। ଟିକିଏ ଧ୍ୱନି। ଟିକିଏ ଆଲୁଅ। ଟିକିଏ ନାଚ। ଏସବୁ ଖୁବ୍ ସୀମିତ। ତେଣୁ ଏଗୁଡ଼ିକୁ ଭାଷା ବୋଲି କେହି ଗ୍ରହଣ କରନ୍ତିନି। ମାତ୍ର ଏସବୁରେ ଭାଷାର କେତେକ ସନ୍ତକ ଓ ସଙ୍କେତ ଯେ ଅଛି, ତାହା କିଏ ଅସ୍ୱୀକାର କରିବ। ଜିମ୍ କରବେଟ୍ କହନ୍ତି ଯେ ଜଙ୍ଗଲର ଭାଷାକୁ ନ ବୁଝି ଯେଉଁ ଶିକାରୀ ଶିକାରକୁ ଯାଏ, ସେ ନିଜେ ଶିକାର ବନିଯାଏ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଅନ୍ଧବିଶ୍ୱାସ ବୋଲି କାହାକୁ କୁହାଯାଇଛି ?

**ଉ:-** ଆମ ଦେଶର ଗିରିଜନମାନେ ଭାଷା ସମ୍ପର୍କରେ କହୁଥିବା କାହାଣୀକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇଛି।

(ii) ଅନେକ ଉଦ୍ଭାବନର କାରଣ କ'ଣ ?

**ଉ:-** ଅଭାବ ଓ ଅଭାବବୋଧ ଅନେକ ଉଦ୍ଭାବନର କାରଣ।

(iii) କେଉଁଗୁଡ଼ିକ ସଙ୍କେତ କୁହାଯାଇଛି ?

**ଉ:-** ଅନ୍ୟ ଜୀବଜନ୍ତୁମାନେ ଧ୍ୱନି କରିପାରନ୍ତି ତାକୁ ସଙ୍କେତ କୁହାଯାଏ।

(iv) କାହାର କେବଳ ପୂର୍ଣ୍ଣାଙ୍ଗ ଭାଷା ଅଛି ?

**ଉ:-** ସମଗ୍ର ଜୀବଜଗତରେ ମଣିଷର କେବଳ ପୂର୍ଣ୍ଣାଙ୍ଗ ଭାଷା ଅଛି।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଭାଷା କ୍ଷେତ୍ରରେ ବି କାହାକୁ ସମାନ କଥା ବୋଲି କୁହାଯାଇଛି ?

**ଉ:-** ନିଜକୁ ବଡ଼ ବୋଲି ଚିହ୍ନେଇବାକୁ ଯାଇ ନିଜ ଭାଷାକୁ ଦେବ ଭାଷା କହିବା

(ii) ଜଙ୍ଗଲରେ ବାଘ ଘୂରିବାର ସଙ୍କେତ କିମିତି ମିଳେ ?

**ଉ:-** ବାଘ ଘୂରିବାର ଦେଖିଲା ମୟୂର। କୁହାଟଟେ ମାରିଦେବ। ସେଇକଥା ଚିତ୍କାର କରି କହିଦେବ ହନୁ। ଶମ୍ବର ବି ଜଣାଇଦେବ।

(iii) ଜିମ୍ କରବେଟ୍ କହନ୍ତି କ'ଣ ?

**ଉ:-** ଜଙ୍ଗଲର ଭାଷାକୁ ନବୁଝି ଯେଉଁ ଶିକାରୀ ଶିକାରକୁ ଯାଏ। ସେ ନିଜେ ଶିକାର ବନିଯାଏ।

"ମାହାରୀ ସେବକ କାହାରି ଅଙ୍ଗସଙ୍ଗ ନ ହେବେ। ଅନ୍ୟ ଯାତ୍ରାରେ ନ ଗମିବେ। ଗଙ୍ଗାମାତା ମଠୁ, କୁଞ୍ଜ ମଠୁ ରଥ ସାମନ୍ତରା ଠାରୁ ଦୀକ୍ଷା ନେଇ କଲି ତିଳକ ନେବେ। ପାଳିଦିନ ଘରୁ ପାକ ନ କରିବେ। ପହୁଡ଼ ଲୁଗା ନ ପିନ୍ଧିବେ। ତୁଳସୀ କଣ୍ଠି ଗଳାରେ ବାନ୍ଧିବେ, ଇତ୍ୟାଦି।

ସାଧାରଣତଃ ଜଗନ୍ନାଥଙ୍କ ସହିତ ବାଧତାମୂଳକ ବିବାହ ପରେ ମାହାରୀ ମାନେ ସଂପ୍ରଦାୟଭୁକ୍ତ ହୁଅନ୍ତି। ମାହାରୀ ସେବାପାଇଁ ଉତ୍ସର୍ଗୀକୃତ କନ୍ୟାକୁ ନଅ (୯) ବର୍ଷ ବୟସରେ ବିବାହ କରି ଦିଆଯାଏ। ଜଗନ୍ନାଥଙ୍କୁ ବିବାହ କଲାପରେ ସେ ସଧବା ହୁଏ ଏବଂ ତାକୁ ଜୀବନସାରା କୁମାରୀ ଜୀବନ ଯାପନ କରିବାକୁ ପଡ଼େ। ଯଦି ସେ ବିବାହ କରେ ତାହେଲେ ସେ ଜଗନ୍ନାଥଙ୍କ ସେବାରୁ ବଞ୍ଚିତ ହୁଏ। ବିବାହ ଉତ୍ସବ ପରେ ନୃତ୍ୟ ସଂଗୀତ ଶିକ୍ଷକଙ୍କ ଠାରୁ ନୃତ୍ୟ ଶିକ୍ଷା କରେ ଓ ସମୁଚିତ ଶିକ୍ଷା ପରେ ସେ ଜଗନ୍ନାଥଙ୍କ ସେବାରେ ନିଯୁକ୍ତ ହୁଏ। ମାହାରୀ ଉତ୍ସର୍ଗୀକୃତ କନ୍ୟାଟି କାଣୀ, କୁଜି ଓ ଛୋଟି ହୋଇନଥିବେ। ପାଣି ସ୍ପୃଶ୍ୟ ଜାତିର ଥିବ। ଏଥିନିମନ୍ତେ ବହୁବିଧ ଓ ପରମ୍ପରାମାନ ନିର୍ଦ୍ଦେଶ ରହିଛି। ଯଥା - ବିବାହ ପୂର୍ବରୁ କନ୍ୟାକୁ ହଳଦୀରେ ଗାଧୋଇ ପାଟଶାଢ଼ୀ ପିନ୍ଧେଇ ଦିଆଯାଏ। ନାକରେ ବୈଷ୍ଣବ ଚିତା ଓ କପାଳରେ ଚନ୍ଦନ ବୋଳି ହାତ ଆଞ୍ଜୁଳାରେ ଅରୁଆ ଚାଉଳ ଓ ଗୁଆ ଧରି ଦେଉଳ ପ୍ରଦକ୍ଷିଣ କରେ। ଜଗନ୍ନାଥଙ୍କ ମାଳାରୁ ଗୋଟିଏ ତା ବେକରେ ପକାଯାଏ। ଦେଉଳ ପକ୍ଷରୁ ନବନିଯୁକ୍ତାକୁ ପାଟଶାଢ଼ି ଉପହାର ଦିଆଯାଏ। ସେହିଦିନ ସନ୍ଧ୍ୟାରେ ମା' ମାଉସୀ ଗହଣରେ ସେ ରାଜନବରକୁ ଯାଏ। ରାଜାଙ୍କ ପାଖରେ ବସେ। ରାଜାଙ୍କ ଶୟନ କ'ର ପଲଙ୍କକୁ ଛୁଏଁ, ରାଜାଙ୍କ ସହ ଚାରିଚକ୍ଷୁ ମିଳନ ହୁଏ, ଏହାକୁ କୁହାଯାଏ "ଶେଯ ମଡ଼ାଇବା"।

**(କ) ପ୍ରତିପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।**

(i) ମାହାରୀ ସେବକମାନେ କାହାଠାରୁ ଦୀକ୍ଷା ନେଇ ତିଳକ ନେବେ ?

**ଉ:-** ମାହାରୀ ସେବକ ମାନେ ଗଙ୍ଗା ମାତାମଠୁ, କୁଞ୍ଜମଠୁ, ରଥସାମନ୍ତର ଠାରୁ ଦୀକ୍ଷା ନେଇ ତିଳକ ନେବେ ।

(ii) ମାହାରୀ ମାନେ କେତେବେଳେ ସଂପ୍ରଦାୟ ଭୁକ୍ତ ହୁଅନ୍ତି ?

**ଉ:-** ଜଗନ୍ନାଥଙ୍କ ସହ ବାଧ୍ୟତାମୂଳମ ବିବାହ ପରେ ସମ୍ପ୍ରଦାୟ ଭୁକ୍ତ ହୁଅନ୍ତି ।

(iii) ଯଦି ମାହାରୀ ସେବକ ଅନ୍ୟତ୍ର ବିବାହ କରେ ତେବେ କ'ଣ ହୁଏ ?

**ଉ:-** ଜଗନ୍ନାଥଙ୍କ ସେବାରୁ ବଞ୍ଚିତ ହୁଏ ।

(iv) ଦେଉଳ ପକ୍ଷରୁ କାହାକୁ କ'ଣ ଦିଆଯାଏ ?

**ଉ:-** ନବନିଯୁକ୍ତାକୁ ପାଟଶାଢ଼ୀ ଉପହାର ଦିଆଯାଏ ।

**(ଖ) ପ୍ରତି ପ୍ରଶ୍ନର ଉତ୍ତର ୨ଟି ଲେଖାଏଁ ବାକ୍ୟରେ ଦିଅ ।**

(i) ମାହାରୀ ସେବକମାନଙ୍କ ପାଇଁ କ'ଣ ସବୁ ନିୟମ ଥିଲା ?

**ଉ:-** ମାହାରୀ ସେବକ କାହାରି ଅଙ୍ଗସଙ୍ଗ ନ ହେବେ ନାହିଁ। ଅନ୍ୟଯାତ୍ରାରେ ଯିବେ ନାହିଁ, ପାଳିଦିନ ରୋଷେଇ କରିବେ ନାହିଁ। ପହୁଡ଼ ଲୁଗା ପିନ୍ଧିବେ ନାହିଁ ଇତ୍ୟାଦି ନିୟମ ମାହାରୀ ସେବକଙ୍କ ପାଇଁ ଥିଲା ।

(ii) କେତେବର୍ଷ ବୟସରୁ କିପରି ମାହାରୀ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହୁଅନ୍ତି ?

**ଉ:-** ମାହାରୀ ସେବାପାଇଁ ଉତ୍ସର୍ଗୀତ କନ୍ୟାକୁ ନଅ ବର୍ଷ ବୟସରୁ ଜଗନ୍ନାଥଙ୍କ ସହିତ ବିବାହ କରି ଦିଆଯାଏ । ଏହି ବାଧ୍ୟତାମୂଳକ ବିବାହ ପରେ ସେମାନେ ମାହାରୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୁଅନ୍ତି।

(iii) ମାହାରୀ ଉତ୍ସର୍ଗୀକୃତ କନ୍ୟାର ବୈଶିଷ୍ଟ୍ୟ କ'ଣ ଥିବ ?

**ଉ:-** ମାହାରୀ ଉତ୍ସର୍ଗୀକୃତ କନ୍ୟାଟି କାଣୀ, କୁଜି, ଛୋଟି ହୋଇନଥିବ । ପାଣିସ୍ପୃଶ୍ୟ ଜାତିର ଥିବ ।

ପରେ ଜର୍ମାନ ବୈଜ୍ଞାନିକ ଶଉବେ ବର୍ଷ ବର୍ଷ ଧରି ଏଗୁଡ଼ିକୁ ପର୍ଯ୍ୟବେକ୍ଷଣ କଲେ । କ୍ରମାଗତ ୧୨ ବର୍ଷ ପର୍ଯ୍ୟବେକ୍ଷଣ କରି ସେ ସିଦ୍ଧାନ୍ତ କଲେ ପ୍ରତି ୧୧ ବର୍ଷରେ ଥରେ ସୂର୍ଯ୍ୟରେ ସୌର ଦାଗଗୁଡ଼ିକୁ ଯଥେଷ୍ଟ ବୃଦ୍ଧି ପାଏ । ୩୦ ବର୍ଷ କାଳ ଟେଲିସ୍କୋପ ଧରି ସେ ସୂର୍ଯ୍ୟର ଏହି ଦାଗଗୁଡ଼ିକ ଏକାଗ୍ର ଚିତ୍ତରେ ଲକ୍ଷ୍ୟ କଲେ । ତାଙ୍କ ଏହି ଧୈର୍ଯ୍ୟ ଓ ଏକାଗ୍ରତା ପାଇଁ ତାଙ୍କ ସହରରେ ଲୋକ କୁହାକୁହି ହୁଅନ୍ତି ଯେ ଶଉବେଙ୍କ ଟେଲିସ୍କୋପ ନ ଦେଖିଲେ ସୂର୍ଯ୍ୟ ଆକାଶରେ ଉଅଁନ୍ତି ନାହିଁ। ଜର୍ମାନ ବୈଜ୍ଞାନିକ ଶଉବେ ଓ ସୁଇଜରଲାଣ୍ଡର ଉଲଫଙ୍କ ବୈଜ୍ଞାନିକ ଗବେଷଣାରୁ ସୌରକଳଙ୍କର ଅନେକ ତଥ୍ୟ ଜଣାପଡ଼ିଥିଲା । କଳଙ୍କଗୁଡ଼ିକ ଏତେ ବଡ଼ ହେଉଥିଲା ଯେ ସେଥିରେ ଶହ ଶହ ପୃଥିବୀ ବିଛେଇ ହୋଇ ରହିଯିବ । ସୂର୍ଯ୍ୟର ମେରୁ ବା ବିଷୁବ ମଣ୍ଡଳରେ ସେଗୁଡ଼ିକ ଦେଖାଯାଉନଥିଲା । ପରେ ଯୁକ୍ତରାଷ୍ଟ୍ରର ବୈଜ୍ଞାନିକ ହେଲେ ସୂଚନାଦେଲେ ଯେ ସୌର କଳଙ୍କର ଚୁମ୍ବକତ୍ୱ ଅଛି । ସେଗୁଡ଼ିକ କଳା ଦେଖାଯିବାର କାରଣ ହେଲା ତାହାର ତାପମାତ୍ରା ଅନ୍ୟ ଅଞ୍ଚଳର ତାପମାତ୍ରା ଠାରୁ ଏକ ହଜାରରୁ ୧୫୦୦ ଡିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଥାଏ ।

ଯାହା ଦେଖାଯାଇଛି ସୂର୍ଯ୍ୟ ତାହା ଅକ୍ଷ ଚାରିପଟେ ଅସମାନ ଗତିରେ ଘୁରେ । ମେରୁ ନିକଟରେ ୩୩ ଦିନରେ ଥରେ ଘୁରେ, କିନ୍ତୁ ବିଷୁବ ରେଖା ନିକଟରେ ପ୍ରାୟ ୨୫ ଦିନରେ ଥରେ ଘୁରେ । ଏଭଳି ଅସମାନ ଘୂର୍ଣ୍ଣନ ଫଳରେ ବିଦ୍ୟୁତ କଣିକାମାନ କୁଣ୍ଡଳାକାରରେ ଗତିକରି ଅସମାନ ଚୁମ୍ବକ କ୍ଷେତ୍ର ସୃଷ୍ଟି କରେ । ଫଳରେ ସୌରୀ କଳଙ୍କର ଆର୍ବିଭାବ ହୁଏ । କିରୀଟ ମଣ୍ଡଳରେ ସୃଷ୍ଟି ହୁଏ ଲେଲିହାନ ଅଗ୍ନି ଶିଖା । ପ୍ରଶାନ୍ତ ସୂର୍ଯ୍ୟ ପ୍ରତି ୧୧ ବର୍ଷରେ ଥରେ କଳଙ୍କିତ ହୋଇ ବାତ୍ୟା ବିକ୍ଷୁବ୍ଧ ହୋଇ ଉଠେ । ବିକ୍ଷୁବ୍ଧ ସୂର୍ଯ୍ୟ ଶରୀରରେ ଦିନକୁ ପ୍ରାୟ ୨/୩ଟି କଳଙ୍କ ଫୁଟି ଉଠେ । କିନ୍ତୁ ଏହା ଶାନ୍ତ ଅବସ୍ଥାରେ ଥିଲାବେଳେ ମାସକୁ ମଧ୍ୟ ତିନୋଟିରୁ କେବେ ଅଧିକ ଦେଖିବାକୁ ମିଳେ ନାହିଁ। ସୌର କଳଙ୍କର ଉତ୍ପତି ଓ ସାମୟିକ ବ୍ୟବଧାନ ସଂକ୍ରାନ୍ତର ସଠିକ କାରଣ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ । ବେଲୁନ ରକେଟ, ଟେଲିସ୍କୋପ, କ୍ୟାମେରା ପ୍ରଭୃତି ଧରି ବୈଜ୍ଞାନିକ ମାନେ ଏବେବି ଚେଷ୍ଟା ଚଳାଇଛନ୍ତି ।

**(କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦିଅ ।**

(i) ବର୍ଷ ବର୍ଷ ଧରି କିଏ ପର୍ଯ୍ୟବେକ୍ଷଣ କଲେ ବୋଲି କୁହାଯାଇଛି ?

**ଉ:-** ଜର୍ମାନି ବୈଜ୍ଞାନିକ ଶଉବେ ପର୍ଯ୍ୟବେକ୍ଷଣ କଲେ ।

(ii) ସହରରେ ଶଉବେଙ୍କ ସମ୍ପର୍କରେ କ'ଣ କୁହାକୁହି ହୁଅନ୍ତି ?

**ଉ:-** ଶଉବେଙ୍କ ଟେଲିସ୍କୋପ୍ ନ ଦେଖିଲେ ସୂର୍ଯ୍ୟ ଉଦୟ ହୁଅନ୍ତି ନାହିଁ।

(iii) କିରୀଟ ମଣ୍ଡଳରେ କ'ଣ ସୃଷ୍ଟି ହୁଏ ?

**ଉ:-** କିରୀଟ ମଣ୍ଡଳରେ ଲେଲିହାନ ଅଗ୍ନିଶିଖା ସୃଷ୍ଟି ହୁଏ ।

(iv) କାହାର କାରଣ ଏ ପର୍ଯ୍ୟନ୍ତ ଠିକ୍ ହୋଇପାରିନାହିଁ ?

**ଉ:-** ସୌରକଳଙ୍କର ଉତ୍ପତ୍ତି ଓ ସାମୟିକ ବ୍ୟବଧାନ ସଂକ୍ରାନ୍ତରେ ସଠିକ୍ କାରଣ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ ।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ପ୍ରତି ପ୍ରଶ୍ନର ଉତ୍ତର ଦିଅ।**

(i) ଶଉବେ କେତେ ବର୍ଷର ପର୍ଯ୍ୟବେକ୍ଷଣ ଆଧାରରେ କ'ଣ ସିଦ୍ଧାନ୍ତ କଲେ ?

**ଉ:-** ଶଉବେ ବାରବର୍ଷର ପର୍ଯ୍ୟବେକ୍ଷଣ ଆଧାରରେ ସିଦ୍ଧାନ୍ତ କଲେ ଯେ, ପ୍ରତି ୧୧ ବର୍ଷରେ ଥରେ ସୂର୍ଯ୍ୟରେ ସୌରଦାଗ ଗୁଡ଼ିକ ଅଧିକ ବୃଦ୍ଧି ପାଏ।

(ii) ଶଉବେ ଓ ଉଲଫ୍‌ଙ୍କ ଗବେଷଣାରୁ କ'ଣ ଜଣାପଡ଼ିଥିଲା ?

**ଉ:-** ସୌରକଳଙ୍କ ଗୁଡ଼ିକ ଏତେ ବଡ଼ ଥିଲା ଯେ ସେଥିରେ ଶହଶହ ପୃଥିବୀ ବିଛେଇ ହୋଇ ରହିଯିବ। ସୂର୍ଯ୍ୟର ମେରୁ ବା ବିଷୁବ ମଣ୍ଡଳରେ ସେଗୁଡ଼ିକ ଦେଖାଯାଉନଥିଲା।

(iii) ସୂର୍ଯ୍ୟ ତାର ମେରୁ ଚାରିପଟେ କିପରି ଅସମାନ ଗତିରେ ଗତିକରେ ?

**ଉ:-** ସୂର୍ଯ୍ୟ ମେରୁନିକଟରେ ୩୩ ଦିନରେ ନିଜର ମେରୁ ଚାରିପଟରେ ଘୂରେ। ବିଷୁବରେଖା ନିକଟରେ ପ୍ରାୟ ୨୫ ଦିନରେଥରେ ଘୂରେ।

ଅର୍ଥନୀତି ବ୍ୟତୀତ ସଂଘର୍ଷରେ ଅନ୍ୟ ଏକ କାରଣ ହେଉଛି ରାଜନୀତି। ପ୍ରତ୍ୟେକ ଦେଶରେ ରାଜନୀତି ଏତେ ହିଂସା ଓ ଦ୍ୱେଷ ସୃଷ୍ଟି କରୁଛି ଯେ ଏଥିରୁ କିପରି ମୁକ୍ତି ମିଳିବ ତାହ କେହି ଠିକ୍ କରିପାରୁନାହାନ୍ତି। କାରଣ ପ୍ରତ୍ୟେକ ଦେଶରେ ରାଜନୀତିର ପ୍ରାଦୁର୍ଭାବ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ରାଜନୀତିଜ୍ଞମାନେ କେବଳ ଶାସନକୁ ନିୟନ୍ତ୍ରଣ କରୁନାହାନ୍ତି, ସେମାନେ ମଧ୍ୟ ଅର୍ଥନୀତିକୁ ନିୟନ୍ତ୍ରଣ କରୁଛନ୍ତି। ଯେଉଁମାନେ କ୍ଷମତାରେ ରହୁଛନ୍ତି, ସେମାନଙ୍କୁ ଉପଭୋଗ କରିବାକୁ ଯେତିକି ସୁବିଧା ମିଳୁଛି, ଯେଉଁମାନେ କ୍ଷମତାରେ ନାହାନ୍ତି, ସେମାନଙ୍କର ହିଂସା ଓ ଦ୍ୱେଷ ସେତିକି ଅଧିକ ହେଉଛି। ବିଶେଷ କରି ବିକାଶଶୀଳ ଦେଶମାନଙ୍କରେ ରାଜନୈତିକ ହିଂସା ବହୁ ପରିମାଣରେ ବୃଦ୍ଧି ପାଉଛି। ସେଥିପାଇଁ କେତେକ କହୁଛନ୍ତି ଯେ ଏକଛତ୍ର ଶାସନ ପ୍ରତିଷ୍ଠା କଲେ ବୋଧହୁଏ ଏ ହିଂସା ରହିବ ନାହିଁ। ରାଜୀତିକ ଦ୍ୱନ୍ଦ୍ୱ ଆରମ୍ଭ ହେଉଛି ନିର୍ବାଚନରୁ। ତେଣୁ ନିର୍ବାଚନ ବନ୍ଦ କରିଦେଲେ ଏହି ଦ୍ୱନ୍ଦ୍ୱ କମିଯିବ। ଏହି ଯୁକ୍ତିରେ କୌଣସି ଯଥାର୍ଥତା ନାହିଁ। କାରଣ ନିର୍ବାଚନ ସାହାଯ୍ୟରେ ଯଦି କ୍ଷମତା ମିଳୁନଥାନ୍ତା ତାହାହେଲେ ନିର୍ବାଚନ ଯୋଗୁ ଏତେ ହିଂସା ଓ ଦ୍ୱେଷ ସୃଷ୍ଟି ହୁଅନ୍ତା ନାହିଁ। ତେଣୁ ନିର୍ବାଚନକୁ ଦୋଷ ଦେଇ କିଛି ଲାଭ ନାହିଁ। ମୋଟ କଥା ରାଜନୀତି ଫଳରେଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା, ତାହାହେଲେ ବୋଧହୁଏ ରାଜନୀତିରୁ ଏତେ ସଂଘର୍ଷ ସୃଷ୍ଟି ହୁଅନ୍ତା ନାହିଁ। ଯେଉଁସବୁ ଦେଶରେ ଏକଛତ୍ର ଶାସନ ଅଛି, ସେଠାରେ ମଧ୍ୟ ପ୍ରବଳ ହିଂସା ଦେଖିବାକୁ ମିଳୁଛି। ହୁଏତ ଅନେକ ସମୟରେ ଏସବୁ କଥା ସମ୍ବାଦ ପତ୍ରରେ ପ୍ରକାଶ ପାଇ ପାରୁନାହିଁ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ସଂଘର୍ଷରେ କେଉଁ କେଉଁ କାରଣ ଅଛି ?

**ଉ:-** ଅର୍ଥନୀତି ଓ ରାଜନୀତି ଗତ କାରଣ ଅଛି।

(ii) କେଉଁଥିରୁ ମୁକ୍ତି ମିଳିବା ଚିନ୍ତାର କାରଣ ହୋଇଛି ?

**ଉ:-** ରାଜନୈତିକ ହିଂସା ଓ ଦ୍ୱେଷରୁ ମୁକ୍ତିପାଇବ ଚିନ୍ତାର କାରଣ ହୋଇଛି।

(iii) ରାଜନୈତିକ ହିଂସା ଦେଖି କେତେକ କ'ଣ କହୁଛନ୍ତି ?

**ଉ:-** କେତେକ କହୁଛନ୍ତି ଏକଛତ୍ରବାଦ ପ୍ରତିଷ୍ଠା ହେଲେ ଏ ହିଂସା ରହିବ ନାହିଁ।

(iv) କେଉଁ କଥା ସମ୍ବାଦପତ୍ରରେ ପ୍ରକାଶ ପାଇପାରୁନାହିଁ ?

**ଉ:-** ଏକଛତ୍ରବାଦୀ ଶାସନତନ୍ତ୍ରରେ ଘଟୁଥିବା ହିଂସାର ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶିତ ହୋଇପାରୁନାହିଁ।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ରାଜନୈତିକ ହିଂସାର ପ୍ରତିକାରର କାରଣ କାହିଁକି ଠିକ୍ ହୋଇପାରୁନାହିଁ ?

**ଉ:-** କାରଣ ପ୍ରତ୍ୟେକ ରାଷ୍ଟ୍ରରେ ରାଜନୀତିର ପ୍ରାର୍ଦୁଭାବ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ରାଜନୀତିଜ୍ଞ ମାନେ କେବଳ ଶାସନକୁ ନିୟନ୍ତ୍ରଣ କରୁନାହାନ୍ତି। ଅର୍ଥନୀତିକୁ ମଧ୍ୟ ନିୟନ୍ତ୍ରଣ କରୁଛନ୍ତି।

(ii) ରାଜନୈତିକ ହିଂସା କିପରି ଘଟୁଛି ?

**ଉ:-** କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଉପଭୋଗ କରିବାକୁ ଯେତିକି ସୁବିଧା ମିଳୁଛି, ଯେଉଁମାନେ କ୍ଷମତାରେ ନାହାନ୍ତି ସେମାନଙ୍କର ହିଂସା ଓ ଦ୍ୱେଷ ସେତିକି ଅଧିକ ହେଉଛି। ତେଣୁ ହିଂସା ଘଟିବାରେ ଲାଗିଛି।

(iii) ରାଜନୀତିରୁ ସଂଘର୍ଷ କିପରି କମିପାରିବ ?

**ଉ:-** ରାଜନୀତି ଫଳରେ ଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା ତାହାହେଲେ ରାଜନୀତିରୁ ସଂଘର୍ଷ କମିପାରନ୍ତା।

କିଏ କେତେ ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ସାଦା କଥାଟାକୁ ବୁଲେଇ ପାରିବେ, ସେ ନିମନ୍ତେ ଲେଖକମାନଙ୍କ ଭିତରେ ପ୍ରତିଯୋଗିତା ହେଉଥିଲା। ଏଥିପାଇଁ ଦୀର୍ଘଦିନ ଧରି ଯେଉଁ ପ୍ରସ୍ତୁତି ଚାଲିଥିଲା, ତାକୁ ସେ କାଳ କହୁଥିଲା ସାହିତ୍ୟ।

ସାହିତ୍ୟ ବସେ ବିଚାରକର ଆସନରେ । ସେ ଜୀବନକୁ ଟିକିନିଖି କରି ବିଚାର କରେ । ମନେକର ସେ ସମାଜର ଅତି ତଳସ୍ତରର ନରନାରୀଙ୍କୁ ନେଇ ବିଚାର କରୁଚି । ଲୋଭ, ମୋହ, ହିଂସା, ସ୍ୱାର୍ଥପରତା ପ୍ରଭୃତିକୁ ନେଇ ଏମାନଙ୍କ କାରବାର । ଏକଥା ସମସ୍ତେ ଜାଣନ୍ତି । ମାତ୍ର ସାହିତ୍ୟ ଏଇଠି ଆଉ ପାଦେ ଆଗକୁ ଯାଏ । ସେ ଘଟଣାକୁ ଆହୁରି ତଳେଇ ଦେଖେ । ସେମାନେ କାହିଁକି ଏଭଳି ହେଲେ, ତା' ଖୋଜିବସେ । ଏଭଳି ସାହିତ୍ୟ ହୋଇଉଠେ ଏକ ବ୍ୟାପକ ଜୀବନର କାବ୍ୟ । ତା'ପରେ ସୃଷ୍ଟି କରେ ଅନ୍ୟର ବୁକୁରେ ଶିହରଣ ଓ କମ୍ପନ । ସାହିତ୍ୟ ସାର୍ବଜନୀନ ସତ୍ୟଟିକୁ ପ୍ରକାଶ କରେ । ତା' ଆଖିରେ ଧନୀ ଦରିଦ୍ର, ଶାସକ ଶାସିତ ସମସ୍ତେ ସମାନ ।

ସମାଜରେ ସାହିତ୍ୟିକଙ୍କର ଏକ ବଡ଼ ଦାୟିତ୍ୱ ରହିଚି । ଯେତେବେଳେ ଯେଉଁଠି ସ୍ୱାର୍ଥପରତାର କଥା ଉଠିଚି, ସେତେବେଳେ ସାହିତ୍ୟିକ ମାନେ ହିଁ ସେଇ ସ୍ୱାର୍ଥନ୍ୱେଷୀ ମାନଙ୍କ ମୁଖା ଖୋଲିଦେଇଛନ୍ତି । ଏ ସଂସାରରେ ଯେତେ ଦୀନ ଦରିଦ୍ର ଅଭାଗା ଅଛନ୍ତି, ସେମାନଙ୍କ ପାଇଁ ପଦେ କହିବାକୁ କେହି ଆଗଭର ନ ହେଲେ ସାହିତ୍ୟିକଟିଏ ନିଃସଙ୍କୋଚରେ ଅଣ୍ଟାଭିଡି ଆଗେଇ ଆସିଚି । କିଛି କରି ନ ପାରିଲେ, ସେମାନଙ୍କ ପାଖରେ ଠିଆ ହୋଇ ନିଜର ଲୁହ ନିଗାଡ଼ିଚି । ଏଥିପାଇଁ ସୁବିଧାବାଦୀଏ ଯୁଗେଯୁଗେ ସାହିତ୍ୟିକଙ୍କ କଣ୍ଠରୋଧ କରିବାକୁ କମ୍ ଚେଷ୍ଟା କରନ୍ତି ନାହିଁ । ମାତ୍ର ସାହିତ୍ୟିକ କିଛି ନ ମାନି ଆଗେଇଯାଇଚି । ଆଗେଇଯାଇଚି ବୋଲି ଆଜି ଯାଏ ମଣିଷପଣିଆ ଜିଇ ରହିଚି ।

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ଲେଖକମାନଙ୍କ ଭିତରେ କାହିଁକି ପ୍ରତିଯୋଗିତା ହେଉଥିଲା ?

(ii) ସହିତ୍ୟ କେଉଁ ଆସନରେ ବସେ ?

(iii) ସାହିତ୍ୟ କ'ଣ ପ୍ରକାଶ କରେ ?

(iv) ଆଜିଯାଏ ମଣିଷ ପଣିଆ ଜମାଇ ରହିଚି କାହିଁକି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) କାହାକୁ ସେ କାଳ ସାହିତ୍ୟ କହୁଥିଲା ?

(ii) କେଉଁ କଥା ସମସ୍ତେ ଜାଣନ୍ତି ?

(iii) ସାହିତ୍ୟିକଟିଏ କାହିଁକି ଓ କିପରି ଅଣ୍ଟାଭିଡି ଆଗେଇ ଆସିଛି ?

ବିଖ୍ୟାତ ଲାଲକିଲ୍ଲା ଭିତରେ, ପ୍ରମୋଦ ଉଦ୍ୟାନ ମଧ୍ୟରେ, ମହାର୍ଘ ପ୍ରାସାଦରେ ଅବସ୍ଥାନ କରୁଥାନ୍ତି ମୋଗଲ ସମ୍ରାଟ । ପ୍ରାସାଦର ହଂସପୁରୀ ସ୍ୱର୍ଗପୁରୀ । କକ୍ଷଗୁଡ଼ିକୁ ସୁଶୀତଳ ରଖିବା ଲାଗି ପ୍ରାସାଦ ମଧ୍ୟରେ ବହୁଥାଏ ଜଳଧାରା । ନିର୍ଝରରୁ ବହୁଥାଏ ସୁବାସିତ ଗୋଲାପ ଜଳ । ପୁଷ୍ପ ଥିବା ମୂଳରେ ଢଳାଯାଉଥାଏ ନୀର ନୁହେଁ, କ୍ଷୀର । ସଭାସଦ୍, ପାଟମନ୍ତ୍ରୀ, ସେନାଧ୍ୟକ୍ଷ, କଞ୍ଚୁକୀ, ଚାଟୁକାର, ପରିଚାରମାନଙ୍କ ଦ୍ୱାରା ବେଷ୍ଟିତ ହେଇ ସମ୍ରାଟ ଉପଭୋଗ ମଧ୍ୟରେ ମଗ୍ନ ହୋଇଥାନ୍ତି । ରଙ୍ଗମହଲରେ ଲାଗିଥାଏ ବାଦ୍ୟ, ନୃତ୍ୟ, ସଂଗୀତ । ମୟୂର ସିଂହାସନରେ ବାଦଶାହ ଉପବିଷ୍ଟ ହୁଅନ୍ତି; ଦରବାର ଅନୁଷ୍ଠିତ ହୁଏ । ଏଭଳି ବିଳାସ ବ୍ୟସନରେ ଦିବାଶର୍ବରୀ ମଗ୍ନ ରହି, ଦେଶର ହାଲ୍, ପ୍ରଜାଙ୍କ ମଙ୍ଗଳ କିମ୍ବା ଶାସନ ସଂସ୍ଥା ସହିତ ସଂପୃକ୍ତ ହେବା ପାଇଁ ଅବସର ମିଳେ ନାହିଁ । ପ୍ରବୃତ୍ତି ଆସେନାହିଁ; ଖିଆଲ ବି ହୁଏ ନାହିଁ । ଜାତୀୟ ଶକ୍ତି ଆସିବ କୁଆଡୁ ?

ସମ୍ରାଟ ଅନ୍ୟର ଆଖିରେ ଦେଖିଲେ, ଅନ୍ୟର କାନରେ ଶୁଣିଲେ, ଅନ୍ୟର ପାଟିରେ କହିଲେ, ଅନ୍ୟ ହାତରେ ଲେଖିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ଦୁଇଜଣ କର୍ମଚାରୀ କଲିକତାରୁ ଆସିଥିଲେ ଦିଲ୍ଲୀ ସମ୍ରାଟଙ୍କ ଠାରୁ ଫର୍ମାନ୍ ନେବାପାଇଁ । ସେଠାରେ ଦୁଇବର୍ଷ ଚେଷ୍ଟା କରି ପାଇଲେ ଫରମାନ୍ । ସେମାନେ ଚକ୍ରାନ୍ତ କରିବାରେ ସିଦ୍ଧହସ୍ତ ଥିଲେ । ଲାଲକିଲ୍ଲାର ହାଲଚାଲ୍, ଢଙ୍ଗଢାଙ୍ଗ ବୁଝିଲେ ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ମୋଗଲ ସମ୍ରାଟ କେଉଁଠାରେ ଅବସ୍ଥାନ କରୁଥିଲେ ?

(ii) ସମ୍ରାଟ କାହାଦ୍ୱାରା ବେଷ୍ଟିତ ହୋଇ ଉପଭୋଗରେ ମଜ୍ଜିଥିଲେ ?

(iii) ବାଦ୍‌ଶାହ କେଉଁଠାରେ ଉପବିଷ୍ଟ ହେଲେ ଦରବାର ଚାଲେ ?

(iv) କେଉଁମାନେ କେଉଁଠୁ ଦିଲ୍ଲୀ ଦରବାରକୁ ଆସିଥିଲେ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ପ୍ରାସାଦର ସ୍ୱରୂପ କିପରି ଥିଲା ?

(ii) ଜାତୀୟଶକ୍ତି କାହିଁକି ଆସୁନଥିଲା ?

(iii) ସମ୍ରାଟଙ୍କ ସ୍ୱରୂପ କିପରି ବର୍ଣ୍ଣିତ ?

ଜମିଥିଲା ସବୁବେଳେ କୃଷକ ମାନଙ୍କର ନିଜସ୍ୱ ସମ୍ପତି । ମାତ୍ର ୧୭୭୩ ମସିହାରେ ଇଂରେଜ ସରକାର ଏ ଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଥା ପ୍ରଚଳନ କରିବା ଫଳରେ ଭାରତବର୍ଷରେ ମଧ୍ୟ-ସତ୍ୱାଧିକାରୀ ମାନଙ୍କର ସୃଷ୍ଟିହେଲା ଏବଂ ଏହି ମଧ୍ୟ-ସ୍ୱତ୍ତ୍ୱାଧିକାରୀ ମାନେ ଏହାପରଠାରୁ ସ୍ଥାୟୀସୂତ୍ରରେ ଜମିଜମା ଉପରେ ନିଜ ନିଜର ଅଧିକାର ସାବ୍ୟସ୍ତ କରିବସିଲେ । ଏହିପରି ଭାବରେ ସ୍ଥାୟୀ ଜମିଦାରୀ ପ୍ରଥା ଏ ଦେଶରେ ପ୍ରଚଳିତ ହେଲା । ପ୍ରକୃତରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଏହି ଜମିଦାରୀ ପ୍ରଥାକୁ ଏଠାରେ ଆଂଶିକ ଭାବରେ ପ୍ରବର୍ତ୍ତନ କରିଥିଲେ ମଧ୍ୟ, ବାସ୍ତବତା ଦୃଷ୍ଟିରୁ ଏହା ସନ୍ତୋଷଜନକ ଭାବରେ କାର୍ଯ୍ୟକାରୀ ହୋଇପାରିବାରେ ବହୁ ଅସୁବିଧା ଦେଖାଦେଇଥିଲା । ସେହି ଅସୁବିଧା କାରଣରୁ ମାନ୍ଦ୍ରାଜ

ସମେତ ଅନ୍ୟ କେତେକ ପ୍ରଦେଶରେ ଏହି ପ୍ରଥାର ପ୍ରଚଳନ କରା ନଯାଇ ସେଠାରେ ରୟତୱାରି ପ୍ରଥା ଚାଲୁ ରଖାଯାଇଥିଲା ।

ଜମି ଉପରେ କୃଷକ ବା ରୟତର ସ୍ୱତ୍ୱକୁ ସ୍ୱୀକାର କରିନେଲେ ପ୍ରତ୍ୟେକ କୃଷକ ନିଜର ଜମିଜମା ଉପରେ ପୂର୍ଣ୍ଣତଃ ଅଧିକାରୀ ହୋଇଥାଏ । ତେଣୁ ସେ ନିଜର ଜମିକୁ ନିଜର ସୁଖ ସୁବିଧା ମୁତାବକ ମନଇଛା ବ୍ୟବହାର କରିବାରେ ତେଣିକି ଆଉ କିଛି ଅସୁବିଧା ନଥାଏ । ନିଜର ଇଚ୍ଛା ଅନୁଯାୟୀ ଦରକାରବେଳେ ସେ ନିଜ ଜମି ଅନ୍ୟକୁ ବିକ୍ରି କରି ଦେଇପାରେ ବା ଅନ୍ୟ ସହ ଜମି ଅଦଳବଦଳ ମଧ୍ୟ ପରିପାରେ । ଓଡ଼ିଶାରେ କୃଷକ ମାନଙ୍କର ଆର୍ଥିକ ଆୟର ଏକମାତ୍ର ସୂତ୍ର ଥିଲା କୃଷି । ତେଣୁ ଅଭାବ ଅସୁବିଧାରେ ପଡିବାବେଳେ ସେମାନେ ସେମାନଙ୍କର ଆୟର ଏକମାତ୍ର ସମ୍ବଳ ସେହି ଜମିକୁ ବିକ୍ରି, ବନ୍ଧକ, ଦାନ ବା ଅଦଳବଦଳ କରି ସେମାନଙ୍କର ଗୁଜୁରାଣ ମେଣ୍ଟାଉଥିଲେ । ଏସବୁ କ୍ଷେତ୍ରରେ ଯଦି ନିଜର ଜମି ଖର୍ଦ୍ଦି ବିକ୍ରି କ୍ଷମତା ଉପରେ ସେମାନଙ୍କର ପୂର୍ଣ୍ଣ କ୍ଷମତା ନରହେ, ତେବେ ସେପରି କ୍ଷେତ୍ରରେ ସେମାନେ ଲାଭବାନ ହେବା ଦୂରେ ଥାଉ କ୍ଷତିରେ ପଡିଯିବାଟା ଅତି ନିଶ୍ଚିତ କଥା; ମାତ୍ର ୧ ୯ ୧ ୧ ମସିହାରେ ବିହାର-ଓଡ଼ିଶା କାଉନ୍‌ସିଲରେ ଯେଉଁ ଓଡ଼ିଶା ଟେନାସୀ ବିଲ୍ ପାସ ହୋଇଗଲା, ତାହା ଫଳରେ ଓଡ଼ିଶାର ଦରିଦ୍ର କୃଷକକୁଳର ଜମି ଖର୍ଦ୍ଦବିକ୍ରି କ୍ଷମତାକୁ ଖର୍ବ କରି ଦିଆଗଲା । ନିଜ ଜମି ଅନ୍ୟକୁ ବିକ୍ରି ବା ହସ୍ତାନ୍ତର କରିବା ଆଉ ଆଗଭଳି କୃଷକର ଆପଣା ଇଚ୍ଛା ବା ସୁବିଧା ଉପରେ ନିର୍ଭର ନକରି, ଏଥିଲାଗି ଏହି ବିଲ୍ ବିଭିନ୍ନ ଧାରା, ଉପଧାରାରେ ନାନାଦି ଜଟିଳତା ଓ ବିଧିନିଷେଧର ସୃଷ୍ଟି କରାଗଲା । ଏହି ଆଇନର ୧୩ ନମ୍ବର ଧାରା ଅନୁଯାୟୀ ଜମିଦାରଙ୍କଠାରୁ ପୂର୍ବ ସ୍ୱୀକୃତି ନ ନେଇ କୌଣସି ଅଂଶକୁ ମଧ୍ୟ ଅନ୍ୟକୁ ବିକ୍ରି କରିପାରିବ ନାହିଁ ବୋଲି ସ୍ଥିର କରିଦିଆଗଲା । ଯଦି ଏହା କରାଯାଏ, ତେବେ ତାହା ଆଇନାନୁମୋଦିତ ବୋଲି ଗ୍ରହଣ କରାଯିବ ବୋଲି ସ୍ଥିରହେଲା ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ଜମି କୃଷକମାନଙ୍କ ପାଇଁ କିପରି ଥିଲା ?

(ii) ରୟତୱାରୀ ପ୍ରଥା କେଉଁଠି ପ୍ରଚଳିତ ଥିଲା ?

(iii) ଟେନାସୀ ବିଲ୍‌ରେ କ'ଣ କରାଗଲା ?

(iv) ଏହି ବିଲ୍‌ରେ ବିଭିନ୍ନ ଧାରା ଉପଧାରା କାହିଁକି ସୃଷ୍ଟି କରାଗଲା ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ଏ ଦେଶରେ କିପରି ସ୍ଥାୟୀ ଜମିଦାରୀ ପ୍ରଥା ପ୍ରଚଳିତ ହେଲା ?

(ii) ଓଡ଼ିଶାରେ କୃଷକମାନେ କିପରି ନିଜର ଗୁଜୁରାଣ ମେଣ୍ଟାଉଥିଲେ ?

(iii) ଟେନାସୀ ଆଇନ୍‌ର ୧୩ ଧାରାରେ କ'ଣ କୁହାଗଲା ?

ଭାଷା କହିଲେ ସଙ୍କେତ । କଟକରେ ଯାଉଛୁ କାର୍‌ରେ । ଛକଜାଗାରେ ନାଲି ଆଲୁଅ ଜଳୁଛି । ତୋ' କାର୍ ଥପ୍‌କରି ଠିଆ ରହିଯିବନି । ଆଗକୁ କେବେ ଯିବନି । ସେମିତି କେଉଁଠି ବାଁକୁ ଯିବ ସ୍କୁଟର୍ । ସେ ଆରୋହୀ ବାଁ ପାଖକୁ ହାତ ଦେଖାଇ କାଟନ୍ତିନା । ଏଇଟା ଅକୁହା ଭାଷା ।

ଦିଜଣ ଲୋକ କେବେହେଁ ଗୋଟେ କଥାକୁ ଠିକ୍ ଏକାପରି କହନ୍ତିନି । ଶବ୍ଦର ଧ୍ୱନି ମାନେ ଉଚ୍ଚାରଣ କଣ୍ଠରୁ କଣ୍ଠକୁ ଭିନ୍ନ । ସେଇଥିପାଇଁ ପାଚେରୀର ସେପାରିରୁ ସୁଜାତା ଡାକିଲେ, ଏ ପାଖରେ ଥାଇ ତୁ କଣ୍ଠ ବାରିପାରୁ । କେତେକ ଲୋକ ଅନ୍ୟର କଣ୍ଠସ୍ୱରକୁ ଅନୁକରଣ କରନ୍ତି । ମାତ୍ର ସ୍ୱାଭାବିକ ଭାବେ ଦିଜଣ ଲୋକ ସେଇ ଗୋଟିଏ ଅନୁଚ୍ଛେଦକୁ କହିବା, ପଢ଼ିବା ବେଳେ ଅଲଗା ଅଲଗା ବାରି ହୋଇ ପଡ଼ନ୍ତି । ଏହା ଭାଷାର ଅନ୍ୟ ଏକ ବୈଚିତ୍ର୍ୟ । ମୁଁ ଅକୁହା ଭାଷା ବୋଲି କହିଥିଲି ଯେ । ଧରାଯାଉ ଏଇଟି ଗୋଟେ ଛବି । ଗୋଲ ଆଖି ଦିଟା । ଏଡ଼େ ନାକ । ଓସାରିଆ ପାଟି । ନାକରେ ବସଣି । କପାଳରେ ଚିତା । ସଙ୍ଗେସଙ୍ଗେ ତୋ' ହାତ ଉଠିଯାଏ କପାଳକୁ । ସେ କାଳେ ଜଗନ୍ନାଥ । । ଫର ଫର ଉଡୁଚି ତ୍ରିରଙ୍ଗ ପତାକା । କେସେଟ୍‌ରେ ଜନଗଣମନର ଯାନ୍ତ୍ରିକ ବାଦ୍ୟ ମୁର୍ଚ୍ଛନା । ତୁ ଠିଆ ହେଉଯାଉ । ଏହାର ଅର୍ଥ ତୁ ବୁଝୁ । ଇଏ ଗୋଟେ ଭାଷା । ଅକୁହା ଭାଷା ।

କହିଛି : ଭାଷା ଖାଲି ସଙ୍କେତର ସମାହାର । ଏ ସଙ୍କେତ ଗୁଡ଼ା ପୁଣି ଆଦୌ ସରଳ ନୁହେଁ । ବଡ଼ ଜଟିଳ ସେସବୁ । ସଙ୍ଗୀତ, ନାଚ, ଚିତ୍ର, ଅଭିନୟ ଏସବୁ ଭାଷାର ଗୋଟିଏ ଗୋଟିଏ ଦିଗ । ଅବଶ୍ୟ ଦାନ୍ତ, ଜିଭ, ତାଳୁ, ପେଟ, କଣ୍ଠ ଆଦିର ସାହାଯ୍ୟରେ ଯେଉଁ ଅର୍ଥପୂର୍ଣ୍ଣ ଧ୍ୱନି ବାହାରେ ତାକୁ ହିଁ ଆମେ ଭାଷାରେ ସ୍ୱୀକୃତି ଦେଇଥାଉ ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) କାର୍ କିମିତି ଥପ୍ କରି ଠିଆ ହୋଇଯିବ ?

(ii) ପାଚେରୀ ଏପାରିର କଣ୍ଠ କାହିଁକି ବାରି ହୁଏ ?

(iii) କେଉଁଗୁଡ଼ିକୁ ଭାଷାର ଗୋଟିଏ ଗୋଟିଏ ଦିଗ କୁହାଯାଏ ?

(iv) ଆମେ କାହାକୁ ଭାଷାର ସ୍ୱୀକୃତି ଦେଉ ?

**(ଖ) ଦୁଇଟି ବାକ୍ୟରେ ଉତ୍ତର ଦିଅ ।**

(i) କାହାକୁ ଅକୁହା ଭାଷା କୁହାଯାଏ ?

(ii) କାହାକୁ ଦେଖିଲେ ହାତ ଉଠିଯାଏ କପାଳକୁ ?

(iii) କାହିଁକି ଜଣେ ଛିଡ଼ା ହୋଇଯାଏ ?

ଶ୍ରୀ ମନ୍ଦିରରେ ଦେବଦାସୀ ମାନଙ୍କ ନୃତ୍ୟ 'ମାହାରୀ ନୃତ୍ୟ' ଏବଂ ତାଙ୍କର ପରମ୍ପରାକୁ 'ମାହାରୀ' ପରମ୍ପରା କୁହାଯାଏ।

ଶ୍ରୀ ମନ୍ଦିରରେ ଜଗନ୍ନାଥଙ୍କ ରାଜକୀୟ ଉପଚାର ପାଇଁ ବିଭିନ୍ନ ସମୟରେ ପ୍ରାୟ ଶହେ ଉଣେଇଶ ପ୍ରକାର ସେବା ପ୍ରବର୍ତ୍ତନ କରାଯାଇଛି। ତନ୍ମଧ୍ୟରୁ ବୀଣାକାର ସେବା, ଗୀତଗୋବିନ୍ଦ ସେବା, ଭିତର ଗାଉଣୀ ସେବା, ସମ୍ପ୍ରଦା ନିଯୋଗ ସେବା ଓ ମାଦେଳୀ ସେବାରେ ମାହାରୀମାନେ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତ ଥାନ୍ତି। ଏହି ଦୈନିକ ସେବା ବ୍ୟତୀତ ନୀଳାଦ୍ରି ବିଜେ, ଅୟନ ଯାତ୍ରା, ଚନ୍ଦନ ଯାତ୍ରା, ଦୋଳଯାତ୍ରା, ରଥଯାତ୍ରା, ଦୁର୍ଗାପୂଜା, ଜନ୍ମାଷ୍ଟମୀ, ରୁକ୍ମିଣୀ ବିବାହ ଆଦି ବିଶେଷ ଉତ୍ସବରେ ମାହାରୀମାନଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିଥିଲା। କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଗଙ୍ଗବଂଶୀୟ ସମ୍ରାଟ ନରସିଂହ ଦେବ ଜଗନ୍ନାଥଙ୍କ ନିତ୍ୟସେବା ପ୍ରଚଳନ କରାଇବା ଯୋଗୁଁ ମାହାରୀ ମାନେ ସେହିଦିନ ଠାରୁ ପ୍ରତ୍ୟହ ଗୀତଗୋବିନ୍ଦ ଗାନ ଓ ନୃତ୍ୟାଭିନୟ ଆଦି ପ୍ରଦର୍ଶନ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ସେବାରେ କିଛି ବ୍ୟତିକ୍ରମ ଘଟିବାରୁ ଗଜପତି ପ୍ରତାପ ରୁଦ୍ରଦେବ ଏହି ସେବାର ଶୁଦ୍ଧତା ରକ୍ଷା ନିମିତ ଏକ ଘୋଷଣାନାମା ଜାରି କରିଥିଲେ। ଶ୍ରୀମନ୍ଦିରରେ ପ୍ରଚଳିତ ଥିବା ଦେବଦାସୀମାନଙ୍କ Records of rights ରୁ ୧୯୫୬ ମସିହା ପର୍ଯ୍ୟନ୍ତ ପାର୍ବତୀ, ତାରା, ରତନୀ, ଲାବଣ୍ୟ, ଶଶିମଣି, ହରିପ୍ରିୟା, ଫକିରୀ ବୁଲୀ, ମହନ, କୁନ୍ଦନ ଆଦି ଦେବଦାସୀ ମାନଙ୍କ ନାମ ଦୃଷ୍ଟିଗୋଚର ହୁଏ।

ଏହାଛଡ଼ା ବିଭିନ୍ନ ସମୟରେ ଦକ୍ଷିଣ ଦେଶରୁ ଦେବଦାସୀ (ଅପସରସ) ଆଣି ମଧୁପୁର ପାଟଣା ଚୂଡ଼ଙ୍ଗ ସାହିରେ ରଖାଯାଇଥିଲା, ଯେଉଁମାନେ ଚନ୍ଦନ ଯାତ୍ରାରେ ଜଗନ୍ନାଥ ବଲ୍ଲଭ ମଠରୁଦେବେ ହୋଇ ହୋଇ ଚୂଡ଼ଙ୍ଗ ମହାବୀରଙ୍କୁ ପ୍ରଣାମ କରି ବାହାରଗାଉଣୀ ହୋଇ ଚାପରେ ନାଚୁଥିଲେ।

ଶ୍ରୀମନ୍ଦିରରେ ଥିବା ମାହାରୀ ମାନଙ୍କର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମ ପ୍ରଚଳିତ ହୋଇଥାଏ। ନୃତ୍ୟ କରୁଥିବା ମାହାରୀଙ୍କୁ ନାଚୁଣୀ, ମନ୍ଦିର ଗର୍ଭ ଗୃହରେ ଗୀତଗାଉଥିବା ମାହାରୀ ହେଲେ 'ଭିତର ଗାଉଣୀ'। ଗଉଡ଼ଷାଣୀମାନେ ଆଳଟ ଓ ଚାମର ସେବା କରନ୍ତି। ଯନ୍ତ୍ର ସଂଗୀତରେ ବୀଣାବାଦନ କରୁଥିବା ପୁରୁଷଙ୍କୁ ବୀଣାକାର ଓ ମର୍ଦ୍ଦଳ ବାଦକଙ୍କୁ କୁହାଯାଏ ମାଦେଳି।

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ମାହାରୀ ପରମ୍ପରା କାହାକୁ କୁହାଯାଏ ?

(ii) କେଉଁ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥଙ୍କର କେତେ ପ୍ରକାରର ସେବାର ଉଲ୍ଲେଖ ହୋଇଛି ?

(iii) ଗଜପତି ପ୍ରତାପ ରୁଦ୍ର ଦେବ କାହିଁକି ଘୋଷଣାନାମା ଜାରି କରିଥିଲେ ?

(iv) ନୃତ୍ୟ ମାହାରୀଙ୍କୁ କେଉଁ ନାମରେ ଜଣାଯାଉଥିଲା ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କେଉଁ କେଉଁ ସେବାରେ ମାହାରୀମାନେ ପ୍ରତ୍ୟକ୍ଷ ଭାଗ ନେଇଥାନ୍ତି ?

(ii) କେବେଠାରୁ ଶ୍ରୀ ମନ୍ଦିରରେ ଗୀତଗୋବିନ୍ଦ ଗାନ ସେବା ପ୍ରଚଳିତ ?

(iii) ଗଉଡ଼ଷାଣୀ; ବୀଣାକାର ଓ ମାଦେଳିମାନେ କେଉଁ ସେବା କରିଥାନ୍ତି ?

ଜମିଦାର ବଂଶରେ ଜନ୍ମ ହୋଇଥିଲେ ମଧ୍ୟ ମଧୁସୂଦନ ଥିଲେ ଜମିଦାର ପ୍ରଥାର ସମ୍ପୂର୍ଣ୍ଣ ବିରୋଧୀ। ଦେଶରୁ ଜମିଦାରୀ ପ୍ରଥାକୁ ବିଲୋପ କରିବା ଲାଗି ସେ ପ୍ରଥମେ ଆହ୍ୱାନ ଦେଇଥିଲେ। ତାଙ୍କ ମତରେ ଏହି ପ୍ରଥା ଭାରତୀୟ ପରମ୍ପରାର ସମ୍ପୂର୍ଣ୍ଣ ବିରୋଧୀ ଥିଲା।

ବଙ୍ଗଳା କାଉନ୍‌ସିଲରେ ଏଣେ ଓଡ଼ିଶା ଟେନାସୀ ବିଲ୍ ଆଲୋଚିତ ହେଉଥିବା ସମୟରେ, ଓଡ଼ିଶାର କୃଷକ ମାନଙ୍କର ତରଫରୁ ବଙ୍ଗଳାର ଲେଫ୍‌ଟନାଣ୍ଟ୍ ଗଭର୍ଣ୍ଣର ସାର୍ ଉଇଲିଅମ୍ ଡିଉକ୍‌ଙ୍କ ପାଖରେ ଏକ ସ୍ମାରକପତ୍ର ଦାଖଲ କରି ମଧୁସୂଦନ ତହିଁରେ ଓଡ଼ିଶାରେ ଜମିଦାରୀ ପ୍ରଥାର ଅଭ୍ୟୁଦୟ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ତହିଁରେ ସେ ନାନାଦି ପ୍ରମାଣ ଓ ଯୁକ୍ତି ଉପସ୍ଥାପିତ କରି ନିଃସନ୍ଦେହଭାବରେ ପ୍ରମାଣିତ କରିଦେଇଥିଲେ ଯେ, ମୋଗଲ ରାଜାମାନଙ୍କ ଶାସନ କାଳରେ ହିଁ ଓଡିଶାରେ ପ୍ରଥମେ ଏହି ପ୍ରଥାର ପ୍ରଚଳନ ହେଲା। ଏହା ମୂଳତଃ ମୋଗଲ ଶାସକ ମାନଙ୍କର ସୃଷ୍ଟି ଥିଲା ଏବଂ ସେମାନଙ୍କ ପୂର୍ବରୁ ସାରା ଭାରତବର୍ଷରେ ଏ ପ୍ରଥାର ପ୍ରଚଳନ ଆଦୌ ଦେଖିବାକୁ ମିଳୁନଥିଲା। ଏ ଦେଶରେ ଯୁଗେ ଯୁଗେ କୃଷି ଉପଯୋଗୀ ଭୂମି ଉପରେ କୃଷକର ପୂର୍ଣ୍ଣଦାବି ଓ ଅଧିକାର ଅବିସମ୍ବାଦୀ ସତ୍ୟରୂପେ ଗୃହୀତ ହୋଇ ଆସିଅଛି। ଏବଂ କୃଷକ ତାହାର ଏହି ଭୂମିଲାଗି ରାଜା ବା ଶାସକଙ୍କୁ ନିୟମିତ ଭାବରେ କର ଦେଉଥିବା ପର୍ଯ୍ୟନ୍ତ ତାହାର ଏହି ସ୍ୱାର୍ଥରେ କେବେହେଲେ ବାଧା ସୃଷ୍ଟି ହେଉନଥିଲା। ଏ ସମ୍ବନ୍ଧରେ ମଧୁସୂଦନ ଆମ ଦେଶର ପ୍ରାଚୀନ ସ୍ମୃତିଶାସ୍ତ୍ରରୁ ଗୋଟିଏ ପଂକ୍ତି ଉଦ୍ଧାର କରି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଥିଲେ। ତାହା ହେଲା, "ସ୍ଥାଣୁଚ୍ଛେଦସ୍ୟ କେଦାରମାହୁ ଶଲ୍ୟବତୋ ମୃଗଃ" . . . ଏହାର ଅର୍ଥ, ଶିକାର ଉପରେ ଶିକାରୀର ଅଧିକାର ଯେପରି ଅବିସମ୍ବାଦିତ, ସେହିପରି କୃଷକ ଯେଉଁ କୃଷି କ୍ଷେତ୍ରକୁ କର୍ଷଣ କରି ଫସଲ ଉପୁଜାଇଥାଏ, ସେହି କ୍ଷେତ୍ର ଓ ସେଥିରେ ଉତ୍ପାଦିତ ହୋଇଥିବା ଶସ୍ୟ ଉପରେ ତାର ଅଧିକାର ମଧ୍ୟ ନିଶ୍ଚିତ ଓ ଅବିସମ୍ବାଦିତ।

ମୋଗଲ ରାଜାମାନଙ୍କ ରାଜୁତିକାଳରେ ମଧ ଜମିଦାର ମାନେ ରାଜ୍ୟ ସରକାର ତରଫରୁ ମାମୁଲି ରାଜସ୍ୱ-ଆଦାୟକାରୀ ରୂପେ ମାତ୍ର ବିବେଚିତ ହେଉଥିଲେ ଏବଂ ସେହି କାମ ପାଇଁ ସେମାନେ ଆଦାୟ କରୁଥିବା ରାଜସ୍ୱର ଏକ ଅଂଶ ପାରିଶ୍ରମିକ ରୂପେ ପାଉଥିଲେ;

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ମଧୁବାବୁଙ୍କ ମତରେ ଜମିଦାରୀ ପ୍ରଥା କିପରି ଥିଲା ?

(ii) ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ପାଖରେ ମଧୁସୂଦନ କ'ଣ ପ୍ରମାଣ କରିଥିଲେ ?

(iii) ସ୍ମାରକପତ୍ରରେ କେଉଁଥିରୁ ଉଦ୍ଧୃତଟିକୁ ମଧୁସୂଦନ ଗ୍ରହଣ କରିଥିଲେ ?

(ii) କେଉଁଟି ଅବିସମ୍ବାଦିତ ସତ୍ୟ ରୂପେ ଗୃହୀତ ହୋଇଆସିଛି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଓଡ଼ିଶାର କୃଷକ ମାନଙ୍କ ତରଫରୁ କିଏ, କେଉଁଠି, ଦାଖଲ କରିଥିବା ସ୍ମାରକପତ୍ରରେ କ'ଣ ଲେଖାଥିଲା ?

(ii) ସ୍ମାରକପତ୍ରରେ ମଧୁସୂଦନ କେଉଁ ବିଷୟରେ ଆଲୋଚନା କରିଥିଲେ ?

(iii) କେତେବେଳେ କେଉଁମାନେ ରାଜସ୍ୱ ଆଦାୟକାରୀ ରୂପେ ବିବେଚିତ ହେଉଥିଲେ ?

ଏବେ ଗୋଟିଏ ଖୁବ୍ ଜଣାଶୁଣା କଥା କହୁଚି। ପଣ୍ଡିତମାନେ କହନ୍ତି ସାହିତ୍ୟ ସତ୍ୟ, ଶିବ ଓ ସୁନ୍ଦରର ଅବାହନ କରିଥାଏ। ଏକଥା ଠିକ୍ ଯେ ସମାଜକୁ ସୁନ୍ଦର କରିବାକୁ ସାହିତ୍ୟ କାମ କରିଥାଏ। ପୁଣି ସାହିତ୍ୟ ନାନା ଦୃଷ୍ଟିରୁ ସମାଜ ଉପରେ ନିର୍ଭରଶୀଳ। ଆଉ ମଣିଷ ଗଢ଼ିଚି ସମାଜ। ତେଣୁ ମଣିଷର ଦୋଷଗୁଣକୁ ନେଇ ସାହିତ୍ୟର କାରବାର। ତା'ରି ଭିତରୁ ନିରୁତା ସତ୍ୟଟିକି ଖୋଜିବ ସାହିତ୍ୟ। ଏବଂ ସାହିତ୍ୟିକ ସମାଜର କଲ୍ୟାଣ ଆଶାରେ ସେଇ ସତ୍ୟଟିକୁ ପ୍ରକାଶ କରିବେ।

ସାହିତ୍ୟ ପାଇଁ ଗୋଟେ ସୃଜନ ଶକ୍ତି ଦରକାର। ଏଇ ଶକ୍ତିଟି କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ନିୟନ୍ତ୍ରିତ ହୁଏ। ମଞ୍ଜିଟିଏ ଅନୁକୂଳ ପାଣି, ପବନ , ମାଟି, ସାର ନ ପାଇଲେ ଗଜାଏନି କି ଗଛ ହେଇ ଫୁଲ, ଫଳ, ଛାଇ ଦେଇ ପାରେନି। ସେଇପରି କବି ପ୍ରତିଭା। ଅନୁକୂଳ ପରିବେଶ ନ ପାଇଲେ ପ୍ରତିଭା ବିକଶି ପାରେନି। ପ୍ରତିକୂଳ ଅବସ୍ଥା ବିରୋଧରେ ଲଢ଼ିବା ସହଜ କଥା ନୁହେଁ। ଲକ୍ଷୁ ଲକ୍ଷୁ ପ୍ରତିଭା ଝାଉଁଳି ଯାଏ। ଶେଷରେ ମରିଯାଏ ବି। ସେଭଳି ହଜାରେ ଉଦାହରଣ ଅଛି। କାଳିଦାସ, ରବୀନ୍ଦ୍ରନାଥ ପ୍ରମୁଖ କବିମାନେ ଭଲ ପରିବେଶ ପାଇ ନଥିଲେ, ଆଜି ସେମାନଙ୍କୁ ଯାହା ଦେଖୁଛୁ, ତାହା ହୋଇ ନଥା'ନ୍ତେ। ତେଣୁ ସାହିତ୍ୟ ଓ ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରତି ସମାଜର ଏକ ବଡ଼ ଦାୟିତ୍ୱ ଅଛି। ସମାଜ ସେମାନଙ୍କୁ ସମ୍ମାନ ଦେବ ଏବଂ ସେମାନେ ଯେଉଁଭଳି ଉନ୍ନତ ସୃଷ୍ଟି କରିପାରିବେ ସେ ପରିବେଶ ଯୋଗାଇଦେବ। ସେ ପରିବେଶ ହେବ ମୁକ୍ତ ଓ ଭୟଶୂନ୍ୟ ପରିବେଶ। ତା'ହେଲେ କବି ହୃଦୟ ଖୋଲି ବହୁତ କଥା କହି ପାରିବେ। ସତଟାକୁ ପ୍ରକାଶ କରିବେ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ସାହିତ୍ୟ ସମ୍ପର୍କରେ ପଣ୍ଡିତମାନେ କ'ଣ କହନ୍ତି ?

(ii) ସାହିତ୍ୟ କାହାକୁ ନେଇ କାରବାର କରେ ?

(iii) ସାହିତ୍ୟ ପାଇଁ ଦରକାର ଶକ୍ତିଟି କାହାଦ୍ୱାରା ନିୟନ୍ତ୍ରିତ ହୁଏ ?

(iv) ସମାଜର କାହା ପ୍ରତି ବଡ଼ ଦାୟିତ୍ୱ ଅଛି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ସାହିତ୍ୟ ଓ ସାହିତ୍ୟିକ କ'ଣ କରିବେ ?

(ii) କବି ପ୍ରତିଭା କେଉଁ ପରି ?

(iii) ସ୍ରଷ୍ଟାଙ୍କୁ ସମାଜ କଣ ଯୋଗାଇ ଦେବ ଓ ତା'ର ଫଳ କ'ଣ ହେବ ?

ଶାସନ କ୍ଷେତ୍ରରେ ଦୁଇଟି ମତବାଦ ପ୍ରବଳ ପ୍ରତିଦ୍ୱନ୍ଦିତା କରିବାର ଦେଖାଯାଉଛି। ଏକ ହେଉଛି ଅଷ୍ଟାଦଶ ଶତାବ୍ଦୀର ଅର୍ଥଶାସ୍ତ୍ରୀ ଆଡାମ ସ୍ମିଥଙ୍କର। ସେ ୧୭୭୬ରେ ତାଙ୍କର ରାଷ୍ଟ୍ରୀୟ ସମ୍ପଦ (wealth of nations) ପୁସ୍ତକ ପ୍ରକାଶ କରି ରାଜନୀତି ଓ ଅର୍ଥନୀତିର ଦିଗ ପରିବର୍ତ୍ତନ କରିବାରେ ନେତୃତ୍ୱ ନେଲେ। ତାଙ୍କ ମତରେ ବ୍ୟକ୍ତିଗତ ପ୍ରଚେଷ୍ଟାରେ, ରାଷ୍ଟ୍ରୀୟ ସମ୍ପଦ ବୃଦ୍ଧି ହୋଇପାରିବ। ସରକାରୀ ହସ୍ତକ୍ଷେପ ରାଷ୍ଟ୍ରୀୟ ସମ୍ପଦ ଅପଚୟ କରିବାରେ ସାହାଯ୍ୟ କରିବ। ତା ପରେ ଆସିଲେ କାର୍ଲ ମାର୍କସ୍। ସେ ୧୭୪୮ରେ କମ୍ୟୁନିଷ୍ଟ ମାନିଫାଷ୍ଟୋ ଲେଖି ଏକ ନୂତନ ବିଚାର ଥୋଇଲେ। ସେ ବ୍ୟକ୍ତିଗତ ପ୍ରଚେଷ୍ଟାର ପୂରାପୂରି ବିରୋଧ କରି ସରକାରଙ୍କ ଉପରେ ସମସ୍ତ ଦାୟିତ୍ୱ ଅର୍ପଣ କରିଦେଲେ। ଅଷ୍ଟାଦଶ ଶତାବ୍ଦୀରେ ଚିନ୍ତାଧାରା ଉନବିଂଶ ଶତାବ୍ଦୀରେ ପୂରାପୁରି ବଦଳିଗଲା। ବିଂଶ ଶତାବ୍ଦୀରେ ଦେଖାଯାଉଛି ଯେ ଆଡ଼ାମ ସ୍ମିଥ ଯେପରି ଅଚଳ କାର୍ଲ ମାର୍କସ୍ ମଧ ସେହିପରି ଅଚଳ। ଉଭୟ ସାମାଜିକ ଅର୍ଥନୀତିକ ଓ ରାଜନୀତିକ ସଂଘର୍ଷ ସୃଷ୍ଟି କରିବାରେ ପୂରା

ଦମରେ ସାହାଯ୍ୟ କରୁଛନ୍ତି। ଯେଉଁଠାରେ ଆଡାମସ୍ମିଥ୍‌ଙ୍କ ମତବାଦ କାର୍ଯ୍ୟକାରୀ ହୋଇଛି, ସେଠାରେ କେତେକ ଶିଳ୍ପପତି ଓ ବ୍ୟବସାୟୀ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ଉତ୍ପାଦନ ବ୍ୟବସ୍ଥା ସେମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାର୍ଥ ପାଇଁ ପରିଚାଳିତ ହେଉଛି। ଯେଉଁ ଜିନିଷ ଜନସାଧାରଣଙ୍କ ଚାହିଦା ପୂରଣ ପାଇଁ ଦରକାର ତାହା ଉତ୍ପାଦିତ ହେଉନାହିଁ – ଯେଉଁ ଜିନିଷ ଉତ୍ପାଦିତ ହେଲେ ବେଶି ଲାଭ ମିଳିବ ସେହି ସବୁ ଜିନିଷ ଅଧିକ ଉତ୍ପାଦିତ ହେଉଛି। ଏହା ଫଳରେ ଅର୍ଥନୈତିକ କ୍ଷେତ୍ରରେ ବିଭେଦ ସୃଷ୍ଟି ହେଉଛି। ଯେଉଁଠାରେ କମ୍ୟୁନିଜମ୍ ପ୍ରତିଷ୍ଠିତ ହୋଇଛି, ସେଠାରେ ମଧ୍ୟ ଶୋଷଣ ଓ ଅତ୍ୟାଚାର୍‌ର ଅଭାବ ନାହିଁ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଶାସନ କ୍ଷେତ୍ରରେ କେଉଁ ଦୁଇଜଣଙ୍କର ମତବାଦ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଏ ?

(ii) କିଏ ରାଷ୍ଟ୍ରୀୟ ସମ୍ପଦ ଅପଚୟରେ ସାହାଯ୍ୟ କରିବ ?

(iii) କାର୍ଲ ମାର୍କ୍ସ କେବେ କ'ଣ ଲେଖି ଏକ ନୂତନ ବିଚାର ଥୋଇଥିଲେ ?

(iv) କମ୍ୟୁନିଜିମ୍ ପ୍ରତିଷ୍ଠିତ ହୋଇଥିବା ସ୍ଥାନରେ ମଧ୍ୟ କାହାର ଅଭାବ ନାହିଁ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଆଡାମ୍‌ସ୍ମିଥ୍ କେବେ, କ'ଣ ଲେଖି, କାହାର ନେତୃତ୍ୱ ନେଇଥିଲେ ?

(ii) ବିଂଶ ଶତାବ୍ଦୀରେ କ'ଣ ଦେଖାଯାଉଛି ?

(iii) କାହା ଫଳରେ ଅର୍ଥନୈତିକ ବିଭେଦ ସୃଷ୍ଟି ହେଉଛି ?

ଆଲୋକ ମଣ୍ଡଳ ଅହରହ ଆନ୍ଦୋଳିତ। ଫଳରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଲୋକ ମଣ୍ଡଳ ପୃଷ୍ଠରେ ସୌର କଳଙ୍କ ଦେଖାଯାଏ। ତାହାହିଁ ଝଡ଼ର ସୂଚନା। ସେତେବେଳେ ବର୍ଣ୍ଣ ମଣ୍ଡଳ ଓ କିରୀଟ ମଣ୍ଡଳରେ ଶିହରଣ ଖେଳିଯାଏ। କିରୀଟ ମଣ୍ଡଳରୁ ଯେଉଁ ଉତ୍ତପ୍ତ ଅଗ୍ନି ହୁଳା ଉଠେ ତାହା ମହାଶୂନ୍ୟରୁ ନିୟୁତ ନିୟୁତ କିଲୋମିଟର ଜିଭ ଲହ ଲହ କରି ଲମ୍ବିଯାଏ। କି ପ୍ରଚଣ୍ଡ ବେଗରେ ସେ ଖେଳିଯାଏ। ସେକେଣ୍ଡକୁ ପ୍ରାୟ ୪/୫ ଶହ କିଲୋମିଟର। ବେଳେବେଳେ ସୂର୍ଯ୍ୟରୁ ତାହା ଛିଣ୍ଡିପଡ଼େ। ମନେ ହୁଏ ସୂର୍ଯ୍ୟ ଯେପରି ସୃଷ୍ଟିକୁ ଧ୍ୱଂସ କରିଦେବ। ସେତେବେଳେ ଅସଂଖ୍ୟ ବୈଦ୍ୟୁତିକ କଣିକା ମହାଶୂନ୍ୟକୁ ବିଞ୍ଚି ହୋଇ ପଡ଼େ। ଚୁମ୍ବକ ଝଡ଼ ସୃଷ୍ଟି ହୁଏ; ରେଡ଼ିଓ ଷ୍ଟେସନର ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହୁଏ; ରେଡ଼ାର ଯନ୍ତ୍ରପାତି କ୍ଷଣକ ପାଇଁ ଅଞ୍ଚଳ ହୋଇପଡ଼େ। ମେରୁ ଅଞ୍ଚଳରେ ଜାହାଜର କମ୍ପାସ ଚୁମ୍ବକ ଦିଗ ହରାଏ। ସତର୍କ ନ ହେଲେ ସେତେବେଳେ ନାବିକ ପଥବଣା ହେବା ବିଚିତ୍ର ନୁହେଁ। ସେତେବେଳେ ପୃଥିବୀର ମେରୁ ଅଞ୍ଚଳରେ ପ୍ରଜ୍ୱଳିତ ହୁଏ ମେରୁ ପ୍ରଭା। ଆକାଶ ଓ ପୃଥିବୀ ମଧ୍ୟରେ ଆଲୋକର ଭୀଷଣ ତାଣ୍ଡବ ଲୀଳା। ଏହାହିଁ ଅବୋଧ ସୌର ଝଡ଼ର ଲାକ୍ଷଣିକ ସୂଚନା।

ସୌର କଳଙ୍କର ଆବିର୍ଭାବ ହିଁ ସୌର ଝଡ଼ର ସୂଚନା ଦିଏ। ସୌର କଳଙ୍କ କ'ଣ ଅନେକ ବର୍ଷ ପର୍ଯ୍ୟନ୍ତ କେହି ଜାଣି ନଥିଲେ। ପୂର୍ବକାଳରେ ଚୀନ୍ ଲୋକେ ଭାବୁଥିଲେ ସୂର୍ଯ୍ୟ ଆକାଶରେ ପଲ ପଲ ଚଢ଼େଇ ଉଡି ଯାଉଛନ୍ତି। ସେମାନଙ୍କ ଛାଇ ସବୁ ସୌର କଳଙ୍କ ରୂପେ ଦେଖାଯାଉଛି। କେତେକ କହୁଥିଲେ ସୂର୍ଯ୍ୟ ଚାରିପଟେ ଘୁରୁଥିବା ବୁଧ ଗ୍ରହର ଛାଇ ପଡ଼ି ସେମିତି କଳାଦାଗ ଦିଶୁଛି। ଏମିତି କିଏ କେତେ କଳ୍ପନା କରୁଥିଲା। ୧୬୧୦ ମସିହା ବେଳକୁ ଗାଲିଲିଓ ସେଗୁଡ଼ିକ ପ୍ରତି ଧ୍ୟାନ ଦେଲେ। ସେ ନୂଆ ନୂଆ ଟେଲିସ୍କୋପ ଉଦ୍ଭାବନ କରିଥାନ୍ତି। ସେଥିରେ ସେ ସୌର କଳଙ୍କଗୁଡ଼ିକୁ ଅନେଇଲେ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଆଲୋକ ମଣ୍ଡଳର ପୃଷ୍ଠରେ ସୌରକଳଙ୍କ କାହିଁକି ଦେଖାଯାଏ ?

(ii) ଝଡ଼ର ସୂଚନାରେ କ'ଣ ହୁଏ ?

(iii) ମେରୁପ୍ରଭା କ'ଣ ?

(iv) ସୌରକଳଙ୍କକୁ କେତେକ କ'ଣ କହୁଥିଲେ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କିରୀଟ ମଣ୍ଡଳରୁ ଉଠୁଥିବା ଅଗ୍ନିହୁଳାର କ'ଣ ହୁଏ ?

(ii) ଚୁମ୍ବକ ଛଡ଼ ସୃଷ୍ଟି ହେଲେ କ'ଣ ହୁଏ ?

(iii) ପୂର୍ବେ ଚୀନର ଲୋକେ ସୌରକଳଙ୍କ ସଂପର୍କରେ କ'ଣ ଭାବୁଥିଲେ ?

## ନିମ୍ନ ପଦ୍ୟାଂଶ ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି
ଗୋଦର ଗୋଡ଼ରେ ମାଉଁଶ ଲାଗିଲେ
ଦେହର କି ଶୁଭ ଗଣି ? ।୬।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ? ।୭।

ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡା ମୁହେଁ ବନ୍ଧା ଥିଲେ ? ।୮।

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ, ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।୯।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୁରୁବ ଗୌରବ ପୁରୁବ ସାହସ
ପଡ଼ିବ କି କେବେ ମନେ ? ।୧୦।

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? ।୧୧।

(i) କାହାକୁ ଜଗତ ମଣିଲେ ଜାତିର ଉନ୍ନତି ହେବ ନାହିଁ ?

**ଉ:** ସ୍ୱାର୍ଥକୁ

(ii) ସ୍ୱାର୍ଥରେ ବ୍ୟସ୍ତ ମନକୁ କାହା ସହିତ ତୁଳନା କରାଯାଇଛି ?

**ଉ:** ଶାଗୁଣା ବିଲୁଆଙ୍କ ଚିକିତ୍ସକ ହେବା ସହିତ ତୁଳନା କରାଯାଇଛି।

(iii) ସ୍ୱାର୍ଥକୁ ସାରଥି କଲେ କ'ଣ ହେବ ନାହିଁ ?

**ଉ:** ଜାତି ନନ୍ଦିଘୋଷ ଚଳିବ ନାହିଁ

(iv) କେଉଁମାନେ ଏକତ୍ରିତ ହେଲେ ରାଜ୍ୟରେ ବିପ୍ଳବ ଘଟିବ ?

**ଉ:** ସ୍ୱାର୍ଥର ବନିତା ତୋଷାମଦି ଓ ପୁତ୍ର ମିଥ୍ୟା ଯଦି ଏକତ୍ର ହୁଅନ୍ତି।

(v) ଏ ମହୀମଣ୍ଡଳରେ ମୁହଁ କିପରି ଦେଖାଉଛୁ ବୋଲି କାହିଁକି କୁହାଯାଇଛି ?

**ଉ:** ବୀର ପ୍ରସବିନୀ ଜନନୀ ଧୂଳିରେ ପଡ଼ିଥିଲା ବେଳେ ମହୀମଣ୍ଡଳରେ ମୁହଁ କିପରି ଦେଖାଉଛୁ ବୋଲି କୁହାଯାଇଛି।

ବିଦୁର ବୋଇଲା ତୋହୋର ଜ୍ୟେଷ୍ଠପୁତ୍ର ଯେଟି
ଯେକାଙ୍ଗ ଛତ୍ର ସେ ହୋଇବ ନବସୃଷ୍ଟି।୧୧।

ଶଙ୍ଖନିଧି ପଦ୍ମନିଧି ଅଛଇ ତାହାର କରେ
ପଦ୍ମ ବିଘଂସଇଟି ଯାହାର ପୟରେ।୧୨।

ଅନେକ ରାଜାର ହୋଇବି ମଉଡ଼ମଣି
ଅନୁବ୍ରତେ ଯେହାର କନ୍ଧୁ ନ ଛାଡ଼ିବେ କମଳିଣୀ।୧୩।

ଯେହାର ଲକ୍ଷଣ ମୋତେ ଦିଶଇ ଲଲାଟ ପାଟିରେ
ଭୀମର ହାଥରେ ବଧସେ ହୋଇବ ଶେଷକାଳେ।୧୪।

କର୍କଶ ମଧୁପିଙ୍ଗଳ ଅଟେ ଯା ପ୍ରକୃତି
ଯେ ପୁତ୍ର ମାରି ଅନେଶ୍ୱ ପୁତ୍ର ଘେନି ହୋଅ ଯେକାଙ୍ଗ ଚକ୍ରବ୍ରତୀ।୧୫।

ଯେହାରେ ବଂଶ ତୋହୋର ହୋଇବ ବିନଶ୍ୟତି
ବେଗେ ଯେହାକଇଂ ନାଶକର ଶୀଘ୍ରଗତି ।୧୬।

ଧୃତି ରାଷ୍ଟେ ବୋଇଲେ ଯେହେନେକ ମୋହୋର ବିଚକ୍ଷଣ ପୁତ୍ର
ରାଜ୍ୟଧର ପୁତ୍ରକଇଂ ମୁଁ ନାଶ କରିବି କେମନ୍ତ।୧୭।

ଲୋହାର ଭୀମେକ ଯେ ଗଢ଼ାଇଲା ଧୃତିରାଷ୍ଟ
ଦ୍ରିଯୋଧନକଇଂ ବୋଲନ୍ତି ଯେହାକୁ ନିଠାଇଣ ପିଟ।୧୮।

ଲୋହଗିରି ସମ ଅଟେ ଯେହାର ଦୀର୍ଘସ୍ତଳୀ
ପିଟିଣ ପୁତ୍ରରେ ତୁ ହୁଅ ମହାବଳୀ।୧୯।

ସେ ଲୋହାର ଭୀମକଇଂ ଆଖଡାଶାଳେ ଥାପି
ତାହାକୁ ଆକ୍ରେଷିଣ ଦ୍ରିଯୋଧନ ନିତ୍ୟେ ଗଦା ପ୍ରହାର କରଇ କ୍ଷେପି।୨୦।

ଭୀମକୁ ମାରିବାକୁ ନିତ୍ୟେ କରଇ ଅଭ୍ୟାସ
ଆଖଡାଶାଳେ ଥାଇ ସେ ରାତ୍ର ଯେ ଦିବସ ।୨୧।

ସେ ଲୋହାର ଭୀମକୁ ବହି ଆଣିଲେ ଭୀମ ଅର୍ଜୁନ ନକୁଳ ସହଦେବ ଚାରିହେଂ
ଧୃତିରାଷ୍ଟର କୋଳେ ବସାଇଲେ ସନ୍ଦେହେ।୨୨।

(i) ବିଦୁର ଜ୍ୟେଷ୍ଠପୁତ୍ରଙ୍କ ସମ୍ପର୍କରେ କ'ଣ କହିଲେ ?

**ଉ:** ଏ ନବ ସୃଷ୍ଟିରେ ଯେକାଙ୍ଗ ଛତ୍ର ହୋଇବ ବୋଲି କହିଲେ।

(ii) ପୁତ୍ରର ହାତ ଓ ପାଦରେ କେଉଁ କେଉଁ ଚିହ୍ନ ଥିଲା ?

**ଉ:** ପୁତ୍ରର ହାତରେ ଶଙ୍ଖନିଧି ପଦ୍ମନିଧି ଏବଂ ପାଦରେ ବିକଶିତ ପଦ୍ମପୁଷ୍ପ ଚିହ୍ନ ଥିଲା।

(iii) ଏ ପୁତ୍ରର ଲଲାଟ ପଟରେ ବିଦୁର କ'ଣ ଦେଖିଛନ୍ତି ?

ଉ: ପୁତ୍ର ଲଲାଟ ପଟରେ ଭୀମହସ୍ତରେ ନିହତ ହେବାର ଲେଖାଅଛି ବୋଲି ଦେଖିଛନ୍ତି।

(iv) ବିଦୁର ଧୃତରାଷ୍ଟ୍ରଙ୍କୁ କେଉଁ ଉପଦେଶ ଦେଇଛନ୍ତି ?

**ଉ:** ଏହି ପୁତ୍ର ପାଇଁ ତୁମର ବଂଶ ନାଶ ହେବା ତେଣୁ ଏହାକୁ ନାଶକରି ବଂଶ ରକ୍ଷା କରିବାକୁ ଉପଦେଶ ଦେଇଛନ୍ତି।

(v) ଲୋହାର ଭୀମକୁ କେଉଁମାନେ ବହି ଆଣିଲେ ?

ଉ: ଭୀମ, ଅର୍ଜୁନ, ନକୁଳ, ସହଦେବ ସେ ଲୋହାର ଭୀମକୁ ବୋହି ଆଣିଲେ।

ଶୁଣ ଗୋ ଭବାନୀ କହନ୍ତି ବଚନ।
ଯେସେ ରାମା (ବା) ୟେଣ ପବିତ୍ର ଆଖ୍ୟାନ।
ଜମ୍ବୋଦ୍ୱୀପ ଭ୍ରଥ ଖଣ୍ଡ ମଧଭାଗ ମହୀ।
ଦକ୍ଷିଣ କୋଶଳେ ପବିତ୍ର ଦିବ୍ୟ ଭୁଇଂ।
ଅଯୋଧ୍ୟା ନାମେ ନଗ୍ର ସରଯୁ ନଦୀ ତଟେ।
ଅଳକାପୁର ଯେହ୍ନେ ଗଣ୍ଡକୀ ନଦୀର ନିକଟେ।
ନଗ୍ର ପରିମଳ ଅତିହିଂ ଚାରୁ ଶୋଭା।
କି ଜାଣି ପଟାନ୍ତର ଶରଦଶଶୀ ପ୍ରଭା।
ରାଜାର ମନ୍ଦିର ଦିବ୍ୟ ଚାରୁ କାନ୍ତି।
ମେଢ଼ ମଣ୍ଡପ ଅଟ୍ଟାଳି ଜଗତୀ।
ଅଗର ଚନ୍ଦନ ଖମ୍ବ ରଅ ସେଣି।
ଉପରେ ତେଜପତ୍ର ଛାଇଲା ଛାୟେଣୀ।
ମୁକୁତାର ଝରା ନୀଳା ରତ୍ନ ଜଡି।
ସୁବନ୍ୟର ପ୍ରତିମା ପିତୁଳି କମ ଗଢ଼ି।
ମର୍କତର କଳସ ନେତର ଚିରାଳ।
ଚନ୍ଦ୍ରାତପ ତେଜ ଆଦିତ୍ୟ ପ୍ରବାଳ।
ସାମନ୍ତ ମନ୍ତ୍ରୀଙ୍କର ଉଆସ ଦିବ୍ୟ ପୁରୀ।
ଘରେ ଘରେ ବିଜୟେକି ସାହେର କୁମାରୀ।
ଅଷ୍ଟାଦଶ ଜାତି ଭିନେ ଭିନେ ପୁରୀ।
କୂପ ବାମ୍ପି ବହୁତ ଅଛଇ, ପୋଖରୀ।

(i) କାହାକୁ ପବିତ୍ର ଆଖ୍ୟାନ ବୋଲି କୁହାଯାଇଛି ?

**ଉ:** ରାମାୟେଣକୁ ପବିତ୍ର ଆଖ୍ୟାନ ବୋଲି କୁହାଯାଇଛି।

(ii) ଅଯୋଧ୍ୟାନଗ୍ରର ଭୌଗୋଳିକ ସ୍ଥିତି କି ରୂପେ ବର୍ଣ୍ଣିତ ?

**ଉ:** ଭରତଖଣ୍ଡର ଜମ୍ବୁଦ୍ୱୀପ ମଧଭାଗରେ ଦକ୍ଷିଣ କୋଶଳରେ ପବିତ୍ର ଭୂମି ଅଯୋଧ୍ୟା।

(iii) ଅଯୋଧ୍ୟାକୁ କାହା ସହିତ ତୁଳନା କରାଯାଇଛି ?

**ଉ:** ଗଣ୍ଡକୀ ନଦୀ କୂଳର ଅଳକାପୁରୀ ସହିତ।

(iv) ରାଜାଙ୍କ ମନ୍ଦିରରେ କଳସ ଓ ନେତର ଚିରାଳ କିପରି ଥିଲା ?

**ଉ:** କଳସ ମର୍କତର ଏବଂ ଚନ୍ଦ୍ରାତପ ତେଜ ବିଶିଷ୍ଟ ଆଦିତ୍ୟ ପ୍ରବାଳ ଭଳି ନେତର ଚିରାଳ ଥିଲା।

(v) ନଗରର ସାଧାରଣ ଲୋକଙ୍କର ଘର ଓ ନଗର ସମ୍ପର୍କରେ କ'ଣ କୁହାଯାଇଛି ?

**ଉ:** ନଗରରେ ଅଷ୍ଟାଦଶ ଜାତି ବାସ କରୁଛନ୍ତି ସମସ୍ତଙ୍କ ପାଇଁ ଅଲଗା ଅଲଗା ପୁର ଏବଂ ନଗରୀରେ ଅନେକ କୂପ, ବାମ୍ପିଂ ଓ ପୋଖରୀ ଥିବାର ବର୍ଣ୍ଣନା ଅଛି।

ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ।
ବାରବାର ବାରୁଥାଇ ଯିବାପାଇଁ ବନେ।୮।

ନିଶାଚର ମାତିବାର ଶୁଭୁଛି ଶ୍ରୁତିକି।
ମୁଁ ଡାଙ୍କୁଣୀ ଛାଡିଦେଲି ବନକୁ କାହିଁକି ।୯।

ଝାଳ ବହୁଥିବ ଅଙ୍ଗୁ ଲାଗି ଝାଞ୍ଜିଖରା।
ଶ୍ରମ ପାଇ ତରୁତଳେ ବସିଥିବୁ ପରା।୧୦।

ନେଲୁ ନାହିଁ କାହିଁପାଇଁ ତୋ କଠାଉ ଛତା।
ବନେ କଂଟା ଲାଗି ହୋଇ ମୃଦୁ ପାଦ ଚିନ୍ତା।୧୧।

କାନ ଡେରିଥାଇ ଏକା ତୋ ବେଣୁ ସ୍ୱନକୁ
ଆଜ କିମ୍ପା ଶୁଭୁନାହିଁ ଭାବୁଛି ମନକୁ।୧୨।

ତୋ ଠାରୁ ଅଧିକ ବାଇ ତୋର ବଡଭାଇ।
ବୋଧ କରିଗଲା ନାହିଁ କାହିଁକି ରଖାଇ।୧୩।

ତୋ ମାଧୁରୀ ସୁଚାତୁରୀ ଦେଖି ସୁଖୀ ଆଖି।
ଅନ୍ଧ କରିଗଲୁ ବଳା ମମତା ନ ରଖି।୧୪।

ଛାଇକି ଅନାଇ ଛାତି ଫୁଲାଇ ତ୍ରିଭଙ୍ଗେ।
ମୂରଲି ବଜାଉଥାଉ କି ଚାତୁରୀ ରଙ୍ଗେ।୧୫।

କୋଳି ପାଇଁ ଅଳି କରି ଗଡୁ ତ ଧୂଳିରେ।
ବେଶ ହୋଇଥାଉ ବସି କୁସୁମ ମାଳିରେ।୧୬।

ନଟବର ପରିପାଟୀ ବେଶ ମନୋହର।
ରଙ୍ଗିମା ଅଧରେ ହାସ କି ଜାତି ସୁନ୍ଦର।୧୭।

(i) ବନକୁ ଯିବାପାଇଁ ବାରମ୍ବାର କାହିଁକି ବାରଣ କରୁଥିଲେ ?

**ଉ:** ବଣରେ ଡାକିନୀମାନେ ଲୋଭ କରୁଥିବାର ଡର ମନରେ ଆସିବାରୁ ବାରଣ କରୁଥିଲେ।

(ii) ତରୁତଳେ କାହିଁକି ବସିଥିବ ବୋଲି ମା ଭାବୁଛନ୍ତି ?

**ଉ:** ଝାଞ୍ଜି ଖରା ପ୍ରଭାବରେ ଦେହରୁ ଝାଳ ବାହାରୁଥିବ ଓ ଶାନ୍ତି ମେଣ୍ଟାଇବା ପାଇଁ ତରୁତଳେ ବସିଥିବ ବୋଲି ମା ଭାବିଛନ୍ତି।

(iii) ପାଦରେ କିପରି ଓ କାହିଁକି କଷ୍ଟ ହେଉଥିବ ବୋଲି ମା'ଙ୍କ ଚିନ୍ତା ହୋଇଛି ?

**ଉ:** କଠାଉ ଓ ଛତା ସାଙ୍ଗରେ ନ ନେଇଥିବା ହେତୁ ପାଦରେ କଣ୍ଟା ପଶି କଷ୍ଟ ହେଉଥିବ ବୋଲି ଚିନ୍ତା କରିଛନ୍ତି।

(iv) ବଡ଼ ଭାଇକୁ କାହିଁକି ଦୋଷ ଦେଇଛନ୍ତି ?

**ଉ:** ବଡ଼ ଭାଇ ତା'ଠୁ ବେଶୀ ପାଗଳା, ସାନକୁ ବୋଧକରି କାହିଁକି ଘରେ ରଖେଇ ଗଲାନାହିଁ ବୋଲି କପଟ ଦୋଷ ଦେଇଛନ୍ତି।

(v) କୃଷ୍ଣଙ୍କ ମୁରଲୀବଜା ଓ ନୃତ୍ୟ ସମ୍ପର୍କରେ କ'ଣ କୁହାଯାଇଛି ?

ଉ: ଛାଇକି ଅନେଇ ଛାତି ଫୁଲାଇ ତ୍ରିଭଙ୍ଗୀ ଛନ୍ଦରେ ନାଚିବା ଓ ଅତ୍ୟନ୍ତ ଚତୁରୀରେ ମୁରଲୀ ବଜାଇବା କଥା କୁହାଯାଇଛି।

ଯୁଦ୍ଧ ନକରି ଯୋଦ୍ଧା ମାନ ଜିଣିଲି, ବ୍ରହ୍ମାଣ୍ଡ ହୋଇଲା ମୋର।
ଏହିଠାରେ ଥାଇ ଦର୍ଶନେ ନ ଆସୁ, ଏଡ଼େ ଗାରିମା ତୋହର।୧୦।

ରଡିଗୋଟାକେ ସର୍ବଜନ୍ତୁ ମରିବେ ତିନିପୁରେ ଥିବେ ଯେତେ।
ଦୟାକରି ତାଙ୍କୁ ଶରଣ ରଖିଲି ଯେଣୁ ଆଶ୍ରେ କଲେ ମୋତେ।୧୧।

ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ ସମସ୍ତେ ମୋହର ବଶ।
ମହାଦୁଷ୍ଟ ମାନେ ଛାଡି ପଳାଇଲେ ଶୁଣି ମୋର ବୀରଘୋଷ।୧୨।

ଛାର ଗଉଡ଼ ଅଟୁ ତୁ ଏଡେ ମୂଢ଼ ନ ଦେଉ ମୋହର କର।
ଦେବି ଯେବେ ଧାପ ରଖିବ କେକେ ବାପ ଅନଳେ ଦହିବି ପୁର।୧୩।

ଶଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀର କେଶୀ।
ଏକା ନିମେଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସୀ।୧୪।

ଶୂର ନାରକା, ବ୍ୟୋମା, ଅଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ ବୀର।
ଚାଣୁର, ମୁଷ୍ଟିକ, ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର।୧୫।

କେବଳ ଶିରୀଷ-କୁସୁମକୁ ମହା-ପ୍ରଳୟ ବରଷା ଲୋଡି।
ସେହିପ୍ରାୟେ ମୁହିଁ, ସେହି ପ୍ରାଏ ତୁହି, ଶିଶିରେ ଯେ ଯିବୁ ସଡି।୧୬।

ଏବେ ମୋର ଧନୁ ଉଚ୍ଛବ ହେଉଛି, ସମ୍ଭାର ଘେନାଇ ଆସ।
ସମସ୍ତ ଦୋଷ ତୋର କ୍ଷମା ହୋଇଲା ମନେ ନ କରିବୁ ତ୍ରାସ।୧୭।

ସମ୍ଭାର ଦଧି ଶତେ ଭାର ଘେନାଇ ଗୋଟିକା ଅଧାମ ଆଦି।
ସଙ୍ଗେ ଗୋପ ଦଶ ପଂଚାଶ ଆଣିବୁ, କରିବେ ସେ ଯାତ୍ରାବିଧି।୧୮।

ରାମକୃଷ୍ଣ ବେନି ଭାଇଙ୍କି ଅକ୍ରୁର ସଙ୍ଗେ ସଙ୍ଗ କରି ଦେବୁ।
କେଡ଼େ ହେଲେଣି ତୋର ବେନିନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁ।୧୯।

ସେହିଦେଖିବେ ମହାଧନୁ ଉଚ୍ଛବ; ଶୁଭକଥା ସିନା ତୋତେ।
ବଡ ଲୋକ ସଙ୍ଗେ ସଙ୍ଗ ହୋଇଯିବେ, ଭୟ ନ ରହିବ ଚିତ୍ତେ।୨୦।

(i) ଏଡେ ଗାରିମା ବୋଲି କାହିଁକି କୁହାଯାଇଛି ?

**ଉ:** ଯୁଦ୍ଧ ନ କରି ଯୋଦ୍ଧା ମାନ ଜିଣି ଏ ବ୍ରହ୍ମାଣ୍ଡକୁ ଲାଭ କରିଛି। ଏଇଠାରେ ଥାଇ ଦର୍ଶନ ପାଇଁ ଆସୁନଥିବାରୁ 'ଗାରିମା' ବୋଲି କୁହାଯାଇଛି।

(ii) ବୀର ଘୋଷ ଶୁଣି କ'ଣ ହେଲା ?

**ଉ:** ବୀର ଘୋଷ ଶୁଣି ମହାଦୁଷ୍ଟ ମାନେ ଛାଡି ପଳେଇଲେ।

(iii) କଂସର ହନ୍ତକାର କେଉଁମାନେ ?

**ଉ:** ନାରକା, ବ୍ୟୋମା, ଆଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ, ଚାଣୁର, ମୁଷ୍ଟିକ,ଶଲ୍ୟ ଆଦି ମାନେ ହନ୍ତକାର।

(iv) ଧନୁଉତ୍ସବକୁ କେଉଁ ସମ୍ଭାର ଆଣିବାପାଇଁ ଆଦେଶ ଅଛି ?

**ଉ:** ଶତେଭାର ଦଧି, ଗୋଟିକା ଅଧାମ ଆଦି ସମ୍ଭାର ଆଣିବା ପାଇଁ ଆଦେଶ ଅଛି।

(v) ଧନୁ ଉତ୍ସବ ଦେଖିଲେ ରାମକୃଷ୍ଣଙ୍କର କ'ଣ ହେବ ?

**ଉ:** ଧନୁ ଉଚ୍ଛବ ଦେଖିବା ଶୁଭକଥା ପୁଣି ବଡ଼ଲୋକଙ୍କ ସହିତ ସାଙ୍ଗ ହୋଇଗଲେ ହୃଦୟରେ ପିଲାଙ୍କର ଆଉ ଭୟ ରହିବ ନାହିଁ।

ସେ ଭୀମକୁ ଚାପିଲେ ଧୃତିରାଷ୍ଟ୍ର ନୃପତି
କୋଳେ ଆମଚଂନେ ଗୁଣ୍ଡି ହୋଇଲା ତତ୍କ୍ଷଣାନ୍ତି ।୨୩।

ଅହୋ ଚଇତନ ଧୃତିରାଷ୍ଟ୍ର ମୁଖରୁ ଘନ ଘନ ବହଇ ଶ୍ରୋଣି
ପଡିଲା ଧୃତିରାଷ୍ଟ୍ର ଯେ ବଜ୍ରାଘାତ ଜାଣି ।୨୪।

ଦଶ ସହସ୍ର ମତହାଥୀର ପ୍ରାକ୍ରମ ସେ ଲୋହାର ଭୀମସେନ
ବେନି ଅହିବ୍ରତ ହାତୀର ପ୍ରାକ୍ରମ ଧୃତିରାଷ୍ଟ୍ର ରାଜନ।୨୫।

କୋଳେ ଧରି ବିଦୁରେ ଯେ ମୁଖେ ଜଳ ସିଂଚି
ସାଷ୍ଟାମ ନିମନ୍ତେ ସେ ଆଲାଟ ଧରି ବିଂଚି।୨୬।

ଚେତନା ପାଇଣ ସେ ନୃପତି ଧୃତିରାଷ୍ଟ୍ର
ଭୀମର ନାମ ଧରି ସେ ରୋବଇ ମହାକଷ୍ଟ।୨୭।

କୁଳ ମଣ୍ଡନ ପୁତ୍ର ଆରେ ମୋହୋର ବ୍ରିକୋଦର
ଅକାତ ସମୋଦ୍ରେ ମୁଂ ପଶିଲି ମୁର୍ଖଛାର।୨୮।

ତୋହୋର ପରା ପୁତ୍ର ମାଇଲି ମୁଁ ମନ୍ଦ
ଆଉ କି ଫେରି ଆସିବ ମୋ ମାନଗୋବିନ୍ଦ ।୨୯ ।

କାହିଁକି ଭୀମସେନକୁ ମୁହିଂ ଯେ ମାଇଲି
କିମ୍ପାଇ ଯେହେନେକ ମନ୍ଦକର୍ମ କଲି
ଭୀମକଇଂ ମାରି କି ମୋହୋର ପୁତ୍ରନ୍ତ ପାଇଲି ।୩୦ ।

ଅନେକ ବିଳାପ କରଇ ଧୃତିରାଷ୍ଟ
ତାହା ଶୁଣି ଭୀମସେନ ଅଧର କଲା ପୁଷ୍ଟ ।୩୧ ।

ଗଦା ବୁଲାଇଣ ଯେ ମାରି ଲୋଡଇ ଭୀମ
ଯୁଝେଷ୍ଟି ବୋଇଲେ ବାବୁ ପିତାକୁ ନ କର ତମ ।୩୨ ।

ପୁତ୍ରଂକ ନିଧନେ ହୋଇଅଛି ବଇରାଗୀ
ପିତାମହ ଯେ ଅଟନ୍ତି ଯେହାର ଦୋଷ ପରିତ୍ୟାଗି ।୩୩ ।

**ପ୍ରଶ୍ନାବଳୀ :**

(i) ଧୃତରାଷ୍ଟ୍ର ଭୀମକୁ କୋଳ କରିବାରୁ କ'ଣ ହେଲା ?

**ଉ:** କୋଳରେ ଆକର୍ଷଣ କରିବାରୁ ତତ୍‌କ୍ଷଣାତ୍ ଗୁଣ୍ଡ ହୋଇଗଲା ।

(ii) ଧୃତରାଷ୍ଟ୍ରଙ୍କ ପରାକ୍ରମର କଳନା କିପରି କରାଯାଇଛି ?

ଉ: ଧୃତରାଷ୍ଟ୍ରଙ୍କର ଦୁଇ ଅହିବ୍ରତ ହାତୀର ପରାକ୍ରମ ଥିବାର କଳନା କରାଯାଇଛି ।

(iii) ବିଦୁର କାହାକୁ କୋଳରେ ଧରି ମୁଖରେ ଜଳ ସିଚୁଂଥିଲେ ?

ଉ: ଅଚେତନ ଧୃତରାଷ୍ଟ୍ରଙ୍କୁ

(iv) ଧୃତରାଷ୍ଟ୍ର ଭୀମକୁ କିପରି ସମ୍ବୋଧନ କରିଥିଲେ ?

ଉ: 'କୁଳ ମଣ୍ଡନ ପୁତ୍ର' ବିକୋଦହ ବୋଲି ସମ୍ବୋଧନ କରିଥିଲେ ।

(v) ଭୀମକୁ ଯୁଧିଷ୍ଠିର କ'ଣ କହିଲେ ?

ଉ: ବାବୁ ପିତାକୁ ରାଗ କର ନାହିଁ, କାରଣ ପୁତ୍ରଙ୍କ ମୃତ୍ୟୁରେ ଅତ୍ୟନ୍ତ, ଶୋକାକୁଳ, ତେଣୁ ତାଙ୍କର ଦୋଷ ତ୍ୟାଗ କର ।

ସ୍ୱର୍ଗର ଲୋକ ଜାଣି ଦିଶନ୍ତି ନରନାରୀ ।
ସ୍ୱୟେଂ ବିଶ୍ୱକର୍ମା ଗଢିଲା ସେ ପୁରୀ ।
ରାଜା ଦଶରଥ ପାପ ପୁଣ୍ୟ ଗ୍ୟାନୀ ।
ଦୁଃଖୀ ଦରିଦ୍ରେ ଯେ ଅବିକ୍ଷଣେ ଦାନୀ ।
ଯମର ପ୍ରାୟେକ ବିଚାରଇ ନୃପତି ।
ଧର୍ମର ପ୍ରାୟେକ ଅଟଇ ଶାନ୍ତ ମୂର୍ତ୍ତି ।
ଚନ୍ଦ୍ରମା ପ୍ରାୟେକ ଆହାଲାଦ ଗୁଣ ।
ରଶ୍ମି ପଟାନ୍ତର ସହସ୍ରେ କିରଣ ।
ଅଗ୍ନିର ତେଜ ଯେ ବହଇ ନୃପତି ।
ପବନହୁଂ ବେଗ ଯେ ଚଳିବାର ଗତି ।
ବରୁଣ ଗୁଣେ ଯେ ସକଳ ଆଶ୍ୱାସି ।
ଅଇଶ୍ୱର୍ଯ୍ୟେ ଇନ୍ଦ୍ର ପ୍ରାୟେକ ବିଳସି ।
ବଡିମାୟେ ମେରୁ ସହନ୍ତେ ମେଦିନୀ ।
ରୂପରେ କାମଦେବ ବୃହସ୍ପତି ସମଗ୍ୟାନି ।
ଦାନେଣ ସଚା ଯେ କ୍ଷତ୍ରି କୁଳମଣି ।
ବିବେକ ଆଚାର ଧର୍ମଶାସ୍ତ୍ର ଜାଣି ।
ଧନୁ ଧରନ୍ତେଣ ଯୋଧା ସମ ନାହିଂ ।
ଅକଂଟେକ ରାଜ୍ୟ କରଇ ନରସାଇଂ ।
କୟେକୟା କଉଶୁଲା ସୁମିତ୍ରା ତିନି ନାରୀ ।
ରାଜାର ପାଟ ମାହାଦେଈ ମନୋହାରୀ ।
ସାତଶ ପଂଚାଶ ଯେ ମାହାଦେଈ ମାନ ।
ଯେଥିରେ ମଧ ତିନିହେଂ ମୋକ୍ଷପାନ ।
ଜ୍ୟେଷ୍ଠ ପାଟରାଣୀ ଅଟଇ କଉଶୁଲା ।
ସଭଭାଗ୍ୟବନ୍ତୀ କୟେକୟା ଯେ ହୋଇଲା ।

(i) ରାଜା ଦଶରଥ କିପରି ଥିଲେ ?

(ii) ଦଶରଥଙ୍କର ଗତି କାହା ସହିତ ତୁଳିତ ହୋଇଛି ?

(iii) ବଡ଼ିମାରେ ଦଶରଥ କିପରି ଥିଲେ ?

(iv) ରାଜାଙ୍କର ପାଟଦେଇ ମନୋହାରୀ କେଉଁମାନେ ଥିଲେ ?

(v) ଜ୍ୟେଷ୍ଠ ପାଟରାଣୀ ଓ ସୌଭାଗ୍ୟବତୀ କିଏ କିଏ ଥିଲେ ?

ଲେଖିଅଛି କଂସ ହୋଇ ମହାରୋଷ, ଆହେ ଗୋପପତି ନନ୍ଦ ।
ଆଜ୍ଞା ପ୍ରମାଣେ ତତ୍‌କାଳେ ଆସିବୁ, ନୋହିଲେ ଛେଦିବି କନ୍ଧ ।୧ ।

ଜାଣୁ ତ ମୋହର ବଳ ବୀର୍ଯ୍ୟ ଯେତେ, ଅଇରିକୁଳକୁ କେତୁ ।
ପ୍ରତିଜ୍ଞାରେ ରଣ ତେଜି ରଣରାଜ-ପୁତ୍ରେହେଁ ଲଭନ୍ତି ମୃତ୍ୟୁ ।୨ ।

କୋପ କଲେ ମହୀ ଦୋହଲି ଉଠଇ, ମେରୁ ହୋଇ ଥରହର ।
ରାଣ ଦେଲେ ଜନ୍ତୁ-ପତି ଭୟ କରେ; ଆଉମାନେ କେତେ ଛାର ।
ବିଧାଘାତେ ଚିତ୍ରକୂଟ କୁଧରକୁ କରି ପାରଇ ମୁଁ ଚୂନା ।
ଅଇରି ଉରସେଲ-ବାନା ବହଇ ଶରଣକୁ ବଜ୍ରସେହ୍ନା ।୪ ।

ଦାନୀପଣକୁ ସୁନାସୀର ପରାଏ, ଗଭୀର ପଣେ ଜଳଧି ।
ପଣ୍ଡିତ ପଣେ ଦେବଗୁରୁ ହାରଇ, ବେଦବେଦାନ୍ତରେ ବିଧି ।୫ ।

ଧାର୍ମିକ ପଣେ କେହି ସମ ନୁହନ୍ତି, ପରଜା ପାଳନେ ତାତ।
ମୋର ଦେଶରେ ଭୟ କରି ପ୍ରଚଣ୍ଡ ହୋଇ ନ ବହଇ ବାତ।୬।

ଅଗ୍ନି ଦେବତା ଶିଖାମାନ ନିଭନ ଦେଖି ମୋର ତେଜ ବଳ।
ସୁଜନ ରଖି ଦୁର୍ଜନକୁ ମାରଇ, ଏକଥା ମୋହର ମୂଳ।୭।
ଗଡ ଦେଖି ବଡ କ୍ଷତ୍ରୀମାନେ ଆଡ଼ ହୁଅନ୍ତି ବହୁତ ଦୂରୁ।
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମର ପୁରୁ।୮।

ଯାଦବକୁଳ କୁମୁଦବନ ପ୍ରାଏ, ମୁଁ ତହିଁକି ନିଶାମଣି।
ସୁନ୍ଦର ପଣେ କାମ ସରି ନୁହଇ, ସହିବା-ପଣେ ଧରଣୀ।୯।

**ପ୍ରଶ୍ନାବଳୀ:**

(i) ଚିଠିଟି କିଏ କାହାକୁ ଲେଖିଥିଲା ?
(ii) କଂସ କେଉଁ ବାନା କହନ କରେ ?
(iii) କଂସର କେଉଁ କଥା ମୂଳ ବୋଲି କୁହାଯାଇଛି ?
(iv) କଂସ କାଟକାଇ କଲେ କ'ଣ ହୁଏ ?
(v) କଂସ କାହାପାଇଁ ନିଜକୁ ନିଶାମଣି ବୋଲି କହିଛି ?

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ ?
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ? ।୧।

ତୋ ପୂର୍ବ ପୁରୁଷ ଜୟ କରିଥିଲେ
ଗଙ୍ଗା ଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?।୨।

ତୁ ମନେ ଭାବୁଛୁ ତୋଷାମଦ କରି
ବଢ଼ାଇବୁ ଜାତିମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।୩।

ତୋଷାମଦକାରୀ କ୍ଷିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ.
ଭୃତ୍ୟ ଭାବ ଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।୪।

ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ ଅଜ୍ଞାତରେ ତାକୁ ନାଶେ।୫।

**ପ୍ରଶ୍ନାବଳୀ :**

(i) କ'ଣ କହିବାକୁ ଡରୁ ବୋଲି ବର୍ଣ୍ଣିତ ?
(ii) ପୂର୍ବ ପୁରୁଷମାନେ କ'ଣ କରିଥିଲେ ?
(iii) ତୋଷାମଦିଆର ପ୍ରକୃତି କ'ଣ ?
(iv) ତୋଷାମଦ କାରୀର ସ୍ୱରୂପ କ'ଣ ?
(v) ତୋଷମଦ କିପରି ?

"ନବ ଉଦ୍‌ବେଗେ ତୁ ସିନା ଉଠିଚୁ ଜାଗି
ଆଶ୍ରମ ପଦେ ଶିଷ୍ୟା ହେବାର ଲାଗି,
ଆର୍ଯ୍ୟ ଜାତିର ଅଛି ଏକା ଅଧିକାର।"
ଆତୁର ବଚନେ ଜଣାଇଲା ପୁଣି ବାଳା
"ଶବର ଜାତିର ନାହିଁ କି ସେ ଅଧିକାର ?"
ହସ୍ତ ହଲାଇ ମସ୍ତକ ଦୋହଲାଇ
ଉତ୍ତରେ ମୁନି ଜଣାଇଲେ 'ନାହିଁ ନାହିଁ'।
ତଥାପି କୁମାରୀ ଜଣାଇଲା ଅନୁରାଗେ,
"ଶବର ଜାତିର ନାହିଁ ଯେବେ ଅଧିକାର
ମରମେ ମୋହର ବାସନା କାହିଁକି ଜାଗେ"।
ମରମ-ପରଶି ସେଇ ଦୁଇପଦ ଶୁଣି
ମରମ-ଗହନେ ଚିନ୍ତିଲେ ମହାମୁନି,
ଆଖିର ପଲକେ କି ଭାବେ ହୋଇଲେ ଭୋଳ
ବୁକୁତଳେ ତାକୁ ଉଚ୍ଛାସେ ନେଲେ ତୋଳି,
ଆର୍ଯ୍ୟା ତୁହି ଲୋ ଶିଷ୍ୟା ତୁହିଲୋ ମୋର।"

**ପ୍ରଶ୍ନାବଳୀ:**

(i) ଆର୍ଯ୍ୟ ଜାତିର କି ଅଧିକାର ଅଛି ?
(ii) ମୁନି କିପରି ନାହିଁ ନାହିଁ କଲେ ?
(iii) କୁମାରୀ କ'ଣ ଜଣାଇଥିଲା ?
(iv) ସେଇ ଦୁଇପଦ କିପରି ଥିଲା ?
(v) ମୁନି କୁମାରୀକୁ କ'ଣ କହିଲେ ?

ଉଠିଛ କି ବାପା, ଏବେ ତ ରାତି ହେଲା ପ୍ରଭାତ ।
ଶୀକର ବିଂଚାଇ ସମୀରେ ବହେ ସିଂଧୁ-ମାରୁତ।
ଫୁଟି ଯାଇଅଛି ଗଗନେ ଘନ ମୁଦିର-ଘଟା।
ଲୁଚକାଳି ଖେଳେ ଦେଖାନ୍ତି ତାରା ମେଦୁର ହଟା।

କୃଷ୍ଣ-ଘନ ଚୂଳେ ଶୋଭଇ ଚାନ୍ଦ ବାରୁଣୀ-ଶିରେ
ଚଳ କୃଷ୍ଣ-ଘନେ ଲୁଚାଇ କେବେ କଂପିତ -କରେ।
ତାମସ-କଳୁଷ ପୀଡନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ଢାଳି ପୁଣ୍ୟ ମୟୂଖ।
ଦୂର-ଗିରି-ଧୂମ୍ର ପ୍ରାଚୀର ଖୋଲେ ତରଳ ବିମ୍ବ
ଶୁଭ୍ର ହାସେ ଫୁଟେ କି ଅବା, ଭେଦି ଶରଦ-ନଭ।
ଲୁଚିଯାଏ କେବେ ପ୍ରାଚୀର-ଚୂଳ ଚଳ-ଜୀମୂତେ;
ଦେଖି ନାହଁ ଯେବେ ସେ ଛବି, ଦେଖ ଆଜି ପ୍ରଭାତ।
ସିଂଧୁ ଭେଦି ଫୁଟେ ଫରଚା, କୁଆଁ ତାରା ମଳିନ,
ଉତ୍ତାଳ ତରଙ୍ଗେ ଶୋଭଇ ନଦୀ-ମୁଖ-ପୁଳିନ,
ଗଗନ-ମୁକୁର-ତଟିନୀ-କମ୍ର-ଉର୍ମି ବିଳାସେ
କ୍ଷଣ-ତାରକିତ-କଂପନେ ଚଳ ନଭସ ଭାସେ।
ଏକାକୀ ପାଦପେ ପତତ୍ରି -ବଧୂ ଉଷା- ଆଲୋକେ
ଆସାର-ଧଉତ-ଚିକ୍କଣ-ଚଂଚୁ ଫିଟାଇ ଡାକେ।

**ପ୍ରଶ୍ନାବଳୀ :**

(i) "ଶୀକାର ବଞ୍ଚାଇ ସମୀରେ ବହେ ସିନ୍ଧୁ ମାରୁତି" ପଂକ୍ତିର ଅର୍ଥ କ'ଣ ?

(ii) କଳା ମେଘ କୋଳରେ ଚନ୍ଦ୍ରର ଶୋଭା କିପରି ବର୍ଣ୍ଣିତ ?

(iii) ଗିରି ପ୍ରାଚୀର ଖୋଲରେ ତରଳ ଚନ୍ଦ୍ର କିରଣକୁ କିପରି ବର୍ଣ୍ଣନା କରାଯାଇଛି ?

(iv) ପ୍ରଭାତରେ କେଉଁ ଛବି ଦେଖିବା ପାଇଁ ବାପାଙ୍କୁ କହିଛି ?

(v) ପ୍ରଭାତରେ ଆକାଶର ଶୋଭା କିମିତି ଦେଖାଯାଉଛି ?

'ତାତ, ଜୀବଲୀଳା ସରୁଛି ମୋହର,
ଅନ୍ତିମେ ବନ୍ଦିଲି ତୁମ୍ଭ ଶ୍ରୀପୟର,
ଶିରେ ଘେନି ଯାଉଅଛି ପାପଭାର
ତହିଁ, ଯହିଁ ଚିର-ମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବହୁଦିନ ବହି
ପାପଭାରୁଁ ଏବେ ମୁକ୍ତ ହେବେ ମହୀ,
ଦୁଃସ୍ୱପ୍ନ ପରାଏ ପାଶୋରି ଅଚିରେ
ମୋ ସ୍ମୃତି ନିହିବ ମୋର ସମାଧିରେ,
କହିବ ମାତାଙ୍କୁ ସୁତାକୁ ନ ଶୋଚି
ସ୍ମୃତିପଟୁ ତାକୁ ପକାଇବେ ପୋଛି,
ବରିଥିଲି ଯାଙ୍କୁ ପ୍ରାଣପତି କରି,
ବାତ୍ସଲ୍ୟେ ଜାଣିବ ନିଜ ପୁତ୍ର ପରି,
ଅଭାଜନ ହେଲି ମୁହିଁ ସିନା, ପିତଃ
ନୋହିବ ତୁମ୍ଭର ଧର୍ମ ବିଚଳିତ,
ବିରଳ ଯେ ଠାରେ ମାନବ ସଂଚାର,
କରାଇବ ମୋର ପିଣ୍ଡର ସତ୍କାର,
ଦୁଃଖିନୀକି, ଆହା, ବିଧି ହେଲେ ବାମ,
ଏ ଜୀବର ହେଲା ଏହି ପରିଣାମ,

**ପ୍ରଶ୍ନାବଳୀ :**

(i) କାହିଁକି ପିତାଙ୍କର ଶ୍ରୀପୟର ବନ୍ଦନା କରୁଛି ?

(ii) ମହୀ ଏବେ କେଉଁଥିରୁ ମୁକ୍ତ ହେବ ?

(iii) କାହାକୁ ଦୁଃସ୍ୱପ୍ନ ପ୍ରାୟ ଭାବି କ'ଣ କରିବ ବୋଲି କୁହାଯାଇଛି ?

(iv) ଯାହାକୁ ପ୍ରାଣ ଠାରୁ ଅଧିକ ଭଲ ପାଉଥିଲା; ତାହାପ୍ରତି କ'ଣ କରିବ ବୋଲି କୁହାଯାଇଛି ?

(v) କେଉଁଠାରେ ପିଣ୍ଡସତ୍କାର କରାଇବାକୁ କୁହାଯାଇଛି ?

ନୟନ ସୁନ୍ଦର ମାନେ ଭ୍ରୂଲତା ନାଟକୁ
ଅଳକା ଆବୃତ ଶୋଭା ଲଲାଟପଟକୁ।୧୮।

ନାକେ କାବ୍ୟତାରା ମୋତି ବସୁଣୀ କି ଶୋଭା।
ମୋ ଆକ୍ଷି ଦେଖିବାପାଇଁ ନିରବଧି ଲୋଭା।୧୯।

ମକର କୁଣ୍ଡଳ ଯୁଗ୍ମ ଆନ୍ଦୋଳେ ଗଣ୍ଡରେ।
ଦେଖି ଆନନ୍ଦରେ ଭାଷା ନ ଆସେ ତୁଣ୍ଡରେ।୨୦।

ଗୁଞ୍ଜି ବେଢ଼ା ବାଙ୍କଚୂଢ଼ା ଖୋଷା ଜାମୁଡାଳି।
କି ସୁନ୍ଦର ଦିଶୁଥାଇ ଆସୁ ଢ଼ଳି ଢ଼ଳି।୨୧।

କେଡେ ସ୍ୱଚ୍ଛ କେକୀପୁଚ୍ଛ ସୁଗୁଞ୍ଜାରାପାଟି।
ଆସିବ କାହା ପାଟିକି ତେତେ ପରିପାଟି।୨୨।

କସ୍ତୁରୀତିଳକ ନାସେ ଭାଲେ ଗୋରଚନା।
ଭାଲରେ ଚନ୍ଦନପାଟି ମନ ବଶ ସିନା।୨୩।

ରଙ୍ଗମାଟି କି ରଙ୍ଗରେ ହୃଦୟ ଚିତ୍ରିତ ।
କଉସ୍ତୁଭ ବନମାଳା ସୁଷମା ବିଚିତ୍ର ।୨୪।

କାଇଁଚ କଙ୍କଣ କରେ କଟିରେ କିଙ୍କିଣୀ ।
ନୂପୁର ଶବଦ ମୋର ମନ ନିଏ କିଣି ।୨୫।

ସୁନ୍ଦର ସୁନ୍ଦର ଭଙ୍ଗୀ ନ ଦେଖି ତୋହର ।
ବାଇବୁଦ୍ଧି ହୋଇଲାନି ଆସି ତ ମୋହର ।୨୬।

କଂଟ କରିଥିଲୁ ପରା କାହିଁକି ନଇଲୁ ।
କାହା ସଙ୍ଗତରେ ଅବା ପୁଣି କଳି କଲୁ ।୨୭।

**ପ୍ରଶ୍ନାବଳୀ :**

(i) ଲଲାଟ ତାଟକୁ କ'ଣ ଶୋଭା ଦିଶୁଥାଏ ?

(ii) ଆଖି କ'ଣ ଦେଖିବାପାଇଁ ସଦାବେଳେ ଲହୁଁଥାଏ ?

(iii) କ'ଣ ଦେଖି ପାଟିରେ ଭାଷା ଆସିନଥାଏ ?

(iv) କେଉଁ ରୂପସଜ୍ଜା ମନକୁ ବଶ କରିନିଏ ?

(v) ମାତାଙ୍କର ମନ କ'ଣ କିଣି ନିଏ ?

ଭିତରେ ଗଗନ-ନୀଳିମା ଦିଶେ ରଜତ-ହାସେ,
ତାରା ଖଣ୍ଡ ଏବେ ଲୁଚୁଛି ଉଷା-ଜ୍ୟୋତି ବିଭାସେ ।
ପରାଣେ ପରାଣେ ବହଇ ନବ-ଜୀବନ-ଧାରା,
ପଲକେ ପଲକେ ସ୍ଫୁରଇ ପ୍ରାଣ ପୀରତି-ଭରା ।
ଦିଗନ୍ତ-ପ୍ରସାରେ ଦିଶଇ ଦିଗ ଚୂର୍ଣ୍ଣ କୁନ୍ତଳ,
ନାରିକେଳ କୁଞ୍ଜ ଗହଳେ ଧୂମ୍ର-ନୀଳ-ପ୍ରାଚୀର ।
ନୀଳ-ଘନ- କାନ୍ତି ବିମଳ ବେଳା ସୀମନ୍ତ-ଶିଖେ
ସୂର୍ଯ୍ୟ-ରଥ ଭେଦି ଉଠିବ ଏହି ତଟିନୀ ମୁଖେ ।
ନ ଦିଶିବ ସିନ୍ଧୁ-ପରଶେ ବାଳ ଭାନୁ-ବିଭବ,
ଅରୁଣ-କମ୍ପନେ ସାଗର-ପୂରେ ହାଟକ ଦ୍ରବ ।
ଉଦୟ ବିଭବ କୋଣାର୍କେ ଶୁଣ କହୁଚି ହେଜି,
ଦୁର୍ଦ୍ଦିନ-ତାମସେ କାହୁଁରେ ବାପା ଦେଖିବ ଆଜି ?
ତୁମ୍ଭ ପରି ଥିଲି ଯେବେ ମୁଁ, ରାତି ନ ପାହୁ ଆସି,
ଚନ୍ଦ୍ରଭାଗା କୂଳେ ଥିଲିରେ ଚାହିଁ ଅରୁଣେ ବସି ।
କୁଆଁତାରା ଜ୍ୟୋତି ଲିଭିଲା, ଉଷା ଗଗନ-ପଟେ,
ଖେଳିଗଲା, ଗଲା କାଳିମା ଲୁଚି ପ୍ରତୀଚୀ-ତଟେ ।

**ପ୍ରଶ୍ନାବଳୀ :**

(i) ତାରାଖଣ୍ଡ କେଉଁଠି ଲୁଚୁଛି ବୋଲି ବର୍ଣ୍ଣିତ ?

(ii) ନାରିକେଳ କୁଞ୍ଜ ଗହଳେ ଧୂମ୍ର-ନୀଳ ପ୍ରାଚୀର କିପରି ଦେଖାଯାଉଛି ?

(iii) ସୂର୍ଯ୍ୟରଥ କେଉଁଠି ଉଠିବ ?

(iv) ସୂର୍ଯ୍ୟ ସାଗର ସ୍ପର୍ଶ କଲେ କ'ଣ ଦେଖାଯିବ ନାହିଁ ?

# ସର୍ଜନାତ୍ମକ ରଚନା

ସୂକ୍ତି, ପ୍ରବାଦ, ପ୍ରବଚନ, ସୁଭାଷିତ ଇତ୍ୟାଦି କେଉଁ ଉଦ୍ଦେଶ୍ୟରେ, କେଉଁ କ୍ଷେତ୍ରରେ ବ୍ୟବହୃତ ହୁଅନ୍ତି, ସେଗୁଡ଼ିକର ତାତ୍ପର୍ଯ୍ୟାର୍ଥ କ'ଣ ହୋଇପାରେ, ବ୍ୟକ୍ତି ବା ବ୍ୟଷ୍ଟି ଜୀବନରେ ସେଗୁଡ଼ିକର ଆବଶ୍ୟକତା ଅଛି କି ନାହିଁ, ସମାଜକୁ ଜୀବନକୁ ସେ ଗୁଡ଼ିକ ଶୃଙ୍ଖଳିତ କରନ୍ତି କି ନାହିଁ, ଏ ସବୁ ଜାଣିବା ଓ ତା'ର ପ୍ରୟୋଗାତ୍ମକ ଦିଗ ପ୍ରତି ସଚେତନ ହେବା,ଏବଂ ତତ୍‌ସହିତ ଉପଯୁକ୍ତ କ୍ଷେତ୍ର ଓ ସ୍ଥଳରେ ବ୍ୟବହାର ମାଧ୍ୟମରେ ନିଜର ଯୁକ୍ତି ଓ ମନ୍ତବ୍ୟକୁ ଦୃଢ଼କରିବା କ୍ଷେତ୍ରରେ ଏହାର ଆବଶ୍ୟକତା ଅପରିହାର୍ଯ୍ୟ।

୧୫୦ ଶବ୍ଦରେ ଲେଖିବାକୁ ହେବ।

ପ୍ରଥମେ ଏଗୁଡ଼ିକର ଲାକ୍ଷଣିକ ବା ପ୍ରାୟୋଗିକ ଅର୍ଥ ଲେଖିବାକୁ ହେବ।

ଏହାର ଆବଶ୍ୟକତା ବର୍ଣ୍ଣନା ପାଇଁ ଏକ ଗଳ୍ପ (ଯଦି ମନକୁ ଆସେ / କି ପୂର୍ବରୁ ଶୁଣିଥିବା) ଅବତାରଣା କରିବାକୁ ହେବ। ଏହାର ଉପଯୋଗିତା ନିର୍ଣ୍ଣୟ କରିବାକୁ ହେବ।

### କେତୋଟି ଉଦାହରଣ

## ଆପଣା ହସ୍ତେ ଜିହ୍ୱା ଛେଦି

ଭାଗବତରେ ବର୍ଣ୍ଣିତ ଅଗଣିତ ସୁଭାଷିତ ମଧ୍ୟରୁ ଏହା ଏକ ବିଶେଷ ପଦର ପାଦ ପ୍ରକୃତରେ ଏହାର ଅପରପାଦଟି ହେଲା କେ ତା'ର ଅଛି ପ୍ରତିବାଦୀ।"

ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ଅପରିହାର୍ଯ୍ୟ। ସେହିପରି ଜିହ୍ୱା। ଖାଦ୍ୟ ଚର୍ବଣ ଓ ହଜମ ପ୍ରକ୍ରିୟାରେ ଏହା ଯେପରି ସହାୟକ, ବାକ୍‌ଶକ୍ତି ପ୍ରୟୋଗରେ ମଧ୍ୟ ସେହିପରି ଆବଶ୍ୟକ। ଏହାର ଅନୁପସ୍ଥିତିରେ ଦୁଇଟି ଯାକ କ୍ରିୟା ସାଧନରେ ବ୍ୟାଘାତ ସୃଷ୍ଟି ହୁଏ। ଯଦି ସେହି ଜିହ୍ୱାକୁ କାଟି ଦିଆଯାଏ – ତେବେ ଉଭୟ ପାଚନ କ୍ରିୟା ଓ ବଚନ କ୍ରିୟା ଅସମ୍ଭବ ହୋଇପଡ଼ିବ। ପୁଣି ଯଦି କେହି ନିଜର ଜିହ୍ୱାକୁ କାଟି ଦିଏ – ତାହା ତ ସମ୍ପୂର୍ଣ୍ଣ ଆତ୍ମଘାତୀ ହେବ। ଏହା ହେଉଛି ସଂପୃକ୍ତ ଉକ୍ତିର ସାଧାରଣ ଅର୍ଥ।

ମାତ୍ର ଏହି ଅର୍ଥରେ ଅନ୍ତରାଳରେ ଏକ ସୁମହତ ବାଣୀ ଲୁକ୍‌କାୟିତ ଅବସ୍ଥାରେ ଅଛି। ଯେତେବେଳେ ଜଣକର କାର୍ଯ୍ୟ ତା ନିଜ ପାଇଁ ସକଳ ପ୍ରକାରର ବିପଦର କାରଣ ହୋଇଥାଏ, ସେତେବେଳେ ଏହି ଉକ୍ତିକୁ ଉଦାହରଣ ଛଳରେ ବ୍ୟବହାର କରାଯାଇଥାଏ। ଯଦି ଜଣେ କର୍ମଚାରୀ ଅନ୍ୟାୟ ଉପାୟ ଅବଲମ୍ବନ କରି ଭୋଗ ଲିପ୍ସାରେ ପ୍ରବୃତ୍ତ ରହେ କୌଣସି କାଳରେ ନିଜର ଏପରି କାର୍ଯ୍ୟ ପାଇଁ ଦଣ୍ଡ ଭୋଗିବାକୁ ହୁଏ– ସେତେବେଳେ ; କିମ୍ବା କୌଣସି ଭଣ୍ଡବାବାଙ୍କର ଆଶ୍ରିତ ହୋଇ ନିଜର ସ୍ୱାଭିମାନ, ମାନ, ଇଜ୍ଜତ ହରାଇଥାଏ, ସେତେବେଳେ; ପୁଣି ଅଧିକ ଲାଭ ଆଶାରେ ଅନ୍ୟାୟ ଭାବେ ଅର୍ଥଲଗାଣ କରି ଅନ୍ୟଦାୟରେ ସବୁହରେଇ ବସେ, କିମ୍ବା ସଡ଼କରେ ଯାତାୟତ କରିବାର ନିୟମ ନ ମାନି ଦୁର୍ଘଟଣାର ଶୀକାର ହେଲେ ଅନ୍ୟ ଉପରେ ଦୋଷ ଦିଆଯାଇ ପାରେନାହିଁ। ଏସବୁ କ୍ଷେତ୍ରରେ ଫଳାଫଳଟା ନିଜ କୃତକର୍ମ ଉପରେ ଆଧାରିତ।

ତେଣୁ ଉପରୋକ୍ତ କ୍ଷେତ୍ରରେ ଏହି ଉକ୍ତିକୁ ବ୍ୟବହାର କରାଯାଇଥାଏ। ଏକ ଶିକ୍ଷଣୀୟ ବକ୍ତବ୍ୟ ଭାବରେ ଏହାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ। ସେହିପରି 'ଆ ବଳଦ ମୋତେ ବିନ୍ଧ୍' ; ଯହିଁକି ଆପଣା କିଆ – ତହିଁ କି ଇଲାଜ କିଆ', ନିହ ହାତ, ନିଜ ଗାଲ; ଇତ୍ୟାଦି ଉକ୍ତି ଏହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ।

## ଧୀର ପାଣି ପଥର କାଟେ

ଏହା ଏକ ବହୁ କଥିତ ଉପଦେଶାତ୍ମକ, ସାନ୍ତ୍ୱନାମୂଳକ ଉକ୍ତି। ଧୈର୍ଯ୍ୟର ସହିତ କାର୍ଯ୍ୟକଲେ ସିଦ୍ଧି ମିଳିବାର ସମ୍ଭାବନା ଅଧିକ ଥାଏ – ଏହି ପରିପ୍ରେକ୍ଷୀରେ ସଂପୃକ୍ତ ଉକ୍ତିଟି ବ୍ୟବହୃତ।

ପାଣି ତରଳ ଏବଂ ଏହାର କାଟିବାର କ୍ଷମତା ନାହିଁ। ସେହିପରି ପଥର କଠିନ ପଦାର୍ଥ ଏହା ସହଜରେ କଟାଯାଇପାରେନାହିଁ। କିନ୍ତୁ ଏକ ଜଳସ୍ରୋତ ଅନବରତ ଭାବେ କଠିନ ପ୍ରସ୍ତର ଶଯ୍ୟା ଉପରେ ପ୍ରବାହିତ ହେଲେ, ସେ ପ୍ରସ୍ତରର କ୍ଷୟ ଘଟେ ଏବଂ ବାଲୁକା ଭାବରେ କ୍ଷୁଦ୍ର କ୍ଷୁଦ୍ର ରେଣୁରେ ତାହା ପରିବର୍ତ୍ତିତ ହୋଇଥାଏ। ଅର୍ଥାତ୍ ଯାହା ଧୀର ଜଳସ୍ରୋତ ଦ୍ୱାରା ସମ୍ଭବ ହୁଏ – ତାହା ପ୍ରଖର ସ୍ରୋତ ଦ୍ୱାରା ସମ୍ଭବ ହେବାର ନିର୍ଦ୍ଦିଷ୍ଟ ନଥାଏ।

ଏହା ପ୍ରକୃତିର ଏକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏଥିରୁ ସମଗ୍ର ମାନବ ସମାଜ ପାଇଁ ଏକ ଶିକ୍ଷଣୀୟ ଓ ମହତ୍ତ୍ୱପୂର୍ଣ୍ଣ ଉପଦେଶ ମିଳିଥାଏ। ଜୀବନରେ ଅନେକ ପ୍ରତିକୂଳ ପରିବେଶ, ବାଧାବିଘ୍ନ, ଅସୁବିଧା ଆସିବ। ଲକ୍ଷ୍ୟପଥରେ ମଧ୍ୟ ଏ ସବୁର ଆଗମନ ଅନିବାର୍ଯ୍ୟ। ଏହାକୁ ଅତିକ୍ରମ କରି ଆଗେଇଯିବା ହେଉଛି ମାନବ ଧର୍ମ। ଗୋଟିଏ ଜାଗାରେ ଅଟକି ସେ ସ୍ଥାଣୁ ହୁଏ ନାହିଁ। ଚରୈବେତି ଚରୈବେତି

ନ୍ୟାୟରେ ସଫଳତା ଦିଗକୁ ଗତି କରିବାକୁ ହେଲେ ତାକୁ ଧୈର୍ଯ୍ୟର ସହିତ ଆଗେଇବାକୁ ହେବ। ଏହି ଧୈର୍ଯ୍ୟ ସାହାଯ୍ୟରେ ଗୋଟିଏ କାର୍ଯ୍ୟ ପାଇଁ ବାରମ୍ବାର ପ୍ରୟାସ ମାଧ୍ୟମରେ ସେ ଆବଶ୍ୟକ ସଫଳତାର ଶୀର୍ଷରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାଏ।

ସବୁ କ୍ଷେତ୍ରରେ ଧୀର, ଶାନ୍ତ ଓ ଅବିଚଳିତ ଭାବରେ ଆଗେଇ ଯାଇ ଲକ୍ଷ୍ୟ ହାସଲ କରିବାର ଉପଲକ୍ଷ୍ୟରେ 'ଧୀର ପାଣି ପଥର କାଟେ' - ପ୍ରବାଦଟି ବ୍ୟବହୃତ ହୁଏ।

## ମୋତେ ଯେତେ ମାଠିବୁ ମାଠ୍ ମୁଁ ସେଇ ଦରପୋଡ଼ା କାଠ

ଓଡ଼ିଆ ଜନଜୀବନରେ ଏହା ଏକ ବହୁଚର୍ଚ୍ଚିତ କଥନିକା ଭାବରେ ପରିଗଣିତ। ଯେତେ ଚେଷ୍ଟା, ସୁଯୋଗ,ଏବଂ ଅବସର ଦେଲେ ମଧ୍ୟ ଯାହାର ଆଦୌ ପରିବର୍ତ୍ତନ ଘଟେ ନାହିଁ। ତାକୁ ହିଁ ସୂଚାଇବା ପାଇଁ ଏଭଳି ଏକ ଉକ୍ତିର ବ୍ୟବହାର କରାଯାଏ।

କାଠ କଞ୍ଚା ବା ନମନୀୟ ଥିଲାବେଳେ ତାକୁ ଯେମିତି ଆକୃତି ଦେବାକୁ ଚାହିଁବ, ସେମିତି ହୋଇପାରିବ। ମାତ୍ର ଦରପୋଡ଼ା କାଠକୁ ଯେ କୌଣସି ଆକୃତି ଦେବାକୁ ଯେତେ ଚେଷ୍ଟାକଲେ ବି ତାହା ସମ୍ଭବପର ହୋଇପାରେନାହିଁ। ଏହା ସାଧାରଣ ସତ୍ୟକୁ ବିଶେଷ ସତ୍ୟ ରୂପେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯାଇଥାଏ।

ଜୀବନରେ ବହୁ ଘଟଣା, ଦୁର୍ଘଟଣାର ସମ୍ମୁଖୀନ ହୁଏ ମଣିଷଟିଏ। ଏ ସବୁ ପରିବେଶ ସହିତ ତାକୁ ଖାପ ଖୁଆଇବାକୁ ହୋଇଥାଏ। ଯଦି ପ୍ରତ୍ୟେକ କ୍ଷେତ୍ରରେ ତା'ର ଏମିତି ସାଲିସ୍ କରିବାର ଭାବ ବା ପରିବେଶ ଅନୁସାରେ ପରିବର୍ତ୍ତିତ ହେବାର ଉଦ୍ୟମ ନ ରହେ ତେବେ ତା'ର ଜୀବନରେ ସାର୍ଥକତା ଆସିବ ନାହିଁ। ବେଳେବେଳେ ବ୍ୟର୍ଥ ଜୀବନ ନେଇ ହା ହୁତାଶମୟ ଜୀବନ ବଞ୍ଚିବାକୁ ହେବ।

ଜଣକୁ ଏକ ଜଙ୍ଗଲିଆ କଙ୍କରିଳ ଅଙ୍କାବଙ୍କା ରାସ୍ତାରେ ଗାଡ଼ିଚଳେଇ ଯିବାକୁ ଅଛି। ସିଧା, ଚିକ୍କଣ ରାସ୍ତାରେ ଯିବାପାଇଁ ଯେପରି କୌଶଳ ଅବଲମ୍ବନ କରିବାକୁ ହୋଇଥାଏ, ଜଙ୍ଗଲିଆ ରାସ୍ତାରେ ସେପରି କୌଶଳକୁ ପରିବର୍ତ୍ତନ କରିବାକୁ ହୁଏ, ନଚେତ୍ ଅସୁବିଧାରେ ପଡ଼ିବାଟା ସ୍ୱାଭାବିକ।

ତେଣୁ ଆବଶ୍ୟକତା, ସମୟ, ପରିବେଶକୁ ଆଗରେ ରଖି ଯେ ଆଦୌ ପରିବର୍ତ୍ତିତ ହୁଏ ନାହିଁ - ସେଇ ପୁରାତନ ପ୍ରଥାକୁ ଗ୍ରହଣ କରି ଚାଲିଯାଏ, ସେ କ୍ଷେତ୍ରରେ ଏହି ପ୍ରଯୁକ୍ତିକୁ ବ୍ୟବହାର କରାଯାଇଥାଏ। ଏହିପରି ଲେଖିବାକୁ ହେବ।

ତଳେ ଏଭଳି କିଛି ପ୍ରବାଦ / ପ୍ରବଚନ / ସୂକ୍ତି ଇତ୍ୟାଦିର ପ୍ରୟୋଗାତ୍ମକ ଅର୍ଥ ସହ ପ୍ରଦତ୍ତ ହୋଇଛି।

- ଅନ୍ଧଦେଶକୁ ଗଲି ଦର୍ପଣ ବିକି (ମୂର୍ଖ ରାଜ୍ୟରେ ଜ୍ଞାନ ଚର୍ଚ୍ଚା କରିବା)
- ଆଖି ପାଣି ଆଖିରେ ମରିବା (ବ୍ୟର୍ଥ ଅପେକ୍ଷା କରିବା)
- ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା (ଛୋଟ କଥାରୁ ବିରାଟ ଘଟଣାର ସୂତ୍ର ମିଳିବା)
- ଋଣଂ କୃତ୍ୱା ଘୃତଂ ପିବେତ୍ (ଶକ୍ତି ବହିର୍ଗତ ଖର୍ଚ୍ଚ କରିବା)
- ଋଷି ଜଟା ଛିଣ୍ଡାଇ ମରିବା (ଅତି ସହିଷ୍ଣୁ ପକ୍ଷରେ ମଧ୍ୟ ଅସହ୍ୟ ହେବା)
- ଋଷିଙ୍କୁ ଭାର ବୁହାଇବା (ଗୁରୁଜନଙ୍କୁ ଅପମାନିତ କରିବା)
- କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା (ବିନା କାରଣରେ ଅନ୍ୟ ସହ ଝଗଡ଼ା କରିବା)
- କୁଟା ଖଣ୍ଡିକ ଦିଖଣ୍ଡ ନ କରିବା (ପରିଶ୍ରମ କାତରତା ପ୍ରକାଶ କରିବା)
- କାଲଠା'ର କାଲ ମା' ଜାଣେ (ଏକା କାର୍ଯ୍ୟରେ ଲିପ୍ତ ଲୋକ ପରସ୍ପରକୁ ଜାଣନ୍ତି)
- କାହାର ପୁଷମାସ - କାହାର ସର୍ବନାଶ (ଗୋଟିଏ ଘଟଣା ଜଣକୁ ସୁଖ ଅନ୍ୟଜଣକୁ ଦୁଃଖ ଦେଉଥିଲେ)
- କଳି ଯଦି କରି ବସିବ ସଙ୍ଗେଥିବ ଭାଇ (ବିପଦ ଆପଦରେ ଭାଇ ଯିଏ ସହାୟତା କରନ୍ତି)
- ଏ ମନ ଭାଳୁଥାଏ ଯାହା - କାଳେ ପ୍ରାପତ ହୁଏ ତାହା (ଇଚ୍ଛା ଅନୁସାରେ ଫଳ ପାଇବା)
- କୁସୁମ ପରଶେ ପଟ ନିସ୍ତିରେ (ସଜ୍ଜନ ସାନ୍ନିଧ୍ୟରେ ଦୁର୍ଜନ ବି ସୁଧୁରିଯାଏ)
- କୋପେ ବର ନ ହେଲ ତପେ ବର (କାର୍ଯ୍ୟ ହାସଲ ପାଇଁ ଉଭୟ କ୍ରୋଧ ଓ ଅନୁନୟ ପ୍ରକାଶ କରିବା)
- ଖାଇବା ପତରରେ ଧୂଳି ଦେବା (ଜୀବିକାରେ ବାଧା ଦେବା)
- ଗଛ ଚଢ଼ି ନ ଜାଣେ ଯେ କୁଆ ଅଇଁଠା ଖାଏ ସେ (ପରିଶ୍ରମ ନ କରି ଅନ୍ୟର ସହାୟତାରେ ବଞ୍ଚିବା)
- ଗଛର ଛାଇ ମଣିଷର ହାଇ ଯେଉଁଠାରେ ପଡ଼େ ଉଧାଏ ନାହିଁ (ଅନ୍ୟ କେହି ଅନିଷ୍ଟ ଚିନ୍ତା କରୁଥିଲେ ବିକାଶ ସମ୍ଭବ ହୁଏ ନାହିଁ)
- ଗରଜିଲା ମେଘ ବରଷେ ନାହିଁ (ମୁହେଁ ମୁହେଁ କହୁଥିବା ବ୍ୟକ୍ତି କ୍ଷତିକାରକ ନୁହେଁ)

- ଖୁଣ୍ଟ ଗୁଣେ ଘୋଡ଼ା କୁଦେ
  (ମାଲିକର ଦୁର୍ବଳତାରୁ କର୍ମଚାରୀ ଉଶୃଙ୍ଖଳ ହେବା)
- ଖଣ୍ଡରେ ଧୋଇଲେ କ୍ଷୀରରେ ମୋହିଲେ ନିମକି ମଧୁର ହୋଇବ
  (ପ୍ରକୃତି ଅପରିବର୍ତ୍ତନୀୟ)
- ଗୁହାଳ ସୁତୁରା ଦେଖିଲେ ଗାଇ ହମାଳି ପଶେ
  (ଅନୁକୂଳ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରେ)
- ଗୋଠ ମାତିଲେ ଖଣ୍ଡିଆ ମାତେ
  (ଗଣ ବିପ୍ଳବ କାଳରେ ଦିବ୍ୟାଙ୍ଗ ମଧ୍ୟ ମାତିଯାଏ)
- ଚକୁଳି ଖାଇବା ଲୋକର ବିନ୍ଧ ଗଣା
  (ଅସାର ବିଷୟରେ ମନ ଦେବା)
- ଛତୁ ଫୁଟା କାଠ, ନିଶ ଉଠା ପାଠ
  (ଅତିକ୍ରାନ୍ତ ସମୟରେ କାର୍ଯ୍ୟ ଆରମ୍ଭ କରିବା)
- ଛୋଟୀକୁ ଶ୍ରୀମତୀ କହିଲେ ଗୋଡ଼ ବୁଲେଇ ବୁଲେଇ ପକାଏ
  (ଗୁଣହୀନ ଲୋକକୁ ପ୍ରଶଂସା କଲେ ଗର୍ବିତ ହେବା)
- ଟେକାଟିଏ ମାରିଲେ ପଥରଟିଏ ଥୁଆ
  (ଅକାରଣରେ ଅନ୍ୟର କ୍ଷତି କଲେ ତାହା ନିଜ ଉପରକୁ ଆସିପାରେ)
- ଗୋଡ଼ ବୋଇଲେ ହାତ ବୋଲ କରିବା (ଅତି ଦୁଷ୍ଟ)
- ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା
  (କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଘ୍ନ ଉପୁଜିବା)
- ଛେନାରୁ ଚେପା ଛଡ଼ାଇବା
  (ଖୋଜି ଖୋଜି ଦୋଷ ବାହାର କରିବା)
- ଜଳନ୍ତା ନିଆଁରେ କୁଟା ପକାଇବା (ଉସୁକେଇବା)
- ଝିଣ୍ଟିକା ମାରି ବଣି ପୋଷିବା
  (ଗରୀବଙ୍କୁ ମାରି ବଡ଼ ଲୋକଙ୍କୁ ପୋଷିବା)
- ଠେକିଏ ପାଣି ପିଆଇବା (ଅସ୍ତବ୍ୟସ୍ତ କରିବା)
- ଡିହରେ ବିଲୁଆ ଡେଇଁବା (ବଂଶ ବୁଡ଼ିଯିବା)
- ଦେଉଳଠୁ ମୁଖଶାଳା ବଳିବା
  (ମୂଳ ଖର୍ଚ୍ଚ ଠାରୁ ଆନୁଷଙ୍ଗିକ ଖର୍ଚ୍ଚ ବଳକା ହେବା)
- ନାହିରେ ତେଲ ଦେବା (ଚିନ୍ତାଶୂନ୍ୟ ହେବା)
- ପର ମୁଣ୍ଡରେ ନଡ଼ିଆ ବାଡ଼େଇବା
  (ଅନ୍ୟକୁ ଦାୟିତ୍ୱ ଦେଇ ଖସିଯିବା)
- ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା
  (ଶକ୍ତିଶାଳୀ ଲୋକ ବିରୁଦ୍ଧରେ ପ୍ରଥମେ ବାହାରିବା)
- ମହରଗରୁ ଯାଇ କାନ୍ତାରରେ ପଡ଼ିବା
  (ଛୋଟ ବିପଦରୁ ମୁକୁଳି ବଡ଼ ବିପଦରେ ପଡ଼ିବା)
- ଷଣ୍ଢକୁ ଭାଗବତ ପଢ଼େଇବା
  (ଅଯୋଗ୍ୟ ଲୋକକୁ ଉପଦେଶ ଦେବା)
- ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା
  (ନିଜର ଅଯଥା ଖର୍ଚ୍ଚରେ ଅକାର୍ଯ୍ୟ କରିବା)
- ଅଖ ଢିଲାକୁ ଚକ ଢିଲା (ସମ୍ପୂର୍ଣ୍ଣ ବିଶୃଙ୍ଖଳା)
- ପାଲିଙ୍କି ଉପରେ ପାଟଛତା (ଉନ୍ନତି ଉପରେ ଉନ୍ନତି)
- ବାପ ରାଣ ଢୀଙ୍କି ଗିଳି (ବାଧ କରିବା)
- ଅଜାଗା ଘାଆ ଦେଖିହୁଏ ନାହିଁକି ଦେଖେଇ ହୁଏ ନାହିଁ
  (ନିଜର ବୋକାମି ବା ଭୁଲ୍ କାହାକୁ ଦେଖେଇ ହୁଏ ନାହିଁ କି ନିଜେ ସହି ପାରେନାହିଁ)
- ଏକା ଢେଲାରେ ଦୁଇଟି ଶୀକାର
  (ଗୋଟିଏ କାର୍ଯ୍ୟରେ ଦୁଇଟି ସିଦ୍ଧି)
- କର୍ଣ୍ଣ ମଲେ ପାଞ୍ଚ ତ ଅର୍ଜୁନ ମଲେ ପାଞ୍ଚ
  (ଉଭୟେଆଡୁ ଲାଭ କି କ୍ଷତି ହେବ ନାହିଁ)
- ଏକା ମାଘ କେ ଶୀତ ଯାଏନା (ସୁଯୋଗ ବାରମ୍ବାର ଆସେ)
- ଆଗେ ବୁଣ୍ ପଛେ ବୁଣ୍ ଗର୍ଭଣାକୁ ଟୁଣ୍‌ଟୁଣ୍
  (ଆସିବାରେ ଆଗପଛ ହେଲେ ବି ଏକାସମୟରେ ଫଳ ଧରିବା)
- ବିଲୁଆ ବିଚାର (ଅସଫଳ ମେଳି)
- ମୋତେ ମାରନା ମୁଁ ମଲିଣି (ବିନା ସର୍ତ୍ତରେ ଶରଣ ପଶିବା)
- ସାପ ମରିବନି କି ବାଡ଼ି ଭାଙ୍ଗିବନି
  (ଦି ପଟକୁ ସୁହାଇଲା ଭଳି ମନ୍ତବ୍ୟ)
- ବାୟାର କି ଯାଏ, ବାଆ କଲେ ବସା ଦୋହଲୁ ଥାଏ
  (ନିଶ୍ଚିନ୍ତ ହୋଇ ବସିବା)
- ନଇକେ ବାଙ୍କ୍ ଦେଶକେ ଫାଙ୍କ୍ (ମତାମତ ଭିନ୍ନ ଭିନ୍ନ ହେବା)
- ଆଲୋ ସଖି ଆପଣା ମହତ ଆପେ ରଖି
  (ନିଜର ସ୍ୱାଭିମାନକୁ ଜଗି ଚଳିବା)
- ପୁନର୍ମୂଷିକ ଭବଃ (ନିଜ ପ୍ରକୃତିକୁ ଛାଡ଼ି ନ ପାରିବା)
- ଉଡ଼ା ଚଢ଼େଇର ଠିକଣା କ'ଣ (ବିପର୍ଯ୍ୟସ୍ତ ଜୀବନ)
- ସଜ ମାଛରେ ପୋକ ପକାଇବା (ଅକାରଣରେ ନିନ୍ଦା କରିବା)
- ତିନି ତୁଣ୍ଡରେ ଛେଳି କୁକୁର
  (ଅନ୍ୟ କଥାରେ ପରିଚାଳିତ ହେବା)
- ବ୍ରହ୍ମା ବିଳି ବିଳେଇଲେ ବେଦ
  (ପ୍ରତିଷ୍ଠିତ ବ୍ୟକ୍ତିଙ୍କର ମତାମତକୁ ବାଧ ହୋଇ ଗ୍ରହଣ କରିବା)
- ଧୂଆ ମୂଳା ଅଧୂଆ ମୂଳା ସବୁ ସମାନ
  (ସବୁକୁ ସମାନ ବିଚାର କରିବା)

***

## ପଞ୍ଚମ ଏକକ

# ଦରଖାସ୍ତ / ପତ୍ରଲିଖନ

ନିଜର ଅସୁବିଧା / ଆବଶ୍ୟକତା / ଇତ୍ୟାଦି ଦର୍ଶାଇ ତା'ର ଦୂରୀକରଣ ନିମିତ୍ତ ଯେତେବେଳେ କୌଣସି ପଦାଧିକାରୀ, କିମ୍ବା ଉପରିସ୍ଥ କର୍ମକର୍ତ୍ତା, କିମ୍ବା ଅନୁଷ୍ଠାନର ମୁଖ୍ୟଙ୍କ ନିକଟରେ ନିବେଦନ ବା ଦାବୀ ଉପସ୍ଥାପନ କରାଯାଏ, ତାହା ଦରଖାସ୍ତ ନାମରେ ପରିଚିତ।

ଏହାର ରଚନା ବିଧି ପ୍ରାୟ ସମାନ।

ପ୍ରଥମେ ବାମ ପଟରେ ଆରମ୍ଭରୁ ଯାହାକୁ ଅସୁବିଧା ଜଣାଇବାକୁ ଉଦ୍ୟମ କରାଯାଏ ତାଙ୍କର କାର୍ଯ୍ୟାଳୟ ଗତି ପଦ, ସ୍ଥାନର ନାମ, ରହିବ।

ତା ତଳକୁ ବ୍ରାକେଟ ମଧ୍ୟରେ ଆବେଦନର ବିଷୟ ରହିବ।

ତା ତଳକୁ କାର୍ଯ୍ୟାଳୟର ପତ୍ର ସଂଖ୍ୟା ରହିପାରେ।

ବାମପଟରେ ସମ୍ବୋଧନ ରହିବ।

ବିଷୟବସ୍ତୁରେ ନିବେଦନର ଅଭିପ୍ରାୟ ରହିବ।

ଦରଖାସ୍ତ ଶେଷରେ ଉପସଂହାର କ୍ରମରେ ବଶମ୍ବଦ /ବିନୀତ / ଆଜ୍ଞାଧୀନ / ବିଶ୍ୱସ୍ତ ଇତ୍ୟାଦି ପରେ ଆବେଦନ କାରୀଙ୍କ ନାମ ରହିବ।

ଗୋଷ୍ଠୀଭିତ୍ତିକ ଆବେଦନ ପତ୍ର ହୋଇଥିଲେ – ଆବେଦନକାରୀଙ୍କ ନାମ ଓ ଦସ୍ତଖତ ରହିବ।

ଦରଖାସ୍ତର ଶେଷ ଭାଗର ବାମ ପଟକୁ ସ୍ଥାନ ଓ ତାରିଖ ରହିବ।

ସର୍ବଶେଷରେ – ଠିକଣା କ୍ରମରେ ଦକ୍ଷିଣପଟରେ ପ୍ରାପକ ଓ ବାମପଟରେ ପ୍ରେରକଙ୍କ ଡାକ ଠିକଣା ରହିବ।

## ନମୂନା

### ଘରପୋଡ଼ି ଜନିତ କ୍ଷୟକ୍ଷତି ସୂଚାଇ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଦରଖାସ୍ତ

ସମ୍ମାନନୀୟ ଜିଲ୍ଲାପାଳ, ମାଲକାନଗିରି, ଓଡ଼ିଶା

ମହୋଦୟ ................................ ସମୀପେଷୁ

(ବିଷୟ : ଆର୍ଥିକ ସାହାଯ୍ୟ ସମ୍ପର୍କରେ)

ମହାଶୟ;

ବିଷୟବସ୍ତୁ :-

ଆପଣଙ୍କର ବିଶ୍ୱସ୍ତ

________ ଗ୍ରାମବାସୀ ବୃନ୍ଦ

ଗାଁର ନାମ – ବାଘସିଂହ

ତା :

୧
୨
୩
୪
୫
୬
୭

ଠିକଣା

ପ୍ରେରକ

ପ୍ରାପକ

- ଗ୍ରାମରେ ଅଚଳ ହୋଇ ପଡ଼ିଥିବା ନଳକୂପର ମରାମତି ଓ ପୁନରୁଦ୍ଧାର ପାଇଁ ୱାର୍ଡ କାଉନସିଲଙ୍କ ମାଧ୍ୟମରେ ବିଡ଼ିଓଙ୍କୁ ଦରଖାସ୍ତ।
- ତୁମ ଅଞ୍ଚଳରେ ଜଳବାହିତ ରୋଗର ପ୍ରତିକାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦରଖାସ୍ତ।
- ବାରମ୍ବାର ବିଦ୍ୟୁତ୍‌କାଟ ଜନିତ ଅସୁବିଧା ଦର୍ଶେଇ ତା'ର ପ୍ରତିକାର ପାଇଁ ବିଦ୍ୟୁତ୍ ବିଭାଗର ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଦରଖାସ୍ତ।
- ଜଳକଷ୍ଟରୁ ରକ୍ଷା ପାଇବା ପାଇଁ ପୁରାତନ ପୁଷ୍କରିଣୀର ଜୀର୍ଣ୍ଣୋଦ୍ଧାର ପାଇଁ ବି.ଡି.ଓ.ଙ୍କ ନିକଟକୁ ଦରଖାସ୍ତ।
- ଘରପୋଡ଼ି ଜନିତ ରିଲିଫ୍ ସାହାଯ୍ୟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ସାମୂହିକ ଆବେଦନ ପତ୍ର।
- ବାର୍ଦ୍ଧକ୍ୟଭତ୍ତା ତାଲିକାରେ ନାମ ଉଠାଇବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦରଖାସ୍ତ।
- ବର୍ଷାଋତୁରେ ଗ୍ରାମକୁ ଯୋଗାଯୋଗ ରାସ୍ତାର ଦୁରବସ୍ଥା ଜଣାଇ ତା'ର ପୁନର୍ବିନ୍ୟାସ ପାଇଁ ବି.ଡି.ଓଙ୍କୁ ସାମୂହିକ ଦରଖାସ୍ତ।
- ଗ୍ରାମ ଲାଇବ୍ରେରୀକୁ କିଛି ଉପକରଣ ଓ ପୁସ୍ତକ ପ୍ରଦାନ ପାଇଁ ଅଞ୍ଚଳର ମାନ୍ୟବର ସାଂସଦକୁ ଦରଖାସ୍ତ (ସାମୂହିକ)।
- ଗ୍ରାମର ଅସହାୟା ରୋଗଗ୍ରସ୍ତା ବୃଦ୍ଧାଙ୍କୁ ଚିକିତ୍ସା ସହାୟତା ପ୍ରଦାନ ପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣୀକାରୀ ଦରଖାସ୍ତ।
- ବୁଲା କୁକୁର ଓ ଗାଈଙ୍କ କବଳରୁ ରାସ୍ତା ମୁକ୍ତ କରିବାପାଇଁ ମୁନିସିପାଲଟିର ଚେୟାରମ୍ୟାନଙ୍କୁ ଦରଖାସ୍ତ।
- ଶ୍ରେଣୀରେ ଅନୁପସ୍ଥିତି ରହିବାର କାରଣ ଦର୍ଶାଇ ଉପସ୍ଥାନ ସଂଖ୍ୟା ଭରଣା ପାଇଁ ଅଧ୍ୟକ୍ଷଙ୍କ ନିକଟକୁ ଦରଖାସ୍ତ।
- ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଅଧ୍ୟକ୍ଷଙ୍କୁ ଦରଖାସ୍ତ।
- ବଣୁଆ ପଶୁ ଆକ୍ରମଣରୁ ଫସଲ ସୁରକ୍ଷା ପାଇଁ ବନଖଣ୍ଡର ଅଧିକାରୀଙ୍କୁ ଦରଖାସ୍ତ।
- ସ୍ଥାନୀୟ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଅନୁମତି ମାଗି ତୁମ କ୍ଲାସ ତରଫରୁ ଅଧ୍ୟକ୍ଷଙ୍କୁ ଦରଖାସ୍ତ।
- ବନ୍ୟା କ୍ଷତିଗ୍ରସ୍ତ ସଡ଼କ ମରାମତି ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ।
- ଗ୍ରାମର ପାଠାଗାରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ।
- ଚାକିରୀ କ୍ଷେତ୍ରରୁ ସାମୟିକ ଛୁଟି ପାଇଁ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ।
- ମୋବାଇଲ୍ ହଜିଯିବା ସମ୍ପର୍କରେ ଥାନା ଅଧିକାରୀଙ୍କୁ ଦରଖାସ୍ତ।
- ମଟର ସାଇକେଲ ଚୋରି ସଂକ୍ରାନ୍ତରେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଦରଖାସ୍ତ।
- ତୁମର ଏକ ଆପତ୍ତିଜନକ ଫଟୋ ଭାଇରାଲ୍ ହୋଇଛି। ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଇବର ଥାନାରେ ଦରଖାସ୍ତ।
- ରାସ୍ତା ଉପରେ ଗୃହନିର୍ମାଣ ଉପକରଣ ରଖି ରାସ୍ତା ଅବରୋଧ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ସଂପୃକ୍ତ ଥାନାରେ ଅଭିଯୋଗର ଦରଖାସ୍ତ।

## ପତ୍ରଲିଖନ

ବ୍ୟାବସାୟିକ, ବ୍ୟକ୍ତିଗତ ସଂପାଦଙ୍କୁ ପତ୍ର, ନିମନ୍ତ୍ରଣ ପତ୍ର ଭେଦରେ ମୁଖ୍ୟତଃ ଚାରିପ୍ରକାରର ପତ୍ର ଲିଖନର ଆବଶ୍ୟକତା ଅଛି।

ଏଗୁଡ଼ିକ ପାଇଁ ପ୍ରାୟ ଏକ ପ୍ରକାରର ଲିଖନଶୈଳୀ ବ୍ୟବହାର କରାଯାଇଥାଏ।

ବ୍ୟକ୍ତିଗତ ପତ୍ର

ପତ୍ର ଆରମ୍ଭର ଦକ୍ଷିଣ ଶୀର୍ଷରେ ସ୍ଥାନ ଓ ଦିନାଙ୍କ ରହିବ।

ବାମ ପାର୍ଶ୍ୱରେ ସମ୍ବୋଧନ,

କନିଷ୍ଠ ମାନଙ୍କୁ ସ୍ନେହର, ଶ୍ରଦ୍ଧେୟ / ସମବୟସ୍କ ବନ୍ଧୁମାନଙ୍କୁ ପ୍ରିୟ, ସାଙ୍ଗ ଇତ୍ୟାଦି

ବରିଷ୍ଠ ପୂଜନୀୟ ମାନଙ୍କୁ ପୂଜନୀୟ, ମାନନୀୟ, ପୂଜାସ୍ପଦ ଆଦିରେ ସମ୍ବୋଧନ କରାଯିବ।

ମଧ୍ୟଭାଗରେ ଆବଶ୍ୟକତା ଅନୁସାରେ ବିଷୟର ରୂପାୟଣ କରାଯିବ।

ପରିସମାପ୍ତିର ଦକ୍ଷିଣ ପାର୍ଶ୍ୱରେ 'ଇତି' ତଳକୁ ସମ୍ବନ୍ଧ ଅନୁସାରେ ହିତାକାଙ୍କ୍ଷୀ, ଶୁଭେଚ୍ଛୁ, ସାଙ୍ଗ, ଶ୍ରଦ୍ଧାବନତି, ଶ୍ରଦ୍ଧେୟ ସ୍ନେହାଧୀନ ଲେଖି ନିଜର ନାମ ଲେଖାଯିବ।

ଶେଷରେ ପ୍ରାପକ ଓ ପ୍ରେରକଙ୍କ ନାମ ରହିବ।

ସମ୍ବୋଧନ — ସ୍ଥାନ –

ଶ୍ରଦ୍ଧା / ସମ୍ମାନ ବାଚକ, — ତାରିଖ –

ବିଷୟବସ୍ତୁ :

। ଇତି ।

ସମ୍ବନ୍ଧ ଭିତ୍ତିରେ ଶବ୍ଦ ପ୍ରୟୋଗ

ନାମ

ପ୍ରେରକଙ୍କ ନାମ ଓ ଠିକଣା — ପ୍ରାପକଙ୍କ ନାମ ଓ ଠିକଣା

## ବ୍ୟବସାୟିକ ପତ୍ର

କୌଣସି ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଇତ୍ୟାଦିଙ୍କ ସହିତ କୌଣସି ଆବଶ୍ୟକତା ଦୃଷ୍ଟିରୁ ପତ୍ର ବିନିମୟ କରିବାକୁ ହେଲେ ଆଙ୍ଗିକରେ ସମାନ୍ୟ ପରିବର୍ତ୍ତନ ଆବଶ୍ୟକ ପଡ଼େ।

ପତ୍ର ଆରମ୍ଭର ଦକ୍ଷିଣ ପାର୍ଶ୍ୱ ଶୀର୍ଷରେ ସ୍ଥାନ, ଦିନାଙ୍କ ରହିବ।

ବାମ ପାର୍ଶ୍ୱରେ ସମ୍ବୋଧନ ସ୍ଥଳେ ମହାଶୟ, ରହିବ।

ମଧ୍ୟଭାଗରେ ଆବଶ୍ୟକତା ଅନୁସାରେ ବିଷୟର ରୂପାୟଣ ରହିବ।

ପରିସମାପ୍ତିର ଦକ୍ଷିଣ ଦିଗରେ

ଇତି ସହିତ ଆପଣଙ୍କର ବଶମ୍ବଦ/ବିନୀତ ଓ ପ୍ରେରକଙ୍କ ନାମ ରହିବ

ମହାଶୟ; — ସ୍ଥାନ –

(ବିଷୟ ବିନ୍ୟାସ) — ତାରିଖ –

। ଇତି ।

ଆପଣଙ୍କର ବିଶ୍ୱସ୍ତ / ବଶମ୍ବଦ

**ବି.ଦ୍ର :** ପତ୍ର ସହିତ କୌଣସି ଅନ୍ୟ ଗୁରୁତ୍ୱପୂର୍ଣ୍ଣନାମ ନଥି ଦାଖଲ କରୁଥିଲେ, ତା'ର ସୂଚନା ରହିବ।

ପ୍ରେରକ — ପ୍ରାପକ

ନାମ ଓ ଠିକଣା ରହିବ — ନାମ ଓ ଠିକଣା

## ନିମନ୍ତ୍ରଣ ପତ୍ର

ବିବାହ / ଜନ୍ମଦିନ ବା ବ୍ରତୋପନୟନ / କିମ୍ବା ଏକାଦଶାହ ଇତ୍ୟାଦି ସାମାଜିକ ଅନୁଷ୍ଠାନ ପାଇଁ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରାଯାଇଥାଏ ।

ବିବାହ ନିମନ୍ତ୍ରଣ ପତ୍ର

ଉପରେ ଗଣନାଥଙ୍କ ସ୍ତୁତି ରହିବ

ଓଁ ପ୍ରଜାପତୟେ ନମଃ

ମହାଶୟା / ମହାଶୟ;

ବିଷୟବସ୍ତୁ :- ......... ଓ ...........ଙ୍କର ବିବାହ ଉତ୍ସବରେ ନିମ୍ନ କାର୍ଯ୍ୟସୂଚୀ ମତେ ଯୋଗଦେବା ପାଇଁ ଅନୁରୋଧ ରହିବ।

ସ୍ଥାନ — ଆପଣଙ୍କର ଦର୍ଶନାଭିଳାଷୀ

ତାରିଖ — ଶ୍ରୀମତୀ

ଶ୍ରୀ

**କାର୍ଯ୍ୟସୂଚୀ :**

- ମଙ୍ଗଳ କୃତ୍ୟ
- ବିବାହ ପାଣିଗ୍ରହଣ
- ସମ୍ବର୍ଦ୍ଧନା ଭୋଜି

| | |
|---|---|
| ପ୍ରେରକ | ପ୍ରାପକ |
| ନାମ | ନାମ |
| ଠିକଣା | ଠିକଣା |

## ଜନ୍ମଦିନ ବା ବ୍ରତୋପନୟନରେ

ବିଷୟବସ୍ତୁ ଅନୁଷ୍ଠାନ ଅନୁସାରେ ହେବ।

କାର୍ଯ୍ୟସୂଚୀରେ - ଷଡ଼କର୍ମ

ବ୍ରତଭିକ୍ଷା

ଭୋଜିର ତାରିଖ ଓ ସମୟ ସୂଚିତ ହେବ।

ଅନ୍ୟାନ୍ୟ ସବୁ ଉପର ପତ୍ର ଭଳି।

## ଏକାଦଶ କର୍ମ

ଉପର ଅଂଶରେ ଓଁ ଗଙ୍ଗା

ମହାଶୟା / ମହାଶୟ;

ବିଷୟ

ସ୍ଥାନ- — ଇତି

ତାରିଖ - — ଆପଣଙ୍କର ଦର୍ଶନାଭିଳାଷୀ

**କାର୍ଯ୍ୟସୂଚୀ** — ହତଭାଗ୍ୟ

ଦଶାହ କାର୍ଯ୍ୟ ତାରିଖ — ନାମ

ଏକାଦଶାହ କାର୍ଯ୍ୟ - ତାରିଖ

| | |
|---|---|
| **ପ୍ରେରକ** | **ପ୍ରାପକ** |
| ନାମ ଓ ଠିକଣା | ନାମ ଓ ଠିକଣା |

- ଜଣେ ପିତାଙ୍କ ତରଫରୁ କନ୍ୟା ପାଇଁ ଏକ ବିବାହ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର।
- ଜଣେ ପିତା ଭାବେ ପୁତ୍ରର ବିବାହ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର।
- କାର୍ଯ୍ୟାଳୟରେ ବର୍ଷକ ପାଇଁ ଆବଶ୍ୟକ ହେଉଥିବା ବ୍ୟବହାର ଯୋଗ୍ୟ ସାମଗ୍ରୀ ଯୋଗାଣ ପାଇଁ ଏକ ବ୍ୟବସାୟ ପ୍ରତିଷ୍ଠାନକୁ ପତ୍ର।
- ପୁସ୍ତକ କ୍ରୟ ନିମିତ ପ୍ରକାଶକ / ବିକ୍ରେତାଙ୍କ ପାଖକୁ ଏକ ପତ୍ର।
- ପରୀକ୍ଷାରେ ଆଶାତୀତ ଭଲ କରିଥିବା ତୁମ ଭାଇଙ୍କ ପୁଅକୁ ଏକ ଅଭିନନ୍ଦନ ପତ୍ର।
- ଆଗାମୀ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବ ତାହା ଜଣାଇ ହଷ୍ଟେଲରେ ରହୁଥିବା ତୁମ ସାନ ଭାଇ ପାଖକୁ ପତ୍ର।
- ଦେଖିଥିବା ଶିଳ୍ପ / ପୁସ୍ତକ/ ପୋଷାକ ମେଳା ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରି ସାନ ଭଉଣୀ ପାଖକୁ ପତ୍ର।
- ଶିକ୍ଷାଗସ୍ତରେ ଯାଉଥିବା ତୁମ ଭାଇକୁ ଉପଦେଶ ଦେଇ ଏକ ପତ୍ର।
- ବେଶୀ ସମୟ ଟି.ଭି କିମ୍ୱା ଲ୍ୟାପ୍‌ଟପ୍ କିମ୍ୱା ମୋବାଇଲ୍ ଫୋନ୍ ବ୍ୟବହାର ନ କରିବାପାଇଁ ପୁତୁରା ପାଖକୁ ପତ୍ର।
- ପୁସ୍ତକ ପଠନର ଉପକାରିତା ଦର୍ଶାଇ ଛାତ୍ରାବାସରେ ଥିବା ତୁମ ଝିଅ ପାଖକୁ ପତ୍ର।
- ଖେଳକୁଦରେ ଭାଗ ନେବାପାଇଁ ସାନ ଭାଇ ପାଖକୁ ପତ୍ର।
- ରାଜ୍ୟ ବାହାରେ ଥାଇ ତୁମ ଗାଁର ଝିଅ ସାଙ୍ଗ ପାଖକୁ ଅଭିଜ୍ଞତା ଦର୍ଶାଇ ଏକ ପତ୍ର।
- ଛାତ୍ରାବାସରେ ପ୍ରଥମ  ଦିନ/ରାତିର ଅନୁଭୂତି ଜଣାଇ ସାଙ୍ଗ ନିକଟକୁ ପତ୍ର।
- ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ଆୟୋଜନ ସଂକ୍ରାନ୍ତରେ ଜଣାଇ ବଡ଼ଭାଇଙ୍କ ନିକଟକୁ ପତ୍ର।
- ବନ୍ଧୁଙ୍କର ଅକାଳ ମାତୃବିୟୋଗ ପାଇଁ ଅନ୍ୟ ପ୍ରଦେଶରେ ଥିବା ତୁମ ସାଙ୍ଗକୁ ସହାନୁଭୂତି ପୂର୍ଣ୍ଣ ପତ୍ର।
- ଉଚିତ୍ ମାର୍ଗ ଦର୍ଶନ ଦେଇ ତୁମକୁ ପରୀକ୍ଷାରେ ଭଲ କରିବାର ଯୋଗ୍ୟତା ଦେଇଥିବା ଶିକ୍ଷକଙ୍କୁ ଏକ ପତ୍ର।
- ଏକ ନିର୍ଦ୍ଦିଷ୍ଟ ତିଥିରେ ତୁମର ଘରକୁ ଫେରିବାର ଅଛି। ସେତେବେଳେ ଆସିଲେ କ'ଣ କ'ଣ କରିବ ତାହା ଜଣାଇଜଣେ ସହପାଠୀଙ୍କୁ ପତ୍ର।
- ଠିକ୍ ସମୟରେ ଦୈନିକ ସମ୍ୱାଦପତ୍ର ତୁମେ ପାଉନାହଁ। ଏହା ଜଣାଇ ସମ୍ୱାଦପତ୍ରର ସମ୍ପାଦକଙ୍କ ପାଖକୁ ପତ୍ରଲେଖ।
- ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବାର ଉପାୟ ଜଣାଇ ଭଣଜା ପାଖକୁ ପତ୍ର।
- ରାସ୍ତା ଅବରୋଧ ଜନିତ ଅସୁବିଧା ଜଣାଇ ସମ୍ୱାଦପତ୍ରର ସମ୍ପାଦକଙ୍କୁ ପତ୍ର।
- ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପ୍ରୟାସ କରିବାପାଇଁ ଏକ ସଙ୍ଗଠନ ତରଫରୁ ସଂସ୍କୃତି ମନ୍ତ୍ରୀଙ୍କୁ ପତ୍ର।
- ବୃକ୍ଷ ସଂପଦ ସୁରକ୍ଷା ନିମିତ୍ତ ସଂପୃକ୍ତ ବନଖଣ୍ଡର ଅଧିକାରୀଙ୍କୁ ଏକ ସାମୂହିକ ପତ୍ର।
- ପାଠାଗାର ପାଇଁ ଦୈନିକ ସମ୍ୱାଦପତ୍ର ବିନା ଶୁଳ୍କରେ ପ୍ରେରଣ ପାଇଁ ସଂପୃକ୍ତ ସମ୍ପାଦକଙ୍କୁ ପତ୍ର।
- ଗ୍ରାମର ବୟସ୍କ ଓ ମାନ୍ୟବ୍ୟକ୍ତିଙ୍କର ଶୁଦ୍ଧକ୍ରିୟାରେ ଯୋଗଦେବା ପାଇଁ ଗାଁର କ୍ଲବ ତରଫରୁ ଏକ ସୂଚନା ପତ୍ର ପ୍ରସ୍ତୁତି।

## କୌଣସି ଗଦ୍ୟାଂଶର ଠିକ୍ ସଂକ୍ଷିପ୍ତୀକରଣ କରିବାବେଳେ ନିମ୍ନ ଉପାୟ ଅବଲମ୍ବନ କରିବା ଦରକାରୀ।

(୧) ଗଦ୍ୟାଂଶକୁ ଅନୁଚ୍ଛେଦ ବା ପାରାଗ୍ରାଫ୍ କ୍ରମରେ ପଢ଼ନ୍ତୁ।
(୨) ପ୍ରତି ପାରାଗ୍ରାଫ୍‌ର ଗୁରୁତ୍ୱପୂର୍ଣ୍ଣ କଥାକୁ ରଫ୍ ଅଂଶରେ ଲେଖି ରଖନ୍ତୁ।
(୩) ପାରାଗ୍ରାଫ୍‌ରେ ବ୍ୟବହୃତ ଶବ୍ଦ ସଂଖ୍ୟାର ଏକ ତୃତୀୟାଂଶରେ ସେହି କଥାକୁ ଲେଖନ୍ତୁ।
(୪) ପ୍ରତି ପାରାଗ୍ରାଫ୍‌ରୁ ପ୍ରସ୍ତୁତ ଏକ ତୃତୀୟାଂଶ ଶବ୍ଦ ସମୂହ ସାରାଂଶକୁ ଏକତ୍ରିତ କରି ଗଦ୍ୟାଂଶର ସଂକ୍ଷିପ୍ତକରଣ ପ୍ରକାଶ କରନ୍ତୁ।
(୫) ଉପରେ ଏକ ଶିରୋନାମା ପ୍ରସ୍ତୁତ କରନ୍ତୁ।
(୬) ତଳେ ବ୍ୟବହୃତ ଶବ୍ଦ ସଂଖ୍ୟା ଲେଖନ୍ତୁ।

ନିମ୍ନରେ କେତୋଟି ଗଦ୍ୟାଂଶ ପ୍ରଦତ୍ତ ହେଲା।

୧. ଓଡ଼ିଶାର ସୁଦୀର୍ଘ ପରମ୍ପରା ଏହି ଯେ ଜଗନ୍ନାଥ କ୍ଷେତ୍ର ସର୍ବଧର୍ମର ସମନ୍ୱୟ ଏବଂ ଜଗନ୍ନାଥ ସର୍ବ ଅବତାର ଓ ସର୍ବଧର୍ମମତର ପ୍ରତୀକ। ସ୍ୱାଧୀନତା ପ୍ରାପ୍ତି ଠାରୁ ଏହି ପରମ୍ପରା ଭାଙ୍ଗିପଡ଼ିଛି ଓ ତତ୍‌ସଙ୍ଗେ ଓଡ଼ିଆ ସଂସ୍କୃତି ତଥା ସଂହତିର ଗୋଟିଏ ସୁଦୃଢ଼ ସ୍ତମ୍ଭ ଦୋହଲି ଯାଉଛି। ଭାରତୀୟ ଧର୍ମମତାନୁସାରେ ପୃଥିବୀର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ଭଗବାନଙ୍କ ଦଶଟି ଅବତାର ହୋଇଛି। ମତ୍ସ୍ୟ-କୁର୍ମାଦି ଅବତାରକୁ ଜୀବଜଗତର କ୍ରମ-ବିକାଶର ପ୍ରତୀକ ବୋଲି କେହି କେହି ବ୍ୟାଖ୍ୟା କରନ୍ତି। ଅତଏବ ହିନ୍ଦୁ ମତାନୁସାରେ ବହୁ ଲକ୍ଷ ବର୍ଷ ମଧ୍ୟରେ ଭଗବାନଙ୍କର ମାତ୍ର ଦଶଟି ଅବତାର ଘଟିଥିଲା; କିନ୍ତୁ ଗତ ପଚିଶ ବର୍ଷ ମଧ୍ୟରେ ଭଗବାନଙ୍କର କେତୋଟି ଅଧିକ ଅବତାର ହେଲାଣି, ତାହା କେହି ହିସାବ କରୁଛନ୍ତି କି ? ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟର ପ୍ରଚାରକ ମାନେ ଦମ୍ଭ ସହିତ ପ୍ରକାଶ କରୁଛନ୍ତି ଯେ ତାଙ୍କ ସମ୍ପ୍ରଦାୟର ସଂସ୍ଥାପକ ହେଉଛନ୍ତି ଭଗବାନଙ୍କର ଜଣେ ଅବତାର। ଭଗବାନଙ୍କର ଅବତାର ସଂଖ୍ୟା ଯେପରି ବଢିଚାଲିଛି, ସେଥିରୁ ଅନୁମତି ହୁଏ ଯେ ବିଂଶ ଶତାବ୍ଦୀର ଶେଷ ବେଳକୁ ଏହି ସଂଖ୍ୟା ଶହେରେ ପହଞ୍ଚି ଯାଇଥିବ ଏବଂ ଏହି ଭଗବାନ ମାନେ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ରହନ୍ତୁ ବା ନ ରହନ୍ତୁ, ଓଡ଼ିଶାରେ ନିଶ୍ଚୟ ରହିଥିବେ।

ମୋଟ ଉପରେ ଓଡ଼ିଶାରେ ସ୍ୱାଧୀନଚିନ୍ତାର ନିତାନ୍ତ ଅଭାବ ଘଟିଛି ଏବଂ ହାତପାତି ନିର୍ବିଚାରରେ ଗ୍ରହଣ କରିବାରେ ଓଡ଼ିଆମାନେ ଅତ୍ୟନ୍ତ ଅଭ୍ୟସ୍ତ ହୋଇପଡ଼ିଛନ୍ତି। ସେମାନଙ୍କର କିଛି ଯେ ଦେବାର ଅଛି, ଏ କଥା ସେମାନଙ୍କର ମସ୍ତିଷ୍କରେ ପ୍ରବେଶ କରେ ନାହିଁ। କେବଳ ଭିକ୍ଷୁକତ୍ୱରେ କୌଣସି ଜାତିର ସଂସ୍କୃତିର ଅଗ୍ରଗତି ଘଟେନାହିଁ। ପୋଷାହାତୀ ସାହାଯ୍ୟରେ ବନ୍ୟହାତୀ ମାନଙ୍କୁ ପୋଷାମନାଇବା ରୀତିରେ ବିଭିନ୍ନ ସଂପ୍ରଦାୟ ଓଡ଼ିଆ ପ୍ରଚାରକ ମାନଙ୍କ ସାହାଯ୍ୟରେ ହିଁ ସ୍ୱ - ସ୍ୱ ଆସ୍ଥାନକୁ ଓଡ଼ିଶରେ ସୁଦୃଢ଼ କରିଛନ୍ତି। ଓଡ଼ିଶାରୁ ଜମିଦାରୀ ଲୋପ ପାଇଥିଲେ ହେଁ ଧର୍ମ ସମ୍ପ୍ରଦାୟ ମାନଙ୍କ ଜମିଦାରୀ ଲୋପ ପାଇନାହିଁ। ଓଡ଼ିଶାରୁ ରାଜା ମହାରାଜା ପଦବୀ ଲୋପ ପାଇଥିଲେ ହେ ଧର୍ମ-ସମ୍ପ୍ରଦାୟ ମାନଙ୍କ ମହାରାଜ ଓ ତତ୍ତୁଲ୍ୟ ବହୁ ପଦବୀ ଲୋପ ପାଇନାହିଁ। ବରଂ ଏହି ପଦବୀମାନ ବଢ଼ିଚାଲିଛି ଓ ବହୁ ପ୍ରଚାରକ ଏହି ପଦବୀ ଆଶାରେ ଧର୍ମ-ସମ୍ପ୍ରଦାୟମାନଙ୍କରେ ପ୍ରବେଶ କରୁଛନ୍ତି।

୨. ଓଡ଼ିଆ ସାହିତ୍ୟରେ ସଙ୍ଗୀତରେ, କଳାରେ ଭାସ୍କର୍ଯ୍ୟରେ, ନୃତ୍ୟରେ ନାଟକରେ ପୁଣି ଦର୍ଶନ ଓ ଧର୍ମଚେତନାରେ ଶ୍ରୀଜଗନ୍ନାଥ ପାଲଟି ଗଲେ ନାଭିକେନ୍ଦ୍ର। ଏ ମାଟିର ମହାକବି ସାରଳାଦାସଙ୍କ 'ମହାଭାରତ' ଠାରୁ ସନ୍ଥ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ପର୍ଯ୍ୟନ୍ତ ପୁଣି ଅସଂଖ୍ୟ କାବ୍ୟ କବିତା, ଭଜନ ଜଣାଣ, କଥା ଓ ଗାଥା ତଥା କାହାଣୀ ଓ କିମ୍ବଦନ୍ତୀର ମହାନାୟକ ହିଁ ମହାପ୍ରଭୁ। ଏପରିକି ଆଧୁନିକ କାବ୍ୟକବିତା, ଗଳ୍ପ ଉପନ୍ୟାସ, ନୃତ୍ୟ ଓ ଚାରୁକଳାରେ ଜଗନ୍ନାଥ ଚେତନା ଏକ ପ୍ରମୁଖ ସ୍ରୋତ।

ଜଗନ୍ନାଥଙ୍କ ପର୍ବପର୍ବାଣି, ଯାନିଯାତରା, ନୀତିନୈବେଦ୍ୟ, ଭୋଗରାଗ - ଏସବୁ ଓଡ଼ିଆ ଜାତିର ଏକାନ୍ତ ନିଜସ୍ୱ। ଓଡ଼ିଆ ଜୀବନଧାରା ସହିତ ଏହା ଏପରି ଛନ୍ଦି ହୋଇଯାଇଛି ଯେ ଏହା ବ୍ୟତିରେକ ଓଡ଼ିଆ ଜୀବନଧାରାର ପରିକଳ୍ପନା ଅସମ୍ଭବ। ସେହିପରି ଶ୍ରୀ ଜଗନ୍ନାଥଙ୍କ ସେବକ ଗଜପତି ରାଜାମାନଙ୍କ ଅଙ୍କ ଓଡ଼ିଆ ଶିଶୁର ଜନ୍ମଜାତକରେ ଅଙ୍କିତ ଓ ରାଜକୀୟ ସନନ୍ଦ ଆଦି ଦସ୍ତାବିଜରେ ପ୍ରତିଫଳିତ। ଓଡ଼ିଶାର ପୁରପଲ୍ଲୀରେ ବୁଢ଼ୀମା' କାହାଣୀରେ କେତେବେଳେ 'କାଞ୍ଚି ଅଭିଯାନ' ଆଖ୍ୟାୟିକା ତ ପୁଣି କେତେବେଳେ ରକ୍ତବାହୁ ଯବନ ବା କଳା ପାହାଡ଼ କଥନିକା ଗୁମ୍ଫିତ।

ଜଗନ୍ନାଥଙ୍କୁ କେନ୍ଦ୍ର କରି ଶବର ରାଜା ବିଶ୍ୱାବସୁ ବୃତ୍ତାନ୍ତ ଓଡ଼ିଶାର ଏକ ଚଳମାନ କିମ୍ବଦନ୍ତୀ। ଶବରୀବାଳା ଲଳିତା ସହିତ ବିପ୍ର ବିଦ୍ୟାପତିଙ୍କ ପରିଣୟ ଆଦିକାଳରୁ ଓଡ଼ିଶା ସଂସ୍କୃତିର ସହନଶୀଳ ଓ ସମନ୍ୱୟୀ ଆଦର୍ଶର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଏହା ମାଧ୍ୟମରେ ସୃଷ୍ଟି ହୋଇଥିଲା ଜାତୀୟ ଓ ଜନଜାତୀୟ ସ୍ରୋତର ଶାଶ୍ୱତ ସଙ୍ଗମ, ତଟୀୟ ଓ ପାର୍ବତ୍ୟ ଓଡ଼ିଶାର ମହାମିଳନ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହିତ ଓଡ଼ିଆ ଜାତିର ଏହି ଭାବବନ୍ଧନ ଏତେ ସୁଦୃଢ଼ ଥିଲା ଯେ କାଳ କବଳରେ ଏ ଜାତିର ଭୌଗୋଳିକ ବିଖଣ୍ଡନ ଏହି ବନ୍ଧନକୁ କ୍ଷୁଣ୍ଣ କରି ପାରି ନଥିଲା ।

ଏଠାରେ ଉଲ୍ଲେଖନୀୟ ଯେ ଅନନ୍ତବର୍ମା ଚୋଡ଼ଗଙ୍ଗଦେବଙ୍କ ଠାରୁ ସୂର୍ଯ୍ୟବଂଶୀ ସମ୍ରାଟ ପୁରୁଷୋତ୍ତମ ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶା ସାମ୍ରାଜ୍ୟର ବିଶାଳତା ଅତୁଟ ରହିଥିଲା । ତେବେ ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ସୁବିସ୍ତୃତ ଓଡ଼ିଶୀ ସାମ୍ରାଜ୍ୟର ସଙ୍କୋଚନ ଆରମ୍ଭ ହୋଇ ୧୫୬୮ ମସିହାରେ ଗଜପତି ରାଜା ମୁକୁନ୍ଦଦେବଙ୍କ ପରାଜୟ ପରେ ଏହାର ପତନ ଘଟିଥିଲା । ୧୫୬୮ ମସିହା ଠାରୁ ୧୮୬୮ ମସିହାରେ ଭାଷା ବିଲୋପ ଚକ୍ରାନ୍ତ ପର୍ଯ୍ୟନ୍ତ ଏହି ତିନିଶହ ବର୍ଷର କାଳଖଣ୍ଡ ଥିଲା ଓଡ଼ିଶା ଇତିହାସର ତିମିରାଚ୍ଛନ୍ନ ଅଧ୍ୟାୟ । ଘନ ଘନ ବୈଦେଶିକ ଆକ୍ରମଣ, ଲୁଣ୍ଠନ, ଅତ୍ୟାଚାର ଓ ଅରାଜକତା ସାଙ୍ଗକୁ ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଗୋଟିଏ ବୀର ଜାତିର ମେରୁଦଣ୍ଡକୁ ଚୂରମାର କରିଥିଲା । ଅଶିକ୍ଷା, ଅଜ୍ଞତା, ଅନ୍ଧବିଶ୍ୱାସ, ଦାରିଦ୍ର୍ୟ ଓ ଭୀରୁତା ଭିତରେ ସଢ଼ି ଓଡ଼ିଆ ଜାତି ତାର' ସ୍ଥିତି ହରାଇ ବସିଥିଲା । କିନ୍ତୁ ସାଂସ୍କୃତିକ ଓ ସାମାଜିକ ବନ୍ଧନର ଯଥାର୍ଥତା ହେତୁ ତାର ଆତ୍ମପରିଚିତି ସଂପୂର୍ଣ୍ଣ ଧ୍ୱଂସ ପାଇନଥିଲା ।

୩. ବିଳମ୍ବ କରିବାକୁ ସମୟ ନଥିଲା । କାରଣ ମଦୁରାଇ ଗାନ୍ଧୀଗ୍ରାମ ଠାରୁ ୫୦କି.ମି ଦୂର । ସେଇ କୋଠରୀରେ ଆମର ଜିନିଷ ପତ୍ର ରଖିଦେଇ ଆମେ ସଙ୍ଗେସଙ୍ଗେ ବାହାରି ପଡ଼ିଲୁ । ଲକ୍ଷ୍ନୌରୁ ଆସିଥିବା ପ୍ରଫେସର ସିଂହ ଓ ତାଙ୍କର ସହଗାମୀ ଛାତ୍ରଛାତ୍ରୀ ଦୁଇ ଜଣ ମଧ୍ୟ ଆମ ସାଙ୍ଗରେ ଯୋଗଦେଲେ ।

୪. ସକାଳୁ ସକାଳୁ କନ୍ୟାକୁମାରୀରେ ପହଂଚିଗଲୁ । ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ଦର୍ଶନ କରିବାପାଇଁ ଅନେକ ଲୋକ ଉତ୍କଣ୍ଠାର ସହ ଚାହିଁ ବସିଥାଆନ୍ତି । ମାତ୍ର ନିରାଶ ହେବାକୁ ହେଲା । ସୂର୍ଯ୍ୟ ସେଦିନ ବାଦଲ ଅନ୍ତରାଳରେ ଆତ୍ମଗୋପନ କରି ଅଳ୍ପ କିଛି ଉଚ୍ଚତାରେ ଆତ୍ମପ୍ରକାଶ କଲେ । କେବଳ ଏଇଠି କାହିଁକି ପୁରୀର ସମୁଦ୍ରବେଳାରେ, ଚନ୍ଦ୍ରଭାଗାରେ ଏମିତି କେତେଥର ସୂର୍ଯ୍ୟୋଦୟର ପ୍ରତୀକ୍ଷା କରିଛି । ମାତ୍ର 'କୋଣାର୍କେ' କାବ୍ୟରେ ନୀଳକଣ୍ଠ ଯେଉଁ ସୂର୍ଯ୍ୟୋଦୟର ବର୍ଣ୍ଣନା କରିଛନ୍ତି ତାହାର ପ୍ରତ୍ୟକ୍ଷ ଦର୍ଶନ ସମ୍ଭବ ହୋଇନାହିଁ । 'ରାମଚଣ୍ଡୀରେ ସକାଳ' ନୀଳକଣ୍ଠଙ୍କୁ ଏକ ଚମତ୍କାର ସୂର୍ଯ୍ୟୋଦୟ ଉପହାର ଦେଇଛି । ବର୍ତ୍ତୁଳାକାର ସୂର୍ଯ୍ୟଙ୍କର ଅର୍ଦ୍ଧାଂଶରୁ ଅଧିକ ଜଳ ଉପରକୁ ଉଠିଥିବା ବେଳେ ଜଳରେ ତା'ର ପ୍ରତିଫଳନ ସହିତ ମିଶି ଯେପରି ଡମ୍ବରୁ ଆକାର ଧାରଣ କରିଥାଏ, ତାହା କେବଳ କଳ୍ପନା ନେତ୍ରରେ ଦେଖିଛି ସିନା, ବାସ୍ତବ କ୍ଷେତ୍ରରେ କୌଣସି ସମୁଦ୍ର ତଟରେ ସେଇ ବିରଳ ଦୃଶ୍ୟ ଦେଖିବା ମୋ ପକ୍ଷରେ ସୁଲଭ ହୋଇନାହିଁ । ସେ ଦିନ କନ୍ୟାକୁମାରୀରେ କେବଳ ତା'ର ପୁନରାବୃତ୍ତି ହିଁ ଘଟିଥିଲା ।

ନିର୍ନିମେଷ ନୟନରେ ବାମ, ସମ୍ମୁଖ ଓ ଦକ୍ଷିଣ ପାର୍ଶ୍ୱରେ ଅନନ୍ତ ଜଳ ବିସ୍ତାରକୁ କିଛି ସମୟ ପାଇଁ ମୁଗ୍ଧ ନେତ୍ରରେ ଚାହିଁ ରହିଲି । ଦୁଇ ସମୁଦ୍ରର ସୁନୀଳ ବରଣ ସହ ଅନନ୍ତ ଆକାଶର ପରିବ୍ୟାପ୍ତ ନୀଳିମା ଘନଶ୍ୟାମ ରୂପ ଧରି ସତେ ଯେପରି ମୋହନ ମୁରଲୀ ବାଦନ କରୁଥିଲା । ସ୍ଥୁଳ ଦୃଷ୍ଟି ଏକ ସୂକ୍ଷ୍ମ ଅନ୍ତଃଚେତନାରେ ବିଲୀନ ହୋଇଯାଇଥିଲା । ମାତ୍ର ତାହା ବେଶୀକ୍ଷଣ ରହିବା ପାଇଁ ଅଭିପ୍ରେତ ନଥିଲା ସତେ ବା ! ସହସା ରୂପାନ୍ତର ଘଟିଲା । ସୂକ୍ଷ୍ମ ଦୃଷ୍ଟି ତିରୋହିତ ହେଲା । ଅନନ୍ତ ନୀଳିମା ବିଭାଜିତ ହୋଇଗଲା । ବଙ୍ଗୋପସାଗର ଓ ଆରବ ସାଗର ସୁସ୍ପଷ୍ଟ ହୋଇ ଉଠିଲେ । ବଙ୍ଗୋପସାଗରର ନୀଳ ରୂପଶ୍ରୀ ଓ ଆରବ ସାଗରର କୃଷ୍ଣକାନ୍ତି ବେଶ୍ ବାରି ହୋଇପଡ଼ିଲେ । ଯେଉଁଠି ଉଭୟ ସାଗର ମିଶିଥିଲେ ସମ୍ମୁଖ ଭାଗର ସେଇ ଅଂଶରେ ଠା କୁ ଠା ନୀଳ ଓ କୃଷ୍ଣ ଜଳର ଅପୂର୍ବ ସମାବେଶ ଘଟିଥିଲା । ମୁମ୍ବାଇରେ ମୁଁ ଆରବ ସାଗରକୁ ଦେଖିଛି, ଦ୍ୱାରକାରେ ଆରବସାଗର ଦେଖିଛି, ଦେଖିଛି ମଧ୍ୟ ସୋମନାଥ ମନ୍ଦିର ପାର୍ଶ୍ୱରେ, କିନ୍ତୁ ତା'ର ଜଳ ଯେ କୃଷ୍ଣ ଏ ଧାରଣା ମୋ ମନରେ କେବେ ସ୍ଥାନ ପାଇ ନାହିଁ । ବଙ୍ଗୋପସାଗର ଓ ଆରବସାଗରକୁ ଏକତ୍ର ନଦେଖିଲେ ଜଳର ଏ ବର୍ଣ୍ଣବୈଷମ୍ୟ ସହଜରେ ବୁଝିହେବ ନାହିଁ । ମୋତେ ସେଇ ଦୃଶ୍ୟ ହିଁ ବିମୋହିତ କରିଥିଲା, ସୂର୍ଯ୍ୟୋଦୟ ଦର୍ଶନର ବିଫଳତା ସେଇ ମୁଗ୍ଧାନୁଭବକୁ ତିଳେମାତ୍ର ସ୍ପର୍ଶ କରିପାରିନଥିଲା ।

କନ୍ୟାକୁମାରୀ ମନ୍ଦିର ଦର୍ଶନ କରି ଆମେ ବିବେକାନନ୍ଦ ଧ୍ୟାନ କେନ୍ଦ୍ର ଦର୍ଶନରେ ବାହାରି ପଡ଼ିଲୁ । ସମୁଦ୍ର ମଧ୍ୟସ୍ଥ ଏହି ପାହାଡ଼ ମୁଣ୍ଡିଆଟିରେ ସେଦିନ ପ୍ରବଳ ଲୋକଭିଡ଼ ଲାଗି ରହିଥିଲା । କନ୍ୟାକୁମାରୀର ପ୍ରତ୍ୟେକ ଦର୍ଶକଙ୍କ ଅନ୍ୟତମ ମୁଖ୍ୟ ଆକର୍ଷଣ ଏଇ ଧ୍ୟାନ କେନ୍ଦ୍ର । କେଉଁ ଏକ ଆଦେଶରେ କେଜାଣି ବିବେକାନନ୍ଦ ଦିନେ ସମୁଦ୍ରର ଜଳ ଅତିକ୍ରମ କରି ଏଇ ନିର୍ଜନ ଦ୍ୱୀପରେ ଧ୍ୟାନସ୍ଥ ହୋଇ ପଡ଼ିଥିଲେ । ଭାରତ ଭ୍ରମଣ ଶେଷରେ କନ୍ୟାକୁମାରୀରେ ପହଞ୍ଚିଲା ବେଳକୁ ସେ ଥିଲେ କପର୍ଦ୍ଦକ ଶୂନ୍ୟ । ଭ୍ରମଣ ଉଦ୍‌ଯାପନ ପାଇଁ ଭାରତ ଭୂମିର ଏକ ଶେଷ ପ୍ରାନ୍ତରେ ପହଞ୍ଚିବାକୁ ଡଙ୍ଗାରେ ବସି ଯିବା ଦରକାର ଥିଲା, ମାତ୍ର ଭଡ଼ା ପଇସା ଦେବା ବିବେକାନନ୍ଦଙ୍କ ପକ୍ଷରେ ସମ୍ଭବ ନଥିଲା । ସେ ସମୁଦ୍ର ମଧ୍ୟକୁ ଡେଇଁ ପଡ଼ିଥିଲେ ଏବଂ ରାଜହଂସ

ଭଳି ପହଁରି ପହଁରି ସେଇଠି ପହଞ୍ଚିଥିଲେ। ସମଗ୍ର ଭାରତର ରୂପ ତାଙ୍କ ଆଗରେ ଉଦ୍ଭାସିତ ହୋଇ ଉଠୁଥିଲା। ଦାରିଦ୍ର୍ୟ, ଅଶିକ୍ଷା ଓ ଅଜ୍ଞତାର ଶୋଚନୀୟ ରୂପ ତାଙ୍କୁ ଅତିଷ୍ଠ କରିଥିଲା। ଗତ କିଛି ଦିନ ହେବ ଗରମ କଡ଼େଇରେ ପଡ଼ି ଛଟପଟ ହେଲା ଭଳି ସେ ଅନୁଭବ କରୁଥିଲେ। ଏଇ ଦ୍ୱୀପଟି ତାଙ୍କୁ ଭିନ୍ନ ଏକ ରାଜ୍ୟକୁ ନେଇଗଲା। ତାଙ୍କର ଦୃଷ୍ଟିରୁ ନୂତନ ଜ୍ୟୋତି ଦେଲା, ଅନ୍ତରରେ ଅମାପ ଶକ୍ତି ଭରିଦେଲା। ତାଙ୍କର ମନେହେଲା ସତେ ଯେପରି ପୂର୍ଣ୍ଣତାରେ ସେ ଫାଟି ପଡ଼ିବେ। ଦିବ୍ୟତାର ଏଇ ଅଫୁରନ୍ତ ଶକ୍ତି ଆଜି ବି ସେଇ ଦ୍ୱୀପର ପରିମଣ୍ଡଳରେ ବ୍ୟାପ୍ତ ହୋଇ ରହିଛି। ଶାନ୍ତି ଓ ସ୍ନିଗ୍ଧତାର ଅପୂର୍ବ ପୂରବୀ ଆଜି ସେଇଠି ପ୍ରାଣକୁ ଶୀତଳ କରୁଛି।

ଖୁବ୍ ଅଳ୍ପ ସମୟ ପରେ ଦ୍ୱୀପ ଭ୍ରମଣ ଶେଷ କରି ଆମକୁ ଫେରିବାକୁ ହେଲା। ବାଟରେ ଶୁଚୀନ୍ଦ୍ରମ ମନ୍ଦିର ଦେଖିବାର ଯୋଜନା ଥିଲା। ମନ୍ଦିରରେ ପ୍ୟାଣ୍ଟ ପିନ୍ଧି ଦେବ ଦର୍ଶନ ମନା। ପୁରୁଷ ମାନେ କେବଳ ଧୋତି ଓ ମହିଳାମାନେ ଶାଢ଼ୀ ପିନ୍ଧି ମନ୍ଦିରକୁ ଯିବାର ବିଧି। ଆମ ଦଳରେ ମୁଁ କେବଳ ଧୋତି ପଞ୍ଜାବୀ ପିନ୍ଧିଥିଲି, ତଥାପି ପଞ୍ଜାବୀ ଓ ଗେଞ୍ଜି ଓହ୍ଲାଇବାକୁ ହେଲା। ଧୋତି ଭଡ଼ାରେ ମିଳୁଥିଲା, ପ୍ୟାଣ୍ଟ ପିନ୍ଧାଳିମାନେ ତା'ରି ସହାୟତାରେ ମନ୍ଦିରକୁ ଗଲେ। ବସ୍ତୁତଃ ଏହିଠାରୁ ଆମର ଲେଉଟାଣି ଆରମ୍ଭ ହେଲା। ଏତେ କମ୍ ସମୟ ହାତରେ ରଖି କନ୍ୟାକୁମାରୀକୁ ବୁଲିଆସିବା ସ୍ପୃହଣୀୟ ନଥିଲା ସତ, ମାତ୍ର ଏକଥା ମଧ୍ୟ ଭାବିବାକୁ ହେଉଥିଲା ଯେ ଏହି ସମୟର ସୁଯୋଗ ନନେଲେ ଭବିଷ୍ୟତରେ ଏଠାକୁ ଆସିବାର ନୈଶ୍ଚିତ୍ୟ ନଥିଲା। ବହୁ ସମୟ ଧରି ଏଠାରେ ଅନନ୍ୟ ଦୃଶ୍ୟ ଉପଭୋଗ କରି ହେଲାନାହିଁ ସିନା, ହେଲେ କନ୍ୟାକୁମାରୀର ସ୍ୱଳ୍ପ ଅନୁଭୂତି ତଥାପି ମୋର ସ୍ମୃତିକୋଷରେ ଅମୂଲ୍ୟ ମଣିମାଣିକ ହୋଇ ଚିରକାଳ ରହିଗଲା।

ଗାନ୍ଧୀଗ୍ରାମ ପ୍ରକୃତରେ ଗାନ୍ଧୀଜୀଙ୍କ ଆଦର୍ଶର ଅନୁସରଣରେରୂପ ନେଉଥିଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ରନ୍ ଥିଲେ ଗାନ୍ଧୀ ଆଦର୍ଶର ପ୍ରତୀକ। ଶ୍ରଦ୍ଧାରେ ତାଙ୍କୁ ସମସ୍ତେ ମାମା ବୋଲି ସମ୍ବୋଧନ କରୁଥିଲେ। ସେଇ ଲବିରେ ମୋତେ ଡ଼ାକି ପାଖରେ ବସାଇ କହିଲେ – " ମୁଁ ଦିନେ ସେଣ୍ଟ୍ରାଲ ଆସେମ୍ବ୍ଲିକୁ ଆସିଥିଲି, ତମରି ପରି ଉତ୍ସାହରେ। ତମରି ପରି ଟାସ୍କ କରି ବିଡ଼ା ବିଡ଼ା ନୋଟ୍ ଧରି ଆସୁଥିଲି। ଭାଷଣ ଦେବା ପାଇଁ। ସୁଯୋଗ ମିଳୁଥିଲା କିନ୍ତୁ କ୍ୱଚିତ୍। ନକ୍, ନକ୍ ନକ୍ ଆଟ୍ ଦି ଡୋର୍ ଆଣ୍ଡ ଦି ଡୋର୍ ଉଇଲ୍ ବି ଓପନ୍ ଅନ୍ ଟୁ ୟୁ।"

ତା'ପରେ ସେ ମୋତେ କାଉନ୍‌ସିଲ ଅଫ୍ ଷ୍ଟେଟସ୍ ଲବିରୁ ଇନ୍ ଚ୍ୟାମ୍ବର ଭିତରକୁ ଯାଇଥିବା ଗୋଟିଏ ଦରଜାର ଖିଲାଣ ଉପରେ, ସୁନେଲୀ ଅକ୍ଷରର ଲେଖା ଯାଇଥିବା 'ଗୀତା'ର ସେଇ ପ୍ରସିଦ୍ଧ ଶ୍ଳୋକଟି ସବୁ ଦିନେ ପଢ଼ିବା ପାଇଁ କହିଲେ। ଶ୍ଳୋକଟି ହେଉଛି; "କର୍ମଣ୍ୟେ ବାଧିକାରସ୍ତେ / ମା ଫଳେଷୁ କଦାଚନ"।

ଯା' ହେଉ, ମୋର ଉଦ୍ୟମ, ଅଧ୍ୟବସାୟ ଓ ଆଗ୍ରହ ଫଳରେ ମୁଁ ଦିନ ଛଅଟାରେ କାଉନ୍‌ସିଲ ଅଫ୍ ଷ୍ଟେଟସ୍‌ରେ ବେଶ୍ ଜଣାଶୁଣା ହୋଇଗଲି।

ପାର୍ଲାମେଣ୍ଟ ହେଉ ବା ବିଧାନସଭା ହେଉ, ନାଆଁ କରିବାର ଗୋଟି ସରଳ ଉପାୟ ହେଲା ପ୍ରଶ୍ନୋତର କାଳରେ ଖୁବ୍ ସକ୍ରିୟ ହେବା। ଏଥିପାଇଁ ପ୍ରତ୍ୟୁତ୍ପନ୍ନମତି ଓ ବିଷୟବସ୍ତୁ ଉପରେ ସବିଶେଷ ଜ୍ଞାନର ଯଥେଷ୍ଟ ପ୍ରୟୋଜନ ରହିଛି। ସେତେବେଳେ ସମ୍ବଲପୁରରେ ହୀରାକୁଦ ବନ୍ଧ ନିର୍ମାଣ ସଂକ୍ରାନ୍ତରେ ବହୁ ଅବ୍ୟବ ଓ ଦୁର୍ନୀତିର ଅଭିଯୋଗ ଏକ ସ୍କାଣ୍ଡାଲ୍‌ର ଆକାର ଧାରଣ କରିଥିଲା। ପରବର୍ତ୍ତୀ କାଳର ଓଡ଼ିଶା ରାଜ୍ୟପାଳ ଡଃ ଅଯୋଧ୍ୟାନାଥ ଖୋସଲା ସେତେବେଳେ ହୀରାକୁଦ ଯୋଜନାର ଚିଫ୍-ଇଞ୍ଜିନିୟର। ଓଡ଼ିଶାରେ ପ୍ରଚୁର ଜଙ୍ଗଲ ସମ୍ପଦ ରହିଥିଲେ ହୀରାକୁଦ ଯୋଜନା ପାଇଁ ପଞ୍ଜାବରୁ କିଣା ହୋଇ ଆସୁଥିଲା ଶାଳ ଓ ଦେବଦାରୁ କାଠ ସ୍ଲିପର। ପଞ୍ଜାବରୁ ମଇଁଷୀ ସୁଦ୍ଧା ଆସୁଥିଲେ ହୀରାକୁଦ ଯୋଜନାରେ କାର୍ଯ୍ୟ କରୁଥିବା ପଞ୍ଜାବୀ ଇଞ୍ଜିନିୟର ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ କ୍ଷୀର ଯୋଗାଇବା ପାଇଁ। ସର୍ବ ଦୁର୍ନୀତିର ଅଭିଯୋଗ। କାର୍ଯ୍ୟର ଗତି ମଧ୍ୟ ମନ୍ଥର। ମୁଁ ଗଣତନ୍ତ୍ର ପରିଷଦ ଆସେମ୍ବ୍ଲି ପାର୍ଟିର ଅଫିସ୍ ସେକ୍ରେଟେରୀ ଥିବାବେଳେ ଏମ୍.ଏଲ୍.ଏ ମାନଙ୍କ ପାଇଁ ହୀରାକୁଦ ଉପରେ ପ୍ରାୟ ଶହେଟି ଷ୍ଟାରଡ଼ ଓ ଅନ୍‌ଷ୍ଟାରଡ଼୍ ପ୍ରଶ୍ନ ତିଆରି କରିଥିଲି। ଏବେ ଦେଖିଲି, କେନ୍ଦ୍ର ସରକାରଙ୍କ ସେଂଟ୍ରାଲ୍ ୱାଟାର୍ ଆଣ୍ ପାୱାର କମିଶନ୍ ଅଧୀନରେ ଏହି ଯୋଜନାର ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ, ତାହା ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରାଯିବ। ତେଣୁ ପ୍ରଶ୍ନ ଗୁଡ଼ିକ ଉପରେ ନୋଟିସ୍ କାଉନ୍‌ସିଲ୍ ଅଫ୍ ଷ୍ଟେଟସକୁ ମଧ୍ୟ ଦିଆଯାଇପାରିବ। ସଙ୍ଗେସଙ୍ଗେ ସେଇ ପ୍ରଶ୍ନ ଗୁଡ଼ିକର ନୋଟିସ୍ ପଠାଇ ଦେଲି। ପରବର୍ତ୍ତୀ ଅଧିବେଶନରେ ଦେଖେ, ଯେଉଁଦିନ ଇରିଗେସନ ଓ ପାୱାର ମିନିଷ୍ଟ୍ରିର ଉତ୍ତର ଦେବାପାଇଁ ଥାଏ – ସେଦିନର ଷ୍ଟାରଡ଼୍ କ୍ୱେଶ୍ଚିନ୍ ଲିଷ୍ଟ୍‌ରେ ମୋର ଗୋଟିଏ ବା ଦୁଇଟି ପ୍ରଶ୍ନ ରହିଛି। କାରଣ ନିର୍ଦ୍ଦୟ – ପ୍ରକୃତିର ଲୋକକୁ ଅନ୍ୟମାନେ ଘୃଣା କରନ୍ତି ଏବଂ

ତା'ର ପ୍ରତିକ୍ରିୟା ସ୍ୱରୁପ ମଧ୍ୟ ସେ ଲୋକଙ୍କୁ ଭଲପାଏ ନାହିଁ। ଫଳରେ ତା' ମନ ଭିତରେ ଘୃଣା ବଦ୍ୱେଷ ଓ ତିକ୍ତତାର ପାପଚକ୍ର ଘୁରି ବୁଲୁଥାଏ। ସେ ଏଥିଲାଗି ଅନ୍ୟମାନଙ୍କୁ ସବୁବେଳେ ସମାଲୋଚନା କରେ ଏବଂ ଯେହେତୁ ଅକାରଣରେ ସେ ଲୋକଙ୍କୁ ସମାଲୋଚନା ଓ ଘୃଣା କରେ, ତା' ମନରେ ସବୁବେଳେ ପାପ ଚିନ୍ତା ରହିଥାଏ। ଏହି ସଂଶୟ ଓ ଅହେତୁକ ସନ୍ଦେହ ଯୋଗୁଁ ସେ ସବୁବେଳେ ଅଶାନ୍ତିରେ ସମୟ କାଟେ। ତେଣୁ ନିର୍ଦ୍ଦୟ ଓ ପରଶ୍ରୀକାତର ଶ୍ରେଣୀର ଲୋକେ ସୁନାଗରିକ ନୁହନ୍ତି କି ସୁଖୀ ବି ନୁହନ୍ତି। ସେହିପରି ଭାବରେ ମିଥ୍ୟାବାଦୀ, ପ୍ରବଂଚକ ଓ ନୀତିହୀନ ଲୋକ ମଧ୍ୟ କଦାପି ସୁନାଗରିକ ହୋଇପାରିବ ନାହିଁ।

ମିଥ୍ୟା କହିବା ଅର୍ଥ ସମାଜର ଅନ୍ୟ ଜଣେ ବ୍ୟକ୍ତିର ପ୍ରତ୍ୟକ୍ଷରେ ବା ପରୋକ୍ଷରେ କ୍ଷତି ସାଧନ କରାହୁଏ। ବିଶେଷତଃ ଯେଉଁମାନେ ଅନବରତ ମିଛ କହିଯାଆନ୍ତି, ସେମାନଙ୍କୁ ସମାଜରେ କେହି ଭଲ ପାଆନ୍ତି ନାହିଁ ଏବଂ ଏମାନଙ୍କ ଯୋଗୁଁ ବହୁଲୋକ ଅଯଥା କଷ୍ଟ ପାଆନ୍ତି। ତା'ର ସାମାଜିକ ପ୍ରତିକ୍ରିୟା ଫଳରେ ମିଥ୍ୟାବାଦୀ ନିଜେ ମଧ୍ୟ ଏଥିଲାଗି ବହୁ କଷ୍ଟ ପାଏ। ଅନେକ ସମାଜରେ ମିଛ କହି ବା ଅନ୍ୟକୁ ପ୍ରବଚଂନା କରି ଆମେ ହୁଏତ କେତେକ ସୁବିଧା ପାଇଯାଉ କିନ୍ତୁ ଜଣକର ଜୀବନକାଳ ଭିତରେ ଯଦି ଏ ପ୍ରକାର ପ୍ରବଚଂନା ଜନିତ ଲାଭ କ୍ଷତିର ହିସାବ ଧରାଯାଏ, ତା'ହେଲେ ତା'ର ମୋଟାମୋଟି କ୍ଷତି ସିନା ହୁଏ, ଲାଭ ହୁଏ ନାହିଁ। କେତେଥର ମିଛ କହିବା ଫଳରେ ମୋଟା ଲାଭ ହୋଇଗଲେ ଲୋକର ଲୋଭ ବଢ଼ିଯାଏ। ସେ ଅଧିକରୁ ଅଧିକ ମିଥ୍ୟା ପ୍ରବଞ୍ଚନାର ସାହାଯ୍ୟ ନେବାରେ ଅଭ୍ୟସ୍ତ ହୋଇପଡ଼େ କିନ୍ତୁ ଠିକ୍ ଏହି ପ୍ରବଞ୍ଚନା ଯୋଗୁଁ କ୍ରମେ କ୍ରମେ ଲୋକେ ତାକୁ ଅବିଶ୍ୱାସ କରନ୍ତି; ତା'ଛଡ଼ା ସେ ନିଜେ ନିଜ ବିବେକ ଆଗରେ ସବୁବେଳେ ଦୋଷୀ ସାବ୍ୟସ୍ତ ହୁଏ। ଏପରିକି ସେ ଭଲରେ ଶୋଇ ପାରେ ନାହିଁ। ବହୁ ପ୍ରକାର ଭୟଙ୍କର ସ୍ୱପ୍ନ ଦେଖେ। ଅକାରଣ ଆତୁରତା ଓ ଉଦ୍ବେଶ୍ୟର ମାତ୍ରା ତା ଠାରେ ବେଶି ଦେଖାଯାଏ। ତା'ର ମୁହ, କପାଳ, ଓ ଆଖି ତଳେ ଦୁଶ୍ଚିନ୍ତା ରେଖା ଦେଖାଯାଏ ଏବଂ ଅନେକ ସମୟରେ ଏ ପ୍ରକାର ଲୋକେ ପାଗଳ ହୋଇ ଯାଆନ୍ତି କିମ୍ବା ମଦ ପ୍ରଭୃତି ମାଦକ ଦ୍ରବ୍ୟର ନିଜକୁ ସର୍ବଦା ଏପରି ବୁଡ଼ାଇ ରଖନ୍ତି ଯେ ନିଜ ବିବେକର ସମ୍ମୁଖୀନ ହେବାଲାଗି ତାଙ୍କର ଚେତନା ନ ଥାଏ।

୪. ଭୌଗୋଳିକ ବିଚ୍ଛିନ୍ନତାର ଶିକାର ହୋଇ ଓଡ଼ିଆ ମାନେ ଭିନ୍ନ ଭିନ୍ନ ପ୍ରଶାସନିକ ଖଣ୍ଡରେ ବସବାସ କରୁଥିଲେ ମଧ୍ୟ ସାମାଜିକ ଓ ସାଂସ୍କୃତିକ ମୁଖ୍ୟସ୍ରୋତରୁ କେବେ ମଧ୍ୟ ବିଚ୍ଛିନ୍ନ ହୋଇ ନ ଥିଲେ। ଏହାର କାରଣ ପୂର୍ବବର୍ଣ୍ଣିତ ସୁଦୃଢ଼ ସାଂସ୍କୃତିକ ବନ୍ଧନ ଯାହା ଶତାବ୍ଦୀ ଶତାବ୍ଦୀ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏବଂ ସମଗ୍ର ଓଡ଼ିଆ ଜାତିକୁ ଏକ ଅଦୃଶ୍ୟ ଅଥଚ ସଶକ୍ତ ସୂତ୍ରରେ ବାନ୍ଧି ରଖିଥିଲା।

ଓଡ଼ିଶା ଇତିହାସରୁ ଗୋଟିଏ ବା ଯୋଡ଼ିଏ ଦୃଷ୍ଟାନ୍ତ ଅବତାରଣା କଲେ ଏହି ବନ୍ଧନର ଯଥାର୍ଥ୍ୟ ଆହୁରି ସ୍ପଷ୍ଟ ହେବ।

୧୮୧୭ ମସିହାର ପାଇକ ବିଦ୍ରୋହ ଓଡ଼ିଶା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଓ ଗୌରବମୟ ଘଟଣା। ଏହାକୁ ଐତିହାସିକ ମାନେ ଓଡ଼ିଶାର ପ୍ରଥମ ଗଣସଂଗ୍ରାମ ଓ ଆଦ୍ୟ ଜାତୀୟବାଦୀ ସମର ବୋଲି ଅଭିହିତ କରିଛନ୍ତି। ଖୋରଧା ରାଜାଙ୍କର ସେନାଧକ୍ଷ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ଏହି ବିଦ୍ରୋହ ଯୋଦ୍ଧା ଜାତି ପାଇକ ମାନଙ୍କ ମଧ୍ୟରେ ସୀମିତ ନ ରହି ସାଧାରଣ ଜନତା ମଧ୍ୟରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା। ଯେହେତୁ ଖୋର୍ଦ୍ଧାର ରାଜା ଥିଲେ ମହାପ୍ରଭୁଙ୍କ ପ୍ରତିନିଧି ଏବଂ ଜଗନ୍ନାଥଙ୍କ ପୂଜକମାନଙ୍କର ଏହି ସଂଗ୍ରାମ ପ୍ରତି ଥିଲା ଅକୁଣ୍ଠସମର୍ଥନ, ଓଡ଼ିଶାର ପାଇକ ମାନେ ଏହି ସଂଗ୍ରାମରେ ସ୍ୱତଃସ୍ଫୂର୍ତ ଭାବରେ ଝାସ ଦେଇଥିଲେ ଏବଂ ଓଡ଼ିଶାର ବିପୁଳ ଜନସମୁଦାୟର ଏଥିପ୍ରତି ଥିଲା ଆନ୍ତରିକ ସହଯୋଗ। ଗୋଟିଏ ବିଖଣ୍ଡିତ ଭୂଖଣ୍ଡରେ ଏପରି ସଂଗ୍ରାମ ସଂଘଟିତ ହୋଇପାରିଥିଲା ଭାବବନ୍ଧନର ନିବିଡ଼ତା ହେତୁ ଏବଂ କହିବା ବାହୁଲ୍ୟ ଯେ ଏହି ଭାବବନ୍ଧନର କର୍ଣ୍ଣଧାର ଥିଲେ ସ୍ୱୟଂ ଜଗନ୍ନାଥ।

ସେମିତି ଓଡ଼ିଶାରେ ବିଦେଶୀ ବସ୍ତ୍ର ବର୍ଜନର କଥା। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନେ ବିଦେଶୀ ବସ୍ତ୍ର ବର୍ଜନ ସନ୍ଦେଶ ଗାଁ ଗହଳିରେ ପହଂଚାଇଥିଲେ ଅବଶ୍ୟ। କିନ୍ତୁ ଶ୍ରୀମନ୍ଦିରର ପଣ୍ଡାମାନେ ମହାପ୍ରଭୁଙ୍କ ନିକଟରେ ବିଦେଶୀ ବସନ ଲାଗି କରାଇବାକୁ ମନା କରିଦେବା ଦ୍ୱାରା ଏହା ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା। ଏପରିକି କଲିକତାର ଓଡ଼ିଆ କୁଲିମାନେ ବିଦେଶୀ ବସ୍ତ୍ରର ମୋଟ ବୋହିବାକୁ ଅମଙ୍ଗ ହୋଇଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ଉଭା ହେବା ବା ଦେଶ ସ୍ୱାଧୀନ ହେବା ପୂର୍ବରୁ ଓଡ଼ିଆମାନଙ୍କର ଏହି ଭାବଗତ ଐକ୍ୟ ଓଡ଼ିଶାର ନିରବଚ୍ଛିନ୍ନ ସାଂସ୍କୃତିକ ଗତିଶୀଳତାର ଅନନ୍ୟ ନିଦର୍ଶନ।

୫. ସେଥିରୁ କ'ଣ ମନେହେଲା କେଜାଣି ସେ ଗାଈଆଳ ଟୋକାଟାର। କେତୋଟି ମୁହୂର୍ତ୍ତ ପାଇଁ ସେ କେବଳ ମୁଗ୍ଧ ନୁହେଁ, ବିଚଳିତ ହୋଇଗଲା, ଏକ ଆକସ୍ମିକ ଆନନ୍ଦରେ। ତାକୁ ଜଣାପଡ଼ିଲା ଚଢେଇର ସେହି ଅତୁଳନୀୟ ସମ୍ପଦ ମଧ୍ୟ ତା'ର ସମ୍ପଦ। ସେଇ ଅଣ୍ଡାଗୁଡ଼ିକର ଭବିଷ୍ୟତ ସତେ ଅବା ତା'ନିଜର ଭବିଷ୍ୟତ।

ଚଢେଇର ସଂସାର ପାଖରେ ପହଞ୍ଚିଥିଲା ବୋଲି ଗୋଟିଏ ଅଣ୍ଡା ହିଁ ଅକାଟ୍ୟ ପ୍ରମାଣ। ସେ ହାତ ବଢାଇଲା ଏବଂ ବିସ୍ମିତ ହେଲା ଯେ ହାତ ମୋଟେ ଗତିକରୁନାହିଁ ଲୁଣ୍ଠନ କରିବା ସକାଶେ। ହଜାରେ କଂସ ମଧ୍ୟ ପକ୍ଷାଘାତ ରୋଗୀଭଳି ସ୍ତବ୍ଧ ଅଞ୍ଚଳ ହୋଇ ପଡ଼ନ୍ତେ ଏଭଳି କାମ କରିବା ପାଇଁ। ଆହା 'ଦେବକୀ ଏଭଳି ଅପୂର୍ବ ଦୃଶ୍ୟଟେ ତ ତା' ଭାଇକୁ ଦେଖାଇ ଦେଇ ପାରିଥା'ନ୍ତା ଏଡ଼େଇ ଦେବାପାଇଁ ସମସ୍ତ ଦୁଃଖ ଓ ବିଚ୍ଛେଦ।

ଯା ପରେ ସେ ଟୋକାର ତଳକୁ ଫେରି ଆସିବା ହିଁ ଉଚିତ୍ ଥିଲା, କିନ୍ତୁ ସେ ଚାହିଁ ରହିଲା ଚାରୋଟି ଧଳା, ଗୋଲାକାର ଜିନିଷକୁ, ଯାହା ଭିତରେ ଅକାଟ୍ୟ ଭବିଷ୍ୟତର ହସ୍ତାକ୍ଷର ରହିଥିଲା। ଅଜାଣତରେ ତା'ର ହାତ ଏଥର ଲମ୍ବିଗଲା ସେହି ଦିଗକୁ। ପରାକ୍ଷଣରେସେ ଏପଟସେପଟ କରି ଦେଖିଲା ଗୋଟିଏ ଅଣ୍ଡାକୁ। ଠିକ୍‌କଲା ଯେ, ଏହାକୁ ସାଙ୍ଗମାନଙ୍କୁ ଦେଖାଇଦେବା ପରେ ସେ ପୁଣି ଗଛ ଚଢିବ ଏବଂ ଯଥା ସ୍ଥାନରେ ତାହାକୁ ରଖିଦେବ।

ସେ ଭଲ ଭାବରେ ଅଣ୍ଡାଟିକୁ ଗାମୁଛାରେ ବାନ୍ଧିବା ପାଇଁ ସମୟ ପାଇଲା ନାହିଁ। ଶୁଭିଲା ଗୋଟାଏ ଆତୁର, ଅସ୍ଥିର, ଆବେଗ ଭରପୂର ସ୍ୱର। ସେ ସ୍ୱରରେ ଥିଲା ଉତ୍କଣ୍ଠା ଏବଂ ସର୍ବନାଶ ହୋଇଯାଉଥିବା ଭଳି ଅସାଧ ଦୁଃଖ। ଅଣ୍ଡାମାନଙ୍କର ମା' ବୋଧହୁଏ ଟୋକାକୁ ଠାବ କରି ପାରିଥିଲା ଯାରି ଭିତରେ।

ଏଇଥିପାଇଁ ଦୁର ଦିଗ୍‌ବଳୟରୁ ଏଇ ସ୍ୱର ତୁହାଇ ତୁହାଇ ଭାସି ଆସିଲା ଏବଂ ପାଖେଇ ଆସିଲା। ସେ ହୁଏତ ଚିତ୍କାର ଜରିଆରେ ଅଭିଶାପ ଏବଂ ଆର୍ତ୍ତନାଦ ପ୍ରକାଶ କରୁଥିଲା।

କୌଣସି ମତେ ତଳକୁ ଓହ୍ଲାଉଥିବାବେଳେ ସମସ୍ତ ପ୍ରତିବାଦ ପୂର୍ଣ୍ଣ କ୍ରୋଧ ସହିତ ହତଭାଗୀ ମା' ଜଣକ ଉଡ଼ି ବୁଲିଲା ସେ ଟୋକା ପାଖରେ। ଟୋକା ନିଜ ମୁହଁ ଓ ପିଠି ଉପରେ ପ୍ରାୟ ଅନୁଭବ କରୁଥିଲା ମା' ଡେଣାର ସ୍ପର୍ଶ। ସେ ବେଶ୍ ହରକତ ହୋଇପଡୁଥିଲା, କିନ୍ତୁ ତାକୁ ଖଇଚ୍ଛ କରୁଥିବା ଚଢ଼େଇ ପ୍ରତି ତା' ମନରେ କୌଣସି ବିଦ୍ୱେଷ କିମ୍ବା ବିରକ୍ତି ନଥିଲା। ଅଥଚ ଚଢେଇଟି ଗୋଟାଏ ସର୍ବହରା ଚିତ୍କାର ଓ ପ୍ରତିବାଦର ଡେଣା ଫଡଫଡ ଅବ୍ୟାହତ ରଖିଥିଲା ଟୋକା ପାଖରେ। ଏବଂ ସେ ଟୋକା ଗଛରୁ ଓହ୍ଲାଇ ପଡ଼ିବା ମାତ୍ରେ ହିଁ ଚୂଡ଼ାନ୍ତ ସର୍ବନାଶ ସଂଘଟିତ ହୋଇଗଲା। ଅଣ୍ଟାରେ ବନ୍ଧା ଯାଇଥିବା ଗାମୁଛା ଅନ୍ତରାଳରେ ସେ ପର୍ଯ୍ୟନ୍ତ ରହିଥିବା ଅଣ୍ଡାଟି ଖସି ପଡ଼ିଲା ତଳକୁ। ଛିନ୍ନ ଭିନ୍ନ ହୋଇଗଲା ଖୋଳପାର ପରଦା ଏବଂ ଉନ୍ମୋଚିତ ହୋଇଗଲା ତା' ଭିତରର ଅପ୍ରତ୍ୟାଶିତ ପରିପାଟୀ। ଆପାତତଃ ପୁଳାଏ କଅଁଳ ମାଂସ ଭଳି ତା' ଭିତରେ ରହିଥିଲା ଅନ୍ୟ ଏକ ଚଢେଇର ଅଚେତନ ଶୈଶବ। ତାହାର ଆଖି ଖୋଲି ନଥିଲା କିମ୍ବା ଆଖି ଖୋଲି ସଂସାରକୁ ଏବଂ ତାକୁ ବରବାଦ କରିଥିବା ଘାତକକୁ ଚାହିଁବାର କୌଣସି ସ୍ପୃହା ନଥିଲା। ନିତାନ୍ତ ନିକଟରେ ପଡ଼ି ରହିଥିବାରୁ ସେ ଟୋକା ଦେଖିଲା ଛତୁ କଢଭଳି କୁନି କୁନି ପକ୍ଷୀର କଢ ରହିଚି, ତା' ଉପରେ; ବାସ୍ତବିକ ସମଗ୍ର ଦେହ ଉପରେ। ଆଶ୍ଚର୍ଯ୍ୟର କଥା, ଆଖି ବନ୍ଦ ଥିଲେ ମଧ୍ୟ ସଦ୍ୟଜାତ ଚଢେଇର ଚଞ୍ଚୁ ରହିଚି ଭୋକର ଇସ୍ତାହାର ଧରି।

୬. ଦେଶପ୍ରାଣତା ତା' ଠାରେ ଦେଖାଦେବା ଅସମ୍ଭବ। ଲୋକଙ୍କୁ ଠକିବା ଲାଗି କେତେଗୁଡ଼ିଏ ବଡ଼ ବଡ଼ କଥା ସେ ମୁହଁରେ କରିପାରେ କିନ୍ତୁ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ତା'ର କୌଣସି ସହୃଦୟତା ନଥାଏ କି ଅନ୍ୟ ଲୋକଙ୍କ ପ୍ରତି ତା'ର କୌଣସି ସ୍ନେହ ଶ୍ରଦ୍ଧା ନଥାଏ। ସେ ଅତିମାତ୍ରାରେ ସ୍ୱାର୍ଥପର ହୋଇପଡ଼େ। ନିଜର ସ୍ୱାର୍ଥ ଅନୁସାରେ ସେ ତା'ର ନୀତିକୁ ସର୍ବଦା ବଦଳାଇ ବଦଳାଇ ଚାଲିଥାଏ। ଏପରି ଲୋକକୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏମାନେ ସାଧାରଣତଃ କ୍ଷୁଦ୍ର ନ୍ୟସ୍ତସ୍ୱାର୍ଥ, ସଂକୀର୍ଣ୍ଣ ଗୋଷ୍ଠୀ ବା ସଂପ୍ରଦାୟ ପ୍ରତି ଅତିମାତ୍ରାରେ ଅନୁରକ୍ତି ଦେଖାନ୍ତି ସତ କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନେ ନିଜର ଓ ନିଜ ପରିବାରବର୍ଗଙ୍କର ସ୍ୱାର୍ଥ ଲାଗି କେବଳ କାମ କରନ୍ତି। ତେଣୁ ଏ ପ୍ରକାର ଲୋକେ ଆଦୌ ସୁଖୀ ହୋଇ ପାରିବେ ନାହିଁ।

ତା' ହେଲେ ସୁନାଗରିକର ମନସ୍ତାତ୍ତ୍ୱିକ ସଂଜ୍ଞା କଣ ? ଅର୍ଥାତ୍ କି ପ୍ରକାର ମନସ୍ତାତ୍ତ୍ୱିକ ବା ସାମାଜିକ ଚରିତ୍ର ସୁନାଗରିକ ହେବା ଲାଗି ଉପଯୁକ୍ତ ବୋଲି ବିବେଚିତ ହେବ ? ସୁଖୀ ଓ ସୁସଂଯତ ଲୋକ ହିଁ ସୁଖୀ ନାଗରିକ ହୋଇପାରିବ। କାରଣ ଯେଉଁମାନଙ୍କ ମନରେ ବ୍ୟକ୍ତିଗତ ତିକ୍ତତା, ପାରସ୍ପରିକ ବିଦ୍ୱେଷ

ଓ ସାମାଜିକ ବ୍ୟର୍ଥତା ରହିଥିବ, ସେମାନେ ସବୁବେଳେ ଅସୁଖୀ ଓ ଅସହିଷ୍ଣୁ । ତେଣୁ ସେମାନଙ୍କର ଅନ୍ୟମାନଙ୍କର କଥା ଭାବିବା ପାଇଁ ସମୟ ବା ସ୍ପୃହା ନ ଥାଏ । ସବୁବେଳେ ତ ସେମାନେ ନିଜ ନିଜର କ୍ଷୁଦ୍ର ବ୍ୟର୍ଥତାର ଚାରିପାଖେ ପରହୀନ ଶକୁନି ପରି ବୁଲୁଥାଆନ୍ତି । ଅନ୍ୟମାନଙ୍କୁ ଆଖେପାଖେ ଦେଖିଲାକ୍ଷଣି ସେମାନେ ବିରକ୍ତ ହୁଅନ୍ତି । ଯେଉଁ ଦେଶରେ ସାମାଜିକ ଅଶାନ୍ତି ଯେତେ ବେଶି, ସେ ଦେଶରେ ଅସୁଖୀ ଲୋକଙ୍କ ସଂଖ୍ୟା ସେତେ ବେଶି ଏବଂ ସୁନାଗରିକଙ୍କ ସଂଖ୍ୟା ସେହି ପରିମାଣରେ କମ୍ ହେବାକୁ ବାଧ୍ୟ । ତେଣୁ ସୁନାଗରିକ ହେବା ଅର୍ଥ ନିଜ ବ୍ୟକ୍ତିତ୍ୱର ସାମାଜିକ ପରିପୂର୍ଣ୍ଣତା ହାସଲ କରିବା । ଏହି କାରଣରୁ ପ୍ରକୃତ ସୁନାଗରିକ ସଂଖ୍ୟା ବଢ଼ାଇବାକୁ ହେଲେ ଦେଶର ସମଗ୍ର ପାରିପାର୍ଶ୍ୱିକ ଅବସ୍ଥାକୁ ମଧ୍ୟ ବଦଳାଇବା ଦରକାର । ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ବ୍ୟକ୍ତିତ୍ୱ ତଥା ସୁନାଗରିକତ୍ୱର ବିକାଶ ହୋଇଥାଏ । ଏହି ବୈଜ୍ଞାନିକ ତଥ୍ୟଟି ପ୍ରତି ଆମର ସବୁବେଳେ ନଜର ରଖିବା ଉଚିତ୍ । ତା'ହେଲେ ଯାଇ ସାରା ସମାଜରେ ଏହାର ବିକାଶ ଲାଗି ଆମକୁ ନାନା ଭାବରେ ଚେଷ୍ଟା କରିବାକୁ ପଡ଼ିବ ।

ଗତ ପଚିଶ ବର୍ଷ ମଧ୍ୟରେ ଓଡ଼ିଶାରେ ପର୍ବପର୍ବାଣୀର ଆଡ଼ମ୍ବର ବହୁ ପରିମାଣରେ ବୃଦ୍ଧି ପାଇଛି । ସ୍ୱାଧୀନତା ପୂର୍ବରୁ ମଧ୍ୟ ଓଡ଼ିଶାରେ ପର୍ବପର୍ବାଣି ଥିଲା; ମାତ୍ର ସେଗୁଡ଼ିକ ଆଡ଼ମ୍ବରପୂର୍ଣ୍ଣ ହୋଇ ସାତ୍ତ୍ୱିକତାର ସତ୍ତା ହରାଇ ନଥିଲା । ବର୍ତ୍ତମାନର ପର୍ବପର୍ବାଣିରେ ସାତ୍ତ୍ୱିକତାର ସତ୍ତା ମିଳେନାହିଁ । ସମସ୍ତ ପର୍ବପର୍ବାଣି ତାମସିକ ସମାରୋହରେ ପର୍ଯ୍ୟବସିତ ହେଉଛି । ଦୁର୍ଗାପୂଜା, କାଳୀପୂଜା, ଦୋଳୋତ୍ସବ, ସରସ୍ୱତୀପୂଜା, ଗଣେଶପୂଜା ଇତ୍ୟାଦି ସମସ୍ତ ପୂଜାର ଆକାର ବର୍ତ୍ତମାନ ବଦଳି ଯାଇଛି । ଅସଂଖ୍ୟ ମୂର୍ତ୍ତି, ବହୁବ୍ୟୟରେ ନିର୍ମିତ ମେଢ ଓ ତୋରଣ, ଡାକବାଜି ଯନ୍ତ୍ରର ବହୁଳ ବ୍ୟବହାର, ବ୍ୟୟବହୁଳ ଭୋଜି, ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରା ପ୍ରତ୍ୟେକ ପର୍ବପର୍ବାଣିର ପ୍ରଧାନ ଅଙ୍ଗ ହୋଇଛି । ଏ ସମସ୍ତ ଆଡ଼ମ୍ବର ମଧ୍ୟରେ ଧର୍ମଭାବ ସମ୍ପୂର୍ଣ୍ଣ ଲୋପପାଇଛି । ଏ ସମସ୍ତ ମହୋତ୍ସବରେ ପ୍ରଚୁର ମାଦକଦ୍ରବ୍ୟ ମଧ୍ୟ ବ୍ୟବହୃତ ହେଉଛି । ମଦ, ଭାଙ୍ଗ ଇତ୍ୟାଦି ମାଦକ ଦ୍ରବ୍ୟ ପାନ କରି, ମୂର୍ତ୍ତି ମୁଖରେ ସିଗାରେଟ୍ ଗୁଞ୍ଜି ଦେଇ ନବଯୁବକ ମାନେ ନିତମ୍ବର ରମ୍ୟଚାଳନାପୂର୍ବକ ବାଦ୍ୟଝଞ୍ଜା ମୁଖରିତ ଶୋଭାଯାତୀମାନଙ୍କ ଉପରେ ସେମାନଙ୍କ ଟେକାପଥର ବୃଷ୍ଟି, ସଙ୍ଗେସଙ୍ଗେ ପୋଲିସର ମୁତାୟନ ଓ ଆମ୍ବୁଲେନ୍ସ ଆନୟନର ଦୃଶ୍ୟ ଦେଖିଲେ କିଏ କହିବ ଯେ ଏ ସମସ୍ତ ଧର୍ମ ପାଇଁ ଉଦ୍ଦିଷ୍ଟ ? ଯେଉଁ ଧର୍ମ ମହୋତ୍ସବ ମାନ ଗ୍ରାମ-ଗ୍ରାମ ଓ ସାହି-ସାହି ମଧ୍ୟରେ ସୌହାର୍ଦ୍ଦ୍ୟ ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିଲା, ସେଗୁଡ଼ିକ ବର୍ତ୍ତମାନ ସ୍ଥାୟୀ କଳହ ଓ ବିଭେଦ ସୃଷ୍ଟି କରୁଛି । ଏହି ସମୟ ମଧ୍ୟରେ ପର୍ବପର୍ବାଣିର ଆଡ଼ମ୍ବରବୃଦ୍ଧି ପାଇଥିଲେ ହେଁ ଓଡ଼ିଶାରେ ଯେ ଧର୍ମଭାବ ବୃଦ୍ଧି ପାଇ ନାହିଁ, ଏହା ନିଶ୍ଚିତ କଥା ।

ଦେଶର ଶିକ୍ଷା ସଂସ୍କୃତିର ପ୍ରଧାନ ସହାୟକ ଓ ପରିପୂରକ । ଗତ ପଚିଶ ବର୍ଷ ମଧ୍ୟରେ ଓଡ଼ିଶାରେ ପ୍ରାଥମିକ , ମାଧ୍ୟମିକ ଓ ଉଚ୍ଚଶିକ୍ଷାର ବହୁଳ ବିସ୍ତାର ଘଟିଛି । ୧୯୪୩ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଏକମାତ୍ର ରେଭେନ୍ସା କଲେଜ ଓ ସାମାନ୍ୟ କେତୋଟି ପ୍ରାଥମିକ ସ୍କୁଲ ଓ ମାଧ୍ୟମିକ ସ୍କୁଲ ଓଡ଼ିଶାରେ ଶିକ୍ଷାଲୋକ ବିତରଣ କରୁଥିଲେ । ସେହି ସ୍ଥାନରେ ଆଜି ଶତ ଶତ କଲେଜ, ସହସ୍ର ସଂଖ୍ୟାର ହାଇସ୍କୁଲ ଓ ପ୍ରାଥମିକ ସ୍କୁଲମାନଙ୍କର ଆବିର୍ଭାବ ଘଟିଛି । ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଯେ ନିତାନ୍ତ ଅନଗ୍ରସର, ଏହି ଅପବାଦ କ୍ରମଶଃ ଦୂର ହେଉଛି । ନାରୀଶିକ୍ଷାର ପ୍ରଭୂତ ପ୍ରସାର ଘଟିବାରୁ ନାରୀମାନେ ମଧ୍ୟ ଶିକ୍ଷା, ସଂସ୍କୃତି ଓ ରାଜନୀତିରେ ଅଂଶଗ୍ରହଣ କରି ପୁରୁଷର ସମକକ୍ଷ ହୋଇପାରୁଛନ୍ତି ।

## ଏକପଦୀକରଣ

ସମୁଦାୟ ଚାରିଗୋଟି ପ୍ରଶ୍ନ ଆସିବ । ସେଥିମଧ୍ୟରୁ ଦୁଇଟିର ଉତ୍ତର ଦେବାକୁ ହେବ ।

| | | |
|---|---|---|
| ଭିକ୍ଷାର ଅଭାବ | - | ଦୁର୍ଭିକ୍ଷ |
| ସ୍ତ୍ରୀ ସହିତ ବର୍ତ୍ତମାନ | - | ସସ୍ତ୍ରୀକ |
| କାନରେ କହେ ଯେ | - | କାନକୁହା |
| ମରଣ ପର୍ଯ୍ୟନ୍ତ | - | ଆମରଣ |
| କୂଳର ସମୀପ | - | ଉପକୂଳ |
| ଧନ ନାହିଁ ଯାହାର | - | ନିର୍ଦ୍ଧନ |
| ଯେ ପ୍ରତିଷ୍ଠା ଲାଭ କରିଛନ୍ତି | - | ଲବ୍ଧ ପ୍ରତିଷ୍ଠ |
| ବିଧିକୁ ଅତିକ୍ରମ ନ କରି | - | ଯଥାବିଧି |
| ଶୋଭନ ହୃଦୟ ଯାହାର | - | ସୁହୃଦ |
| ଜାତ ହୋଇ ନାହିଁ ଶତ୍ରୁ ଯାହାର | - | ଅଜାତ ଶତ୍ରୁ |

| | | | | | |
|---|---|---|---|---|---|
| ଜାଣିବାର ଇଚ୍ଛା | – | ଜିଜ୍ଞାସା | ସମୁଦ୍ର ସମ୍ବନ୍ଧୀୟ | – | ସାମୁଦ୍ରିକ |
| ଅନୁସନ୍ଧାନ କରିବାର ଇଚ୍ଛା | – | ଅନୁସନ୍ଧିତ୍ସା | ଆଗରେ ଜନ୍ମିଛି ଯେ | – | ଅଗ୍ରଜ |
| ବୁଦ୍ଧଙ୍କ ଉପାସକ | – | ବୌଦ୍ଧ | ଶରଣ ଇଚ୍ଛା କରେ ଯେ | – | ଶରଣାର୍ଥୀ |
| ଶକ୍ତିଙ୍କର ଉପାସକ | – | ଶାକ୍ତ | ଦଣ୍ଡ ପରି ଆଚରଣ କରେ ଯେ | – | ଦଣ୍ଡାୟମାନ |
| ଶିବଙ୍କର ଉପାସକ | – | ଶୈବ | ଜଳରେ ଜାତ | – | ଜଳଜ |
| ଦର୍ଶନ ଶାସ୍ତ୍ରରେ ପଣ୍ଡିତ | – | ଦାର୍ଶନିକ | ସମ୍ୟକ ଭାଷଣ | – | ସମ୍ଭାଷଣ |
| ଇତିହାସରେ ପଣ୍ଡିତ | – | ଐତିହାସିକ | ମୂର୍ତିର ସଦୃଶ | – | ପ୍ରତିମୂର୍ତ୍ତି |
| ଯିଏ କଥା ସୃଷ୍ଟି କରନ୍ତି | – | କଥାକାର | ଶତ୍ରୁକୁ ବଧ କରିଛି ଯେ | – | ଶତ୍ରୁଘ୍ନ |
| ଯାହାର ତନ୍ତ୍ରରେ ଜ୍ଞାନ ଅଛି | – | ତାନ୍ତ୍ରିକ | ଯାହା ଭସ୍ମ ହୋଇ ନଥିଲା ଏବେ ହୋଇଅଛି | – | ଭସ୍ମୀଭୂତ |
| ଯିଏ ଶ୍ରବଣ କରେ | – | ଶ୍ରୋତା | ପିତୃ ସମ୍ବନ୍ଧୀୟ | – | ପୈତୃକ |
| ଯିଏ ସଂସାର ତ୍ୟାଗ କରନ୍ତି | – | ସନ୍ନ୍ୟାସୀ | ଆଳସ୍ୟ କରିବା ସ୍ୱଭାବ ଯାହାର | – | ଅଳସୁଆ |
| ଯିଏ ନିଏ | – | ନେତା | ପଛେ ପଛେ ଯିବା | – | ଅନୁଗମନ |
| ଯିଏ ଦାନ କରେ | – | ଦାତା | ମେଧା ଅଛି ଯାହାର | – | ମେଧାବୀ |
| ସାଧୁର ଗୁଣ | – | ସାଧୁତା | ଭଗିନୀର ପୁତ୍ର | – | ଭାଗିନେୟ |
| ଦୂତର କାର୍ଯ୍ୟ | – | ଦୌତ୍ୟ | ଯାହା ସ୍ମରଣ ରଖିବା ଉଚିତ୍ | – | ସ୍ମରଣୀୟ |
| କୃପଣର ପ୍ରକୃତି | – | କାର୍ପଣ୍ୟ | ଯାହାର ସଂଯମ ନାହିଁ | – | ଅସଂଯତ |
| ପୂର୍ବ ଦିଗରୁ ବହୁଥିବା | – | ପୂବେଇ | ତେଜ ଅଛି ଯାହାର | – | ତେଜସ୍ୱୀ |
| ଘୋଡ଼ା ଟଣା ଗାଡ଼ି | – | ଘୋଡ଼ାଗାଡ଼ି | ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ | – | ଆପାଦ ମସ୍ତକ |
| ସିଂହ ଚିହ୍ନିତ ଆସନ | – | ସିଂହାସନ | ଅନ୍ୟ ମାନେ ଯାହା କରୁଛନ୍ତି ସେପରି କରିବା | – | ଅନୁକରଣ |
| ବନର ପତି | – | ବନସ୍ପତି | ଈଷତ ରକ୍ତ | – | ଆରକ୍ତ |
| ଅନ୍ୟ ଦେଶ | – | ଦେଶାନ୍ତର | ଯାହାକୁ ଦୁଃଖରେ ଲାଭ କରାଯାଏ | – | ଦୁର୍ଲ୍ଲଭ |
| ଅନ୍ୟ ରୂପ | – | ରୂପାନ୍ତର | ଯାହା କରିବା ଉଚିତ୍ | – | କର୍ତ୍ତବ୍ୟ |
| ନାହିଁ ଦୋଷ ଯାହାର | – | ନିର୍ଦ୍ଦୋଷ | ଯାହା ଦେଖାଯାଇଅଛି | – | ଦୃଷ୍ଟ |
| ନାହିଁ ବୋଧ ଯାହାର | – | ନିର୍ବୋଧ | ଲେହ୍ୱନ କରିବାର ଯୋଗ୍ୟ | – | ଲେହ୍ୟ |
| ନାହିଁ ରବ ଯାହାର | – | ନୀରବ | ଯିଏ ତତ୍ତ୍ୱକୁ ଦର୍ଶନ କରନ୍ତି | – | ତତ୍ତ୍ୱଦର୍ଶୀ |
| ଅନ୍ୟ ଆଡ଼େ ମନ ଯାହାର | – | ଅନ୍ୟମନସ୍କ | ନିନ୍ଦା କଲାଭଳି କାର୍ଯ୍ୟ | – | ନିନ୍ଦନୀୟ |
| ସମସ୍ତଙ୍କୁ ସମାନ ଭାବରେ ଯେ ଦେଖନ୍ତି | – | ସମଦର୍ଶନ | ଯହିଁରେ କର ଦେବାକୁ ହୁଏ ନାହିଁ | – | ନିଷ୍କର |
| ବିଘ୍ନର ଅଭାବ | – | ନିର୍ବିଘ୍ନ | କାଠ କାମ କରେ ଯେ | – | ବଢ଼େଇ |
| ଜନ୍ତୁ ସମ୍ବନ୍ଧୀୟ | – | ଜାନ୍ତବ | ଯେ ଜାହାଜରେ କାମ କରେ | – | ଜାହାଜିଆ |

## ସମୋଚ୍ଚରିତ ଭିନ୍ନାର୍ଥକ ଶବ୍ଦ

| | | |
|---|---|---|
| ଅନିଳ | - | ବାୟୁ |
| ଅନୀଳ | - | ଯାହା ନୀଳ ନୁହେଁ |
| ଅବଦାନ | - | ଅର୍ଘ୍ୟ |
| ଅବଧାନ | - | ମନଯୋଗ |
| ଅସନ | - | କ୍ଷେପଣ |
| ଅଶନ | - | ଭୋଜନ |
| ଅଂସ | - | ସ୍କନ୍ଧ |
| ଅଂଶ | - | ଭାଗ |
| ଅସି | - | ଖଡ଼ଗ |
| ଅଶୀ | - | ସଂଖ୍ୟା ବିଶେଷ |
| ଇତି | - | ଶେଷ |
| ଈତି | - | ଅତିବୃଷ୍ଟି / ଅନାବୃଷ୍ଟି |
| ଉପାଦାନ | - | ଉପକରଣ |
| ଉପାଧାନ | - | ତକିଆ |
| କାଳୀ | - | ଦୁର୍ଗାଙ୍କର ଏକ ରୂପ |
| କାଳି | - | କଳାରଂଗ |
| କୁଳ | - | ବଂଶ |
| କୂଳ | - | ନଦୀ / ପୁଷ୍କରିଣୀ ତଟ |
| କୁଜନ | - | ଖରାପ ଲୋକ |
| କୂଜନ | - | ପକ୍ଷୀର କଳରବ |
| ଶିରିଶ | - | ଶିବ |
| ଗିରିଶ | - | ଶିବ |
| ଗିରୀଶ | - | ପର୍ବତ ଶ୍ରେଷ୍ଠ |
| ଗୁଣି | - | ମନ୍ତ୍ର ଯନ୍ତ୍ର ବିଦ୍ୟା |
| ଗୁଣୀ | - | ଗୁଣବାନ |
| ଗୋଲକ | - | ଗୋଲାକାର ବସ୍ତୁ |
| ଗୋଲୋକ | - | ସ୍ୱର୍ଗପୁର |
| ଚିର | - | ସର୍ବଦା |
| ଚୀର | - | ଛିଣ୍ଡା ଲୁଗା |
| ଭିତ୍ତି | - | ମୂଳଦୁଆ |
| ଭୀତି | - | ଭୟଭାବ |
| ମତ | - | ଇଚ୍ଛା |
| ମତ୍ତ | - | ପାଗଳ |
| ଯମକ | - | କାବ୍ୟ ଅଳଙ୍କାର ବିଶେଷ |
| ଜମକ | - | ଆଡ଼ମ୍ବର |
| ଚୂତ | - | ଆମ୍ବ |
| ଚ୍ୟୁତ | - | ସ୍ଖଳିତ |
| ତରଣି | - | ସୂର୍ଯ୍ୟ |
| ତରଣୀ | - | ନୌକା |
| ଦିନ | - | ଦିବସ |
| ଦୀନ | - | ଦରିଦ୍ର |
| ଦ୍ୱିପ | - | ହସ୍ତୀ |
| ଦ୍ୱୀପ | - | ଚତୁର୍ଦ୍ଦିଗରେ ଜଳବେଷ୍ଟିତ ଭୂଭାଗ |
| ଦୂତ | - | ଚର |
| ଦ୍ୟୁତ | - | ପଶାଖେଳ |
| ନିତି | - | ପ୍ରତିଦିନ |
| ନୀତି | - | ନିୟମ |
| ପରଶ୍ୱ | - | ଆସନ୍ତା କାଲି |
| ପରସ୍ୱ | - | ପରର ଦ୍ରବ୍ୟ |
| ପରିଚ୍ଛଦ | - | ପୋଷାକ |
| ପରିଚ୍ଛେଦ | - | ପୁସ୍ତକର ଅଂଶବିଶେଷ |
| ପୁର | - | ନଗର |
| ପୂର | - | ପ୍ରବାହ |
| ପ୍ରସାଦ | - | ଅନୁଗ୍ରହ / ଠାକୁରଙ୍କ ଭୋଗ |
| ପ୍ରାସାଦ | - | ଅଟ୍ଟାଳିକା |
| ପୃଷ୍ଟ | - | ପଚରାଯାଇଥିବା |
| ପୃଷ୍ଠ | - | ପଛ ଭାଗ |
| ବିଷ | - | ଗରଳ |
| ବୀସ | - | ମୃଣାଳ |
| ବେଦି | - | ପୀଠ |
| ବେଦୀ | - | ବେଦଜ୍ଞ |
| ଶପ୍ତ | - | ସାପଗ୍ରସ୍ତ |
| ସପ୍ତ | - | ସାତ |
| ଶିର | - | ଶିଖର |
| ସୀର | - | ସୂର୍ଯ୍ୟ |
| ଶ୍ରବଣ | - | ଶୁଣିବା |
| ସ୍ରବଣ | - | ଝରିବା |
| ସକଳ | - | ସବୁ |
| ଶକଳ | - | ଖଣ୍ଡ |

| | | |
|---|---|---|
| ସର୍ଗ | - | ଅଧ୍ୟାୟ |
| ସ୍ୱର୍ଗ | - | ଦେବଲୋକ |
| ସବଳ | - | ବଳଶାଳୀ |
| ଶବଳ | - | ସଚିତ୍ର |
| ସମ | - | ସମାନ |
| ଶମ | - | ଶାନ୍ତି |
| ସର | - | ପୁଷ୍କରିଣୀ |
| ଶର | - | ଧନୁର ତୀର |
| ସାପ | - | ସର୍ପ |
| ଶାପ | - | ଅଭିଶାପ |
| ଶିତ | - | ତୀକ୍ଷଣ |
| ଶୀତ | - | ଥଣ୍ଡା ଲାଗିବା ଭାବ |
| ସୁତା | - | କନ୍ୟା |
| ସୂତା | - | ସୂତ୍ର |
| ସୁଧ | - | କଳନ୍ତର |
| ଶୁଦ୍ଧ | - | ପବିତ୍ର |
| ସୁର | - | ଦେବତା |
| ସୂର | - | ସୂର୍ଯ୍ୟ |
| ସୂକ୍ତି | - | ବେଦବର୍ଣ୍ଣିତ ମନ୍ତ୍ର ଇତ୍ୟାଦି |
| ଶୁକ୍ତି | - | ଶଙ୍ଖ / ଶାମୁକା |
| ସୂଚି | - | ଛୁଞ୍ଚି |
| ଶୁଚି | - | ପବିତ୍ରତା |
| ଶିଳ | - | ବଟା ପଇର |
| ଶୀଳ | - | ଚରିତ୍ର |
| ସୁତ | - | ପୁଅ |
| ସୂତ | - | ସାରଥି |
| ବେଳା | - | ସମୁଦ୍ର କୂଳ |
| ବେଳା | - | ସମୟ |
| ନିଧନ | - | ବିନାଶ |
| ନିଧାନ | - | ଭଣ୍ଡାର |
| ସ୍ମୃତି | - | ସ୍ମରଣ (ଶାସ୍ତ୍ର) ବିଶେଷ |
| ଶ୍ରୁତି | - | ବେଦ |
| ବନ୍ଦନ | - | ପ୍ରଶଂସାଗାନ |
| ବନ୍ଧନ | - | ବାନ୍ଧିବା |
| ସ୍କନ୍ଦ | - | କାର୍ତ୍ତିକେୟ |
| ସ୍କନ୍ଧ | - | କାନ୍ଧ |
| ଯବ | - | ଶସ୍ୟ ବିଶେଷ |
| ଜବ | - | ଦ୍ରୁତ |
| ଯାତ | - | ଯାତ୍ରା |
| ଜାତ | - | ଜନ୍ମ |
| ମତ୍ତ | - | ବିଭୋର |
| ମର | - | ପାଗଳ |

## ବିପରୀତାର୍ଥ ବୋଧକ ଶବ୍ଦ

| | | |
|---|---|---|
| ଅକ୍ଷତ | - | କ୍ଷତ |
| ଅଗ୍ର | - | ପଶ୍ଚାତ୍ (ପଛ) |
| ଅଗ୍ରଜ | - | ଅନୁଜ |
| ଅଗ | - | ମୂଳ |
| ଅଗ୍ରଗାମୀ | - | ଅନୁଗାମୀ |
| ଅନୁରାଗ | - | ବିରାଗ |
| ଅଭିଜ୍ଞ | - | ଅନଭିଜ୍ଞ |
| ଅମୀର | - | ଫକୀର |
| ଆକର୍ଷଣ | - | ବିକର୍ଷଣ |
| ଆଗମନ | - | ପ୍ରତ୍ୟାଗମନ (ପ୍ରସ୍ଥାନ) |
| ଆଦାନ | - | ପ୍ରଦାନ |
| ଆଦ୍ୟ | - | ପ୍ରାନ୍ତ |
| ଆବାହନ | - | ବିସର୍ଜନ |
| ଆମଦାନି | - | ରପ୍ତାନି |
| ଉତ୍କର୍ଷ | - | ଅପକର୍ଷ |
| ଇହକାଳ | - | ପରକାଳ |
| ଉଠାଣି | - | ଗଡ଼ାଣି |
| ଉଷା | - | ପ୍ରଦୋଷ |
| ପ୍ରତ୍ୟୁଷ | - | ପ୍ରଦୋଷ |
| ଉତ୍କୃଷ୍ଟ | - | ନିକୃଷ୍ଟ |
| ଉପକାର | - | ଅପକାର |
| ଉର୍ବର | - | ଅନୁର୍ବର |
| କଠିନ | - | ସରଳ / କୋମଳ |
| କୃପଣ | - | ବଦାନ୍ୟ |
| କୋମଳ | - | କର୍କଶ / କଠିନ |
| କ୍ରେତା | - | ବିକ୍ରେତା |
| କ୍ଷୀଣ | - | ପୃଥୁଳ |
| ଗର୍ବୀ | - | ବିନୟୀ |
| ଚଉଡ଼ା | - | ଲମ୍ବା |
| ଚଞ୍ଚଳ | - | ଧୀର |

| | | |
|---|---|---|
| କ୍ଷୟ | – | ବୃଦ୍ଧି |
| ଖାଣ୍ଟି | – | ଭେଜାଲ |
| ଚାକର | – | ମାଲିକ |
| ଜନତା | – | ନେତା |
| ଜଟିଳ | – | ସରଳ |
| ଜୁଆର | – | ଭଟ୍ଟା |
| ଜୀବିତ | – | ମୃତ |
| ଜୀବନ | – | ମରଣ |
| ସ୍ୱର୍ଗ | – | ନରକ |
| ତବତ | – | ପଖାଳ |
| ତିରସ୍କାର | – | ପୁରସ୍କାର |
| ଦୟାଳୁ | – | ନିର୍ଦ୍ଦୟ |
| ଦୁର୍ବଳ | – | ସବଳ |
| ଦେବା | – | ନେବା |
| ଉଗ୍ର | – | ନମ୍ର |
| ତରଳ | – | କଠିନ |
| ତୁଷ୍ଟ | – | ରୁଷ୍ଟ |
| ଦୁର୍ଲ୍ଲଭ | – | ସୁଲଭ |
| ଦୃଢ଼ | – | ଶିଥିଳ |
| ଦ୍ରୁତ | – | ମନ୍ଥର |
| ନବୀନ | – | ପ୍ରାଚୀନ |
| ପ୍ରକାଶ୍ୟ | – | ଗୋପନୀୟ |
| ପ୍ରବୃତ୍ତି | – | ନିବୃତ୍ତି |
| ପ୍ରଶଂସା | – | ନିନ୍ଦା |
| ପ୍ରିୟ | – | ଅପ୍ରିୟ |
| ମଧୁ | – | ତିକ୍ତ |
| ମସୃଣ | – | ବନ୍ଧୁର |
| ବିନୀତ | – | ଉଦ୍ଧତ |
| ନିର୍ବୋଧ | – | ବୁଦ୍ଧିମାନ |
| ମହଙ୍ଗା | – | ଶସ୍ତା |
| ସୁପ୍ତ | – | ଜାଗ୍ରତ |
| ଶସ୍ତା | – | ମହର୍ଗ |
| ମୂକ | – | ବାଚାଳ |
| ଲୋଭ | – | ନିର୍ଲୋଭ |
| ଶାକାହାରୀ | – | ମାଂସାହାରୀ |
| ସଦୟ | – | ନିର୍ଦ୍ଦୟ |
| ସମ୍ପତ୍ତି | – | ବିପତ୍ତି |
| ସରସ | – | ନୀରସ |
| ସରୁ | – | ମୋଟା |
| ଶୁକ୍ଳ | – | କୃଷ୍ଣ |
| ସଞ୍ଜ | – | ସକାଳ |
| ସଫଳ | – | ବିଫଳ |
| ସମ୍ପୂର୍ଣ୍ଣ | – | ଅସମ୍ପୂର୍ଣ୍ଣ |
| ସଦୟ | – | ନିର୍ଦ୍ଦୟ |
| ଶୁଦ୍ଧ | – | ଅଶୁଦ୍ଧ |
| ସୁଗମ | – | ଦୁର୍ଗମ |
| ସଭ୍ୟ | – | ଅସଭ୍ୟ |
| ସୁକୃତ | – | ଦୁଷ୍କୃତ |
| ସ୍ଥୁଳ | – | ସୂକ୍ଷ୍ମ |
| ସ୍ଥାୟୀ | – | ଅସ୍ଥାୟୀ |
| ହର୍ଷ | – | ବିଷାଦ |
| ଲାଭ | – | ହାନି |
| କାନ୍ଦ | – | ହସ |
| ସ୍ୱଦେଶ | – | ବିଦେଶ |
| ସ୍ମରଣ | – | ବିସ୍ମରଣ |
| ସଂକୀର୍ଣ୍ଣ | – | ପ୍ରଶସ୍ତ |
| ସହଜ | – | କଠିନ |
| ସୁନାମ | – | ଦୁର୍ନାମ |
| ଶ୍ରୋତା | – | ବକ୍ତା |
| ଶୁଭ | – | ଅଶୁଭ |
| ମୂକ | – | ବାଚାଳ |
| ଭେଦ | – | ଅଭେଦ |
| ଆୟତ | – | ଅଣାୟତ |
| ଇଚ୍ଛା | – | ଅନିଚ୍ଛା |
| ଉତ୍ସାହ | – | ନିରୁତ୍ସାହ |
| କୃତକାର୍ଯ୍ୟ | – | ଅକୃତକାର୍ଯ୍ୟ |
| ଉଭା | – | ପୋତା |
| ଓଦା | – | ଶୁଖିଲା |
| ଜ୍ୱଳନ୍ତ | – | ନିର୍ବାପିତ |
| ଚେତନ | – | ଅଚେତନ |
| ଦାତା | – | ଗ୍ରହୀତା |
| ଜୟ | – | ପରାଜୟ |

## ଅଶୁଦ୍ଧି ସଂଶୋଧନ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଆବିସ୍କାର | ଆବିଷ୍କାର |
| ଉତପ୍ତ | ଉତ୍ତପ୍ତ |
| ଗଣେଷ | ଗଣେଶ |
| ଦିଗାମ୍ବର | ଦିଗମ୍ବର |
| ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ବିଷର୍ଣ୍ଣ | ବିଷଣ୍ଣ |
| କ୍ଷୁର୍ଣ୍ଣ | କ୍ଷୁଣ୍ଣ |
| ଅଭ୍ୟସ୍ଥ | ଅଭ୍ୟସ୍ତ |
| ସାହାର୍ଯ୍ୟ | ସାହାଯ୍ୟ |
| ଉଣା | ଊଣା |
| ଆର୍ଦ୍ରତା | ଆଦ୍ରତା |
| ନିର୍ଦ୍ଧନୀ | ନିର୍ଦ୍ଧନ |
| ସକ୍ଷମ | କ୍ଷମ |
| ଅହର୍ନିଶ | ଅହର୍ନିଶ |
| ଗୁଣୀଗଣ | ଗୁଣିଗଣ |
| ସବାନ୍ଧବେ | ସବାନ୍ଧବ |
| ନିରପରାଧୀ | ନିରପରାଧ |
| ହସ୍ତୀଦନ୍ତ | ହସ୍ତିଦନ୍ତ |
| ପୂଜ୍ୟାସ୍ପଦ | ପୂଜାସ୍ପଦ |
| ନୀରୋଜ | ନୀରଜ |
| ସୌଜନ୍ୟତା | ସୌଜନ୍ୟ |
| ଆଧିକ୍ୟତା | ଆଧିକ୍ୟ |
| ସର୍ବଜନୀନ | ସାର୍ବଜନୀନ |
| ବୈରତା | ବୈର |
| ଅନାଥିନୀ | ଅନାଥା |
| ଅପରାହ୍ନ | ଅପରାହ୍ଣ |
| ମଧ୍ୟାହ୍ନ | ମଧ୍ୟାହ୍ଣ |
| ପୁରସ୍କାର | ପୁରସ୍କାର |
| ତିରସ୍କାର | ତିରସ୍କାର |
| ବଳିଷ୍ଟ | ବଳିଷ୍ଠ |
| ବାହାନ | ବାହନ |
| ବୀଥୀକା | ବୀଥିକା |
| ବିକୀରଣ | ବିକିରଣ |
| ବେଷ୍ଟନୀ | ବେଷ୍ଟନୀ |
| ମନବାଞ୍ଛା | ମନୋବାଞ୍ଛା |
| ମନମାଳିନ୍ୟ | ମନୋମାଳିନ୍ୟ |
| ମୟୁର | ମୟୂର |
| ଦୃଢ଼ିଭୂତ | ଦୃଢ଼ୀଭୂତ |
| ଯାତାୟାତ | ଯାତାୟତ |
| ଯୋସା | ଯୋଷା |
| ରଙ୍ଗୀନ | ରଙ୍ଗିନ |
| ରଥି | ରଥୀ |
| ରାକ୍ଷାସ | ରାକ୍ଷସ |
| ଲୀପ୍‌ସା | ଲିପ୍ସା |
| ଲକ୍ଷ୍ମୀମନ୍ତ | ଲକ୍ଷ୍ମୀବନ୍ତ |
| ଶଂସୟ | ସଂଶୟ |
| ଶତାଦ୍ଧି | ଶତାବ୍ଦୀ |
| ଶଶୀକାନ୍ତ | ଶଶିକାନ୍ତ |
| ସତ୍ୱାଧିକାର | ସ୍ୱତ୍ୱାଧିକାର |
| ସନ୍ୟାସୀ | ସନ୍ନ୍ୟାସୀ |
| ସମାସ୍ୟା | ସମସ୍ୟା |
| ସ୍ୱାଧିନ | ସ୍ୱାଧୀନ |
| ହାର୍ଦ୍ଧିକ | ହାର୍ଦ୍ଦିକ |
| ହାନୀ | ହାନି |
| ହୃଷ୍ଟପୃଷ୍ଟ | ହୃଷ୍ଟପୁଷ୍ଟ |
| ହୃଷିକେଶ | ହୃଷୀକେଶ |
| କୌତୁହଳ | କୌତୂହଳ |
| ହିନ୍ଦୁସ୍ତାନ | ହିନ୍ଦୁସ୍ଥାନ |
| ହ୍ରସ | ହ୍ରସ୍ୱ |
| କ୍ଷିଣ | କ୍ଷୀଣ |
| କ୍ଷିର | କ୍ଷୀର |
| କ୍ଷ୍ୟାତି | ଖ୍ୟାତି |
| ଲବ୍ଧ ପ୍ରତିଷ୍ଠିତ | ଲବ୍ଧ ପ୍ରତିଷ୍ଠ |
| ଲାବନ୍ୟ | ଲାବଣ୍ୟ |
| ରାଗୀଣୀ | ରାଗିଣୀ |
| ଶୀକାର | ଶିକାର |
| ଶ୍ରଦ୍ଧାଞ୍ଜଳୀ | ଶ୍ରଦ୍ଧାଞ୍ଜଳି |
| ସପ୍ତାହିକ | ସାପ୍ତାହିକ |

## ରୂଢ଼ିକୁ ବାକ୍ୟରେ ପ୍ରୟୋଗ

ଅକସ ରଖିବା – (ରାଗ ରଖିବା) – ଗୁଣ୍ଡାଙ୍କର ପ୍ରତିରୋଧ କରିବାକୁ ସେମାନେ ମୋ ଉପରେ ଅକସ ରଖିଛନ୍ତି।

ଅଗ୍ନିଶର୍ମା ହେବା – ଖୁବ୍ ରାଗିବା – କପିଳର କାର୍ଯ୍ୟକଳାପରେ ପ୍ରତିବାଦ କରିବାକୁ ସେ ଅଗ୍ନିଶର୍ମା ହୋଇଗଲେ।

ଅଣ୍ଟାଭିଡ଼ିବା – କାର୍ଯ୍ୟ ପାଇଁ ସାହାସ କରିବା – ଗାଁ ସଫେଇ ପାଇଁ ବୁଢ଼ାମାନେ ଏଥର ଅଣ୍ଟା ଭିଡ଼ିଛନ୍ତି।

ଅଠା ବୋଳିବା – ଦୋଷଦେବା – ଭୁଲ୍ କାମ କରିବ ତୁମେ, ହେଲେ ମୋ ମୁଣ୍ଡରେ ଅଠା ବୋଳିବ।

ଆଖିଦେବା – ଇର୍ଷା କରିବା – ତାଙ୍କର ଧନ ସମ୍ପତ୍ତି ଉପରେ ଆଖିଦେବା ଅସଙ୍ଗତ।

ଆଖି ରଖିବା – ଲକ୍ଷ୍ୟ ରଖିବା – ମୁଁ ବାହାରକୁ ଯାଉଛି – ଘର ଆଡ଼େ ଟିକେ ଆଖି ରଖିଥିବ।

ଆଖିରେ ଧୂଳି ଦେବା – କୌଶଳରେ ଠକିବା – ଇଂରେଜ ଶାସକଙ୍କ ଆଖିରେ ଧୂଳି ଦେଇ ସୁବାସ ବୋଷ ବିଦେଶ ପଳାଇଥିଲେ।

ଆପଣା ଶିଙ୍ଗରେ ମାଟି ତାଡ଼ିବା – ଆତ୍ମନିର୍ଭରଶୀଳ ହେବା – ବୈଷୟିକ ଶିକ୍ଷାଦାନର ମୂଳଲକ୍ଷ୍ୟ ହେଲା ଆପଣା ଶିଙ୍ଗରେ ମାଟି ତାଡ଼ିବା।

ଆପଣା ସୁନା ଭେଣ୍ଡି – ନିଜ ଲୋକ ଶତ୍ରୁତା ଆଚରଣ କରିବା – ଆପଣା ସୁନା ତ ଭେଣ୍ଡି–କାହାକୁ ଆଉ ଦୋଷ ଦେବା ?

ଉଷୁନା ଧାନ ଗଜା ହେବା – ଅସମ୍ଭବ କଥା ସମ୍ଭବ ହେବା – ସତେ ଉଷୁନା ଧାନ ଗଜା ହେବ ନାଁ – ତାଙ୍କର ସୁନା ଫେରିଆସିବ !

ଏକା ମାଘକେ ଶୀତ ଯାଏନି – ଶଠତା ଦ୍ୱାରା ସବୁବେଳେ ସ୍ୱାର୍ଥସିଦ୍ଧି ସମ୍ଭବ ନୁହେଁ – ବୁଝିଲ – ଏକା ମାଘକେ ଶୀତ ତ ଯାଏନି – ମୋର ବି ପାଳି ଆସିବ ଯେ !

ଓର ଉଣ୍ଡିବା – ସୁଯୋଗକୁ ଅପେକ୍ଷା କରିବା – ସେ ମୋ ଉପରେ ଦାଉ ସାଧିବା ପାଇଁ ଓର ଉଣ୍ଡି ବସିଛି।

କଥାଦେବା – ପ୍ରତିଶ୍ରୁତି ଦେବା – ମୁଁ କଥା ଦେଉଛି ଆସନ୍ତାକାଲି ଆସିବି।

କଥା ଛିଣ୍ଡାଇବା– ନିଷ୍ପତ୍ତି କରିବା – କଥା ତ ଛିଣ୍ଡିଲା ତୁମେ ଘର ଛାଡ଼ିବ ପୁଣି କ'ଣ ?

କପାଳ ଫିଟିବା – ସୌଭାଗ୍ୟ ଉଦୟ ହେବା – ବ୍ୟବସାୟ କଲେ ଯେ ତାଙ୍କର କପାଳ ଫିଟିଲା।।

କଟା ଘା'ରେ ଚୂନ – ବିପଦ ଉପରେ ବିପଦ – କାହିଁକି ଆଉ କଟା ଘା'ରେ ଚୂନ ଦେଉଛ ?

କଳାକନା ବୁଲାଇବା – ସର୍ବସ୍ୱ ଲୁଟିନେବା – ତାଙ୍କର ବଜାରବୁଲା ସୁଯୋଗ ନେଇ ଠାଉକା ଚୋର ମାନେ ଘରେ କଳାକନା ବୁଲେଇ ଦେଲେ।

କାନ୍ଧ ଲଗେଇବା – ସାହାଯ୍ୟ କରିବା – ଆସ ଟିକେ କାନ୍ଧ ଲଗାଅ – ସବୁ ହେଇଯିବ।

କୁହୁଡ଼ି ପହଁରିବା – ବୃଧା ଭାବନା – ବାବୁଙ୍କ ପୁଅ ଭଲ ଚାକିରି କରିବ ବୋଲି ବାବୁ କୁହୁଡ଼ି ପହଁରୁଛନ୍ତି।

କରଡ଼ି ଜଳିବା – କ୍ଷୁଧାରେ ଆତୁର ହେବା – ଭୋକରେ ମୋ କରଡ଼ି ଜଳିଲାଣି – କହୁଛ କ'ଣ ନା ଖାଇବ କି ?

ଖାଲରେ ପକାଇବା – ବିପଦରେ ପକାଇବା – ତମକୁ ବିଶ୍ୱାସ କରି ଆସିଛି – ଆଉ ଖାଲରେ ପକାଇବନି ତ ?

ଖିଅ କାଢ଼ିବା – ଦୋଷ ଦେଖେଇବା – ସବୁ କଥାରେ ଖିଅ କାଢିବା ସନ୍ତୋଷର ଏକ ଅଭ୍ୟାସ।

ଗାଲରେ ହାତ ଦେବା – ଚିନ୍ତିତ ହେବା – ପୁଅର ପରୀକ୍ଷା କଥା ଶୁଣି ସାବିତ୍ରୀ ଗାଲରେ ହାତ ଦେଇ ବସିଛି।

ଗୁମର ଫିଟିବା – ଗୁପ୍ତ କଥା ଜଣାପଡ଼ିବା – ରଗାନା ତାକୁ – ଗୁମର ଫିଟେଇ ଦେବ ଟି ?

ଗୋଟିଏ ଚାଉଳରେ ଗଢ଼ା – ନିଖୁଣ ସୁନ୍ଦର – ତାଙ୍କ ବୋହୂଟି ଗୋଟିଏ ଚାଉଳରେ ଗଢ଼ା।

ଗୋଡ଼ ହାତ ନ ପାଇବା – କଳନା କରି ନପାରିବା – ତାଙ୍କର ଧନ ସମ୍ପତ୍ତି ଆକଳନ କରିବାରେ ଗୋଡ଼ହାତ ପାଇବ ନାହିଁ।

ଗୋଡ଼ ତଳର ଲୋକ – ନ୍ୟୁନ ଲୋକ – ଆଜିକାଲି ଗୋଡ଼ ତଳର ଲୋକ ବେଶୀ କଥା କହିଲେଣି।

ଗୋବର ଗଣେଶ – ଅତି ମୂର୍ଖ – ସେ ଗୋଟିଏ ଗୋବର ଗଣେଶ – ତାକୁ କ'ଣ ପଚାରୁଛ ?

ଘର ବୁଡ଼ି ପାଣି ଆଣ୍ଠୁଏ – ଅସମ୍ଭାଳ ଅବସ୍ଥା – ଘରବୁଡ଼ି ପାଣି ଆଣ୍ଠୁଏ ହେଲାଣି, ନାହିରେ ତେଲ ଦେଇ ବସିଛ ?

ଘର ଢ଼େଙ୍କୀ କୁମ୍ଭୀର – ନିଜ ଲୋକ ଶତ୍ରୁ – ସେଠି ଘର ଢ଼ିଙ୍କୀତ କୁମ୍ଭୀର – ଦୋଷ କାହାକୁ ଦେବା ?

ଚଳୁ କରିଦେବା – ଆତ୍ମସାତ କରିଦେବା – ସେତ ସାମାନ୍ୟ ସୁଯୋଗରେ ଚଳୁକରିଦେବା ଲୋକ।

ଛରି ଦଉଡ଼ି କଟା – ଲଗାମ ହୀନ – ଅନନ୍ତାଟା ଛରି ଦଉଡ଼ି କଟା।

ଚିତା କାଟିବା – ଠକିବା – ବୁଝିଲ – ଏକାବାଜୀ କେତେ ଯେ ଚିତା କାଟିଛି !

ଛାତି ପତେଇବା – ସାହାଯ୍ୟ ପାଇଁ ଆଗେଇ ଆସିବା – ତାଙ୍କୁ କାହିଁକି ସନ୍ଦେହ କରୁଛ – ସେତ ସବୁ କଥାରେ ଛାତି ପତେଇବା ଲୋକ।

ଛାଇ ନ ମାଡ଼ିବା – ପାଖକୁ ନ ଯିବା – ପିଲାଟି ସାର୍‌ଙ୍କ ଛାଇ ନ ମାଡ଼ିବା ଭଲ।

ଛୁଞ୍ଚି ମାଛି ପରଖ – ଟିକିନିଖି ପରୀକ୍ଷା – ସବୁ କଥାରେ ଛୁଞ୍ଚିମାଛି ପରଖ କରିବା ତାଙ୍କର ବଦଭ୍ୟାସ।

ଜିରାରୁ ଶିରା କାଢ଼ିବା – ସବୁ କଥାରେ ଦୋଷ ଦେଖିବା – ଏତେ ଜିରାରୁ ଶିରା କାଢ଼ିଲେ ଚଳିବ ନା ?

ଛାତି ପଥର କରିବା – ସବୁ ସହିବା – ସ୍ୱାମୀଙ୍କ ମୃତ୍ୟୁ ସମ୍ବାଦ ପାଇ ସନ୍ତୋଷୀ ନିଜର ଛାତିକୁ ପଥର କରି ଦେଇଛି।

ଜପାମାଳି – ସବୁବେଳେ ଖୋଜିହେବା – ବିଦାୟ ବେଳର କେତେପଦ କଥାକୁ ସେ ଜପାମାଳି କରି ବସିଛନ୍ତି।

ଜୋକ ମୁହଁରେ ଲୁଣ – ଟାଣ ଭାଙ୍ଗିଦେବା – ଗୋବିନ୍ଦ ଅସଲ କଥାଟା ଶୁଣି ସାରିଲା ପରେ ଜୋକ ମୁହଁରେ ଲୁଣ ଦେଲାଭଳି ବସିଛି।

ଝାଳ ବୁହା ଧନ – କଷ୍ଟ ଉପାର୍ଜିତ ସଂପତ୍ତି – ବାପାଙ୍କ ଝାଳ ବୁହା ଧନକୁ ଏମିତି ସାରୁଛୁ ତ !

ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା – ମୁଖିଆଙ୍କ ଉପରେ ସବୁ ଦାୟିତ୍ୱ – କୁଆଡେ ଯିବ ତୁମେ – ଜାଣିନ କି ଢେଙ୍ଗା ମୁଣ୍ଡରେ ଠେଙ୍ଗା !

ତିନି ପାଞ୍ଚିରୁ ଯିବା – ସର୍ବନାଶ ଘଟିବା – ତାକୁ ଏମିତି ଦଫା ଲଗେଇଛି ଯେ ସେ ତିନିପାଞ୍ଚିରୁ ଯିବ।

ତିଳକୁ ତାଳ କରିବା – ବଢ଼େଇ କରି କହିବା – ତିଳକୁ ତାଳ କରିବା ତା'ର ଏକ ଅଭ୍ୟାସ।

ତେଲ ମାରିବା – ଖୋସାମତ କରିବା – ତା'ର ତ ତେଲ ମାରିବା ଅଭ୍ୟାସ !

ଦଗା ଦେବା – ବିଶ୍ୱାସଘାତକତା କରିବା – ସେ ତ ବହୁଲୋକଙ୍କୁ ଦଗାଦେଇଛି ଛାଡ଼ିବ କାହାକୁ ?

ଦାଉ ସାଧିବା – ପ୍ରତିଶୋଧ ନେବା – କାହିଁକି ଚନ୍ଦ୍ରମଣି ତାକୁ ଏମିତି ଦାଉ ସାଧିଲେ।

ଦିଅଁ ଖାଇ ଖଟୁଲି ଖାଇବା – ସବୁ ଆତ୍ମସାତ କରିବା – ତାଙ୍କ ହାତରେ ଏ ସବୁ କାହିଁକି ଦେଲ ! ସେ ତ ଦିଅଁ ଖାଇ ଖଟୁଲି ଖାଇବା ଲୋକ।

ନଈ ନ ଦେଖୁଣୁ ଲଙ୍ଗଳା – ବିପଦ ପଡ଼ିବା ପୂର୍ବରୁ ବିଚଳିତ ହେବା – ସବୁ କଥାରେ ଏମିତି ନଈ ନ ଦେଖୁଣୁ ଲଙ୍ଗଳା ହେଉଛୁ କାହିଁକି ?

ନାଆଁ ପକାଇବା – ବଦନାମ କରିବା – କାହିଁକି ଏ କାମ କରି ନାଁ ପକାଉଛ ?

ନାଟର ଗୋବର୍ଦ୍ଧନ – ସବୁ କଳହର ମୂଳ – ସଂଜୟ ହେଉଛନ୍ତି ନାଟର ଗୋବର୍ଦ୍ଧନ।

ନାଟ ଲଗେଇବା – ବିଭେଦ ସୃଷ୍ଟି କରିବା – ଦେଖ ହେ; ଲୋକଟା ନାଟ ଲଗେଇ ଚୁପ୍ ହୋଇ ବସିଛି !

ନାହି ଡେଇଁବା – ଇର୍ଷା କରିବା – ମୋ ଛାଇ ପଡ଼ିଲେ ତ ତା'ର ନାହି ଡ଼େଉଁଛି।

ନାହିରେ ତେଲ ପକାଇ ଶୋଇବା – ନିଶ୍ଚିତ ନିଦ୍ରାଯିବା – ରବିବାବୁ ସାଙ୍ଗଙ୍କୁ ସବୁ ଦାୟିତ୍ୱ ଦେଇ ନାହିରେ ତେଲ ପକେଇ ଶୋଇଯାଇଛନ୍ତି।

ପାଖ ନ ମାଡ଼ିବା – ଉପେକ୍ଷା କରିବା – ଏଇ ପଦକ କଥାରେ ସେ ଆଉ ପାଖ ମାଡୁନାହିଁ।

ପାଣି ନ ଗଳିବା – ନିବିଡ଼ ସମ୍ପର୍କ– ତାଙ୍କ ଭିତରେ ତ ପାଣି ଗଳୁନି । ତମେ କ'ଣ କରିବ ?

ପାଲରେ ପକାଇବା – ଭୁଲାଇ ରାଜି କରାଇବା – ସବିତା ତାଙ୍କୁ ପାଲରେ ପକାଇଛି।

ପିଠିରେ ପଡ଼ିବା – ସାହାଯ୍ୟ କରିବା – ଦେଖିବା ଏତେବେଳେ ତା'ପିଠିରେ କିଏ ପଡୁଛି ?

ପୋଥି ବାଇଗଣ – କାଳ୍ପନିକ ବସ୍ତୁ – ପୋଥି ବାଇଗଣ ଓ ବାଡ଼ି ବାଇଗଣର ଫରକ ଜାଣିନ ?

ଫାଙ୍କିଦେବା – ଅସ୍ୱୀକାର କରିବା – ସଭାରେ ସେ ଏ କଥା କହି ଏବେ ଫାଙ୍କି ଦେଉଛି ।

ବଣ ବିଛୁଆତି – ଜନ୍ମରୁ ଦୁଷ୍ଟ – ସେ ତ ବଣ ବିଛୁଆତି – ତାକୁ ବିଶ୍ୱାସ କ'ଣ ?

ବାଆକୁ ବତା – ସାମାନ୍ୟ ପ୍ରତିରୋଧ – ଏ ପ୍ରବଳ ବାତ୍ୟାକୁ ପାଲ ଖଣ୍ଡେ ସାହାଯ୍ୟ ବାଆକୁ ବତା ଭଳି।

ବାଘ ଘରେ ମିରିଗ ନାଟ – ସୀମା ବାହାରକୁ ଯିବାର ଦୁଃସାହାସ – କ'ଣ ଚାଲିଛି ଏଠି ? କ'ଣ ବାଘ ଘରେ ମିରିଗ ନାଟ !

ବାଟ କାଟିବା – ଆଡ଼ ହୋଇଯିବା – ଦୁର୍ଘଟଣା ଦେଖି ବାଟ କାଟିବା ସ୍ୱାଭାବିକ କାର୍ଯ୍ୟ ନୁହେଁ।

ବାଟ ଛାଡ଼ିଦେବା – ସୁଯୋଗ ଦେବା – ଯଦି ତୁମେ ଏ କାର୍ଯ୍ୟ ନ କରିପାରିବ – ତେବେ ବାଟ ଛାଡ଼ି ଦେଉନ !

ବାହାବେଳେ ବାଇଗଣ ରୁଆ – ଦରକାରବେଳେ ମନେପକାଇବା – ହଇ ଓ ! ଏ କ'ଣ ବାହାଘର ବେଳେ ବାଇଗଣ ରୁଆ ଭଳି ହୋଇଛି ?

ବସି ଖାଇଲେ ନଇ ବାଲି ସରେ – ପରିଶ୍ରମ ନ କରି ବସିଲେ ଅଚଳା ଚଳ ସଂପତ୍ତି ବି ଶେଷ ହୁଏ। ତୁମେ କ'ଣ ଜାଣିନ – ବସି ଖାଇଲେ ନଇ ବାଲି ସରେ !

ବିରାଡ଼ି ବୈଷ୍ଣବ / ବକଧାର୍ମିକ – ଭଣ୍ଡ ତପସ୍ୱୀ – ସେ ତ ଜଣେ ବିରାଡ଼ି ବୈଷ୍ଣବ – ତାଙ୍କ ପାଖରୁ ଦୂରେଇ ରୁହ।

ବୋଝ ଉପରେ ନଳିତା ବିଡ଼ା – କଷ୍ଟ ଉପରେ କଷ୍ଟ – ଘରବୋଝ ସହିତ ଏ ବନ୍ଧୁ ଅଳିଆ – ତ ବୋଝ ଉପରେ ନଳିତା ବିଡ଼ା ଭଳି।

ଭୁଆଁ ବୁଲାଇବା – ଭଣ୍ଡେଇବା – ସେ ଜାଣିଶୁଣି ମୋତେ ଭୁଆଁ ବୁଲାଉଛନ୍ତି।

ଭୂତ ଖାଇବା – ଅକାରଣରେନଷ୍ଟ ହେବା – ଏତ ସଂପତ୍ତି କ'ଣ କରିବ ? ଶେଷରେ ଭୂତ ଖାଇବ ତ !

ଭେକ ଥିଲେ ଭିକ ମିଳେ – ବେଶ ଦେଖି ସମ୍ମାନ ମିଳିବା – କାମିକା ଲୋକ ପାଇଁ କ'ଣର ଅଭାବ – ଆପଣ କ'ଣ ଜାଣି ନାହାନ୍ତି – ଭେକ ଥିଲେ ଭିକ ମିଳେ !

ଭେଳା ବୁଡ଼ିବା – ସର୍ବନାଶ ହେବା – ଏ ବର୍ଷ ବନ୍ୟାରେ ଫସଲ ନଷ୍ଟ ତାଙ୍କର ଭେଳା ବୁଡ଼ାଇଦେଲା।

ମାଙ୍କଡ଼ ହାତରେ ଶାଳଗ୍ରାମ – ଅଯୋଗ୍ୟ ହାତରେ ଦାୟିତ୍ୱ – ତାଙ୍କୁ ଏ ଦାୟିତ୍ୱ ଦେବା ଯାହା ମାଙ୍କଡ଼ ହାତରେ ଶାଳଗ୍ରାମ ଦେବା ତାହା।

ମାଗି ଆଣିଲା ତିଅଣ – ଯାହା ଯଥେଷ୍ଟ ନୁହେଁ – ମୋତେ ଏକଥା କ'ଣ ଦେଖାଉଛୁ – ମାଗିଆଣିଲା ତିଅଣ – ସବୁଠି ନିସ୍ଫଳ।

ମାଛି କୁ ମ' ନ କହିବା – କାହାର କ୍ଷତି ନ କରିବା – ସେ ତ ମାଛିକୁ ମ' କହନ୍ତି ନାହିଁ – ତାଙ୍କୁ କି ଦାୟିତ୍ୱ !

ମୁଣ୍ଡ ଗୁଞ୍ଜିବା – ଆଶ୍ରୟ ଦେବା – ତା'ର ତ ମୁଣ୍ଡ ଗୁଞ୍ଜିବାକୁ ଥାନ ନାହିଁ – ତା' ଘରେ ସମ୍ୱଧ କ'ଣ ?

ମାଟିରେ ମିଶିବା – ସର୍ବନାଶ ହେବା – ନିଜର ଅହଂକାର ପାଇଁ ଦୁର୍ଯୋଧନର ସ୍ୱପ୍ନ ମାଟିରେ ମିଶିଗଲା।

ମୁଣ୍ଡ ଝାଳ ତୁଣ୍ଡରେ ମାରିବା – କଠିନ ପରିଶ୍ରମ କରିବା – ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜର ଗୁଜୁରାଣ ମେଂଟାଇଥାନ୍ତି।

ମୁଣ୍ଡ ପୂରେଇବା – ଭାଗନେବା – ପଙ୍କଜ ଦାଦା ଏଥିରେ ମୁଣ୍ଡ ପୂରେଇଲେଣି – ଆଉ ସମସ୍ୟା ରହିବ ନାହିଁ।

ମୁହଁ ଦେବା – ପ୍ରଶ୍ରୟ ଦେବା – ରମାଦେଇ ତାଙ୍କ ପୁଅକୁ ମୁହଁ ଦେଇ ଏମିତି କରିଛନ୍ତି।

ମୁହଁ ଭାଙ୍ଗିବା– ଟାଣପଣ ଭାଙ୍ଗିଦେବା – ସାବିନାନୀଙ୍କ ଝିଅ ତାଙ୍କ ମୁହଁ ଭାଙ୍ଗିଦେଲା।

ମୁହଁ ମାରିବା – ଖୋଜିବା – ମଝିରେ ମଝିରେ ତାଙ୍କ ପାଖରେ ମୁହଁ ନ ମାରିଲେ କ'ଣ କାମ ହେବ ?

ଯତି ପଡିବା – ମେଳ ଖାଇବା – ରବୀନ୍ଦ୍ର ଓ ପ୍ରତାପଙ୍କର ପରସ୍ପର ଭଲ ଯତି ପଡୁଛି।

ରୁକୁଣାରଥ ଅଣ ଲେଉଟା – ଅପରିବର୍ତ୍ତନୀୟ – ବୁଝିଲ ତାଙ୍କ କଥା ପରା ରୁକୁଣାରଥ ଅଣ ଲେଉଟା – ଧୈର୍ଯ୍ୟଧର।

ଲଗା ନା ପଘା – ଦାୟିତ୍ୱ ହୀନ – ସଂସାର କଥାକୁ ତାଙ୍କର ଲଗା ନା ପଘା – କିଛି ଅଛି ?

ଲୁହା ଜାଣି ପାଣିଦେବା – ଅବସ୍ଥା ଦେଖି ଉତ୍ତର ଦେବା – ସେ ତ ଲୁହା ଜାଣି ପାଣି ଦେବା ଲୋକ ତାଙ୍କ ସାଙ୍ଗରେ କି ସାଙ୍ଗ ?

ଲଙ୍କାରେ ହରି ଶବ୍ଦ – ଅସମ୍ଭବ କଥା – ପାକିସ୍ଥାନର ଶାନ୍ତିବାର୍ତ୍ତା ତ ଲଙ୍କାରେ ହରି ଶବ୍ଦ ଭଳି।

ସମୁଦ୍ରକୁ ଶଙ୍ଖେ – ଯଥେଷ୍ଟ ନୁହେଁ – ଏତକ ଧନ ସମୁଦ୍ରକୁ ଶଙ୍ଖେ – ଆଉ କ'ଥା କ'ଣ କହିବି ?

ହାଟ ମଧ୍ୟରେ ବ୍ରହ୍ମ ଜ୍ଞାନ – ଅଜାଗାରେ ଦାନ – ତାଙ୍କର ଏ କ୍ଷେତ୍ରରେ ଉପଦେଶ ଦେବା ହାଟ ମଧ୍ୟରେ ବ୍ରହ୍ମଜ୍ଞାନ ଭଳି।

ହାଟ ହେବା – ପ୍ରଘଟ ହେବ – ସରିତାର ଆର ସାହି ପିଲା ସହ ପଳେଇ ଯିବା ପରା ହାଟ ହେଲାଣି।

ହାତବାରିସି – ବୋଲକରା – ଉମା ବୋଉର ସପନି ପରା ହାତବାରିସି !

***